Volume : 1 • Issue : 2 • April 2022 • Monthly • Price : ₹ 30 • Bhubaneswar
ଭାଗ : ୧ • ସଂଖ୍ୟା : ୨ • ଅପ୍ରେଲ ୨୦୨୨ • ମାସିକ • ମୂଲ୍ୟ : ₹ ୩୦ • ଭୁବନେଶ୍ୱର

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA



ଓଡିଆ ସାହିତ୍ୟର ନବ ଦିଗନ୍ତ

RECOGNISED BY:

MINISTRY OF TOURISM GOVERNMENT OF INDIA | Jharkhand Tourism | Telangana Tourism | EcoTour ODISHA

# Destination Unlimited

tour and travels

## Hot Deal for all Hotels of Odisha & Tour Packages of Odisha, Jharkhand & Kerala available at best rate...

## We Create Happy Travelers...

Personalise Exp.

World Class Exp.

Save Money

Safety and Security

Save Time

One Stop Shoping

Peace of Mind

Travel Documents

Customer Supporting

Expert Advice



## Services Offered

- Air Ticketing (Pre Purchased Rate/Group Fare/Coupon Fare) • Hotel Booking
- Corporate Booking • Car Rental • MICE • Visa Assistance • Sightseeing
- Destination Wedding • Honeymoon Holidays • International Tour Package
- Cruise • Aroma Tourism • Educational Tour • Event Management

Allow us to be your travel guide/partner in seeking beguiling holidays to leave your footprints all over the country.

Head Office : T-5, 3rd Floor, Om Plaza, Aambagan, Sakchi, Jamshedpur- 831001 (Jharkhand)
E-mail : reservation@destination-unlimited.in | Mob.: 7004602064, 7209997776
Bhubaneswar Office : Saptasati Vihar Pandra, Rasulgarh, Bhubaneswar - 751010 | Mob.: 9937049143
Kerala Office : Venice Nogan-30, Lajanath Ward, Alappugha, Kerala-01 | Mob.: 9037179598

Vol-1 • Issue-2 • April 2022 • Monthly • Rs. 30 • 64 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

www.sahityacharcha.com

ଭାଗ-୧ • ସଂଖ୍ୟା-୨ • ଅପ୍ରେଲ ୨୦୨୨ • ମାସିକ • ଟ.୩୦ • ୬୪ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ

**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ

**ନିହାର ରଂଜନ ଶତପଥୀ**

ଉପଦେଷ୍ଟା ମଣ୍ଡଳୀ

**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**

**ଦୁର୍ଗା ଚରଣ ଷଡ଼ଙ୍ଗୀ**

**ବଳଦେବ ମହାରଥା**

**ପ୍ରଶାନ୍ତ ଭୂୟାଁ**

ବ୍ୟବସ୍ଥାପକ

**ବିକାଶ ମହାପାତ୍ର**

ବୈଷୟିକ ସହଯୋଗ

**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳନା

**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦ ଫଟୋ

**ଧୀରେନ୍ଦ୍ର କର**

ଯୋଗାଯୋଗ

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,

ଡୁମୁଡୁମା, ଫେଜ୍-୪,

ଭୁବନେଶ୍ୱର-୭୫୧୦୧୯

ଫୋନ୍ : (୦୬୭୪) ୩୫୫୨୯୪୭

ମୋବାଇଲ : ୯୩୬୮୭୭୨୫୦୬

E-mail: info@sahityacharcha.com

RNI Title Code : ODIODI08130

**ମୂଲ୍ୟ : ଟ. ୩୦/-**

## ।। ସୂଚୀ ।।

ପାଠକଙ୍କ ମତାମତ : ୦୨

କବିତା ଆସରରେ କବି (ସଂପାଦକୀୟ) : ନିହାର ଶତପଥୀ ୦୩

ସାହିତ୍ୟର ଅନ୍ଦର ମହଲ (ବ୍ୟଙ୍ଗ ଚିତ୍ର) : ଅମର ସ୍ୱାଇଁ ୦୪

ଚର୍ଚ୍ଚାର କଥା (ଆଲୋଚନା) : ବୈଷ୍ଣବ ଚରଣ ସାମଲ ୦୫

ସାହିତ୍ୟ ଓ ସାହିତ୍ୟର ବିଭିନ୍ନ ବାଦ (ପ୍ରବନ୍ଧ) : ବିମଳା ସିଂ ୦୭

ବର୍ଷା (କ୍ଷୁଦ୍ରଗଳ୍ପ) : ହରେକୃଷ୍ଣ ସାହୁ ୧୩

ଜମିଦାରଙ୍କ କୋଠା (ଲଳିତ ନିବନ୍ଧ) : ଅଭୟ ଦାଶ ୧୮

ଦୁଇଟି ସନେଟ୍ (କବିତା) : କୁଳମଣି ଓଝା ୨୦

ମୌଳିକ ଓଡ଼ିଆ ବ୍ୟାକରଣ (ସମାଲୋଚନା) : ଧୀରେନ୍ଦ୍ର କର ୨୧

ନିରୀହ ଦୋଷ (ଗଳ୍ପ) : ଶିବାଶିଷ ପାଢ଼ୀ ୨୪

ସତୁରୀ ବର୍ଷୀୟ ଯୁବ ଲେଖକ (ବ୍ୟଙ୍ଗ) : ଡ. କୁଳାଙ୍ଗାର ୨୭

କବି ବନମାଳୀ ଦାସ (ପ୍ରବନ୍ଧ) : ଅଶୋକ କୁମାର ପଣ୍ଡା ୨୯

କବି ହୃଷୀକେଶ ମଲ୍ଲିକଙ୍କ ସହ ଏକ ବାର୍ତ୍ତାଳାପ (ସାକ୍ଷାତକାର) ୩୩

କେଇପଦ ସମ୍ବଲପୁରୀ (କବିତା) : ପ୍ରଫୁଲ୍ଲ କୁମାର ତ୍ରିପାଠୀ ୩୭

ପଞ୍ଚସଖା ଓ ଶିଶୁ ଅନନ୍ତ ଦାସ (ପ୍ରବନ୍ଧ): ସୁଷମା ପରିଜା ୩୮

ଦୀପକ (ଅନୁବାଦ ଗଳ୍ପ) : ନରେନ୍ଦ୍ର ମୋଦୀ / ଭବାନୀ ଶଙ୍କର ମିଶ୍ର ୪୧

ଇତିହାସ ନ ହେଉ (କବିତା) : ପ୍ରତିଭା ଶତପଥୀ ୪୨

ଜ୍ଞାନତପସ୍ୱୀ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ (ଜୀବନୀ) : ବାସୁଦେବ ଦାସ ୪୩

ପ୍ରେମ (ଗଳ୍ପ) : ସୁଶୀଳ କୁମାର ନନ୍ଦ ୪୯

ଅନନ୍ୟ ପ୍ରତିଭା - କୁନ୍ତଳା କୁମାରୀ(ପ୍ରବନ୍ଧ) : ଆରତି କର ୫୩

ଏକ ଅନନ୍ୟ ସାହସିକତାର ଗାଥା (ଅନୁଭୂତି) : ସନ୍ତୋଷ ପଟ୍ଟନାୟକ ୫୬

ସୁନା ହେବନି ହୀରା ହେବନି (ଶିଶୁ ଗଳ୍ପ) : ରବୀନ୍ଦ୍ରନାଥ ମାଝୀ ୬୦

ଯାହା କଲି - ଯାହା ପାଇଲି (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ ୬୨

ସାହିତ୍ୟ ସମାଚାର ୬୩

ଅଘମର୍ଷଣ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୪


# ପାଠକଙ୍କ ମତାମତ

'**ସା**ହିତ୍ୟ ଚର୍ଚ୍ଚା' ଆମ ଓଡ଼ିଆ ଭାଷା ଓ ସାହିତ୍ୟକୁ ଆହୁରି ସମୃଦ୍ଧ କରିବାର ଏକ ସଫଳତମ ପ୍ରଚେଷ୍ଟା। ଏହାର ସମସ୍ତ ସମ୍ପାଦକୀୟ ଅତ୍ୟନ୍ତ ଉଚ୍ଚକୋଟୀର ଏବଂ ଚିନ୍ତା ଉଦ୍ଦୀପକ। ଏହା ଆହୁରି ବଳିଷ୍ଠ ହେଉ, ଏତିକି କାମନା, ଏହାର ସମସ୍ତ ଲେଖାରେ ବିଶ୍ଳେଷଣ ଖୁବ ସୁନ୍ଦର ଏବଂ ଗୁରୁତ୍ୱପୂର୍ଣ୍ଣ ଅଟେ । ମାର୍ଚ୍ଚ ୨୦୨୨ ସଂଖ୍ୟାରେ ଚୌଧୁରୀ ବରଦାପ୍ରସନ୍ନ ଦାସଙ୍କ 'ପାପଗର୍ଭ' ଗଳ୍ପଟି ବହୁତ ସୁନ୍ଦର ହୋଇଛି। ପ୍ରକାଶିତ ସବୁ ଲେଖାର କିଛି ନିଆରା ସ୍ୱାଦ ଅଛି । ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ଏବଂ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଶୁଭେଚ୍ଛା ଜାଣାଉଛି ।

**ଅଭିଲିପସା ମହାନ୍ତି**
abhilipshamohanty143@gmail.com

**ମା**ର୍ଚ୍ଚ ମାସର ସମସ୍ତ ପ୍ରବନ୍ଧ,ଗଳ୍ପ,ବ୍ୟଙ୍ଗ,କବିତା, ଜୀବନୀ ଓ ରମ୍ୟରଚନା ଗୁଡିକ ଅତ୍ୟନ୍ତ ଉପଯୋଗୀ ଓ ହୃଦୟସ୍ପର୍ଶୀ ଥିଲା। ଜୟନ୍ତୀ ମ୍ୟାଡାମ୍ ଙ୍କ ଗଳ୍ପ 'ଶୂନ୍ୟ ପଣତ' ମୋତେ ଅନେକ ମାତ୍ରାରେ ପ୍ରେରଣା ଯୋଗାଇଛି। ଶ୍ରୀ କୃଷ୍ଣଚନ୍ଦ୍ର ରଥଙ୍କ ପ୍ରବନ୍ଧ 'ପାଲା ପରମ୍ପରାରେ ସାହିତ୍ୟିକ ମୂଲ୍ୟବୋଧ' ମୋତେ ପ୍ରଭାବିତ କରିଛି ଏବଂ 'ଯୁଦ୍ଧ' କବିତା ଯାହାକୁ ରଚନା କରିଛନ୍ତି ଶ୍ରୀ ଗଗନ ପାଣିଗ୍ରାହୀ, ତାହା ମଧ୍ୟ ବେଶ୍ ଶିକ୍ଷଣୀୟ, ଆର୍କଷଣୀୟ ଓ ମନୋହର ହୋଇପାରିଛି। ସାହିତ୍ୟ ଚର୍ଚ୍ଚା ପତ୍ରିକାର ମୁଁ ନିୟମିତ ପାଠକ ହୋଇଥିବାରୁ ଅତି ମାତ୍ରାରେ ଆନନ୍ଦିତ। ଦିନକୁ ଦିନ ଏ ପତ୍ରିକା ବେଶ୍ ଗ୍ରହଣୀୟତା ଲାଭ କରି ଓଡିଶାର ପୁରପଲ୍ଲୀ ଠାରୁ ସହରବସ୍ତି ପର୍ଯ୍ୟନ୍ତ ପହଞ୍ଚି ସାରିଲାଣି। ବିଭିନ୍ନ ବର୍ଗର ଓ ବିଭିନ୍ନ ଅଞ୍ଚଳର ଲେଖକମାନଙ୍କର ଲେଖା ସ୍ଥାନ ଦିଆଯାଉଛି ଯାହା ଏକ ସୁନ୍ଦର ପ୍ରୟାସ।

**ପ୍ରତ୍ୟୁଷ ଭଞ୍ଜ**
bhanjarinku@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା :
**info@sahityacharcha.com**

**ଆ**ପଣଙ୍କ ସଂପାଦିତ "ସାହିତ୍ୟ ଚର୍ଚ୍ଚା" ମାର୍ଚ୍ଚ ୨୦୨୨ ସଂଖ୍ୟାର ସୁନିର୍ବାଚିତ ବିଷୟଗୁଡିକ ପାଠ କରି ପରମ ଆନନ୍ଦ ଲାଭ କଲି। ଗଳ୍ପ ଗୁଡିକ ଅତି ଉଚ୍ଚକୋଟିର ଓ ମନଛୁଆଁ। ସେଥି ମଧ୍ୟରୁ "ପାପଗର୍ଭ" ଗପଟି ଅତି ପ୍ରାଣବନ୍ତ ଓ ମର୍ମସ୍ପର୍ଶୀ। ଏ ପ୍ରକାର ଘଟଣା ସମାଜରେ ଅନୁପଲବ୍ଧ ନୁହେଁ। ଜଣେ ସ୍ୱନାମଧନ୍ୟ ବିଶେଷଜ୍ଞ ଚିକିତ୍ସକଙ୍କର ସାମାନ୍ୟତମ ଭ୍ରମ ବା ଅବହେଳାରୁ ପୁଷ୍ପିତ ଅପେକ୍ଷାରେ ଥିବା କଳିକାଟି ଅସମୟରେ ବୃନ୍ତଚ୍ୟୁତ ହୋଇଗଲା ପରି ଏକ ନିରୀହ ନିଷ୍ପାପ ଯୁବତୀ ଅକାଳରେ ସଂସାରରୁ ବିଦାୟ ନେଇଗଲା।

ଶେଷ ପୃଷ୍ଠାରେ ସ୍ୱନାମଧନ୍ୟ ସ୍ତମ୍ଭକାର ପ୍ରଶାନ୍ତ ଭୂୟାଁ ମହାଶୟ ତାଙ୍କ "ଅମଣଖମଣ"ରେ ପ୍ରକାଶ କରିଥିବା ଅଭିବ୍ୟକ୍ତି ଆଜିକାଲି ତଥାକଥିତ ପୁରସ୍କାର ଇପ୍ସୁ ସାହିତ୍ୟିକଙ୍କ ମସୃଣ ଚିକୁରରେ ତିକ୍ତ ମଧୁର ଚପେଟାଘାତ ପାଠକକୁ ଆଶ୍ଚର୍ଯ୍ୟ ଚକିତ କରେ। ଓଡ଼ିଆ ସାହିତ୍ୟ ତାର ସମତଳ ସାବଲୀଳ ଗତିପଥ ପରିତ୍ୟାଗ କରି "ଅମଣଖମଣ" ବନ୍ଧୁର ଶଯ୍ୟାରେ ଯେଉଁ କୁଟୀଳ ଓ ସର୍ପିଳ ଗତିପଥ ଦେଇ ଗତି କରିବାକୁ ଆରମ୍ଭ କରିଛି ତାହାର ସୁନ୍ଦର ଚିନ୍ତଣଟିଏ ଉପସ୍ଥାପନ କରି ପୁରସ୍କାର ପଛରେ ନ ଗୋଡାଇ ବଳିଷ୍ଠ, ଭାବ ଗର୍ଭକ ଓ ସାମାଜିକ ସଂଗଠକ ମୂଳକ ଲେଖା ଲେଖିଲେ ପୁରସ୍କାର ତୁମ ପଛରେ ଗୋଡେଇବ ଏ ସତର୍କବାଣୀ ଶୁଣାଇଥିବା ସେ ମହାଶୟ ଧନ୍ୟବାଦର ପାତ୍ର। ବର୍ତ୍ତମାନର ଧାରା ଯଦି ଚାଲୁ ରହେ ଆସନ୍ତା ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାର ଅସ୍ତିତ୍ୱ ଥିବ କି ନା ସନ୍ଦେହ।

**ପଦ୍ମନାଭ ମିଶ୍ର**
prakashmaharana256@gmail.com

**ସଂପାଦକୀୟ**

# କବିତା ଆସରରେ କବି

କବିତା ଆସର ବା ଅନ୍ୟ କଥାରେ କହିଲେ 'କବିତା ପାଠୋତ୍ସବ' ଓଡିଆ ସାଂସ୍କୃତିକ ଜୀବନର ଏହା ଅନ୍ୟତମ ଅଙ୍ଗ। ଏଭଳି ପାଠୋତ୍ସବମାନ ବର୍ଷସାରା ବିଭିନ୍ନ ଅବସରରେ ଆମ ରାଜ୍ୟରେ ବିବିଧ ରୂପରେ ଆବିର୍ଭୁତ ହୋଇଥାଆନ୍ତି। ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ ଯେ ଏକଥା ନ ହୁଏ ତା' ନୁହେଁ। ବିଶେଷତଃ ହିନ୍ଦୀ ଭାଷୀ ରାଜ୍ୟମାନଙ୍କରେ 'କବି ସମ୍ମେଳନ୍' ବା 'ମୁଶାୟରା' ହେଉଛି ଜନତା ଜନାର୍ଦ୍ଦନଙ୍କ ସମକ୍ଷରେ ସାହିତ୍ୟ ପରିବେଷଣର ଏକ ମୁଖ୍ୟ ମାଧ୍ୟମ। ସେଗୁଡ଼ିକରେ ମଞ୍ଚ ସାମନାରେ ବସିଥିବା ଶ୍ରୋତୃମଣ୍ଡଳୀ ମନ୍ତ୍ରମୁଗ୍ଧ ହୋଇ ଶ୍ରବଣ କରୁଥାଆନ୍ତି କବିମାନଙ୍କ କଣ୍ଠରେ ପରିବେଷିତ ଅପୂର୍ବ କାବ୍ୟରସ, ଏବଂ ସେମାନେ ସେହି ହୃଦୟସ୍ପର୍ଶୀ ସାରସ୍ୱତ ପରିବେଶରେ ଏମିତି ମସଗୁଲ ହୋଇଯାଆନ୍ତି ଯେ ସଭାର ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ଆଗ୍ରହର ସହିତ ବସିରହିଥାଆନ୍ତି ନିଜ ଆସନରେ। ଏଠି ଓଡ଼ିଶାରେ କିନ୍ତୁ ଆମର ତଥାକଥିତ କବିତା ପାଠୋତ୍ସବଗୁଡିକରେ ପରିସ୍ଥିତି ଭିନ୍ନ।




ଆମର କବିତା ଆସରଗୁଡ଼ିକର ନିରସପଣିଆ ସ୍ପଷ୍ଟରୂପେ ବାରିହୋଇପଡେ। ମଞ୍ଚରେ କବିତା ପଠନରେ ମଗ୍ନ କବିମାନଙ୍କର ପ୍ରକାଶ ଭଙ୍ଗୀ ପ୍ରତ୍ୟକ୍ଷ କଲେ ମନେହୁଏ ସତେ ଯେମିତି ନିଜ ଦ୍ୱାରା ରଚିତ କବିତାର ଭାବରେ ସେମାନେ ନିଜେ ହିଁ ଅନୁପ୍ରାଣିତ ନୁହନ୍ତି, ଶ୍ରୋତା ବା ପାଠକଙ୍କୁ ଆକର୍ଷିତ କରିବା କଥା ତ ଦୂରେ ଥାଉ। ଅଧିକାଂଶ କବି ନିଜର ହାତଲେଖା କାଗଜ ବା ମୋବାଇଲ୍‌କୁ ଚାହିଁ କବିତାଟି ପଢନ୍ତି। ନିଜ କଲମରୁ ସୃଷ୍ଟ କବିତାଟି ଯଦି ଯଥାର୍ଥରେ କବିଙ୍କର ମରମରୁ ଝରିଥାଏ ତେବେ ତାହାର ପ୍ରତ୍ୟେକଟି ଶବ୍ଦ ତ ତାଙ୍କର ସ୍ମୃତିରେ ଛାପିହୋଇ ରହିଯିବା କଥା! ସେପରି ହୁଏନାହିଁ। ଫଳରେ କବିତାପାଠଟି ଏକରକମ ନିଷ୍ପ୍ରାଣ ମନେହୁଏ, ଏବଂ ବେଳେବେଳେ ଜାଣି ହୁଏନାହିଁ ଯେ କବି ତାଙ୍କର ସୁପ୍ତ କଣ୍ଠରେ କବିତାଟିଏ ପଢୁଛନ୍ତି, ନା ନିରସ ଗଦ୍ୟଟିଏ।

ଦ୍ୱିତୀୟ କଥା, ଆମ ପ୍ରିୟ କବିଗଣ ହୃଦୟଙ୍ଗମ କରିବା ଉଚିତ ଯେ କବିତାର ଆବୃତ୍ତି ଓ ତାହାର ପରିବେଷଣ କରିବା, ଦୁଇଟି ଭିନ୍ନ କଥା। ଦ୍ୱିତୀୟଟି ହିଁ ମଞ୍ଚ ତଳେ ବସିଥିବା କାବ୍ୟରସିକମାନଙ୍କ ହୃଦୟକୁ ଅଧିକ ଭାବରେ ସ୍ପର୍ଶ କରିପାରେ। ଏବେ ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାହିତ୍ୟ ସମାରୋହର ମଞ୍ଚ ଉପରେ ଏପରି ଏକ ଅପୂର୍ବ ଶୈଳୀର କବିତା ପରିବେଷଣଟିଏ ଦେଖିବାର ସୌଭାଗ୍ୟ ଆମକୁ ପ୍ରାପ୍ତ ହୋଇଥିଲା। ଅନାମ କାବ୍ୟ ଆନ୍ଦୋଳନର ଆଦ୍ୟ ପ୍ରବର୍ତ୍ତକ ସ୍ୱର୍ଗତ କୁମାର ମହାନ୍ତିଙ୍କ କେତୋଟି ସୁନିର୍ବାଚିତ କବିତାକୁ କେତେଜଣ ପ୍ରବୀଣ କବିତା-ପ୍ରେମୀ ନିଜର ଭାବଗମ୍ଭୀର କଣ୍ଠରେ ଏତେ ମନଛୁଆଁ ଭାବରେ ପରିବେଷଣ କଲେ ଯେ ସଂପୂର୍ଣ୍ଣ ସଭାଗୃହଟି ମନ୍ତ୍ରମୁଗ୍ଧ ହୋଇଗଲା।

ଅବଶ୍ୟ କବିତା ପାଠକୁ ପ୍ରାଣବନ୍ତ କରିବାର ଆବଶ୍ୟକତାକୁ ରେଖାଙ୍କିତ କରି, ତାହା ଯେ ନିଜର ନିୟତ ସୀମା ଲଂଘନ କରୁ ସେକଥା ମଧ୍ୟ ଆମେ କହୁନାହୁଁ। ଜନୈକ ଆମେରେକୀୟ ଶିକ୍ଷାବିତ୍ ହୋଡାରୀ ଡାଭିସ୍‌ଙ୍କ ମତରେ କବିତାର 'ରେସିଟେସନ୍'କୁ 'ସ୍ଲାମ୍' ର ସମକକ୍ଷ କରାଯିବା ଉଚିତ ନୁହେଁ। ସ୍ଲାମ୍ କହିଲେ ସେ ବୁଝନ୍ତି ଯେ କବିତାଟିକୁ ବିଭିନ୍ନ ଭାବଭଙ୍ଗୀ ଦ୍ୱାରା ନାଟକୀୟ ଭାବେ ପରିବେଷଣ କରିବା। ଏବେ ହିନ୍ଦୀଭାଷୀ କ୍ଷେତ୍ରମାନଙ୍କରେ ବହୁଳ ଭାବରେ ଦୃଷ୍ଟ ହେଉଥିବା 'ହାସ୍ୟ କବି ସମ୍ମେଳନ'ମାନଙ୍କରେ ବୋଧହୁଏ ସେଇଆ ହିଁ ଘଟୁଛି, ଯାହା ସ୍ୱାଗତଯୋଗ୍ୟ ନୁହେଁ।

କିନ୍ତୁ ଆମର କହିବାର କଥା, ଆମ ଏଠାର କବିତା ପାଠୋତ୍ସବ ଗୁଡ଼ିକରେ କବିମାନେ ନିଜର କୃତିମାନଙ୍କୁ ଉପସ୍ଥାପନା କରିବା ବେଳେ କବିତା ପରିବେଷଣର କଳା ପ୍ରତି ସମୁଚିତ ଧ୍ୟାନ ଦିଅନ୍ତୁ। ନଚେତ ମଞ୍ଚ ଉପରେ କବିତାକୁ କେବଳ ଅପଦସ୍ଥ କରାଇବା ହିଁ ସାର ହେବ।

*– ନିହାର ଶତପଥୀ*

## ସାହିତ୍ୟର ଅନ୍ଦର ମହଲ

ଅମର ସ୍ୱାଇଁ




*ଆଜିକାଲି କବିତା ଆସରମାନଙ୍କରେ ଅଧିକାଂଶ କବି ଯେଉଁଳି ନିରସ ଢ଼ଙ୍ଗରେ ନିଜର କବିତାମାନ ପାଠ କରନ୍ତି ତାହା ଶ୍ରୋତାମାନଙ୍କ ପାଇଁ ବିରକ୍ତିକର ମନେ ହୁଏ । ଏହାରି ଉପରେ ଏଥରର ବ୍ୟଙ୍ଗ ଚିତ୍ର ।*

*ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

---

### 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାମାଜିକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା । ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏଥି ପ୍ରତି ଦୃଷ୍ଟି ଦେବାପାଇଁ ଅନୁରୋଧ ।

୨. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର ୯୩୬୮୭୭୨୫୦୬ କୁ ପଠାଇବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ୱଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି ।

୩. ଅନ୍ୟତ୍ର ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ ।

୪. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ ।

୫. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ ।

୬. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ ।

୭. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି ।

୮. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି ।

### 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ଗ୍ରାହକମାନେ ଅର୍ଦ୍ଧବାର୍ଷିକ ଗ୍ରାହକ ଦେୟ ଟ. ୧୮୦/- ମାତ୍ର ପଠାଇ ଛଅମାସ ପର୍ଯ୍ୟନ୍ତ ଡାକ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ ନିମ୍ନଲିଖିତ ଖାତା ନମ୍ବରକୁ (କିମ୍ବା ଚିତ୍ରରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ କୁ) ଟ.୧୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. ୯୩୬୮୭୭୨୫୦୬ କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* :
CNRB0018007
*Account No.* :
120000048648
*Account Name* :
Sahitya Charcha

ଆଲୋଚନା



# ଚର୍ଚ୍ଚାର କଥା

ପ୍ରଫେସର ବୈଷ୍ଣବ ଚରଣ ସାମଲ

ଚର୍ଚ୍ଚା- ଏଇ ଦୁଇଟି ଅକ୍ଷର ବିଶିଷ୍ଟ ଶବ୍ଦଟିକୁ ଉଚ୍ଚାରଣ କରିଦେବା ମାତ୍ରେ ମନ ଭିତରେ ପ୍ରଶ୍ନଟିଏ ଜାଗି ଉଠେ, ଚର୍ଚ୍ଚା କ'ଣ? କାହିଁକି ଚର୍ଚ୍ଚାର ଏତେ ଆବଶ୍ୟକତା? ଚର୍ଚ୍ଚାରୁ ବା ମିଳିବ କ'ଣ? ଏମିତି ନାନା ପ୍ରଶ୍ନ। ଏଇ ପ୍ରଶ୍ନ, ଅର୍ଥାତ ଜିଜ୍ଞାସା। ସଂକଟ ତ ସତ୍ୟ। ସବୁ ଜୀବନରେ ଊଣା ଅଧିକେ ସଂକଟ ଅଛି। ସମସ୍ତଙ୍କର କିନ୍ତୁ ଆସେ ନାହିଁ ସଂକଟବୋଧ। ଯାହାଙ୍କର ଆସେ ତାଙ୍କର ହିଁ ପ୍ରକାଶ ପାଏ ଜିଜ୍ଞାସା। ଭିତରେ ଅନେକ 'କାହିଁକି' ବା ଜିଜ୍ଞାସା ଦେଖାଦିଏ। ପ୍ରଶ୍ନ ପ୍ରତିପ୍ରଶ୍ନ, ଯୁକ୍ତି ପ୍ରତିଯୁକ୍ତି ମଧ୍ୟ ଦେଇ ଆସିଯାଏ ଜିଜ୍ଞାସାବୋଧ। ଯେତେବେଳେ ଏହି ବୋଧଟି ଶାଣିତ ଓ ଘନୀଭୂତ ହୋଇଥାଏ ସେତିକିବେଳେ ଭିତରୁ ସ୍ୱତଃ ଉତ୍ତରଟିଏ ଆସିଯାଏ ଓ ଲାଭ ହୋଇଥାଏ ଆତ୍ମପରିଚିତି। ତେଣୁ ଚର୍ଚ୍ଚାରୁ ଆମେ ଗତି କରୁ ଏକ ପରିଣତିକୁ ଯାହା ଗୋଟାଏ ସମାଧାନର ସୂତ୍ର ବାହାର କରିଦିଏ।




ଚର୍ଚ୍ଚା ଚାଲିଛି ଯେବେଠାରୁ ମଣିଷ ସଭ୍ୟ ହେଲା- ଲେଖା ଲେଖି କଲା- ସାହିତ୍ୟ ସୃଷ୍ଟି କଲା- ଦର୍ଶନ ସୃଷ୍ଟି କଲା- ବିଜ୍ଞାନ ସୃଷ୍ଟି କଲା- ଧର୍ମ ଓ ଈଶ୍ୱର ଭାବନା ଆସିଲା- ସମାଜ ଓ ରାଷ୍ଟ୍ର ସୃଷ୍ଟି ହେଲା- ରାଜା ଓ ପ୍ରଜା ବୋଲି ଭେଦ ଦେଖା ଦେଲା। ଏବେ ମଧ୍ୟ ଏଇ ଚର୍ଚ୍ଚା ଚାଲିଛି, ବିଶେଷତଃ ଏଇ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧି ପର୍ଯ୍ୟନ୍ତ ଚର୍ଚ୍ଚା ଚାଲି ଆସିଛି ନାନା ବିଷୟକୁ ନେଇ। ଚର୍ଚ୍ଚାର ଅନ୍ତ ନାହିଁ। ଚର୍ଚ୍ଚାରୁ ଚର୍ଚ୍ଚା, ପୁଣି ପ୍ରତିଚର୍ଚ୍ଚା ଯେମିତି ହୋଇଯାଇଛି ଗୋଟାଏ ଅଛିଣ୍ଡା ଅଙ୍କ। ତେବେ ଚର୍ଚ୍ଚା ଭିତରକୁ ସାଧାରଣ ଲୋକେ ପ୍ରବେଶ କରନ୍ତି ନାହିଁ; କରନ୍ତି ପାଠୁଆ ଲୋକେ, ବୁଦ୍ଧିଆ ଲୋକେ, ନିଜ ନିଜକୁ ମହାଜ୍ଞାନୀ କହୁଥିବା ଚତୁର ଲୋକେ। ଚର୍ଚ୍ଚା ଆଲୋଚନା ନୁହେଁ କି ସମାଲୋଚନା ନୁହେଁ, ତାହା ଏକ ସ୍ୱତନ୍ତ୍ର କଳା। ରାଜା ସଭାରେ, ପଣ୍ଡିତ ସଭାରେ ଚର୍ଚ୍ଚା ହେଉଥିଲା- ତାହା ଥିଲା ପାଣ୍ଡିତ୍ୟର ପ୍ରଦର୍ଶନ ପାଇଁ। ଏବେ ଚର୍ଚ୍ଚା ହେଉଛି ବିଧାନ ସଭାରେ, ଲୋକସଭାରେ ବା ବିଭିନ୍ନ ପରିଷଦରେ ନାନା ତିଆରି କରା ଅନୁଷ୍ଠାନରେ। ଏସବୁ ଚର୍ଚ୍ଚାର ନିଷ୍କର୍ଷ ମପା ଯାଉଛି ସଂଖ୍ୟା ଗରିଷ୍ଠତାରେ ହାତ ଟେକାରେ। ଏହା ଚର୍ଚ୍ଚା ନୁହେଁ; ଚର୍ଚ୍ଚା ହେଉଛି ଶୁଦ୍ଧ ନିଷ୍ପାପ ହୃଦୟବତ୍ତା ଓ ଶ୍ରଦ୍ଧାଶୀଳ ଜ୍ଞାନର ଚର୍ଚ୍ଚା। ଏଥିରେ ସଂଖ୍ୟା ଗରିଷ୍ଠତା ବା ସଂଖ୍ୟା ଲଘୁତାର ପ୍ରଶ୍ନ ନ ଥାଏ।

ପ୍ରକୃତ ଚର୍ଚ୍ଚା ହୁଏ ମନ ଓ ବିବେକ ମଧ୍ୟରେ। ମନ ବଡ ଚଞ୍ଚଳ। ଏଇଠି ଅଛି, ଏଇଠି ନାହିଁ। ମନ ପୁଣି ଭାରି ଆକର୍ଷଣକାମୀ। ବଡ ବିଚିତ୍ର ଏଇ ମନ। ଯାବତୀୟ କାମନା ଏଇ ମନର। ଏଇ ମନ ପୁଣି ସ୍ୱର୍ଗକୁ ନରକ, ନରକକୁ ସ୍ୱର୍ଗ କରିଦିଏ, ପାପକୁ ପୁଣ୍ୟ କହେ, ପୁଣ୍ୟକୁ ପାପ କହେ। ସବୁ କରିପାରେ ଏଇ ମନ। କାହାକୁ ପ୍ରେମ କରେ, କାହାକୁ ଘୃଣା କରେ, କାହାକୁ ମିତ୍ର କହେ, କାହାକୁ କହେ ଶତ୍ରୁ। ସ୍ୱଭାବ କବି ଗଙ୍ଗାଧର ମେହେର 'ପ୍ରଣୟବଲ୍ଲରୀ' କାବ୍ୟରେ ମନ ଓ ବିବେକର ଉକ୍ତି ପ୍ରତ୍ୟୁକ୍ତି ମଧ୍ୟ ଦେଇ ମନଟା କେତେ ଚଞ୍ଚଳ ଆଉ ବିଚିତ୍ର ତାହାକୁ ଦେଖାଇ ଦେଇଛନ୍ତି। ବିବେକ ନିତ୍ୟ,

ସତ୍ୟ ଓ ସ୍ଥିର। ଅସଲ ବିଚାର ଆସେ ବିବେକ ଭିତରୁ। ମନ ଓ ବିବେକର ଚର୍ଚ୍ଚାରେ ବିବେକର ହୁଏ ବିଜୟ। ବିବେକ ଅନାସକ୍ତ। ମନ ଆସକ୍ତ। ମନ ଯେତେବେଳେ ମନୋନୀତ ହୁଏ ସେତେବେଳେ ବିବେକର ଦୀପ୍ତିଫୁଟି ଉଠେ। ହୃଦୟର ବାସ୍ନାରେ ବିବେକ ହୁଏ ଦୀପ୍ତିମାନ। ଯେଉଁଠି ବିବେକ ନ ଥାଏ ସେଠି ଶ୍ରଦ୍ଧାଶୀଳ ଜ୍ଞାନ ମଧ୍ୟ ନ ଥାଏ। ବିବେକ, ହୃଦୟ ଓ ଜ୍ଞାନର ତ୍ରିବେଣୀ ସଂଗମରୁ ଯେଉଁ ଚର୍ଚ୍ଚା ବାହାରେ ତାହା ହୁଏ ପ୍ରକୃତ ଚର୍ଚ୍ଚା ଓ ସେହି ଚର୍ଚ୍ଚା ହିଁ ହୁଏ ଯଥାର୍ଥ ବିଚାର ବିମର୍ଶ। ତାହା ହିଁ ଦିଏ ଯଥାର୍ଥ ଦିଗ୍‌ଦର୍ଶନ ଗୋଟିଏ ଜାତି ପାଇଁ, ଦେଶ ପାଇଁ ଓ ବିଶ୍ୱ ପାଇଁ।

ବିଶୁଦ୍ଧ ଚର୍ଚ୍ଚାର ନିଷ୍କର୍ଷ ସବୁବେଳେ ହୁଏ ହିତକାରକ। ହଜାରେ ବହି ପଢ଼ି ଯଦି ଭିତରେ ହୃଦୟବତ୍ତା ନ ଥାଏ, ବିବେକ ନ ଥାଏ ତେବେ ଚର୍ଚ୍ଚାକାରଙ୍କ ଚର୍ଚ୍ଚା ହୋଇଥାଏ ଶୁଷ୍କ ଓ ନୀରସ। ସେପରି ଚର୍ଚ୍ଚା ଉତ୍‌ପ୍ରେରଣା ସୃଷ୍ଟି କରିପାରେ ନାହିଁ। ଏହାର ପରିଣତି ହୋଇଛି ଆଜିର ଗଣତନ୍ତ୍ର, ରାଜନୀତି, ସାମ୍ୟବାଦ ବା ଅନ୍ୟାନ୍ୟ ଅନେକ ରାଜନୀତିକ ମତବାଦ। ଏହି ପରି ମଧ୍ୟ ହୋଇଛି ଯେତେ ଯେତେ 'ବାଦ' ବାହାରିଛି- ସେସବୁକୁ ନେଇ ଚର୍ଚ୍ଚା ଚାଲିଛି, ନେତିବାଦ, ବାସ୍ତବବାଦ, ଅତିବାସ୍ତତାବାଦ, ଅସ୍ତିତ୍ୱବାଦ, ଉଦ୍‌ଭଟତାବାଦ, ନୈତିକତାବାଦ, ନବନୈତିକତାବାଦ, ନିଃସଙ୍ଗତାବାଦ, ମମତ୍ୱବାଦ, ଆଧୁନିକତା ବାଦ, ଉତ୍ତର-ଉତ୍ତର ଆଧୁିକତାବାଦ ଇତ୍ୟାଦି। କେତେ ବାଦକୁ ନେଇ। 'ବାଦ'ରୁ 'ବିବାଦ' ବା 'ବିସମ୍ବାଦ' ସୃଷ୍ଟି ହେଉଛି; ପ୍ରକାଶ ପାଉନାହିଁ 'ସଂବାଦ' (ସିଂଥେସିସ୍‌)।

> **ହଜାରେ ବହି ପଢ଼ି ଯଦି ଭିତରେ ହୃଦୟବତ୍ତା ନ ଥାଏ, ବିବେକ ନ ଥାଏ ତେବେ ଚର୍ଚ୍ଚାକାରଙ୍କ ଚର୍ଚ୍ଚା ହୋଇଥାଏ ଶୁଷ୍କ ଓ ନୀରସ।**

ଏହା ହିଁ ହେଉଛି ଆଜିକାଲିକାର ଚର୍ଚ୍ଚାର ପରିଣତି। ସାହିତ୍ୟ କ୍ଷେତ୍ରରେ ଏହି ଚର୍ଚ୍ଚାର ସ୍ଥାନ ଖୁବ୍‌ ଉଚ୍ଚ ଓ ମାର୍ମିକ। ମାତ୍ର ଲକ୍ଷ୍ୟ କରାଯାଉଛି ଯେ ଚର୍ଚ୍ଚା ନାମରେ ନିଜ ଭିତରେ ଥିବା ଇଚ୍ଛାକୁ, ଅହଂମନ୍ୟତାକୁ, ନିଜେ ଦେଖି ନ ଥିବା ବା ଜାଣିନଥିବା ବିଷୟକୁ ଶୁଣି ବା ପଢ଼ି ତାହାକୁ ଭର୍ତ୍ତି କରିଦେଇ ନିଜର ପାଣ୍ଡିତ୍ୟ ଦେଖାଇବାକୁ ସାର ମନେ କରିବା। ଆମ ସାହିତ୍ୟଜଗତର ଚର୍ଚ୍ଚାରେ ଏଇଆ ଚାଲିଛି। କେହି ସୀତାଙ୍କ ଭିତରେ ଗୋଟାଏ ଜାରଜ କନ୍ୟାକୁ ଦେଖୁଛି, ଦ୍ରୌପଦୀଙ୍କ ଭିତରେ ପରପୁରୁଷକୁ ଭଲ ପାଉଥିବା ପ୍ରେମିକାକୁ ଦେଖୁଛି ବା କେହି ନବଗୁଂଜର ଭିତରେ ଡ୍ରାଗନକୁ ଦେଖୁଛି। ପୁଣି ମହାଭାରତକୁ କେହିବା କହୁଛି ତାହା ଗାଁ ଗହଳର ଭାଇ ଭାଇ କଳିର ଗୋଟାଏ କାହାଣୀ ମାତ୍ର। ଏପରି ଦେଖିବା ଓ ଦେଖାଇବା ହୁଏତ ଗ୍ରହଣୀୟ, ମାତ୍ର ଏପରି ଚର୍ଚ୍ଚାର ମୂଲ୍ୟ କ'ଣ? ଏହା କ'ଣ ସାମାଜିକ ସ୍ତରରେ ମଣିଷମାନଙ୍କର ଉତ୍ତରଣ ପାଇଁ କିଛି ପ୍ରେରଣା ଦେଇପାରୁଛି କି?

ଚର୍ଚ୍ଚାରେ ଯାହା କୁହାଯାଏ ତାହା ହୁଏ ସତ୍ୟନିଷ୍ଠ, ପ୍ରିୟ ଓ ମଙ୍ଗଳକାରକ। ଅଯଥା ଉଦ୍‌ବେଗ ସୃଷ୍ଟି କରେ ନାହିଁ। ରାଜନୀତି ଚର୍ଚ୍ଚା ହେଉ, ସମାଜ ବିଷୟକ ଚର୍ଚ୍ଚା ହେଉ, ମନ ସଂପର୍କିତ ଚର୍ଚ୍ଚା, ସାହିତ୍ୟ ସଂପର୍କିତ ଚର୍ଚ୍ଚା ବା ଧର୍ମ ସଂପର୍କିତ ଚର୍ଚ୍ଚା ହେଉ- ତାହା ହିତକାରକ ହେବା ଉଚିତ। ସେଥିରେ ସତ୍ୟନିଷ୍ଠତା ଥିବ ଓ ତାହା ମଧ୍ୟ ହୋଇଥିବ ପ୍ରିୟକାରକ। ସଂପ୍ରତି ସାହିତ୍ୟ ସଂପର୍କୀୟ ଚର୍ଚ୍ଚାରେ ତାହା ଲକ୍ଷ୍ୟ କରାଯାଉନାହିଁ। ସାହିତ୍ୟ ଏପରି ଗୋଟାଏ ମୁକ୍ତ ରାଜ୍ୟ ଯେ ତାହାର ସୀମା କିଛି ନାହିଁ। ତାହାର କବାଟ ନାହିଁ ବା ଝରକା ନାହିଁ। ତାହା ଭିତରକୁ ଅବାଧ ଭାବରେ ବାହାର ପବନ ଆସୁଛି, ଭିତରୁ ମଧ୍ୟ ବାହାରକୁ ଯାଉଛି। ସାହିତ୍ୟର ଲକ୍ଷ୍ୟ ଜୀବନକୁ, ସମାଜକୁ, ସଂସ୍କୃତିକୁ ସକଳ, କ୍ଷୁଦ୍ରତା, ସଂକୀର୍ଣ୍ଣତାରୁ ମୁକ୍ତ କରି ଏକ ପ୍ରସାରିତ ଦିଗରେ ଉତ୍‌ପ୍ରେରିତ କରିନେବା। ଏଥିପାଇଁ ଦରକାର ସୁସ୍ଥ ଚର୍ଚ୍ଚା- ଯାହା ହେବ ବିବେକରେ ସ୍ନାତ ଓ ମଧୁର। ମଣିଷ ଜୀବନର ଉତ୍ତରଣ ପାଇଁ ହେବ ପ୍ରେରଣାପ୍ରଦ। ଅଯଥା ପାଣ୍ଡିତ୍ୟ ଦେଖାଇ ନିଜ ମର୍ଜି ଅନୁସାରେ ସାହିତ୍ୟର ଚର୍ଚ୍ଚା ଆଦୌ ଶୁଭପ୍ରଦ ନୁହେଁ। 'ସାହିତ୍ୟ ଚର୍ଚ୍ଚା' ପତ୍ରିକା ଏ ଦିଗରେ ଯେଉଁ ଚିନ୍ମୟ ବିବେକକୁ ଆହ୍ୱାନ ଜଣାଉଛନ୍ତି ତାହାକୁ ଅଭିନନ୍ଦନ ଜଣାଉଛି।

□□

ଲେଖକଙ୍କ ଇ-ମେଲ୍‌ ଠିକଣା:
dharashreeradha2017@gmail.com


ପ୍ରବନ୍ଧ

# ସାହିତ୍ୟ ଓ ସାହିତ୍ୟର ବିଭିନ୍ନ ବାଦ



ବିମଳା ସିଂ

ମଣିଷର ଏକ ବିସ୍ମୟକର ସୃଷ୍ଟି ହେଉଛି ଭାଷା, ଯାହାଦ୍ୱାରା ସେ ତା'ର ମନର ଭାବକୁ ପ୍ରକାଶ କରିବାରେ ସକ୍ଷମ ହୋଇଥାଏ। ଯେ କୌଣସି ବ୍ୟକ୍ତି ତାର ଶାରୀରିକ ଅଭାବ ମେଣ୍ଟାଇ ସାରିବା ପରେ କଳ୍ପନା ଜଗତ ପାଇଁ ବ୍ୟାକୁଳ ହୋଇଥାଏ। କାରଣ ଏହି କଳ୍ପ-ଜଗତରେ ହିଁ ତାର ଆଶା ତୃପ୍ତ ହୋଇଥାଏ। ସେହି କଳ୍ପନା-ଜଗତ ହିଁ ସୃଷ୍ଟି କରେ ସାହିତ୍ୟ। ସାହିତ୍ୟ ଶବ୍ଦର ଅର୍ଥ ହେଲା ସହିତ। ସଂସ୍କୃତ ଶବ୍ଦ 'ସହିତ' ସହ ଯତ୍ ପ୍ରତ୍ୟୟ ଯୁକ୍ତ ହୋଇ ସାହିତ୍ୟ ଶବ୍ଦ ଗଠିତ। ଶବ୍ଦ ଓ ଅର୍ଥର ଉପଯୁକ୍ତ ସହଭାବକୁ 'ସାହିତ୍ୟ' କୁହାଯାଇଥାଏ। ଏଥିରେ ମଣିଷର ଭାବନା ସହ ବିଚାରଧାରା ମୁଖ୍ୟତଃ ପରିପ୍ରକାଶ କରାଯାଇଥାଏ। ଭାଷା ହିଁ ଏହି ଧାରାକୁ ପରିପ୍ରକାଶ କରାଇବାର ଏକମାତ୍ର ବାଟ। ସାହିତ୍ୟର ସଂସାର ଖୁବ୍ ବ୍ୟାପକ। ଜୀବନ ପରି ପ୍ରବହମାନ ମଧ୍ୟ। ଏହି କ୍ଷେତ୍ରରେ ପ୍ରତି ମୁହୂର୍ତ୍ତରେ ନବ ନବ ଉନ୍ମେଷଶାଳିନୀ ପ୍ରଜ୍ଞାର ଉଦୟନ, ଚିର ସ୍ରୋତସ୍ୱିନୀ। ସାହିତ୍ୟ ସ୍ଥିତିଶୀଳ ନୁହଁ। ବ୍ୟାପ୍ତିମୟ ଜଗତର ବାଙ୍ମୟ ଅଭିବ୍ୟକ୍ତି ପ୍ରତି ଏହା ଅନୁରାଗ ସୃଷ୍ଟି କରେ। କ୍ଲାନ୍ତି ଓ କ୍ରାନ୍ତି, ରୂପ ଓ ଅରୂପ-ପ୍ରତ୍ୟେକ ସାହିତ୍ୟରେ, ସତ୍ୟ ଓ ଅସତ୍ୟ ନିରୂପିତ ହୋଇଥାଏ ଭାବ ଓ ଅଭାବର ପ୍ରକାଶରୁ। ରୁଚିର କମନୀୟତା ସ୍ପର୍ଶରେ ସୁନ୍ଦରତାକୁ ରସସିକ୍ତ କରାଯାଇଥାଏ। ତେଣୁ ଏହି ସତ୍ୟ ଓ ସୁନ୍ଦରର ଅକ୍ଷୟ ସ୍ମୃତି ସବୁ ଶିବର ନିପୂଣ ସମ୍ଭାବନାରେ ସ୍ମୃତିଚାରୀ ପାଲଟିଥାନ୍ତି। ଏଇଥିପାଇଁ କୁହାଯାଏ 'ଭାବ' ସାହିତ୍ୟର ସାମଗ୍ରୀ। ସାହିତ୍ୟ ଭାବର କଥା, ଜ୍ଞାନର କଥା ନୁହେଁ। ଏଇଥିପାଇଁ ଗୋଟିଏ ଗୋଟିଏ ଭାବ ଓ ବସ୍ତୁର ଦ୍ୟୋତକ ହେଲା ଗୋଟିଏ ଲେଖାଏଁ ଧ୍ୱନି ଏବଂ ଏକାଧିକ ଧ୍ୱନିର ସମନ୍ୱୟରେ ସୃଷ୍ଟି ହେଲା 'ଶବ୍ଦ' ବା 'ପଦ'। ଏହି ଶବ୍ଦ ସୃଷ୍ଟିରେ ମନୁଷ୍ୟର ବୈଜ୍ଞାନିକ ଚିନ୍ତାଧାରା ବା ବୁଦ୍ଧି ସହିତ ସୌନ୍ଦର୍ଯ୍ୟବୋଧ ଯୁକ୍ତ ହେଲା। ଏହା ଫଳରେ ସୃଷ୍ଟି ହେଲା ମାନବ ସଭ୍ୟତାର ବିସ୍ମୟକର ରୂପାୟନ- 'ଲିପି'। କ୍ରମେ ହଜିଯାଉଥିବା ଅନୁଭୂତି, ସୌନ୍ଦର୍ଯ୍ୟ, ଦୁର୍ଲଭ ରୂପବୈଚିତ୍ର୍ୟ, ହଜିଲା ସ୍ୱରର ଛନ୍ଦ ଓ ସ୍ୱପ୍ନ ସାଇତା ହୋଇ ରହିଲା ଏହି ଅକ୍ଷରର ଅକ୍ଷୟ ନିକେତନରେ। ମନୁଷ୍ୟ ଜୀବନର ବିଭିନ୍ନ ଅନୁଭୂତି, ଆଦର୍ଶ ତଥା ଭାବନାକୁ ଏହି 'ଲିପି' ମାଧ୍ୟମରେ ଲିପିବଦ୍ଧ କରି ରଖାଯାଇ ପାରିଲା।



କାବ୍ୟ ବା ସାହିତ୍ୟ ଚତୁର୍ବର୍ଗ ପ୍ରଦାନ କରିଥାଏ। ଏହା ବହୁଜନ ହିତାୟ। ସାହିତ୍ୟ କେବଳ ଆନନ୍ଦ ପାଇଁ ହିଁ ଅଭିପ୍ରେତ। ତେଣୁ ଏହି ସାହିତ୍ୟ ଶବ୍ଦକୁ ନେଇ ବିଭିନ୍ନ ବ୍ୟକ୍ତି ବିଶେଷ ଭିନ୍ନ ଭିନ୍ନ ସଂଜ୍ଞା ନିରୂପଣ କରିଛନ୍ତି। ଯଥା-

(୧) 'ଲିଟେରେଚର ଇଜ୍ ଏ ଗ୍ରେଟ୍ ଷ୍ଟଫ୍, ବଟ୍ ଏ ସରି କ୍ରଚ୍'- **ସ୍କଟ୍।**

(୨) 'ଲିଟେରେଚର ଇଜ୍ ଦି କ୍ରିଟିସିଜମ୍ ଅଫ୍ ଲାଇଫ୍' - **ଆର୍ନୋଲଡ୍।**

(୩) 'ଲିଟେରେଚର୍ ଇଜ୍ ଦି ଇମମୋରଟାଲିଟି ଅଫ୍ ସ୍ପିଚ୍।' - **ସେଲିଗଲ୍।**

(୪) 'ଭାବ ଓ ଭାଷାର ସମନ୍ୱୟରେ ସାହିତ୍ୟ ହୁଏ ନାହିଁ। ମନୁଷ୍ୟ ସଙ୍ଗେ ମନୁଷ୍ୟର, ଅତୀତ ସହିତ ବର୍ତ୍ତମାନର, ଦୂର ସହିତ ନିକଟର ଅନ୍ତରଙ୍ଗ ମିଳନକୁ ସାହିତ୍ୟ କୁହନ୍ତି।' - **ରବୀନ୍ଦ୍ର ନାଥ ଟାଗୋର।**

(୫) 'ମନୁଷ୍ୟକୃତ ଶ୍ଳୋକମୟ ଗ୍ରନ୍ଥ ବିଶେଷଃ ସାହିତ୍ୟମ୍। - ଶବ୍ଦ କଳ୍ପଦ୍ରୁମ।

ପ୍ରକୃତରେ କହିବାକୁ ଗଲେ ଜୀବନକୁ ସରସ, ସୁନ୍ଦର, ନିରାମୟ କରିବା ସାହିତ୍ୟର ଲକ୍ଷ୍ୟ। ସାହିତ୍ୟ ଯୁଗାଶ୍ରୟୀ। ଇତିହାସ, ଭୂଗୋଳ, ଦର୍ଶନ, ଜ୍ୟୋତିଷ ଶାସ୍ତ୍ର ଇତ୍ୟାଦି ଏହାର ଅଙ୍ଗୀଭୂତ। ସାହିତ୍ୟର ରୂପ ଓ ପ୍ରକାଶଭଙ୍ଗୀରେ ପରିବର୍ତ୍ତନ ଆସିଥାଏ ବିଭିନ୍ନ ଯୁଗରେ ମାନବର ଜୀବନଯାତ୍ରା ଓ ରୁଚି ଅନୁଯାୟୀ। ତେଣୁ ଗୋଟିଏ ଯୁଗର ସାହିତ୍ୟ କିମ୍ବା ସାଂସ୍କୃତିକ ପ୍ରବାହ ଏକାଧିକ ଯୁଗକୁ କରିଥାଏ ରସସିକ୍ତ ଓ ସମୃଦ୍ଧ। ଏଇଥିପାଇଁ ମଣିଷର ସୁଖ-ଦୁଃଖ, ଆଶା-ଆନନ୍ଦ ରୂପାୟିତ ହୋଇଆସୁଛି ଯୁଗ କ୍ରମରେ ଏଇ ସାହିତ୍ୟ ମାଧ୍ୟମରେ।

ସାହିତ୍ୟ ହେଉଛି ଭାବର କଥା। ଜ୍ଞାନର କଥା ନୁହଁ। ସାହିତ୍ୟିକ ପ୍ରଥମେ ତା ଅନୁଭବ ଭିତରକୁ ଜଗତକୁ ଆଣିଥାଏ, ଜଗତର ପ୍ରତ୍ୟେକ ସତ୍ତାକୁ ଉପଲବ୍ଧି କରିବାର ଅନୁଭୂତି ଭିତରୁ ଜ୍ଞାନ ପ୍ରଦାନ କରେ ତାର ସୂକ୍ଷ୍ମ ଚିନ୍ତା ଓ ଚେତନାକୁ ଯାହା ଆଲୋକରେ ଆଲୋକିତ କରି ସମ୍ପ୍ରସାରିତ କରେ ଦୁନିଆକୁ। ଯଦ୍ୱାରା ବ୍ୟକ୍ତି ସଂକୀର୍ଣ୍ଣତାର ପରିଧି ଡେଇଁ ଏକ ପରିବ୍ୟାପ୍ତ ବ୍ୟକ୍ତିତ୍ୱରେ ପରିଣତ ହୁଏ। ତେଣୁ 'ଭାବ' ହିଁ ସାହିତ୍ୟର ସାମଗ୍ରୀ ବୋଲି ଧରିନିଆଯାଇଛି।

**ଗୋଟିଏ ଯୁଗର ସାହିତ୍ୟ କିମ୍ବା ସାଂସ୍କୃତିକ ପ୍ରବାହ ଏକାଧିକ ଯୁଗକୁ କରିଥାଏ ରସସିକ୍ତ ଓ ସମୃଦ୍ଧ।**

ସାହିତ୍ୟ ଏକ ଭାଷା ଶିଳ୍ପ। ତେଣୁ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ସାହିତ୍ୟିକ ଏପରି ଏକ ଭାଷା ସୃଷ୍ଟି କରିଥାଏ, ଯାହାକି କିଛି ପ୍ରକାଶ କରେ ଏବଂ କିଛି ଗୋପନୀୟ ଥାଏ। ଏହି ଗୋପନୀୟ ଭାଗଟିକୁ ଇଙ୍ଗିତାତ୍ମକ ଶୈଳୀ କୁହାଯାଇଥାଏ। ଏ ବିରାଟ ବିଶ୍ୱର ପ୍ରକୃତି ବର୍ଣ୍ଣନାର ବିଭାବ ବିଳାସ ଅଥବା ମାନବ ଚରିତ୍ର ଗଠନର ପିପାସା କିମ୍ବା ମାନବ ଜୀବନର ସୁଖ-ଦୁଃଖ କଥା, ବନ୍ଧୁ ପରିଜନର ଜୀବନାବୃତ୍ତି, ଏ ସବୁର ଜୀବନ-ବିନ୍ୟାସ ହିଁ ଏକମାତ୍ର ସତ୍ୟ, ସାହିତ୍ୟର ସାମଗ୍ରୀ ଚୟନର। ତେଣୁ ଆମେ ଜାଣୁ ଓ ଅନୁଭବ କରୁ ଯେ ଯାହା ସୁନ୍ଦର ମହତ୍ ନୁହେଁ, ଶାନ୍ତ ବା ଭୟଙ୍କର ନୁହେଁ, ଜୀବନ ଓ ଜଗତଠାରୁ ବିଯୁକ୍ତ ହୋଇଥିବା ଏବଂ ଯାହାର ଅନ୍ତଃକରଣରେ ମାନବ ଧର୍ମର ଜୀବନ୍ତ ସତ୍ତା ରୂପଲାଭ କରିନଥାଏ, ତାହା ସାହିତ୍ୟରେ ସ୍ଥାନ ଲାଭ କରେନା। ତେଣୁ ପ୍ରକୃତରେ କହିବାକୁ ଗଲେ ରୂପ-ରସ-ଗନ୍ଧ-ସ୍ପର୍ଶ- ଶବ୍ଦର ଜଗତ ହିଁ କାବ୍ୟ ବା ସାହିତ୍ୟର ମୁଖ୍ୟ ବିଷୟବସ୍ତୁ। ଆଉ କବି ପ୍ରକୃତିର, ଜୀବନର ଓ ନୀତିମାନଙ୍କର ଏବଂ ଈଶ୍ୱର ଓ ପ୍ରକୃତି, ସାହିତ୍ୟର ସାମଗ୍ରୀ ହୋଇଥିବା ବେଳେ ମାନବତା ଓ ମାନବ ଜୀବନର ବିଭିନ୍ନ ସ୍ତର ସାହିତ୍ୟର ବିଷୟ। ତେଣୁ ଯଥାର୍ଥରେ କୁହାଯାଏ, ମାନବ ଜୀବନ ଯେପରି ଅର୍ଥଯୁକ୍ତ, ସାହିତ୍ୟ ମଧ୍ୟ ସେହିପରି ଅର୍ଥସାର। ତେବେ ଏହି ସାହିତ୍ୟକୁ ନେଇ ଯୁଗ ଅନୁଯାୟୀ ସୃଷ୍ଟି ହୋଇଛି ଅନେକ ବାଦ, ଯାହାକୁ ସାହିତ୍ୟରେ ବିଭିନ୍ନ ବାଦ ଭାବରେ ଉପସ୍ଥାପନା କରାଯାଇଥାଏ। ଯଥା- ପ୍ରତୀକବାଦ, ଆନନ୍ଦ ଓ ଦୁଃଖ ବାଦ, ରହସ୍ୟ ଓ ଛାୟାବାଦ, ଶୂନ୍ୟବାଦ, ଆଦର୍ଶବାଦ, ଭାଗ୍ୟବାଦ, ବ୍ରହ୍ମବାଦ, ଅଜ୍ଞେୟବାଦ, ସୁଖବାଦ ଏବଂ ଦ୍ୱନ୍ଦ୍ୱାତ୍ମକ ଭୌତିକ ବାଦ ଇତ୍ୟାଦି...।

**ପ୍ରତୀକ ବାଦ-** ଈଶ୍ୱରଙ୍କ ସୃଷ୍ଟିରେ ମଣିଷର ଜୀବନ ପ୍ରତୀକରେ ପରିପୂର୍ଣ୍ଣ। ଆଦିମ ଯୁଗରେ ମଣିଷ ତାର ବ୍ୟକ୍ତିଗତ ଜୀବନର ମହତ୍ତ୍ୱ ପ୍ରତିପାଦନ କରିବା ପାଇଁ ପ୍ରତୀକର ବ୍ୟବସ୍ଥା ପ୍ରଚଳନ କରିଥିଲା। ଉଦାହରଣ ସ୍ୱରୂପ-ତୁଳସୀ, ଅଁଳା, ଅଶ୍ୱତ୍ଥ ବୃକ୍ଷ ତାର ପାବନତାର ପ୍ରତୀକ ଥିଲା। ଆଜି ମଧ୍ୟ ମୟୂର, ବ୍ୟାଘ୍ର, ପଦ୍ମ ରାଷ୍ଟ୍ରୀୟ ପ୍ରତୀକ ଭାବରେ ସ୍ୱୀକୃତ। ଆମ ସମାଜରେ ସିନ୍ଦୂର, ଶଙ୍ଖାକୁ ସୌଭାଗ୍ୟର ପବିତ୍ର ସଂପର୍କର ପ୍ରତୀକ ଭାବରେ ଧରିନିଆଯାଇଛି। ସେହିଭଳି ସାହିତ୍ୟରେ ମଧ୍ୟ ପ୍ରତୀକବାଦର ପ୍ରଚଳନ ରହିଛି। ଧର୍ମରୁ ପ୍ରତୀକବାଦର ସୃଷ୍ଟି। ତେଣୁ ଆମ ଧର୍ମ ସମ୍ବନ୍ଧୀୟ ସାହିତ୍ୟରେ ପ୍ରତୀକବାଦର ବହୁଳ ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ। ଯଥା- ବୌଦ୍ଧଗାନ ଦୋହା, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତ। ଯେପରି ଜଗନ୍ନାଥ ଦାସଙ୍କ ଅବଧୂତ ଚରିତ୍ରରେ ତାଙ୍କର ଚବିଶ ଗୁରୁ ବର୍ଣ୍ଣନାରେ ପୃଥିବୀ, ବାୟୁ, ଅଗ୍ନି, ଶିଶୁ, ଆକାଶ ମଣ୍ଡଳ, ସୂର୍ଯ୍ୟ, ଚନ୍ଦ୍ର, ସମୁଦ୍ର, ମହୁମାଛି, ହାତୀ, କପୋତ, ପିମ୍ପୁଡ଼ି, ଅଜଗର ଇତ୍ୟାଦି ପ୍ରତୀକଧର୍ମୀ ଏବଂ ଏମାନେ ଉଦାର ସ୍ୱଭାବର ଅଧିକାରୀ। ସେହିପରି ଓଡ଼ିଆ ସାହିତ୍ୟରେ ସଚ୍ଚି ରାଉତରାୟ, ଅନନ୍ତ ପଟ୍ଟନାୟକ, ରମାକାନ୍ତ ରଥ ଇତ୍ୟାଦିଙ୍କର କବିତା। ଉଦାହରଣ ସ୍ୱରୂପ-

ତମେ ଲେଖିଥିଲ ତରଙ୍ଗ ଅସ୍ତ ସୂର୍ଯ୍ୟର କବି
ଫୁଲ ଫୁଟିବାର ଉତ୍ସବରୁ
ତାର ନିମନ୍ତ୍ରଣ ଆସିଥିଲା
ସେ ଫେରାଇ ଦେଲା

ତା କଣ୍ଠରେ ଝରା ଫୁଲର ବନ୍ଦନା- ସଚ୍ଚି ରାଉତରାୟ

ଏଠାରେ ପ୍ରତୀକବାଦ ପାରମ୍ପରିକ ନ ହୋଇ ହୋଇଛି ନୂତନ ସଂପୂର୍ଣ୍ଣ ଭାବରେ। ସୂର୍ଯ୍ୟ ଜ୍ୟୋତିର ପ୍ରତୀକ ନ ହୋଇ ହୋଇଛନ୍ତି ଅବଲୁପ୍ତ ଯୌବନର ପ୍ରତୀକ।

ପାଶ୍ଚାତ୍ୟ କବି, ଦାର୍ଶନିକମାନେ ଏହି ପ୍ରତୀକବାଦକୁ ଶୈଳୀର ପ୍ରାଣ ଭାବରେ ବର୍ଣ୍ଣନା କରିଛନ୍ତି ଏବଂ ଗ୍ରହଣ କରିଛନ୍ତି ମଧ୍ୟ।

**ଆନନ୍ଦ ଓ ଦୁଃଖବାଦ-** ଆନନ୍ଦ ହେଉଛି ଆତ୍ମାର ଲକ୍ଷଣ ଏବଂ ଦୁଃଖ ଆତ୍ମାର ଅପଲକ୍ଷଣ। ଆନନ୍ଦକୁ ଆଶ୍ରୟ କରି ଏ ଜଗତ ବଞ୍ଚି ରହିଛି ଏବଂ ଏହା ଅଭୟତ୍ୱ ପ୍ରଦାନକାରୀ। ଏହି ଆନନ୍ଦ ସଦା ବର୍ତ୍ତମାନ, ନିତ୍ୟ ଏବଂ ଚିର ଶାଶ୍ୱତ। ଶୟନେ, ସପନେ, ଜାଗରଣେ ମଣିଷ କିଛି ନା କିଛି ଆନନ୍ଦ ଅନୁଭବ କରିଥାଏ। ଆନନ୍ଦ ସଦାକାଳେ ଆତ୍ମା ସହିତ ସମ୍ପୃକ୍ତ। ଭାରତୀୟ ସାହିତ୍ୟରେ ଆନନ୍ଦବାଦ ବହୁ ପ୍ରାଚୀନ। ତେଣୁ ଆନନ୍ଦବାଦରେ ଉଦ୍‌ବୁଦ୍ଧ ହୋଇ ବହୁ ସାହିତ୍ୟିକ ଓ କବି ସୃଷ୍ଟି କରିଛନ୍ତି ଆନନ୍ଦବାଦୀ ସାହିତ୍ୟ। ଅପରପକ୍ଷରେ ଦୁନିଆର ଦୁଃଖ, ଦୈନ୍ୟ, ଦାରିଦ୍ର୍ୟ ସେମାନଙ୍କ ମନକୁ ସ୍ପର୍ଶ କରିପାରି ନାହିଁ। ଅନ୍ତରର ଅନ୍ତରତମ ପ୍ରଦେଶରୁ ଏକ ଚିନ୍ମୟ ଆନନ୍ଦାଲୋକର ସନ୍ଧାନ ପାଇ କବି ଗାଇ ଉଠିଛନ୍ତି-



"ନିରାଶାର କଥା ଛି ଛି କହିବି କେମନ୍ତେ

ଅନ୍ତରରେ ଅନୁଭବି ସରସ ବସନ୍ତେ।" -ମଧୁସୂଦନ

ଦୁନିଆର ମରୁମରୀଚିକାର ମୋହ ତାଙ୍କ ନିକଟରେ ପରାସ୍ତ ମଣିଛି। ତେଣୁ ଏହି କବିମାନେ ଆଶା ଓ ଆନନ୍ଦବାଦର ପୂଜାରୀ ସାଜିଛନ୍ତି। ଦୁଃଖ ତାଙ୍କ ନିକଟରେ ଆନନ୍ଦ ରୂପରେ ପ୍ରତିଭାତ ହୋଇଛି। ତେଣୁ ସେ ଗାଇଛନ୍ତି-


"ବିରାଟ ଭ୍ରୁକୁଟି କରି ଆସୁ ଆଧିବ୍ୟାଧି
ଯେତେ ସାଧିବାର ସେ ଥାଉ ଦାଉ ସାଧି,
ଅନନ୍ତ ଅଭୟ ପ୍ରଭୁ ଦେଇଛ ଅନ୍ତରେ,
ଅନନ୍ତ ଜୀବନଧାର ଢ଼ାଳି ମହାନୀରେ
ଅନନ୍ତ ଉତ୍ସାହ ପୁଣି ଆନନ୍ଦ ଅମୃତ,
ଝରେ ନୀର ପ୍ରାୟ ତେଣୁ ହେଉଛି ନିସୃତ।" -ମଧୁସୂଦନ

ଆନନ୍ଦବାଦ ପରି ଦୁଃଖବାଦ ମଧ୍ୟ ଆମ ସାହିତ୍ୟରେ ଖୁବ୍ ପ୍ରାଚୀନ। ଦୁଃଖରୁ ହିଁ ହୋଇଛି ଆମ ଆଦି-କବିତାର କ୍ଷରଣ। ଇତିହାସ ପୃଷ୍ଠାରୁ ମଧ୍ୟ ଆମେ ଜାଣୁ ଗୌତମ ବୁଦ୍ଧଙ୍କ ଜୀବନ କାହାଣୀ, ଯିଏ ରାଜକୀୟ ବିଳାସକୁ ଜଳାଞ୍ଜଳି ଦେଇ କହି ଉଠିଥିଲେ- "ସର୍ବଂ ଦୁଃଖଂ-ସର୍ବଂ ଦୁଃଖମ୍।" ସେହିପରି ଉପନିଷଦରେ ମଧ୍ୟ ଉଲ୍ଲେଖ ଅଛି, ଯାହା ଅନିତ୍ୟ ଓ ନଶ୍ୱର ତାହା ଦୁଃଖ, ଯାହା ଅନନ୍ତ, ନିତ୍ୟ ଓ ଅମର ତାହା ସୁଖ ପାଶ୍ଚତ୍ୟ ସାହିତ୍ୟରେ 'ଶେଲି'ଙ୍କ ପରି ଆମ ଓଡ଼ିଆ ସାହିତ୍ୟରେ ଭୀମଭୋଇ, ରାଧାନାଥ ପ୍ରମୁଖ ଦୁଃଖବାଦୀ କବି ଭାବରେ ପରିଚିତ ଥିବାବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଦୁଃଖବାଦୀ କବି ନ ଥିଲେ ମଧ୍ୟ ଦୁଃଖବାଦର ତାତ୍ପର୍ଯ୍ୟ ପରୋକ୍ଷରେ ଅନୁଭବ କରି କହିଥିଲେ - "ଦୁଃଖ ହିଁ ଆନନ୍ଦର ନିତ୍ୟ ପ୍ରକାଶ। ଦୁଃଖର ଅନ୍ତରରେ ଆନନ୍ଦ ଓତଃପ୍ରୋତ ଭାବେ ଜଡ଼ି ରହିଅଛି। ଦୁଃଖ ଆନନ୍ଦରୁ ଉତ୍ସାରିତ-ଆନନ୍ଦର ଗୋଟଏ ଘନୀଭୂତ ମୂର୍ତ୍ତି। ଦୁଃଖର ଐକାନ୍ତିକ ନିବୃତ୍ତିରେ ଆନନ୍ଦର ସ୍ଫୁରଣ। ଦୁଃଖ ଆନନ୍ଦକୁ ସଚଳ, ସକ୍ରିୟ ଓ ଶରୀରୀ କରିବାରେ ସାହାଯ୍ୟ କରିଥାଏ।"

**ରହସ୍ୟ ଓ ଛାୟାବାଦ-** ରାତି ପାହିଲେ ଆମ ଚାରିପଟେ ଥିବା ବିଶାଳ ସଂସାରର ନିତ୍ୟ-ନୂତନ ଦୃଶ୍ୟ ସମୂହକୁ ଦେଖିଲେ ମନରେ ସ୍ୱତଃ ଅନେକ ପ୍ରଶ୍ନ ସୃଷ୍ଟି ହୋଇଥାଏ ଯେ ଏତେ ସବୁ ଅଦ୍ଭୂତ ସୃଷ୍ଟି ମୂଳରେ ଅଛି କ'ଣ ଓ ସଙ୍ଗେ ସଙ୍ଗେ ଉତ୍ତରଟିଏ ମିଳିଯାଇଥାଏ ଯେ ଏହି ବିସ୍ମୟଭରା ସୃଷ୍ଟି ପଛରେ କିଛି ନା କିଛି ଅଦୃଶ୍ୟ ଶକ୍ତିଟିଏ ରହିଛି ନିଶ୍ଚୟ। ମନୁଷ୍ୟର ଏହି ସୃଜନଶୀଳତା ଭାବ ସେହି ଶକ୍ତିକୁ ଅନ୍ୱେଷଣ କରିବା ସହିତ ଆଧ୍ୟାତ୍ମିକତା ଭାବ ମାଧ୍ୟମରେ ସେହି ଶକ୍ତିକୁ ଆରାଧନା ବା ପୂଜା କରିବାକୁ ଚେଷ୍ଟାକରେ। ଏହି ରହସ୍ୟବାଦ ହେଉଛି ସେହି ଆରାଧନାର ସ୍ପଷ୍ଟ ସ୍ୱରୂପ। ଏହି ରହସ୍ୟବାଦର ଆକ୍ଷରିକ ସଂଜ୍ଞା ନିରୂପଣ କରିବା କଷ୍ଟସାଧ୍ୟ ହେଲେ ମଧ୍ୟ ମନୁଷ୍ୟ ଆଲୋକ ତଥା ଆନନ୍ଦମୟ ରାଜ୍ୟର ସନ୍ଧାନ ପାଇସାରିଲା ପରେ ନିଜେ

ଆନନ୍ଦରେ ହୁଏ ଆତ୍ମହରା। ରୂପ ଲୋକରୁ ସେ ଅଲଗା ହୋଇଯାଏ ଏବଂ ଉଦାର କଣ୍ଠରେ ଗାଇ ଉଠେ- "ଆମି ରୂପସାଗରେ ଡୁବ୍ ଦିୟେଛେ ଅରୂପ ରତନ ଆଶାୟ।" - ରବୀନ୍ଦ୍ରନାଥ

ତେଣୁ ଜୀବସ୍ରଷ୍ଟାର ଏହି ମହାନ ପର୍ବର ମହାମିଳନରେ ମଣିଷ ଆତ୍ମହରା ହୁଏ। ରୂପ ମଧ୍ୟରେ ଅରୂପ, ଆଦି ମଧ୍ୟରେ ଅନାଦି, ସୀମା ମଧ୍ୟରେ ଅସୀମ, ଶାନ୍ତି ମଧ୍ୟରେ ଅନନ୍ତ ଓ ଅନ୍ଧାରର ବୁକୁଚିରି ପାଇଥାଏ ଆଲୋକ। ତେଣୁ ତାର ପ୍ରଗଲ୍‌ଭ ଲେଖନୀରୁ ଝରିପଡ଼େ ଅସୀମ-ଅନନ୍ତ-ଅରୂପ-ଅମୂର୍ତ୍ତର ଆଧ୍ୟାତ୍ମିକ ଜିଜ୍ଞାସା। ଏହି ରହସ୍ୟ ବା ରୂଢ଼ିବାଦର ସ୍ଥିତି ଆମ ଦୈନିକ ସାହିତ୍ୟରେ ସ୍ୱୀକାର୍ଯ୍ୟ। ପ୍ରକୃତିର ଏହି ବିସ୍ମୟତା ଭିତରେ ମଣିଷ ପୂର୍ଣ୍ଣ ପ୍ରାଣରେ ନିର୍ଭରକରି ଆସିଛି। ଏହି ରହସ୍ୟବାଦ ଚାରି ପ୍ରକାର। ଯଥା- ପ୍ରେମ ଓ ସୌନ୍ଦର୍ଯ୍ୟ ସମ୍ବନ୍ଧୀୟ, ଦାର୍ଶନିକ, ପ୍ରକୃତି ସମ୍ବନ୍ଧୀୟ, ଧାର୍ମିକ ତଥା ଉପାସନା ସମ୍ବନ୍ଧୀୟ। ଉପନିଷଦ ହେଉଛି ରହସ୍ୟବାଦର ଏକ ଅସରନ୍ତି ଭଣ୍ଡାର, କାରଣ ଏଥିରେ ଦେହ ମଧ୍ୟରେ ଦେହାତୀତର ସନ୍ଧାନ ମିଳିଛି। ପାଶ୍ଚାତ୍ୟ ସାହିତ୍ୟରେ ମଧ୍ୟ ରହସ୍ୟବାଦର ପ୍ରାଚୀନତା ସ୍ୱୀକାର୍ଯ୍ୟ। ୱାର୍ଡସ୍‌ୱାଥ, ଶେଲି, କିଟସ୍ ମଧ୍ୟ ପୂର୍ଣ୍ଣଭାବରେ ନ ହେଲେ ମଧ୍ୟ ରହସ୍ୟବାଦର ପୂଜାରୀ ଅଳ୍ପେ ବହୁତ। ହିନ୍ଦୀ ସାହିତ୍ୟରେ କବୀର, ମଲ୍ଲିକ ମହମ୍ମଦ, ଯାୟସୀ, ମୀରାବାଇ ହେଉଛନ୍ତି ରହସ୍ୟବାଦର ପରମ ପୂଜାରୀ। ଓଡ଼ିଆ ସାହିତ୍ୟରେ ପଞ୍ଚସଖା ଯୁଗର ଅଚ୍ୟୁତାନନ୍ଦ, ଯଶୋବନ୍ତ ଆଦି ରହସ୍ୟବାଦର ଅଗ୍ରଣୀଗଣ ପରମ ପୁରୁଷଙ୍କର ସ୍ତୁତିଗାନ କରିଛନ୍ତି।



ପ୍ରତ୍ୟକ୍ଷରେ ଅପ୍ରତ୍ୟକ୍ଷର ଆରୋପକୁ ଛାୟାବାଦ କୁହାଯାଏ। ଏହି ଛାୟାବାଦର ବଶବର୍ତ୍ତୀ ହୋଇ କବି ପ୍ରକୃତିକୁ ଜୀବନ୍ୟାସ ଦେଇଦିଏ। ତତ୍ ସହିତ ପ୍ରକୃତିର ପୂଜାରୀ ଭାବେ ବିଶ୍ୱର ପ୍ରତ୍ୟେକ ଛତ୍ରରେ ସର୍ବବ୍ୟାପୀ ଗୋଟିଏ ପ୍ରାଣର ଛାୟା ସେ ଅନୁଭବ କରିଥାଏ। ଏହାଦ୍ୱାରା ମନୁଷ୍ୟ ପ୍ରକୃତି ସହିତ ବାହ୍ୟ ସଂପର୍କ ନ ରଖି ଏକ ଅନ୍ତର୍ନିହିତ ସଂପର୍କ ସ୍ଥାପନ କରିବାକୁ ଚେଷ୍ଟା କରିଥାଏ। ଏହାଦ୍ୱାରା ତାର ମନରେ ଏକ ଅସାଧାରଣ ଭାବ ଜାଗ୍ରତ ହୋଇଥାଏ। ଏହାକୁ ଛାୟାବାଦ କୁହାଯାଏ। ଛାୟାବାଦୀ କବି ଏଥିପାଇଁ ସାଧାରଣତଃ ତିନୋଟି ଅବସ୍ଥାର ସମ୍ମୁଖୀନ ହୋଇଥାନ୍ତି। ପ୍ରଥମେ ସୃଷ୍ଟି ପ୍ରତି ବିସ୍ମୟ ଭାବ ଓ ସନ୍ଦେହ ପ୍ରକାଶ, ଦ୍ୱିତୀୟରେ ମାନସିକ ଆକୁଳତା ଓ ଅଶାନ୍ତି ବ୍ୟକ୍ତ କରେ, ତୃତୀୟରେ ପ୍ରେମ ତଥା ସନ୍ତୋଷ ଲାଭ କରିଥାଏ। ବେଦରେ ଉଷା ଓ ସନ୍ଧ୍ୟାର ଯେଉଁ ସୂକ୍ଷ୍ମ ଓ ବ୍ୟାପକ ବର୍ଣ୍ଣନା ଦିଆଯାଇଅଛି ତାହା କିଛି ମାତ୍ରାରେ ଛାୟାବାଦର ପରିଚାୟକ।

**ଶୂନ୍ୟବାଦ**- ଜଗତର ଏକମାତ୍ର ତତ୍ତ୍ୱ ହେଉଛି ଶୂନ୍ୟତା। ତେଣୁ ଶୂନ୍ୟବାଦୀ ମାନଙ୍କର ଯୁକ୍ତି ହେଲା ଶୂନ୍ୟତା ଦ୍ୱାରା ଦୁନିଆରେ ସବୁକିଛି ସମ୍ଭବ ହୋଇପାରେ। ହିନ୍ଦୁ ଦର୍ଶନ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ନାଗାର୍ଜ୍ଜୁନ ହେଉଛନ୍ତି ଶୂନ୍ୟବାଦର ପ୍ରଧାନ ପ୍ରଚାରକ। ମହାଯାନ ମତବାଦର ମାଧ୍ୟମିକ ସଂପ୍ରଦାୟ ଶୂନ୍ୟବାଦର ପୃଷ୍ଠପୋଷକ ଅଟନ୍ତି। ଶଙ୍କରାଚାର୍ଯ୍ୟ ମଧ୍ୟ ସେଇ ଶୂନ୍ୟବାଦ ଉପରେ ମତପୋଷଣ କରିଛନ୍ତି। ନାଥ ସଂପ୍ରଦାୟ ମଧ୍ୟ ଶୂନ୍ୟକୁ ପରମତତ୍ତ୍ୱର ସ୍ୱରୂପ ଭାବରେ ସ୍ୱୀକାର କରିବା ସହ ଶୂନ୍ୟବାଦକୁ ଚାରିଭାଗରେ ବିଭାଗୀକରଣ କରିଛନ୍ତି। ଯାହା- ଶୂନ୍ୟ, ଅତିଶୂନ୍ୟ, ମହାଶୂନ୍ୟ, ସର୍ବଶୂନ୍ୟ। ବଜ୍ରଯାନ ଗୋଷ୍ଠୀ ମଧ୍ୟ ଶୂନ୍ୟକୁ ଚାରିଭାଗରେ ବିଭାଗୀକରଣ କରିଛନ୍ତି। ଯାହା- କାୟା ଶୂନ୍ୟ, ଆତ୍ମଶୂନ୍ୟ, ପରମ ଶୂନ୍ୟ ଏବଂ ସହଜ ଶୂନ୍ୟ। ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତା ଅନୁଯାୟୀ-

"ଶୂନ୍ୟ ପୁରୁଷ ଦୟାଳୁ ଅଟଇ
ଶୂନ୍ୟ ପୁରୁଷ ସର୍ବ ଘଟେ ରହି,
ଶୂନ୍ୟ ପୁରୁଷ କରେ ନଟଘଟ
ଶୂନ୍ୟ ପୁରୁଷ ଶୂନ୍ୟରେ ମାରଇ
ମାରି ଶୂନ୍ୟେ ପୁଣ୍ୟ ଗତି କରଇ।" (ବିଷ୍ଣୁ ଗର୍ଭ ପୁରାଣ)

**ଆଦର୍ଶବାଦ** - ସାହିତ୍ୟ, ଦର୍ଶନ, ରାଜନୀତି ଇତ୍ୟାଦି କ୍ଷେତ୍ରରେ ଆଦର୍ଶବାଦ ପ୍ରୟୋଗ କରାଯାଇଥାଏ। ଏହାଦ୍ୱାରା ସାଂସାରିକ ବସ୍ତୁର ମୂଲ୍ୟାୟନ କରାଯାଇଥାଏ। ଆଦର୍ଶବାଦୀଙ୍କ

ମତରେ ଭୌତିକ ଆଦର୍ଶ ଅପେକ୍ଷା ତାହାର ମୌଳିକ ସତ୍ୟ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଆଦର୍ଶବାଦୀ ସାହିତ୍ୟିକମାନେ ମଣିଷର ଆଭ୍ୟନ୍ତରୀଣ ଚିନ୍ତାଧାରାଠାରୁ ବାହ୍ୟ ବିଭବକୁ ବେଶ୍ ସମ୍ମାନ ଦେଇଥାନ୍ତି। ପ୍ରାଚୀନ ପୁରାଣକାରମାନେ ଏହି ଆଦର୍ଶବାଦର ଭୂୟସୀ ପ୍ରଚାର ଓ ପ୍ରସାର କରିଛନ୍ତି ରାମାୟଣ ଓ ମହାଭାରତ ଭଳି ପୁରାଣମାନଙ୍କ ମାଧ୍ୟମରେ। ସେହିଭଳି ପାଶ୍ଚାତ୍ୟ ଦାର୍ଶନିକ କ୍ୟାଣ୍ଟ, ଇଂରାଜୀ ସାହିତ୍ୟିକ ମିଲଟନ୍, ମାର୍କିନ ସାହିତ୍ୟିକ ଇମର୍ସନ୍, ଭାରତବର୍ଷର ମନୁ, କପିଳ, ପରାଶର ଆଦି ମହାନ୍ ଋଷିଗଣ ବିଭିନ୍ନ ସାହିତ୍ୟ ମାଧ୍ୟମରେ ଆଦର୍ଶ ସମାଜ ଓ ଜୀବନ ଗଠନ ପାଇଁ ନୀତିର ଅବତାରଣା କରିଛନ୍ତି। କାରଣ ସମାଜକୁ ସନ୍ମାଗଗାମୀ କରିବା ସାହିତ୍ୟିକର ପରମ ତଥା ଚରମ କର୍ତ୍ତବ୍ୟ।

**ଭାଗ୍ୟବାଦୀ** - ମନୁଷ୍ୟ ଜୀବନରେ ଯାହା ଘଟେ ତାହା ଭାଗ୍ୟ ବା କର୍ମଫଳ ଅନୁସାରେ ଘଟେ ବୋଲି ବିଶ୍ୱାସ କରିଥାନ୍ତି। ଏହି ବିଶ୍ୱାସର ଅନୁଗାମୀ ମାନଙ୍କୁ ଭାଗ୍ୟବାଦୀ କୁହାଯାଇଥାଏ। ମନୁଷ୍ୟ ଜୀବନ ଚକ୍ରରେ ଯେତେବେଳେ ଯାହା ଘଟେ ତାହା ଲଲାଟ ଲିଖନ ବୋଲି ଆମ୍ଭେମାନେ ଧରି ନେଇଥାଉ ଏବଂ ଏହି ବିଶ୍ୱାସ ଦ୍ୱାରା ଦୁନିଆ ପରିଚାଳିତ। ଏହାକୁ କୌଣସି ଶକ୍ତି ବନ୍ଦ କରିପାରେନା। ଏହା ହିଁ ଭାଗ୍ୟବାଦ।

**ସାହିତ୍ୟରେ ଏହି ବ୍ରହ୍ମବାଦ ନିର୍ଗୁଣ ଓ ସଗୁଣ ଭାବରେ ବ୍ୟବହୃତ। ବ୍ରହ୍ମବାଦୀମାନଙ୍କ ମତରେ ବିଶ୍ୱର ପ୍ରତି ଅଣୁ ପରମାଣୁରେ ବ୍ରହ୍ମର ସତ୍ତା ବିଦ୍ୟମାନ।**

**ବ୍ରହ୍ମବାଦ** - ଋକ୍ ବେଦରେ ସର୍ବ ପ୍ରଥମେ ବ୍ରହ୍ମ ଶବ୍ଦର ପ୍ରୟୋଗ କରାଯାଇଅଛି। ବିକାଶ ଯାହାର ଧର୍ମ, ତାହା ହିଁ ବ୍ରହ୍ମ। ସେ ସବୁଠାରୁ ମହାନ୍ ଓ ବୃହତ୍ତମ ମଧ୍ୟ। ଶଙ୍କରାଚାର୍ଯ୍ୟଙ୍କ ମତରେ ବ୍ରହ୍ମ ଅନନ୍ତ, ନିତ୍ୟ, ଶୁଦ୍ଧ, ବୁଦ୍ଧ ଓ ମୁକ୍ତ। ସମସ୍ତ ଭୂତ ବ୍ରହ୍ମରୁ ଜାତ, ବ୍ରହ୍ମ ଉପରେ ଲୟ ରଖିଥାନ୍ତି ଓ ବ୍ରହ୍ମରେ ଲୀନ ହୋଇଥାନ୍ତି। ଏହି ବ୍ରହ୍ମ ମଧ୍ୟ ସଚ୍ଚିଦାନନ୍ଦ। ସାହିତ୍ୟରେ ଏହି ବ୍ରହ୍ମବାଦ ନିର୍ଗୁଣ ଓ ସଗୁଣ ଭାବରେ ବ୍ୟବହୃତ। ବ୍ରହ୍ମବାଦୀମାନଙ୍କ ମତରେ ବିଶ୍ୱର ପ୍ରତି ଅଣୁ ପରମାଣୁରେ ବ୍ରହ୍ମର ସତ୍ତା ବିଦ୍ୟମାନ। ପବନର ଲହରୀରେ ସେମାନେ ଶୁଣି ପାରନ୍ତି ଜ୍ୟୋର୍ତିମୟ ପରମବ୍ରହ୍ମଙ୍କର ସୁମଧୁର ଆହ୍ୱାନ। ତେଣୁ ସେମାନଙ୍କ ଲେଖନୀର ଝରିଆସିଛି-

"ଭୂଲୋକ ଦ୍ୟୁଲୋକ ବ୍ରହ୍ମ
ସାଗରେ ପର୍ବତେ ବ୍ରହ୍ମ
ଜଳେ ବ୍ରହ୍ମ, ସ୍ଥଳେ ବ୍ରହ୍ମ, ବିଶ୍ୱ ବ୍ରହ୍ମ ନିକେତନ।"
"ସର୍ବ ଶକ୍ତି ମୂଳାଧାର ବ୍ରହ୍ମଜ୍ଞାନ ପାରାବାର
ଓଁ ବହ୍ମ ସର୍ବସାରାତ୍ ସାର ବହ୍ମ ବ୍ରହ୍ମାଣ୍ଡ ଜୀବନ।"
-ମଧୁସୂଦନ

ସେମାନଙ୍କ ମତରେ ମଣିଷ ବ୍ରହ୍ମ ନିକଟରେ ରକ୍ତ ମାଂସ ଦେହୀ ନୁହଁ- ସେ ବ୍ରହ୍ମର ତନୟ। ଗୀତାରେ ଭଗବାନଙ୍କ ଉକ୍ତିରୁ ଜଣାଯାଏ "ବ୍ରହ୍ମ ନିଷ୍ଠା ପାଇଁ ସିଦ୍ଧି ପ୍ରାପ୍ତି ବହୁ ଦୁଃଖ ଦାୟକ।" କାରଣ ସାକାର ବ୍ରହ୍ମ ଓ ନିରାକାର ବ୍ରହ୍ମ ଉପାସନା ଭିନ୍ନ ଦିଗରେ ଗତିଶୀଳ। ଭକ୍ତ ଯେଉଁ ନାମ ଧରି ପୂଜା କରୁନା କାହିଁକି ଅଦ୍ୱିତୀୟ ବ୍ରହ୍ମ ହିଁ ଉପାସନାର ଚରମ ଲକ୍ଷ୍ୟସ୍ଥଳ। ତେଣୁ ସର୍ବଶେଷରେ କୁହାଯାଇଥାଏ। "ଇଚ୍ଛି ପରମବ୍ରହ୍ମ ସକଳମ୍।"

**ଅଜ୍ଞେୟବାଦ** - ଏହି ଅଜ୍ଞେୟବାଦ ଅନୁଯାୟୀ ଭୌତିକ ପଦାର୍ଥ ଆତ୍ମା ପରମାତ୍ମା ଇତ୍ୟାଦି, ସୃଷ୍ଟିର ଅନ୍ତରାଳରେ ଯେଉଁ ପରମ ସତ୍ତା ବିଦ୍ୟମାନ ତାହା ଅଚିନ୍ତନୀୟ। ପାଶ୍ଚାତ୍ୟ ଦାର୍ଶନିକ କାଣ୍ଟଙ୍କ ମତ ଅନୁଯାୟୀ ଜଗତ ଅନ୍ତରାଳରେ ଏପରି ଏକ ସତ୍ତା ଅଛି, ଯାହା ମନୁଷ୍ୟ ନିକଟରେ ଅଜ୍ଞାତ ଓ ଅଜ୍ଞେୟ। ହେନେରୀ ହକ୍ସଲେ ଏହାକୁ ଆଗ୍ନୋଷ୍ଟିସିଜିମ୍ ବୋଲି ଆଖ୍ୟା ଦେଇଛନ୍ତି। ସାହିତ୍ୟକାରମାନେ ମଧ୍ୟ କହିଛନ୍ତି, ଯେ, ପରମ ତତ୍ତ୍ୱ ସମ୍ବନ୍ଧୀୟ ନିଶ୍ଚିତ ଜ୍ଞାନ ଆହରଣ କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ।

**ସୁଖବାଦ** - ସୁଖବାଦ ଅର୍ଥ, କାମକୁ ପୁରୁଷାର୍ଥ ରୂପେ ଗ୍ରହଣ କରିଥାଏ। ଏହି ସୁଖବାଦୀ ମାନଙ୍କ ମତରେ ଧର୍ମ ଓ ମୋକ୍ଷର ଅନ୍ୱେଷଣ ବ୍ୟର୍ଥ ପ୍ରଚେଷ୍ଟା। ସେମାନଙ୍କ ଚିନ୍ତାଧାରା ହେଲା, - "ଯାବତ୍ ଜୀବେତ୍ ସୁଖମ୍ ଜୀବେତ୍ ଋଣଂ କୃତ୍ୱା ଘୃତଂ ପିବେତ୍।"

"ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ।"

ଅର୍ଥାତ୍ ଏମାନଙ୍କ ମତରେ ଧର୍ମ, ଅଧର୍ମ କର୍ତ୍ତବ୍ୟ, ଅକର୍ତ୍ତବ୍ୟ, ଗୁଣ, ଦୋଷ, ଏ ସବୁ କିଛି ନାହିଁ। ସେମାନେ ନିଜର ଜୀବନକୁ ଗୁରୁତ୍ୱ ଦେଇଥାନ୍ତି। ଓଡ଼ିଆ ସାହିତ୍ୟରେ ରୀତିଯୁଗୀୟ କବି ଏହି ବାଦ ଦ୍ୱାରା ପ୍ରଭାବିତ ହୋଇଥିଲେ।

କାରଣ ସେମାନଙ୍କ ଚିନ୍ତାଧାରା ଥିଲା, ମନୁଷ୍ୟ ଜୀବନରେ ଅନୁକୂଳ ଭାବନା ସୁଖ ଓ ପ୍ରତିକୂଳ ଭାବନା ହୋଇଥାଏ ଦୁଃଖର କାରଣ। କିନ୍ତୁ ନୀତିଜ୍ଞମାନଙ୍କ ମତରେ ଧର୍ମ ଓ ଅଧର୍ମରୁ ସୁଖ ଦୁଃଖର ଉତ୍ପତ୍ତି। ସାହିତ୍ୟରେ ଶୃଙ୍ଗାର ରସ ଓ କରୁଣ ରସରେ ସୁଖ ଓ ଦୁଃଖ ବାଦ ରହିଥାଏ। ଏହି ସୁଖବାଦ ଓ ଦୁଃଖବାଦକୁ ଯଥାକ୍ରମେ ଭୋଗବାଦ ଓ ପଳାୟନବାଦ କୁହାଯାଇଥାଏ। ଭୋଗବାଦ ଉଲ୍ଲାସ, ଐଶ୍ୱର୍ଯ୍ୟ ଓ ପରାକ୍ରମର ଭିତ୍ତିଭୂମି ଉପରେ ଗଢ଼ିଉଠିଥିବା ବେଳେ, ଦୁଃଖବାଦ ବା ପଳାୟନବାଦ ନୈରାଶ୍ୟ, ପରାଜୟ ଓ ଦୀନତା ଉପରେ ଗଢ଼ିଉଠିଥାଏ।

**ସୁଖବାଦ ଓ ଦୁଃଖବାଦକୁ ଯଥାକ୍ରମେ ଭୋଗବାଦ ଓ ପଳାୟନବାଦ କୁହାଯାଇଥାଏ।**

**ଦ୍ୱନ୍ଦ୍ୱାତ୍ମକ ଭୌତିକବାଦ**- ଏହି ବାଦ ମନୁଷ୍ୟ ଦୈନନ୍ଦିନ ଅନୁଭବ ଓ ପର୍ଯ୍ୟବେକ୍ଷଣ ଉପରେ ଆଧାରିତ। ସଂସାରରେ ଯାହାର ଜୀବନ ଅଛି, ତାର ମୃତ୍ୟୁ ସୁନିଶ୍ଚିତ। କାରଣ ପରିବର୍ତ୍ତନ ହେଉଛି ଏ ସୃଷ୍ଟିର ମୌଳିକ ସତ୍ୟ ଏବଂ ଏହି ପରିବର୍ତ୍ତନର ମୂଳ ହେଉଛି ପ୍ରକୃତି ଯାହା ଏହି ନିୟମ ଦ୍ୱାରା ସଂଚାଳିତ। ଦ୍ୱନ୍ଦ୍ୱାତ୍ମକ ଭୌତିକବାଦ ଏହି ନିୟମର ସଂସ୍ଥିତି ଓ ସାର୍ବଭୌମତାକୁ ସ୍ୱୀକାର କରିଥାଏ। ଏହି ଦ୍ୱନ୍ଦ୍ୱାତ୍ମକ ବାଦ ଗ୍ରୀକ୍ ଡାଇଲେଗୋ ଶବ୍ଦରୁ ଆସିଅଛି। ପୁନଶ୍ଚ ଏହି ବାଦ ଇଂରାଜୀ ଡାଇଲେକ୍ଟିକାଲ ମେଟେରିଆଲିଜିମ୍‌ର ରୂପାନ୍ତର। କାଲମାର୍କସ୍ ହେଉଛନ୍ତି ଏହି ଶବ୍ଦର ପରିଭାଷିତ ପ୍ରୟୋଗକାରୀ। ଦାର୍ଶନିକ ପ୍ଲାଟୋ ତାଙ୍କ ଦାର୍ଶନିକ ଚିନ୍ତାଧାରାରେ ଏହି ପଦ୍ଧତିର ଅନୁସରଣ କରି ସ୍ୱୀକାର କରିଅଛନ୍ତି ଯେ ସତ୍ୟର ପ୍ରାପ୍ତି ନିମନ୍ତେ ଦ୍ୱନ୍ଦ୍ୱ ହେଉଛି ଏକ ବୌଦ୍ଧିକ ସାଧନା। କାଲମାର୍କସ ଥିଲେ ବୈପ୍ଳବିକ ପରିବର୍ତ୍ତନର ପ୍ରୟାସୀ। ତେଣୁ ତାଙ୍କ ମତରେ ପ୍ରଥମେ ସୃଷ୍ଟି ଓ ସମାଜର ବିଶ୍ଳେଷଣାତ୍ମକ ଅଧ୍ୟୟନ ଓ ପରେ ଅଧ୍ୟୟନର ଅବଲମ୍ବନରେ ସାମାଜିକ ପରିବର୍ତ୍ତନ କରାଯିବା ଦରକାର।

**ଶେଷକଥା :** ସାହିତ୍ୟର ଏହି ବିଭିନ୍ନ ବାଦ ଉପରେ ଏତିକି କୁହାଯାଇପାରେ ଯେ ସାଧାରଣତଃ ଦାର୍ଶନିକ ଓ ବୈଜ୍ଞାନିକମାନେ ଶ୍ରେୟ ରୂପେ ସତ୍ୟର ତତ୍ତ୍ୱକୁ ଗ୍ରହଣ କରୁଥିବା ବେଳେ କବିଟିଏ ସତ୍ୟର ଅନ୍ତର୍ଦେଶରେ ଯେତେ ସୌନ୍ଦର୍ଯ୍ୟ ଅଛି ତାହା ସ୍ୱକୀୟ କଳ୍ପନା ଓ ଅନୁଭୂତିରେ ସମ୍ବେଦନଶୀଳତା ଜରିଆରେ ଗ୍ରହଣ କରିଥାଏ, ସତ୍ୟକୁ ପୂର୍ଣ୍ଣ ଓ ମନୋହାରୀ ରୂପ ଦେବାକୁ ଚେଷ୍ଟା କରେ।

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
bimalasingh33@gmail.com

Greetings from:

DAWS
Design Advertisement Web Solution
Print Media Consultation

Design & Advertisement

**We Deal in :** Vinyl, Flex, Inkjet, Oneway, Translite & Offset Printing

**Contact us :**
C 2/140, Vibhuti Khand, Gomti Nagar, Lucknow - 226 010 (India)
Mobile : 9919001828, E-mail : vikas.daws@gmail.com, Website : www.dawsindia.com

କ୍ଷୁଦ୍ରଗଳ୍ପ


# ବର୍ଷା



**ହରେକୃଷ୍ଣ ସାହୁ**

ଦଶ ଏଗାର ବର୍ଷ ହେଲା ଆଉ ବର୍ଷା ହେଉନାହିଁ। ମେଘ ବର୍ଷୁନାହିଁ। ସବୁଆଡ଼େ ଏଇଭଳି ଅବସ୍ଥା। ପ୍ରାୟ ଛଅସାତ ବର୍ଷ ତଳେ ଆସାମର କେଉଁଠି ଗୋଟେ ଯାଗାରେ ଥରେ ବର୍ଷା ହୋଇଥିଲା। ତ'ପରେ ଆଉ ଆକାଶରେ ମେଘ ଦେଖାଯାଇ ନାହିଁ। ଏପଟେ ରାଜସ୍ଥାନ, ହରିଆଣା, ଗୁଜୁରାଟ ଅଞ୍ଚଳର ଲୋକେ ଆମଠୁ ଚାରିପାଞ୍ଚ ବର୍ଷ ଆଗରୁ ମେଘ ଦେଖିନାହାଁନ୍ତି।

ଫଳରେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟ ସବୁ ଅଞ୍ଚଳରୁ ସବୁଜିମା ହଜି ଗଲାଣି। ଗଛ ଅଛି, ପତ୍ର ହେଉଛି। କିନ୍ତୁ ଆକାର ଛୋଟ ଛୋଟ ହୋଇ ଯାଉଛି। ପତ୍ରଟି ମୁକୁଳିତ ହେବା ସାଙ୍ଗେ ସାଙ୍ଗେ ବାର୍ଦ୍ଧକ୍ୟରେ ଉପନୀତ ହୋଇ ଯାଉଛି। ତା'ର ସବୁଜ କୋମଳ ଅଙ୍ଗରେ ଧୂସର ରଙ୍ଗ ବୋଳି ହୋଇ ଅକାଳ ବାର୍ଦ୍ଧକ୍ୟ ହାଜର ହୋଇ ଯାଉଛି।



ଜିତୁ ଜନ୍ମ ହେବା ପରଠାରୁ ବର୍ଷା ଦେଖି ନ ଥିଲା। କାରଣ ତା' ଜନ୍ମର ବର୍ଷେ ଆଗରୁ ବର୍ଷା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା। ଏଇଭଳି ସମୟରେ ଜିତୁ ତା'ର ବାପାଙ୍କୁ କହିଲା - ବାପା, ମୋର ବର୍ଷା ଦେଖିବାପାଇଁ ବହୁତ ଇଚ୍ଛା ହେଉଛି। ମୋତେ ଥରେ କେଉଁଠିକୁ ବର୍ଷା ଦେଖାଇବା ପାଇଁ ନେଇଯାଆନ୍ତୁ।

ବାପା କହିଲେ - ତୁ କ'ଣ ଆଜିଯାଏ ବର୍ଷା ଦେଖିନାହୁଁ? ସିନେମା, ଟିଭି ଧାରାବାହିକମାନଙ୍କରେ ତ ବର୍ଷାର ଦୃଶ୍ୟ ଦେଖିବାକୁ ମିଳୁଛି। ତୁ ସେଇଠି ଦେଖୁନାହୁଁ?

-- ମୁଁ ସେଭଳି ଦୃଶ୍ୟ ସବୁବେଳେ ଦେଖେ। ମୋତେ ଭାରି ଭଲ ଲାଗେ। କିନ୍ତୁ ଗୋଟେ ସତସତିକା ବର୍ଷା ଦେଖିବାକୁ ଚାହୁଁଛି।

ଦିନେ ବାପା ଜିତୁକୁ ସାଙ୍ଗରେ ନେଇ ଗୋଟିଏ ସିନେମା ସୁଟିଂ ସ୍ଥାନରେ ପହଞ୍ଚିଲେ। ଖବର ନେଇଥିଲେ ସେଦିନ ବର୍ଷା ଦୃଶ୍ୟ ସୁଟିଂ ହେବାର ଅଛି। ସେମାନେ ପହଞ୍ଚିଲା ବେଳକୁ ବର୍ଷା ଆରମ୍ଭ ହୋଇ ଯାଇଥାଏ। ଗୋଟେ ବଡ଼ ଟ୍ୟାଙ୍କରରେ ପାଣିଥାଏ। ତିନିଟା ଡିଜେଲ ଚାଳିତ ଇଞ୍ଜିନ ଟ୍ୟାଙ୍କରରୁ ପାଣି ଟାଣୁଥାଏ। ଆଉ ସେ ପାଣି ତିନିଟା ମୋଟା ମୋଟା ପାଇପରେ ଉପରକୁ ଫିଙ୍ଗା ଯାଉଥାଏ। ପାଣି ଝର ଝର ହୋଇ ବର୍ଷା ଭଳି ତଳେ ପଡୁଥାଏ। ଗଛ,ପତ୍ର,ଫୁଲ ଓ ଘାସ ଉପରେ ପାଣି ଝରି ପଡୁଥିବାରୁ ସେଗୁଡ଼ା ଧୋଇହୋଇ ଯାଉଥାଏ। ଅନେକ ଦିନଧରି ଜମି ରହିଥିବା ଧୂଳି ଧୋଇଯାଇ ସବୁଜ ରଙ୍ଗରେ ଝଲମଲ କରୁଥାଏ। ଚତୁର୍ଦ୍ଦିଗ ଦିଶୁଥାଏ ଜୀବନ୍ତ। ଯୌବନରେ ପରିପୂର୍ଣ୍ଣ। ଜିତୁକୁ ଭାରି ଭଲ ଲାଗୁଥାଏ। ବର୍ଷାରେ ଭିଜିବାପାଇଁ ଇଚ୍ଛା ହେବାରୁ ଜିତୁ ନିଜର ହାତ ଦୁଇଟା ମେଲାଇ ଝର ଝର ହୋଇ ଝରୁଥିବା ପାଣି ତଳକୁ ଚାଲିଗଲା। ଆଃ...ଏମିତି ଖୋଲା ଆକାଶ ତଳେ ଭିଜିବାରେ କି ଆନନ୍ଦ।

କେହି ଦେଖିବା ଆଗରୁ ବାପା ଜିତୁକୁ ଟାଣି ଆଣିଲେ। କହିଲେ - ଏଭଳି ଅନଧିକାର ଚର୍ଚ୍ଚା ପାଇଁ ହୁଏତ ସେମାନେ ତୋ ଉପରେ ବିରକ୍ତ ହୋଇପାରନ୍ତି। ଏପଟକୁ ଚାଲି ଆ'। ବର୍ଷା ତ ଦେଖିଲୁ। ଭିଜିବାର ଆନନ୍ଦ ନେଲୁ। କେମିତି ଲାଗିଲା?

-- ବହୁତ ମଜା ଲାଗିଲା। ବାପା, ଏମିତି ବର୍ଷା ତ ଆମେ ଆମଘର ଉପରେ କରି ପାରିବା।

-- ହଁ କିଛି ପଇସା ଖର୍ଚ୍ଚ କଲେ ହୋଇ ପାରିବ।

-- କିନ୍ତୁ ଏ ବର୍ଷାରେ ମୋ ସାଙ୍ଗମାନେ ଭିଜି ପାରିବେ ନାହିଁ। ମୁଁ ବୁଢ଼ୀମା'ଠୁ ଶୁଣିଛି ଆଗରୁ ଯେତେବେଳେ ଆକାଶରୁ ବର୍ଷା ହେଉଥିଲା , ଆମ ଗାଁ ସାରା ଚାରିଆଡ଼େ ହେଉଥିଲା। ଆପଣ ଆପଣଙ୍କ ସାଙ୍ଗମାନଙ୍କ ସହିତ ଏ ରାସ୍ତା ଉପରେ ବର୍ଷାରେ ଭିଜିଭିଜି ଖେଳୁଥିଲେ। ବାପା, ମୁଁ ସେଇଭଳି ଗୋଟେ ବର୍ଷା ଦେଖିବାକୁ ଚାହୁଁଛି। ସେଇଥିରେ ଭିଜିବାକୁ ଇଚ୍ଛା କରୁଛି।

ସେତେବେଳକୁ ଜୁନ୍ ମାସ ହୋଇ ଯାଇଥାଏ। ବର୍ଷାଋତୁ ହେବା କଥା। କିନ୍ତୁ ବର୍ଷା ଋତୁର ନାଁ ଅନେକ ବର୍ଷ ଆଗରୁ ଲିଭି ଯାଇଥାଏ। ସ୍ମୃତି ହୋଇ ଯାଇଥାଏ। ଜିତୁକୁ କୌଣସି ଅଞ୍ଚଳକୁ ନେଇ ବର୍ଷାଟିଏ ଯେ ଦେଖାଇ ହେବ ସେଭଳି ଆଶା ମଉଳି ସାରିଥାଏ। କିନ୍ତୁ ଆସାମର କେତେକ ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଲୋକଙ୍କ ମନରେ ଆଶାଟିମାନ ଖେଳି ବୁଲୁଥାନ୍ତି। କିଛିଲୋକ କହୁଥାନ୍ତି, ସେମାନେ ଆକାଶରେ ଖଣ୍ଡେ ମେଘ ଭାସୁଥିବାର ଦେଖିଥିଲେ। ଖୁବ ଛୋଟ ଖଣ୍ଡେ। କେମିତି ସେଇଟା ସୃଷ୍ଟି ହୋଇ ଯାଇଥିଲା କେଜାଣି। ଲୋକମାନେ ତା' ପଛେ ପଛେ ଅନେକ ଦୂର ପର୍ଯ୍ୟନ୍ତ ଯାଇଥିଲେ। କିନ୍ତୁ ଚନ୍ଦ୍ରା ଭାରତୀ ପର୍ବତ ସନ୍ଧିରେ ସେ ମେଘ ଖଣ୍ଡକ କୁଆଡ଼େ ମିଳେଇ ଗଲା, ତା'ର ପାଖ ପହଞ୍ଚି ହେଲାନାହିଁ। ତା'ପରଦିନ କିଛି ଯୁବକ ମେଘ ଖଣ୍ଡକ ଗତି କରିଥିବା ଦିଗରେ ଅନୁସନ୍ଧାନ କରିବାପାଇଁ ଯାଇଥିଲେ। ଅନେକ ଦୂର ଗଲାପରେ ମେଘ ଖଣ୍ଡକ ଝରି ପଡ଼ିବାର ସ୍ଥାନଟିକୁ ପାଇଲେ। ସେ ଅଞ୍ଚଳର ଗଛପତ୍ର ସବୁ ଧୋଇହୋଇ ଯାଇଥିଲା। କାଦୁଅ ପଚପଚ ହେବା ସହିତ ଖାଲ ଯାଗାରେ କିଛି ପାଣି ଜମି ଯାଇଥିଲା।

ଜିତୁ ଆସାମ ଯିବାପାଇଁ ଜିଦକଲା। କହିଲା - ବାପା, ମୋତେ ଆସାମ ନେଇ ଚାଲନ୍ତୁ। ସେଇଠି ନିଶ୍ଚୟ ବର୍ଷା ଦେଖିବାକୁ ମିଳିବ।

ବାପା କହିଲେ - ବର୍ଷା ଦେଖିବାପାଇଁ ହେଲେ ଆମକୁ ସେଠି ରହିବାକୁ ପଡ଼ିବ। ବର୍ଷା ହେବାର ବି କିଛି ଠିକ ଠିକଣା ନାହିଁ। ଏତେ ବର୍ଷଧରି ବର୍ଷା ହୋଇ ନଥିଲା। ଗତବର୍ଷ ଅଚାନକ କେମିତି ଖଣ୍ଡେ ମେଘ କେଉଁଠୁ ଚାଲି ଆସିଲା । ଏବର୍ଷ ଯେ ସେମିତି ଖଣ୍ଡେ ନିଶ୍ଚୟ ଆସିବ ସେକଥା କ'ଣ କହିହେବ ? ଆଦୌ ନଆସି ପାରେ। ଏଭଳି ଗୋଟେ ଅନିଶ୍ଚିତ କଥାକୁ ଖୋଜିବା ପାଇଁ ଯିବା କ'ଣ ଉଚିତ ହେବ !

ଜିତୁ କହିଲା - ବାପା, ବର୍ଷା ନଦେଖି ପାରିଲେ ବି ଆମେ ସେଠିକା ବର୍ଷାର ଅନୁଭବ ପାଇଥିବା ଲୋକଙ୍କ ପାଖରୁ ପ୍ରାକୃତିକ ବର୍ଷା ବିଷୟରେ କିଛି କଥା ଶୁଣି ପାରିବା।

ଜିତୁ ସେହିବର୍ଷ ଷଷ୍ଠ ଶ୍ରେଣୀରେ ପଢୁଥାଏ। ଛଅବର୍ଷର ପାଠପଢ଼ା ଭିତରେ ବର୍ଷାର ସୌନ୍ଦର୍ଯ୍ୟକୁ ନେଇ ସେ ଅନେକ କଥା ପଢ଼ିଥାଏ। କବିତାରେ ବର୍ଷା, ପ୍ରବନ୍ଧରେ ବର୍ଷା ଓ ଭୂଗୋଳରେ ବର୍ଷା ବିଷୟରେ ପଢ଼ିଥାଏ। ପୁଅଟାର ଏତେବଡ଼ ଆଗ୍ରହକୁ ବାପା ଆଦୌ ଏଡ଼ାଇ ପାରୁ ନଥାନ୍ତି। ଏଇଟି ଗୋଟେ ସାଧାରଣ ଜିଜ୍ଞାସା ନଥିଲା। ପୁଅଟି ଯଦି ଗୋଟେ ବିଷୟକୁ ନେଇ ଏତେ ଆଗ୍ରହୀ ହୋଇ ଯାଇଛି ତାକୁ ସମର୍ଥନ କରିବା ଉଚିତ। ସେ ବର୍ଷାକୁ ଦେଖୁ। ସେଥିରେ ମଜ୍ଜି ଯାଉ। ହୁଏତ ସେଥିରୁ ସେ କିଛି ବିଶେଷ କଥା ପାଇଯାଇ ପାରିବ। ପ୍ରତ୍ୟେକ ଜିନିଷର ସର୍ବୋଚ୍ଚ ସ୍ଥାନରେ ନିଶ୍ଚୟ କିଛି ନା କିଛି ଜ୍ଞାନ ଅଛି।

**ଏତେ ବର୍ଷଧରି ବର୍ଷା ହୋଇ ନଥିଲା। ଗତବର୍ଷ ଅଚାନକ କେମିତି ଖଣ୍ଡେ ମେଘ କେଉଁଠୁ ଚାଲି ଆସିଲା । ଏବର୍ଷ ଯେ ସେମିତି ଖଣ୍ଡେ ନିଶ୍ଚୟ ଆସିବ ସେକଥା କ'ଣ କହିହେବ ?**

ଜିତୁ ବାପାଙ୍କ ସାଙ୍ଗରେ ଆସାମ ଅଭିମୁଖେ ଯାତ୍ରା ଆରମ୍ଭ କଲା। ସେଠାରେ ପହଞ୍ଚି ସେମାନେ ଖବର ପାଇଲେ ଯେ ସ୍ଥାନୀୟ ପାଣିପାଗ ବିଭାଗ ଗତବର୍ଷ ଠାରୁ ଏ ବିଷୟରେ ସଚେତନ ହୋଇ ଯାଇଛନ୍ତି। ସ୍ୟାଟେଲାଇଟ୍ ଜରିଆରେ ବିଭିନ୍ନ ପର୍ବତମାନଙ୍କ ଉପରେ ନଜର ରଖିଛନ୍ତି। ସେମାନେ କହିଛନ୍ତି, ପର୍ବତମାନଙ୍କ ଜଳବାୟୁର ଅବସ୍ଥା ଅନୁଯାୟୀ ଆସନ୍ତା ଚାରିଦିନ ପର୍ଯ୍ୟନ୍ତ ସେହି ଅଞ୍ଚଳ ଶୁଷ୍କ ରହିବ। ବର୍ଷା ହେବାର ଆଦୌ ସମ୍ଭାବନା ନାହିଁ।

ଜିତୁ ଓ ତା'ର ବାପା ପୂର୍ବାନୁମାନ କରାଯାଇଥିବା ଚାରିଦିନକୁ ବିତାଇବା ପାଇଁ ଚିନ୍ତା କରି ସେଠାରେ ରହିଲେ। ଆଶା ଥିଲା ହୁଏତ ପାଣିପାଗ ବିଭାଗର ପୂର୍ବାନୁମାନରେ କିଛି ପରିବର୍ତ୍ତନ ଆସିପାରେ। ବର୍ଷା ହେବାର ସୂଚନା ମିଳିପାରେ। ଚାରିଦିନ ବିତିଲା ପରେ ପୁଣି ଚାରିଦିନ ବିତିଗଲା। ପାଣିପାଗରେ କିଛି ପରିବର୍ତ୍ତନ ଆଶା କରାଯାଇ ପାରିଲା ନାହିଁ। ଅବଶେଷରେ

ନିରାଶ ହୋଇ ଜିତୁ ଓ ତା'ର ବାପା ଆସାମରୁ ଫେରି ଆସିଲେ। ତା'ପରେ ଅନେକ ଦିନ ବିତି ଯାଇଥିଲେ ବି ସେଠାରେ ବର୍ଷା ହେବାର କିଛି ଖବର ଆଜିପର୍ଯ୍ୟନ୍ତ ବି ସେମାନଙ୍କୁ ମିଳିନାହିଁ।

ବର୍ଷାକୁ ବ୍ୟାକୁଳ ହୋଇ ଖୋଜୁଥିଲା ଜିତୁ। ବେଳେବେଳେ ବର୍ଷା ବିଷୟରେ ଗଭୀର ଭାବରେ ଚିନ୍ତା କରୁ କରୁ ସେ ଉଦାସ ହୋଇ ଯାଉଥିଲା। କୃତ୍ରିମ ବର୍ଷା ଯଦି ଏତେ ସୁନ୍ଦର ପ୍ରାକୃତିକ ବର୍ଷା କେତେ ସୁନ୍ଦର ହୋଇ ନଥିବ ! ଦିନେ ସବୁଆଡ଼େ ବର୍ଷା ହେଉଥିଲା। ଗାଁ ଗଣ୍ଡା,ଘରଦ୍ୱାର, ବଣ ଜଙ୍ଗଲ ସବୁରି ଉପରେ ବର୍ଷା ହେଉଥିଲା। କେତେ ସୁନ୍ଦର ନଥିବ ସେଦିନର ପ୍ରକୃତି। କେତେ ସୁଖି ନଥିବେ ସେ ସମୟର ମଣିଷମାନେ। ଦୀର୍ଘ ଏଗାରବର୍ଷ ହେଲା ବର୍ଷା ହେଉନାହିଁ। ଆଉ ହେବନାହିଁ। ଚିରଦିନ ପାଇଁ ନିରସ ରହିବ ପୃଥିବୀ।



ଜିତୁ ବର୍ଷା ବିଷୟରେ ଚିନ୍ତା କରୁଥିଲା। କୃତ୍ରିମ ବର୍ଷାର ସୌନ୍ଦର୍ଯ୍ୟ, ବର୍ଷାର ଅନୁସନ୍ଧାନରେ ଆସାମ ଗସ୍ତ ଓ ବର୍ଷା ଅଭାବରେ ଅନୁଭବ କରୁଥିବା ଦୁଃଖ ବିଷୟରେ ଲେଖି ରଖୁଥିଲା। ବାପାଙ୍କୁ ଭଲ ଲାଗୁଥିଲା ଜିତୁର ଅଭିବ୍ୟକ୍ତି। ବର୍ଷାପାଇଁ ବ୍ୟାକୁଳତା ଓ ବର୍ଷା ଅଭାବଜନିତ ଉଦ୍‌ବେଗ। ସ୍କୁଲର ଶିକ୍ଷକମାନେ ମଧ୍ୟ ଜିତୁକୁ ପ୍ରଶଂସା କରୁଥାନ୍ତି। ନିଜର କ୍ଲାସ ଓ ସାରା ସ୍କୁଲରେ ଜିତୁ ପରିଚିତ ହୋଇ ଯାଇଥାଏ , ବର୍ଷାକୁ ଭଲ ପାଉଥିବା ଜଣେ ପିଲା ହିସାବରେ। ବିଦ୍ୟାଳୟର ପରିବେଶ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଶଂସିତ ହେଉଥାଏ ଜିତୁ।

ଜିତୁର ଶ୍ରେଣୀରେ ପଢୁଥିଲା ଝିଅଟିଏ। ତା' ନାଁ ବି ଥିଲା ବର୍ଷା। ବର୍ଷା ବସୁଥିଲା ଠିକ ଜିତୁର ଆଗରେ। ଖେଳଛୁଟିରେ ନିଜ ନିଜର ଡେସ୍କ ଉପରେ ଟିଫିନ ଖାଇଲା ବେଳେ ସେମାନେ କଥାବାର୍ତ୍ତା ହେଉଥିଲେ। ମିଠା ଓ ଆଚାର ଭଳି ସ୍ୱାଦିଷ୍ଟ ଖାଦ୍ୟକୁ ବାଣ୍ଟିକୁଣ୍ଟି ଖାଉଥିଲେ। ଗପସପ ହେଉଥିଲେ। ଦିନେ ବର୍ଷା ବିରକ୍ତ ହୋଇ କହିଲା - ଜିତୁ, ତୁମେ ଯେତେବେଳେ ଡିବେଟରେ 'ବର୍ଷା ମୋତେ ଭଲ ଲାଗେ, ବର୍ଷାକୁ ମୁଁ ଭଲପାଏ' ବୋଲି କହୁଛ ବା ଅନେକ ଥର ବର୍ଷା ଶବ୍ଦ ଉଚ୍ଚାରଣ କରୁଛ, ମୋତେ ଆଦୌ ଭଲ ଲାଗୁନାହିଁ। ତୁମେ ବର୍ଷା ଶବ୍ଦଟି ଉଚ୍ଚାରଣ କରିବା ମାତ୍ରେ ମୁଁ ଚମକି ପଡୁଛି। ଆଉ ତୁମେ ଯେତେବେଳେ କହୁଛ'ବର୍ଷା ମୋତେ ବହୁତ ଭଲ ଲାଗେ, ବର୍ଷାକୁ ମୁଁ ବହୁତ ଭଲପାଏ' ମୁଁ ଲଜ୍ଜା ଅନୁଭବ କରେ। ତୁମେ ଯେତେଥର ଏ କଥା କହିଛ ସେତେଥର ଜୁଲି ମୋର ହାତକୁ ଚିମୁଟି ଦେଇଛି। ତା'ର ଏଇ ଚିମୁଟିବାର ଅର୍ଥ, ତୁମେ ମୋତେ ଭଲ ପାଉଛ ବୋଲି କହୁଛି। ଏ କଥାକୁ ତୁମେ କିଛି ଉପାୟରେ ବଦଳାଇ ଦେଇ ପାରନ୍ତ ନାହିଁ ? ରବି ଓ ଉଦୟ ମଧ୍ୟ କେଇଥର ତୁମ ନାଁ କହି ମୋତେ ପରିହାସ କରିଛନ୍ତି।

ଜିତୁ ବର୍ଷାର ଠିକ ପଛରେ ବସୁଥିଲା। ବର୍ଷାକୁ ଅନେକ ସମୟ ଧରି ଅନ୍ୟମନସ୍କ ଭାବରେ ଦେଖୁଥିଲା। କିନ୍ତୁ ଏପରି ଭାବନାଟିଏ ତା' ମନକୁ କେବେ ଆସି ନଥିଲା। ବର୍ଷା ତା'ର ଦୁଇଟା ବେଣୀରୁ ବାମ ପାଖଟିକୁ ଆଗକୁ ପକାଇଲା ବେଳେ ଡାହାଣ ପଟ ବେଣୀକୁ ପଛପାଖକୁ ପକାଇଥାଏ। ତାକୁ ବ୍ୟବସ୍ଥିତ କରିବାପାଇଁ ଛାଟି ଦେଲାବେଳେ ସେଇଟି ଜିତୁ ସମ୍ମୁଖସ୍ଥ ଡେସ୍କ ଉପରେ ବେଳେବେଳେ ପଡ଼ିଯାଏ। ବେଳେବେଳେ ଜିତୁର ମୁହଁରେ ବି ବାଜିଯାଏ। ଜିତୁ ଅନ୍ୟମନସ୍କ ଭାବରେ ବର୍ଷାର ବେଣୀକୁ ହାତରେ ଧରି କେତେ ଖେଳିଛି। ତାକୁ ଖୋଲିଛି। ପୁଣି ସେହି ଛନ୍ଦରେ ପକାଇ ପୂର୍ବ ଅବସ୍ଥାକୁ ଫେରାଇ ଆଣିଛି। ଭୁଲ ବଶତଃ ମୁହଁରେ ବୋଳିଛି। ନାକରେ ଶୁଙ୍ଘିଛି। କିଛି ଗୋଟାଏ ଭାବନାରେ ବୁଡ଼ି ରହିଲେ ଏମିତି ଅନେକ ପ୍ରକାରର ଭୁଲ ହୁଏ। ଖାତାରେ ଗାରେଇବା, ବୁଲୁଥିବା ପଙ୍ଖାକୁ ଚାହିଁବା, ଭୂଇଁରେ ଗାର ପକାଇବା ଓ କାଗଜ ଚିରି ଟୁକୁଡ଼ା ଟୁକୁଡ଼ା କରିବା ଭଳି ସାଧାରଣ କଥାଗୁଡ଼ିକ ଅଜାଣତରେ ହୋଇଯାଏ।

ଜିତୁ ମନେ ମନେ ଭାବିଲା, ବର୍ଷା ନାଁଟା ତ ଭଲ ଲାଗୁଛି। ହେଲେ ସେ ବର୍ଷା ସହିତ ଏ ବର୍ଷାର ସେଭଳି କିଛି ସାମ୍ୟ ଅଛି କି ? କିନ୍ତୁ ବର୍ଷା ଶବ୍ଦଟି ଉଚ୍ଚାରଣ କରିବା ମାତ୍ରେ ଜିତୁକୁ ଭଲ ଲାଗୁଥିଲା। ମନେ ପଡ଼ି ଯାଉଥିଲା ରୁଣୁଝୁଣୁ ବର୍ଷାର ରୂପ ସହିତ ଶ୍ରେଣୀରେ ପଢୁଥିବା ବର୍ଷାର ହସ ହସ ମୁହଁଟା। ହସ ବି ଗୋଟେ ବର୍ଷା। ସେମିତି କିଛି ରୁଣୁଝୁଣୁ ଶବ୍ଦ କରି ଝରି

ଯାଉଥିଲା ବର୍ଷାର ମୁହଁରୁ।

ସେଦିନ ମୁଣ୍ଡର କେଶ ଧୋଇଥିଲା ବର୍ଷା। କିଛି ଶୁଖିଥିଲା,କିଛି ଶୁଖି ନଥିଲା। କେଶ ମୁକୁଳା କରି ବର୍ଷା ଆସିଥିଲା ସ୍କୁଲକୁ। ବର୍ଷା ଅପେକ୍ଷା ବେଶି ଦୃଷ୍ଟିଗୋଚର ହେଉଥିଲା ତା'ର ମୁକୁଳା କେଶ। ଝୁଲୁଥିଲା, ହଲୁଥିଲା, ପଙ୍ଖା ପବନରେ ଉଡୁଥିଲା ଠିକ ଗୋଟେ ପ୍ରାକୃତିକ ବର୍ଷା ପରି। କାହାର କିଛି ନିୟନ୍ତ୍ରଣ ନଥିଲା ତା' ଉପରେ। ଜିତୁର ଠିକ ଆଗରେ ବସିଥିଲା ବର୍ଷା। ତା'ର କଳା କେଶର ଆଢୁଆଳରେ ଲୁଚି ଯାଇଥିଲା ବର୍ଷାର ଦେହଟା। କେବଳ ଦିଶୁଥିଲା କଳା ରଙ୍ଗର ମେଞ୍ଚାଏ କେଶ। ଖଣ୍ଡେ ବର୍ଷା ଆସନ୍ନ ମେଘ ଭଳି। ସତେ ଯେମିତି ସରୁ ସରୁ କେଶମାନେ ମୁଣ୍ଡରୁ ଝରିଆସି ତଳକୁ ବୋହି ଯାଉଥିଲେ। ଯେମିତି ବର୍ଷାର କୁନି କୁନି ବୁନ୍ଦାମାନ ଆକାଶରୁ ଖସିଲା ବେଳେ ସରୁ ସରୁ ଗାରର ଭ୍ରମ ସୃଷ୍ଟି କରିଥାଏ। ଠିକ ସେମିତି ଦେଖା ଯାଉଥିଲେ, କଳା ସୁତାର ଗୁଚ୍ଛ ଭଳି। ଜିତୁ ଏକାଗ୍ର ଚିତ୍ତରେ, ନିଶ୍ଚଳ ଦୃଷ୍ଟିରେ ଚାହିଁ ରହିଥିଲା ସେଠାକୁ। ବର୍ଷା ଧାରାରୁ ସୃଷ୍ଟି ହେଉଥିବା ଗାରଭଳି ଗହଳ କେଶର କଳା ରଙ୍ଗ ବ୍ୟତିତ ତାକୁ ଆଉକିଛି ଦେଖାଯାଉ ନଥିଲା। କେବଳ କଳା। କ୍ରମେ ଚତୁର୍ଦ୍ଦିଗ ବ୍ୟାପି ଯାଇଥିଲା ସେ ରଙ୍ଗ। ଚତୁର୍ଦ୍ଦିଗରେ ବର୍ଷା ହିଁ ବର୍ଷା। ବର୍ଷାରୁ ଆଞ୍ଜୁଳାଏ ଆଣି ଜିତୁ ନିଜ ମୁହଁରେ ବୋଳି ପକାଇଲା। ବର୍ଷା ପଛକୁ ବୁଲିପଡ଼ି କହିଲା - ଜିତୁ, ବର୍ଷା ନାମରେ ଏବେ ଗୋଟେ ବହି ବାହାରିଛି। ସେଇଟି ମୋ ନାଁ ହୋଇ ଥିବାରୁ ବାପା ବହିଟି କିଣିଆଣି ମୋତେ ଦେଇଛନ୍ତି। ବହୁତ ମୋଟା ବହି। ମୁଁ ସେଇଟି ପଢ଼ିନାହିଁ। ତୁମପାଇଁ ନେଇ ଆସିଛି। ଖେଳଛୁଟି ବେଳେ ତୁମକୁ ଦେବି।



ବହିଟି ପଢ଼ିଲା ପରେ ଜିତୁ ବର୍ଷା ବିଷୟରେ ଅନେକ କଥା ଜାଣିଲା। ବର୍ଷାକୁ ଆହୁରି ଭଲ ପାଇଲା। ଜାଣିଲା 'ବରଷା କାଳ ଅଟେ ମଙ୍ଗଳକାରୀ, ପାଳଇ ପରଜାଙ୍କୁ ବରଷି ବାରି।' ପ୍ରଥମ ବର୍ଷାର ଗନ୍ଧ ଥିଲା ମଧୁର। ଧୂସର ଜୀବନକୁ ଭରି ଦେଉଥିଲା ସବୁଜିମାରେ। ଝିପଝିପ ବର୍ଷା ରିମଝିମ ସଂଗୀତ ସୃଷ୍ଟି କରୁଥିଲା। କେବେ ତୁଷାର ଭଳି ଝରୁଥିଲା ତ କେବେ ବରକୋଳିଆ ଟୋପାରେ ଭିଜାଇ ଦେଉଥିଲା ଦୁନିଆକୁ। ଝଡ଼ି ବର୍ଷାରେ ବିତି ଯାଉଥିଲା ସପ୍ତାହ ଓ ପକ୍ଷ। ନଈ ବଢୁଥିଲା। ଜଳମଗ୍ନ ହୋଇ ଯାଉଥିଲା ଦୁନିଆଁ। ଭରି ଯାଉଥିଲା ପ୍ରକୃତିରେ ଯୌବନ। ନୂଆ ଡାଳପତ୍ର ମେଲି ବୃକ୍ଷମାନେ ଅଜାଡ଼ି ହୋଇ ପଡୁଥିଲେ ପୃଥିବୀ ଉପରେ। ବର୍ଷାରତୁ ଗୋଟେ ସଂଗୀତମୟ ଜୀବନର ଆରମ୍ଭ ଓ ଯୌବନର ପୂନରାବର୍ତ୍ତନ ସମୟ।

ପୁସ୍ତକର ଅଧ୍ୟାୟ ଓ ଅଧ୍ୟାୟ ପରେ ବର୍ଷାର ରୂପ ଅଧିକରୁ ଅଧିକ ଆକର୍ଷଣୀୟ ହୋଇ ଉଠୁଥିଲା ଜିତୁପାଇଁ।

ପୁସ୍ତକଟିର ଶେଷ ଅଧ୍ୟାୟରୁ ଜାଣିଲା, ଏବେବି ଏ ଦୁନିଆରେ ବର୍ଷା ହେଉଛି। ପାଣିପାଗ ବିଜ୍ଞାନୀମାନେ ବର୍ଷାକୁ ଖୋଜି ପାଇଛନ୍ତି। ମୌସୁମୀ ବାୟୁର ଗତିପଥ ବଦଳି ଯାଇଛି। ଭାରତର ଭୂଖଣ୍ଡରୁ ଏହା ଦୂରେଇ ଯାଇଛି ଅନେକ ଦୂରକୁ। ଉପକୂଳରୁ ପ୍ରାୟ ଦୁଇଶହ ମାଇଲ୍ ସମୁଦ୍ର ଭିତରକୁ। ମୌସୁମୀ ବାୟୁ ସମୁଦ୍ରରୁ ଜଳୀୟବାଷ୍ପ ନେଇ ମେଘ ତିଆରି କରୁଛି। ସେଇ ସମୁଦ୍ର ଉପରେ ଉପରେ ତାକୁ ଭସାଇ ନେଇ ସମୁଦ୍ର ଭିତରର କେଉଁ ଏକ ଅଜଣା ଇଲାକାରେ ଅଜାଡ଼ି ଦେଉଛି ପାଣି। ସମୁଦ୍ରର ସେହି ଅଞ୍ଚଳ ହୋଇ ଯାଇଛି ଏବେ ପର୍ଯ୍ୟଟନ ସ୍ଥଳୀ। ବର୍ଷା ଦେଖିବା ପାଇଁ ଆଗ୍ରହୀ ମଣିଷମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ସମୁଦ୍ର ଭିତରକୁ ଯାଇ ବର୍ଷା ଉପଭୋଗ କରୁଛନ୍ତି। ଜିତୁ ବାପାଙ୍କୁ ସବୁକଥା ଜଣାଇ ଅନୁରୋଧ କଲା ଥରେ ମାତ୍ର ବର୍ଷା ଦେଖିବାପାଇଁ। ଜିତୁର କଥା ରଖି ଗୋଟେ ପର୍ଯ୍ୟଟନ ବ୍ୟବସାୟ ସଂସ୍ଥାକୁ ଅଗ୍ରୀମ ଦେଇ ଜିତୁର ବାପା ଲଞ୍ଚଟିଏ ଯୋଗାଡ଼ କରି ରଖିଲେ। ବର୍ଷା ଦେଖିବାର ବ୍ୟବସ୍ଥାଟି ଏହିପରି ଥିଲା, ପାଣିପାଗ ବିଭାଗରୁ ପୂର୍ବାନୁମାନର ଖବର ମିଳିଲା ପରେ ବର୍ଷା ହେବାର ନିର୍ଦ୍ଦିଷ୍ଟ ଦିନରେ ଲଞ୍ଚଗୁଡ଼ିକ ପର୍ଯ୍ୟଟକମାନଙ୍କୁ ଧରି ସମୁଦ୍ର ଭିତରକୁ ଯାତ୍ରା କରୁଥିଲେ। ଲୋକମାନେ ସେଠି ଆକାଶରେ ଭାସୁଥିବା ମେଘମାନଙ୍କୁ ଦେଖୁଥିଲେ। ମେଘ ସହିତ ମେଘର ସଂଘର୍ଷରୁ ଉତ୍ପନ୍ନ ହେଉଥିବା ବଜ୍ରାଲୋକ ଓ ଭୟଙ୍କର ଘଡ଼ଘଡ଼ି ଶବ୍ଦକୁ ଉପଭୋଗ କରୁଥିଲେ। ମନଖୋଲି ଭିଜୁଥିଲେ ବର୍ଷାର ପାଣିରେ। ବଡ଼ ବଡ଼ ପର୍ଯ୍ୟଟନ କମ୍ପାନୀମାନେ ସେହି ଅଞ୍ଚଳରେ ଜାହାଜ ଭସାଇ ରଖିଥିଲେ। ଯେଉଁ ଜାହାଜରେ ଥିଲା ବଡ଼ ବଡ଼ ବଗିଚା ଓ ଘାସର ଲନ୍। ସେଠି ପ୍ରକୃତି କୋଳରେ ବର୍ଷାକୁ

ଉପଭୋଗ କରିବା ଭଳି ଅନୁଭବ ମିଳୁଥିଲା। ଜିତୁ ଉପଭୋଗ କରିଥିଲା ସବୁକିଛି। ଭିଜିଥିଲା ପ୍ରାକୃତିକ ବର୍ଷାରେ। ଆଞ୍ଜୁଳାରେ ବର୍ଷାର ଟୋପା ମାନଙ୍କୁ ଧରି ରଖିବାର ପ୍ରୟାସ କରୁଥିଲା। ଆକାଶରୁ ତଳକୁ ଖସୁଥିବା ବର୍ଷା ବିନ୍ଦୁମାନଙ୍କୁ ଲକ୍ଷ୍ୟ କରି ଦେଖୁଥିଲା ଅଦୃଶ୍ୟ ଗାରମାନଙ୍କୁ। ଶୁଣୁଥିଲା ଝରଝର ଶବ୍ଦକୁ। ଅଦୃଶ୍ୟ ଗାରମାନେ ଦିଶୁଥିଲେ ବର୍ଷାର ରେଶମ କେଶ ପରି ଆଉ ଝରଝର ଶବ୍ଦରୁ ଶୁଭୁଥିଲା ବର୍ଷାର ହସ। ଜିତୁ ହୋଇ ଯାଇଥିଲା ସଂପୂର୍ଣ୍ଣ ବର୍ଷା ମନସ୍କ।

**ଅଦୃଶ୍ୟ ଗାରମାନେ ଦିଶୁଥିଲେ ବର୍ଷାର ରେଶମ କେଶ ପରି ଆଉ ଝରଝର ଶବ୍ଦରୁ ଶୁଭୁଥିଲା ବର୍ଷାର ହସ।**

କିନ୍ତୁ ପ୍ରତ୍ୟେକ ମୁହୂର୍ତ୍ତରେ ସେ ଭାଙ୍ଗି ପଡୁଥିଲା, ଏଥିପାଇଁ ଯେ ସେ ବର୍ଷା ଆଉ ଫେରି ଆସିବ ନାହିଁ। ବର୍ଷାସ୍ନାତ ପୃଥିବୀଟିଏ ଆଉ ଦେଖିବାକୁ ମିଳିବ ନାହିଁ।

ବର୍ଷା ନାମକ ବହିଟିକୁ ସେ ବର୍ଷାକୁ ଫେରାଇଲା ବେଳେ ଜିତୁ ଦେଖୁଥିଲା ବର୍ଷାକୁ। ବର୍ଷାର ମୁକୁଳା କେଶ ବର୍ଷା ଭଳି ନାଚୁଥିଲା ତା' ପିଠି ଉପରେ। ଅଶ୍ରୁତ ରୁଣୁଝୁଣୁ ଶବ୍ଦଟିଏ ଶୁଭୁଥିଲା। ପିଠି ଉପରେ ପଡ଼ିଥିବା କେଶ କେଇଦିନ ଭିତରେ ଲମ୍ବି ଯାଇଥିଲା କଟି ପର୍ଯ୍ୟନ୍ତ। ସତେଯେମିତି ବର୍ଷାରତୁ ଗଭୀରରୁ ଗଭୀରତର ହେଉଥିଲା। ରିମଝିମ ବର୍ଷା ଘନିଭୁତ ହେଉଥିଲା ଘନ ଅନ୍ଧକାରର ରୂପନେଇ ଅବାରିତ ବାରିପାତ ପାଇଁ। ଆଞ୍ଜୁଳିରେ ତୋଳିଆଣି ନିଜ ମୁଣ୍ଡ ଉପରେ ଅଜାଡ଼ିଦେଲା ଜିତୁ। ମୁହଁ, ନାକ, ଆଖି, ଗାଲ, କାନ୍ଧ, ଛାତି ଓ ଦେହ ଉପରେ ଝରିଗଲା ବେଳେ ଜିତୁ ଆଖିବୁଜି ଅନୁଭବ କରୁଥିଲା ଗୋଟେ ସୁନ୍ଦର ବର୍ଷାକୁ। ବର୍ଷା ବୁଲିପଡ଼ି ଜିତୁର ମୁହଁରେ ଦେଖୁଥିଲା ଗୋଟେ ବିଭୋର ଭାବକୁ। ତା'ର ଗାଲକୁ ଜୋରରେ ଚିମୁଟି ଦେଇ କହିଲା- ମୁଁ କ'ଣ ସେହି ବର୍ଷା ?

ଜିତୁ ଚମକି ପଡ଼ିଲା। ବଜ୍ରପାତରେ ଆମୋଦିତ ହେଲାଭଳି ଆହୁରି ନିବିଡ଼ ଭାବରେ ସେ ଆଖି ମୁଦିଦେଲା।

□□

ଲେଖକଙ୍କ ଇ-ମେଲ ଠିକଣା:
harekrushna.mugupal@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**






ଆପଣଙ୍କ **ଆଣ୍ଡରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'ରେ** ଉପଲବ୍ଧ ଅଛି।

ପତ୍ରିକାର ସମସ୍ତ ନୂତନ ଲେଖା ତୁରନ୍ତ ପଢ଼ିବା ପାଇଁ ଏହାକୁ ଡାଉନଲୋଡ୍ କରି ବ୍ୟବହାର କରନ୍ତୁ।

Search **Sahitya Charcha** on **Play Store**.



ଲଳିତ ନିବନ୍ଧ

# ଜମିଦାରଙ୍କ କୋଠା

ଡା. ଅଭୟ ଦାଶ

ମୋ ଦେଖିବାରେ କେଉଁ କାଳରୁ ଠିଆହୋଇଛି ସେ କୋଠାଟା। ମୋଟା ମୋଟା କାନ୍ଥ, ଉଞ୍ଚା ଉଞ୍ଚା ଖିଲାଣ ଉପରେ ଠିଆ ହୋଇଛି ସେ ଦିମହଲା କୋଠାଘର। କେତେ ବରଗଛ ଓସ୍ତ ଗଛ ଉଠିଛି ତାରି କାନ୍ଥ ସନ୍ଧିରୁ। ଗଛରୁ ଓହଳ ବାହାରି ତଳେ ଲାଗିଲାଣି। ସେଇ କୋଠା କଡେ କଡେ ସଡକଟା ଲମ୍ବି ଯାଇଛି ଭୁବନେଶ୍ୱର ରୁ ପୁରୀ ଯାଏ। ଆଜିକାଲି ଗାଡି ମୋଟର ଟ୍ରକ ରେ ଚଳଚଞ୍ଚଳ ହୋଇ ଉଠିଛି ସେ ସଡକ। ସେ ଗାଁ ଓ ଆଖପାଖ ଗାଁରେ ଅନେକ କୋଠାଘର ହେଲାଣି, ହେଲେ ଏ କୋଠା କଥା ନିଆରା।ଦେଖିଲେ ଆଖି ଲାଖିଯିବ! ମାନେ ଗୋଟାଏ ଅନ୍ୟ ପ୍ରକାର! ଯେମିତି ଗୋଟାଏ ଖାଇଲା ପିଇଲା ଘର ପିଲା ଭଳିଆ। ତାକୁ କହନ୍ତି, ଜମିଦାରଙ୍କ କୋଠା।



ସେ ଜମିଦାରଙ୍କ କୋଠା ବିଷୟରେ ଆମ ବାପା ଜେଜେବାପା ମାନଙ୍କ ଠାରୁ ଶୁଣିଆସିଛୁ। ବ୍ରିଟିଶ ଶାସନ ସମୟର କଥା! ସେତେବେଳେ କୋଉଁ ରାସ୍ତାଘାଟ ନା ବିଜୁଳି ଆଲୁଅ ଥିଲା? ଗାମୁଛା ପାଳଟି ମୁଣ୍ଡରେ ବୋଝ ବୋହି, ନଈ ପାରହୋଇ ଆସିବାକୁ ହେଉଥିଲା! ନଈରେ ବଢି ଆସିଲେ ଡଙ୍ଗାରେ ପାରି ହେବାକୁ ହୁଏ। ପିଲାଏ ସ୍କୁଲ୍ ଯିବେ, ଡଙ୍ଗା ପାରିହୋଇ! ସେଥିପାଇଁ ଜମିଦାରେ ଡଙ୍ଗା ବ୍ୟବସ୍ଥା କରି ଘାଟିଆ କେଉଟ ର ଦରମା ଦେଇ ସମସ୍ତଙ୍କ ସୁବିଧା କରିଥିଲେ। ସର୍ବ ସାଧାରଣଙ୍କୁ କିଛି ପାଉଣା ଦେବାକୁ ହେଉନଥିଲା। କିଏ କିଏ ବାବୁ ଭାୟା, କଟକ ଭୁବନେଶ୍ୱର ରୁ ଆସିଲେ ଯାହି ଦିପଇସା ଦିଅନ୍ତି, ଘାଟିଆ ତାହା ମୁଣ୍ଡରେ ମାରି ଅଣ୍ଟାରେ ଖୋସେ। ନଈ ଆରପାରିର ଶିବ ମନ୍ଦିର ଜମିଦାରଙ୍କ ପୁର୍ବଜ ମାନେ ସ୍ଥାପନା କରିଥିଲେ। ତାରି ପାଖରେ ଜମିଦାରେ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ପିଲାମାନେ ସ୍କୁଲ ଯିବା ଆସିବାରେ ଯେପରି ଅସୁବିଧା ନହୁଏ ସେଥିପ୍ରତି ଶେଷ ଜମିଦାରେ ଯତ୍ନବାନ ଥିଲେ।

ଇଂରେଜ ଶାସନ ଗଲା, ଜମିଦାରି ଉଠିଗଲା। ଜମିଦାରେ ନିଜ ଖର୍ଚ୍ଚ ତୁଲେଇବା କଷ୍ଟକର ହୋଇ ପଡିଲା। କୋଠାରେ ଚୁନ ଟିକିଏ ଲାଗିପାରିଲା ନାହିଁ। ଜମି ଜମା ସରି ଆସିଲା। ଲୋକ ବଦଳିଗଲେ, ଶାସନ ବଦଳିଲା

କାଳର ଗ୍ରହଣ ଲାଗିଗଲା ଯେପରି! ଯେଉଁ ମାନେ ପାଠସାଠ ପଢି ଚାକିରି କଲେ, ଗୋଟାଏ ପ୍ରକାର ଚଳିଗଲେ। କିଛି ବ୍ୟବସାୟରେ ହାତଦେଇ ବୁଡିଲେ। ଇଏ କି ବେପାର କରିବେ? କିଏ କୁଆଡେ ଘର ଗାଁ ଛାଡି ପେଟପାଟଣା ପାଇଁ କୁଆଡେ ଗଲେ। ଆଖପାଖ କଟକ ଭୁବନେଶ୍ୱର ରେ ରହୁଥିବା ବାବୁମାନେ ଆସିବା ବନ୍ଦ କରିଦେଲେ। ଘର ବାଡି ଉଜୁଡି ଗଲା। ଜମି ବାଡି ଜବର ଦଖଲ କବଳରେ। ସେ ଥାଟବାଟ ହଜିଗଲା ପରେ ଯେଉଁ ଦାଣ୍ଡ ହସି ଉଠୁଥିଲା, ଅନ୍ଧାର ଲାଗିଲା। ପ୍ରଜା, ତହସିଲଦାର, ଟହଲିଆ କେହି ଦେଖାଦେଲେ ନାହିଁ। ଯୋଗୀ

ଥାଳରେ ଭିକ ଗଣ୍ଡାଏ ଦେବାକୁ କେହି ନଥିଲେ ! ଯେମିତି ଅସ୍ତ ବେଳ ଆସିଗଲା ।

ଯେଉଁମାନେ ଜମିଦାରଙ୍କୁ ଦେଖିଥିଲେ କହନ୍ତି, 'ଜମିଦାରଙ୍କୁ ଦେଖିଲେ, ଗର୍ଭିଣୀ ଗାଇ ବାଟ ଛାଡି ଦେଉଥିଲା । ଖୁବ୍ ଦାନ ଖଇରାତ କରୁଥିଲେ, ଦେବତା,ବ୍ରାହ୍ମଣ, ଦୁଃଖୀରଙ୍କି ସମସ୍ତଙ୍କ ଖବର ବୁଝୁଥିଲେ । ତାଙ୍କ ବଂଶଧରମାନେ କିଏ କୁଆଡେ ଛିନ୍ନଛତ୍ର ହୋଇଗଲେଣି । ସେ ବେଳ ନାହିଁ କି ସେ ଗଳ୍ପ ଶୁଣେଇବାକୁ କେହି ନାହିଁ । କେଉଁ ଜମି କାହା ପାଖରେ, କେଉଁ ଘର କାହା ପାଖରେ, ସେ ହିସାବ କାହା ପାଖରେ ନାହିଁ । ସରକାର କିଛି ଦଖଲ କରିଗଲେ, ରଇତ ମାନେ ଯିଏ ଯାହା ମାଡିବସିଲେ, ପରିବାର ଭିତରୁ ଯିଏ ଯାହା ନ ଛ କରି ବିକିଦେଲେ । ସବୁ ଯେମିତି ଖିନଖରାପ ହୋଇ ହତଶ୍ରୀ ହୋଇଗଲା ।

**କିଏ ନେଲା, କିଏ ଦେଲା କାହାପାଖରୁ ଆସି କାହା ପାଖକୁ ଗଲା ? କିଏ ଭୋଗକଲା, କେତେଦିନ ଭୋଗକଲା ? ସବୁ ଏଇଠି ରହିଗଲା ! ଆମେ ସାଧାରଣ ଲୋକ କଣ ବୁଝିବୁ ? ଜମିଦାର ଟିକସ ନଉଥିଲେ ! ସରକାର ଟିକସ ନଉଛନ୍ତି ! ଆମେ ଦେଉଛୁ ! ହେଲେ ଆମେ ଯେଉଁଠି ସେଇଠି !**

ଗାଁ ଟୋକାମାନେ ବଡ କୋଠାରେ ଆଡ୍ଡା ଜମାଇଛନ୍ତି । ସେଇଟା ହେଇଚି କ୍ଲବ୍ ଘର । ସେଠି ଆଖେଡା ହୁଏ, ଡି ଜେ ବାଜେ, ମେଲୋଡି ହୁଏ, ହେଲେ କେହି ଚୁନ ଟିକିଏ ମାରନ୍ତିନି ସେ ଘରେ । ଧିରେ ଧୀରେ ସେ କୋଠା ଆଣ୍ଠେଇ ପଡିଲାଣି ! ପୁରା ଭୁଷୁଡିବାକୁ ଚାହିଁଛି । ଲୋକମାନେ ତାଗିଦି କଲେଣି, ରାଜନେତାଙ୍କ ନଜର ସେ ଜମି ଉପରେ ! ରାସ୍ତା କଡ, କମର୍ସିଆଲ ଭାଲ୍ୟୁ ବହୁତ । ଜମିଦାରଙ୍କର ଗୋଟିଏ ବୋଲି ନାତି ଅଛି । ଏକୁଟିଆ ପିଲାଟା, କିଛି ଜାଣିନାହିଁ, ଜମିଦାରୀ କଣ ଦେଖି ନାହିଁ । ଖାଲି ଯାହା ଶୁଣିଛି ! ନିଜଲୋକେ ଜମିଦାରେ ସମ୍ବୋଧନ କରି ଥଟ୍ଟାତାମସା କରନ୍ତି, ସବୁ ସହିବାକୁ ହୁଏ । ସରକାରୀ ନୋଟିସ ଆସିଛି, କୋଠା ଭାଙ୍ଗିବାକୁ ହେବ ! ବିପଦ ସଂକୁଳ ଅବସ୍ଥାରେ ଥିବାରୁ ନିଜ ଖର୍ଚ୍ଚ ରେ ଭାଙ୍ଗିବାକୁ ହେବ ! ସରକାରୀ ଦଣ୍ଡବିଧି ଆଇନ୍ ର କେତେ କେତେ ଦଫା ଲଗାଇ ଦେଇଛନ୍ତି ଯେ ବଡରୁ ବଡ ଓକିଲଙ୍କ ମୁଣ୍ଡ ଝାଇଁ ଝାଇଁ ହୋଇଯିବ ! ନହେଲେ ସରକାର ସେ ଯାଗା ନିଜ ଦଖଲକୁ ନେଇଯିବେ । ସମସ୍ତ ଖର୍ଚ୍ଚ ଜମିଦାରେ ବହନ କରିବେ ! ବାଃ କି ନିୟମ ! ଛୁଆ ଜମିଦାରଙ୍କ ମୁଣ୍ଡରେ ପୋକ କାମୁଡିଲା ! ଓକିଲ ! କୋର୍ଟ ! କଚେରିକୁ ଯିବି ? ଦିନେ ଦେଖିନାହିଁ ଜମିଦାରୀ କଣ ? ମୋ ବାପ କକେଇ ଦଦେଇ ବି ଦେଖି ନାହାନ୍ତି ! ଜେଜେ ଥିଲେ ଶେଷ ଜମିଦାର ! ସିଏ ବହୁ ଜନହିତକର କାର୍ଯ୍ୟ କରିଥିବାରୁ ଆଜିଯାଏ ଲୋକେ ମନେରଖିଛନ୍ତି । ତାଙ୍କ ପୁଅ ନାତି କାହିଁକି ମାନିବେ ? ଖାଲି ଲୁଟିନେଲେ, ଅତ୍ୟାଚାର କରିଗଲେ, କେତେ ରଙ୍ଗର କାହାଣୀ ଶୁଣେଇବେ । ଆଜିବି କହୁଛନ୍ତି, ସେତେବେଳେ ବି କହୁଥିଲେ !

ସରକାରଙ୍କ ଠାରୁ ବାରମ୍ବାର ନୋଟିସ୍ ଆସୁଛି,'ଭାଙ୍ଗିଦିଅ' ଛୁଆ ଜମିଦାରେ ଭାଙ୍ଗିବାକୁ ମନକଲେ ବି ପଇସା କାହିଁ ? ସରକାର ନେଇଯିବେ ? ନିଅନ୍ତୁ ! କଣ ରଖିଛନ୍ତି ଯେ, ସବୁତ ନେଇ ସାରିଲେଣି ! ସରକାର ନେଇକରି କେଉଁ ନିଜ ଅକ୍ତିଆରରେ ରଖିଛନ୍ତି ? ତାକୁ ଆଉ କିଏ କିଏ ନେଇ ସାରିଲେଣି ! ସରକାରଙ୍କ ହାତ ସେଯାଏ ପହଞ୍ଚି ପାରୁନି ? ପହଞ୍ଚିବ କେମିତି ? ସେଇମାନେ ପରା ସରକାରରେ ଅଛନ୍ତି ! ଜମିଦାରଙ୍କ ଧନ ସରକାର ନେଲେ ସରକାରଙ୍କ ଧନ ସରକାରୀ ଲୋକ ନେଲେ । ଆମେ କଣ ବୁଝିବା ? କିଏ ନେଲା, କିଏ ଦେଲା କାହାପାଖରୁ ଆସି କାହା ପାଖକୁ ଗଲା ? କିଏ ଭୋଗକଲା, କେତେଦିନ ଭୋଗକଲା ? ସବୁ ଏଇଠି ରହିଗଲା ! ଆମେ ସାଧାରଣ ଲୋକ କଣ ବୁଝିବୁ ? ଜମିଦାର ଟିକସ ନଉଥିଲେ ! ସରକାର ଟିକସ ନଉଛନ୍ତି ! ଆମେ ଦେଉଛୁ ! ହେଲେ ଆମେ ଯେଉଁଠି ସେଇଠି ! ଏତିକି ଜାଣିଛୁ, 'ଏଇଟା ଜମିଦାରଙ୍କ କୋଠା' ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
abhaydash1@gmail.com



କବିତା

# ଦୁଇଟି ସନେଟ୍

ଡ. କୁଳମଣି ଓଝା

## ନଈ ଆରପାରି

ଭସା ବାଦଲରେ ଭାସି ଭାସି ଯାଏ ସ୍ମୃତି
ଉଛୁଳା ନଈର କାଚକେନ୍ଦୁ ଜଳ ଧାରେ
ବରଷିଦିଏ ସେ ପହିଲି ପୁଲକ ପ୍ରୀତି
କେବେ ଆରପାରି ଶ୍ୟାମଳ ସ୍ୱପ୍ନର ତୀରେ।

ଗାଆଁ ସେପାରିରେ ସେ କେଉଁ ଛବିଳ ଛବି
ଆଙ୍କୁଥାଏ କେଉଁ ଅନୂଢ଼ା ଆଳାପ ତୋଳି
ସେ ଆଳାପ ତାନେ ଆନମନା ଏଇ କବି
ପାଣି ସିଲଟରେ ଶବ୍ଦଚିତ୍ର ଉଠେ ଝଳି।

ଗାଆଁ ଆରପାରେ ସବୁଜ ସଂଜରେ ଥରେ
ହୋଇଥିଲା ଦେଖା ତିଥି ବାର ନାହିଁ ମନେ
ସେଦିନୁଁ ସେପାରେ କଦମ୍ବ କାକର ଝରେ
ଆମ୍ବତୋଟା ମାଳେ ଦେଖା ହେବ ଅବା ଦିନେ!

ନଈ ଆରପାରି କଅଁଳ ସ୍ମୃତିର ତୀର୍ଥ
ଏତେ ଶୋଭାସ୍ନିଗ୍ଧ ଆଜି ବି ଖୋଜୁଚି ଅର୍ଥ।



## ଧାନଖଳାରେ ରାତି

କୈଶୋର ଖେଳା ଏ ବାଡ଼ି ପଛପଟେ ଖଳା
ଲକ୍ଷ୍ମୀ ସାଆନ୍ତାଣୀ ଧାନହଳା ଗଦା ଗଦା
ଖଳା ସାରା ଧାନ ପଉଷ ଅମଳ ବେଳା
ଜଗିଥିଲୁ ଶସ୍ୟ ପାଶେ ଶୋଇଥିଲେ ଦାଦା।

ନୁଆଁଣିଆ 'ପଲା' ଛଣରେ ଛପର ଛାତ
ଛଣତାଟି ଘେରା ଛଣର ଛୋଟିଆ ଘର
ଜକେ ନିଆଁହୁଳା, ଟିକିଏ ଦୂରରେ କ୍ଷେତ
ଶୋଇ ହୁଏ ନାଇଁ ସାରା ରାତି ଭୂତ ଡର।

ସେଦିନ ରାତିରେ ଜେଜେ ପାଶେ ଥିଲେ ଶୋଇ
ଜଗିଥିଲୁ ଧାନ 'ପଲା' ଆଗପଟ ମେଲା
ଭାଜିଗଲା ନିଦ ଦେଖିଲି ବିଶାଳ ଛାଇ
କି କରାଳ ରଡ଼ି ଶିଆଳଟା ଧାଇଁଗଲା।



ବାଳକ ବୟସେ ସତମିଛ ଭୟ ଘାରେ
ସ୍ମୃତିମୟ ଖଳା ଆମ ଲକ୍ଷ୍ମୀଘର ଭରେ।

□□

କବିଙ୍କ ଇ-ମେଲ୍ ଠିକଣା:
ojhakulamani1966@gmail.com


**ସମାଲୋଚନା**

# ମୌଳିକ ଓଡ଼ିଆ ବ୍ୟାକରଣ- ଏକ ଅନୁଶୀଳନ



ଧୀରେନ୍ଦ୍ର କର

ବ୍ୟାକରଣ ହେଉଛି ଭାଷାର ଶୃଙ୍ଖଳାଶାସ୍ତ୍ର। ଏହା ଭାଷାକୁ ସୁଶୃଙ୍ଖଳ, ସାବଲୀଳ ଓ ସୌନ୍ଦର୍ଯ୍ୟ ପୂର୍ଣ୍ଣ କରିଥାଏ। ଭାଷାଟିଏ ସୃଷ୍ଟି ହୋଇ ମୌଖିକ ଓ ଲିଖିତ ରୂପ ଧାରଣ କରିବା ପରେ ଭାଷା ପ୍ରୟୋଗକୁ ଅନୁଶୀଳନ ପୂର୍ବକ ତହିଁରେ ଲୁକ୍କାୟିତ ଥିବା ସୂତ୍ରସମୂହକୁ ଆଧାର କରି ବ୍ୟାକରଣ ରଚିତ ହୋଇଥାଏ। ବ୍ୟାକରଣ ଆଧାରରେ ଭାଷାର ବିକାଶ ଘଟିଲେ ଭାଷାର ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ସୁରକ୍ଷିତ ରହେ ତଥା ଭାଷା ଦୀର୍ଘସ୍ଥାୟୀ ହୁଏ। ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା ହୋଇଥିଲେ ହେଁ ଊନବିଂଶ ଶତାବ୍ଦୀରେ ଏହି ଭାଷାର ବ୍ୟାକରଣ ରଚନା ହେଲା। ପ୍ରଥମେ ବିଦେଶୀ ବିଦ୍ୱାନବୃନ୍ଦ ଓଡ଼ିଆ ଭାଷାର ବ୍ୟାକରଣ ରଚନା କଲେ। କିନ୍ତୁ ସେମାନେ ଓଡ଼ିଆ ଭାଷାର କେତେକ ବିଶିଷ୍ଟ ରୂପ ଓ ସେଗୁଡ଼ିକର କାର୍ଯ୍ୟକାରିତା ସଂପର୍କରେ ଆଲୋଚନା କରିବାକୁ ସକ୍ଷମ ହୋଇନଥିଲେ। ସେମାନଙ୍କର ତ୍ରୁଟି ସମୂହକୁ ଉପଲବ୍ଧି କରି ଅନେକ ଓଡ଼ିଆ ବିଦ୍ୱାନ ଓଡ଼ିଆ ବ୍ୟାକରଣ ରଚନା କରିଥିଲେ। ଊନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଅଦ୍ୟାବଧି ଯେତେ ସଂଖ୍ୟକ ଓଡ଼ିଆ ବ୍ୟାକରଣ ରଚନା ହୋଇଛି ସେଗୁଡ଼ିକୁ ବ୍ୟାକରଣ ତାତ୍ତ୍ୱିକ ପରମ୍ପରା ଦୃଷ୍ଟିରୁ ତିନିଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ଇଉରୋପୀୟ ବା ଲାଟିନ୍ ବ୍ୟାକରଣ ପରମ୍ପରା, ଦ୍ୱିତୀୟଟି ସଂସ୍କୃତ ବ୍ୟାକରଣ ପରମ୍ପରା ଓ ତୃତୀୟଟି ଓଡ଼ିଆ ବ୍ୟାକରଣର ପରମ୍ପରା।




ସଂପ୍ରତି ବିଶିଷ୍ଟ ଭାଷାବିତ୍ ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ଓଡ଼ିଆ ଭାଷାର ବ୍ୟବହାରିକ ଧାରାକୁ ଅଧ୍ୟୟନ ଓ ଅନୁଶୀଳନ ପୂର୍ବକ ମୌଳିକ ଓଡ଼ିଆ ବ୍ୟାକରଣ ଗ୍ରନ୍ଥ ରଚନା କରିଛନ୍ତି। ଓଡ଼ିଆ ବ୍ୟାକରଣର ମୌଳିକ ସୂତ୍ର ବିଶ୍ଳେଷିତ ହୋଇଥିବା ଏହି ଗ୍ରନ୍ଥଟି ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇ ବିଶେଷ ଆଦୃତି ଲାଭ କରିଅଛି।

ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ରଚିତ ମୌଳିକ ଓଡ଼ିଆ ବ୍ୟାକରଣ ଦଶଗୋଟି ଅଧ୍ୟାୟରେ ବିଭକ୍ତ। ଗ୍ରନ୍ଥାରମ୍ଭରେ ଲେଖକ "ଭାରତୀୟ ବ୍ୟାକରଣ ପରମ୍ପରାରେ ଓଡ଼ିଆ ବ୍ୟାକରଣ" ଓ "ଅଭିଲେଖରେ ଓଡ଼ିଆ ଲିପିର କ୍ରମ ବିକାଶ" ପ୍ରବନ୍ଧ ଦ୍ୱୟ ସ୍ଥାନିତ ପୂର୍ବକ ତାଙ୍କ ରଚନାର ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଛନ୍ତି। ପ୍ରଥମ ପ୍ରବନ୍ଧରେ ଲେଖକ ପ୍ରତିପାଦନ କରିଛନ୍ତି ଯେ ସମଗ୍ର ବିଶ୍ୱରେ ଭାରତରୁ ହିଁ ବ୍ୟାକରଣ ରଚନାର ପରମ୍ପରା ଆରମ୍ଭ ହୋଇଥିଲା। ନିଜ ଉକ୍ତିର ସତ୍ୟତା ପ୍ରତିପାଦନ କରିବା ନିମିତ୍ତ ସେ ବୈଦିକ ଭାଷାର ବ୍ୟାକରଣ ଓ ସଂସ୍କୃତ ଭାଷାର ବ୍ୟାକରଣ ଉପରେ ବିଶେଷ ଆଲୋକପାତ କରିଛନ୍ତି। ଭାରତବର୍ଷ ଇଂରେଜ ଶାସିତ ହେବା ପରେ ବିଦେଶୀ ବିଦ୍ୱାନମାନେ କିପରି ଭାରତୀୟ ଭାଷା ସମୂହ ଅଧ୍ୟୟନର ସୂତ୍ରପାତ ଘଟାଇଲେ ତହିଁର ସମ୍ୟକ ସୂଚନା ପ୍ରଦାନ କରି ସେ ଓଡ଼ିଆ ବ୍ୟାକରଣ ରଚନାର ପୃଷ୍ଠଭୂମି ଉପରେ ଆଲୋକପାତ କରିଛନ୍ତି।

ପ୍ରଥମେ ଇଂରେଜ ବିଦ୍ୱାନମାନଙ୍କ ଦ୍ୱାରା କେତୋଟି ଓଡ଼ିଆ ବ୍ୟାକରଣ ରଚନା ହୋଇଥିଲେ ହେଁ ସେଗୁଡ଼ିକରେ ଓଡ଼ିଆ ଭାଷାର ମୌଳିକତା, ସ୍ୱାତନ୍ତ୍ର୍ୟ ଓ ଉତ୍କର୍ଷ ପ୍ରତିପାଦନ ହୋଇପାରିନାହିଁ ବୋଲି ପଣ୍ଡିତ ମିଶ୍ର ଏହି ପ୍ରବନ୍ଧରେ

ଦର୍ଶାଇଛନ୍ତି। ବିଦେଶୀମାନେ ତ୍ରୁଟିପୂର୍ଣ୍ଣ ଓଡ଼ିଆ ବ୍ୟାକରଣ ରଚନା କରିବା ଉପଲବ୍ଧି କରି ଅନେକ ଓଡ଼ିଆ ବିଦ୍ୱାନ ଓଡ଼ିଆ ବ୍ୟାକରଣ ରଚନାରେ ମନୋନିବେଶ କରିଥିଲେ ବୋଲି ଲେଖକ ସୂଚନା ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ କେତେଜଣ ଓଡ଼ିଆ ବିଦ୍ୱାନ ସଂସ୍କୃତ ବ୍ୟାକରଣର ତାତ୍ତ୍ୱିକ ପରମ୍ପରାରେ ଓଡ଼ିଆ ବ୍ୟାକରଣ ରଚନା କରିଥିଲେ ହେଁ ପଣ୍ଡିତ ନୀଳକଣ୍ଠ ଦାଶ ପ୍ରଥମେ ସଂସ୍କୃତ ପ୍ରଭାବିତ ବ୍ୟାକରଣରୁ ଓଡ଼ିଆ ଭାଷାକୁ ମୁକ୍ତ କରି ଓଡ଼ିଆ ବ୍ୟାକରଣ ରଚନା କରିଥିଲେ ବୋଲି ପଣ୍ଡିତ ମିଶ୍ର ଉଲ୍ଲେଖ କରିଛନ୍ତି। ୧୯୩୦ରେ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ରଚିତ ଓଡ଼ିଆ ବ୍ୟାକରଣର ପ୍ରଥମ ଭାଗରେ ବାକ୍ୟବିଚାର ଓ ଦ୍ୱିତୀୟ ଭାଗରେ ପଦବିଚାର ଆଲୋଚିତ ହୋଇ ପ୍ରକାଶ ପାଇଥିଲା ଏବଂ ଏହା ପାଠ୍ୟପୁସ୍ତକ ରୂପେ ଅନୁମୋଦିତ ହୋଇଥିଲା ବୋଲି ଲେଖକ ସୂଚନା ଦେଇଛନ୍ତି। ଦେଶ ସ୍ୱାଧୀନତାର ପରେ ବହୁ ବିଦ୍ୱାନ ଓଡ଼ିଆ ବ୍ୟାକରଣ ଉପରେ ଆଲୋକପାତ କରିଛନ୍ତି ବୋଲି ଏହି ପ୍ରବନ୍ଧରେ ଉଲ୍ଲିଖିତ। କିନ୍ତୁ ଓଡ଼ିଆ ବୈୟାକରଣମାନେ ବ୍ୟାକରଣ ସୂତ୍ରର ତାତ୍ପର୍ଯ୍ୟ ଖୁବ୍ ସ୍ଥୂଳରେ ଦର୍ଶାଇଛନ୍ତି ବୋଲି ଲେଖକଙ୍କର ମତ। ପଣ୍ଡିତ ମିଶ୍ରଙ୍କ ମତରେ ବ୍ୟାକରଣ ହେଉଛି କେତେଗୁଡ଼ିଏ ସାର୍ବଜନୀନ ପ୍ରାମାଣିକ ସୂତ୍ରର ସମାହାର। ଆଧୁନିକ ଭାଷାତତ୍ତ୍ୱ ପରୀକ୍ଷା ଓ ପ୍ରାମାଣିକତାର ଅପେକ୍ଷା ରଖେ। ଓଡ଼ିଆ ଏକ ପ୍ରାଚୀନ, ଉତ୍କୃଷ୍ଟ ଓ ଶାସ୍ତ୍ରୀୟ ଭାଷା ହୋଇଥିବାରୁ ଏହି ଭାଷାର ମୌଳିକ ବ୍ୟାକରଣ ସୂତ୍ର ଏଣୁ ବିଶ୍ଳେଷିତ ହୋଇ ଆଧୁନିକ ଧାରାରେ ପୂର୍ଣ୍ଣାଙ୍ଗ ବ୍ୟାକରଣ ରଚନା ହେବା ଆବଶ୍ୟକ ମନେ ହୁଏ। ଲେଖକଙ୍କ ଦ୍ୱିତୀୟ ପ୍ରବନ୍ଧଟି ହେଉଛି, "ଅଭିଲେଖରେ ଓଡ଼ିଆ ଲିପିର କ୍ରମବିକାଶ"। ଏହି ପ୍ରବନ୍ଧଟିରେ ସେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ବ୍ରାହ୍ମୀଲିପିରୁ ଓଡ଼ିଆ ଲିପିର ଉନ୍ମେଷଠାରୁ ଖ୍ରୀଷ୍ଟାବ୍ଦ ଚତୁର୍ଦ୍ଦଶ ଶତାବ୍ଦୀରେ ଓଡ଼ିଆ ଲିପି ପୂର୍ଣ୍ଣାଙ୍ଗ ପ୍ରାପ୍ତି ପର୍ଯ୍ୟନ୍ତ ହୋଇଥିବା କ୍ରମବିକାଶର ଧାରାଗୁଡ଼ିକୁ ସଚିତ୍ର ଦର୍ଶାଇଛନ୍ତି। ସେହି ପୂର୍ଣ୍ଣାଙ୍ଗ ପ୍ରାପ୍ତ ଅଣଚାଶ ଗୋଟି ଓଡ଼ିଆ ବର୍ଣ୍ଣ ମଧ୍ୟରୁ ଏଗାର ଗୋଟି ସ୍ୱରବର୍ଣ୍ଣ, ପଚିଶ ଗୋଟି ବର୍ଗ୍ୟ ବ୍ୟଞ୍ଜନବର୍ଣ୍ଣ, ଦଶଗୋଟି ଅବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ଓ ତିନିଗୋଟି ଅଯୋଗବାହ ବର୍ଣ୍ଣର ସବିଶେଷ ବର୍ଣ୍ଣନା ଉକ୍ତ ପ୍ରବନ୍ଧରେ ରହିଅଛି। ଲେଖକ ଉଲ୍ଲେଖ କରିଛନ୍ତି ଯେ ଦୀର୍ଘ ଦେଢ଼ଶହ ବର୍ଷ ଧରି ଓଡ଼ିଆ ବର୍ଣ୍ଣ ସମୂହର ଲୋପ ଓ ସଂସ୍କାର ସଂପର୍କରେ ବହୁ ତର୍କ ବିତର୍କ ସୃଷ୍ଟି ହୋଇଥିଲେ ହେଁ କୌଣସି ବର୍ଣ୍ଣ ଓଡ଼ିଆ ବର୍ଣ୍ଣ ମାଳାରୁ ଲୋପ ପାଇନାହିଁ।



ମୌଳିକ ଓଡ଼ିଆ ବ୍ୟାକରଣ ଗ୍ରନ୍ଥର ପ୍ରଥମ ଅଧ୍ୟାୟରେ ସ୍ୱରବର୍ଣ୍ଣ, ବ୍ୟଞ୍ଜନବର୍ଣ୍ଣ, ଅଯୋଗବାହ ବର୍ଣ୍ଣ, ଓଡ଼ିଆ ବର୍ଣ୍ଣମାଳାର ଧ୍ୱନିତତ୍ତ୍ୱ, ଅନ୍ତର୍ଜାତୀୟ ଓଡ଼ିଆ ଧ୍ୱନିଲିପି, ଓଡ଼ିଆ ବର୍ଣ୍ଣ ସମୂହର ଆକୃତି ଓ ଯୁକ୍ତାକ୍ଷର ସାବଲୀନ ଧାରାରେ ପ୍ରତିପାଦିତ। ଲେଖକ ସୂଚନା ପ୍ରଦାନ କରିଛନ୍ତି ଯେ ବ୍ରହ୍ମଲିପିରୁ ଉଦ୍ଭୁତ ତଥା କ୍ରମବିକାଶ ଧାରାରେ ଓଡ଼ିଆ ଭାଷାରେ ଅଣଚାଶ ଗୋଟି ଲିପି ସର୍ବସମ୍ମତ, ଧ୍ୱନି ବିଜ୍ଞାନ ସମ୍ମତ ତଥା ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଆମାନଙ୍କ ଦ୍ୱାରା ବ୍ୟବହୃତ। ସଂପ୍ରତି ପ୍ରଯୁକ୍ତି ବିଜ୍ଞାନ ଧାରାରେ ଓଡ଼ିଆ ବର୍ଣ୍ଣମାଳାର ପ୍ରତ୍ୟେକଟି ବର୍ଣ୍ଣର କମ୍ପ୍ୟୁଟରୀ ପଦ୍ଧତିକରଣ କରାଯାଇ ପାରିଥିବାରୁ ଲିପି ସଂସ୍କାରର କୌଣସି ଆବଶ୍ୟକତା ନାହିଁ। ଗ୍ରନ୍ଥଟିର ଦ୍ୱିତୀୟ ଅଧ୍ୟାୟରେ ଓଡ଼ିଆ ଶବ୍ଦ ପ୍ରକରଣ, ଶବ୍ଦାର୍ଥ ପରିବର୍ତ୍ତନ, ସମୋଚ୍ଚାରିତ ଓଡ଼ିଆ ଶବ୍ଦାବଳୀ, ଏକାର୍ଥ ବୋଧକ ଓଡ଼ିଆ ଶବ୍ଦ, ବର୍ଜନୀୟ ଅନୁକୃତ ଶବ୍ଦ ଓ ଅଶୁଦ୍ଧ ଓଡ଼ିଆ ଶବ୍ଦର ଶୁଦ୍ଧରୂପ ବର୍ଣ୍ଣିତ। ତୃତୀୟ ଅଧ୍ୟାୟରେ ଓଡ଼ିଆ ଭାଷାରେ ବ୍ୟବହୃତ ବିଶେଷ୍ୟ, ସର୍ବନାମ, ବିଶେଷଣ, ଅବ୍ୟୟ ଓ କ୍ରିୟାପଦ ସମୂହର ବିଶଦ ବିବରଣ ସ୍ଥାନିତ। ବିଶେଷ୍ୟ ପଦର ପାଞ୍ଚଗୋଟି ପ୍ରକରଣ, ସର୍ବନାମ ପଦର ସାତଗୋଟି ପ୍ରକରଣ, ସାତ ପ୍ରକାରର ବିଶେଷଣ ପଦ ତଥା ଗୁଣ, ଅବସ୍ଥା, ସଂଖ୍ୟା, ପୂରଣ, ପରିଣାମ, ତୁଳନାତ୍ମକ ଓ କ୍ରିୟା ପ୍ରଭୃତି ଦୃଷ୍ଟିରୁ ଦଶ ପ୍ରକାର ବିଶେଷଣର ବର୍ଣ୍ଣନ, ପଚିଶ ପ୍ରକାର ଅବ୍ୟୟ ପଦ ଏବଂ କ୍ରିୟାପଦର ବିଭିନ୍ନ ପ୍ରକରଣ ଉଦାହରଣ ସହ ପରିବେଷିତ। ଗ୍ରନ୍ଥର ଚତୁର୍ଥ ଆଧ୍ୟାୟରେ ବଚନ, ପ୍ରକରଣ, ପୁରୁଷ ପ୍ରକରଣ, ଲିଙ୍ଗ ପ୍ରକରଣ, କାରକ ନିର୍ଣ୍ଣୟ ଓ ବିଭକ୍ତି ପ୍ରକରଣ ସ୍ଥାନିତ। ପଞ୍ଚମ ଅଧ୍ୟାୟରେ ଶବ୍ଦ ସୃଜନ ପ୍ରକ୍ରିୟା ଆଧାରିତ ଶତ୍ୱବିଧି, ଷତ୍ୱବିଧି, ଉପସର୍ଗ

ସଂଯୋଗରେ ଶବ୍ଦ ସୃଷ୍ଟି, କୃଦନ୍ତ, ତଦ୍ଧିତ ସହିତ ଯୁଗ୍ମ ଶବ୍ଦ ପରିବେଷଣ କରାଯାଇଛି।

ପଦ ପରିବର୍ତ୍ତନ, ବ୍ୟବହାର ଓ ଏକପଦୀକରଣ ଷଷ୍ଠ ଅଧ୍ୟାୟରେ ସ୍ଥାନିତ। ଏହି ଅଧ୍ୟାୟରେ ପଦ ପରିବର୍ତ୍ତନ, ବିଶେଷ୍ୟ ପଦରୁ ବିଶେଷଣ ପଦ, ବିଶେଷଣ ପଦରୁ ବିଶେଷ୍ୟ ପଦ, ବିଶେଷ୍ୟ ଓ ବିଶେଷଣର ବ୍ୟବହାର, ଯଥୋପଯୁକ୍ତ କ୍ରିୟାର ବ୍ୟବହାର, ଏକ ପଦର ଭିନ୍ନ ଭିନ୍ନ ପଦ ରୂପେ ବ୍ୟବହାର ତଥା ଏକପଦୀକରଣ ଉଦାହରଣ ସହ ପରିବେଷଣ କରାଯାଇଛି। ସପ୍ତମ ଅଧ୍ୟାୟ ପ୍ରକରଣରେ ସ୍ୱର ସନ୍ଧି, ବ୍ୟଞ୍ଜନ ସନ୍ଧି ଓ ବିସର୍ଗ ସନ୍ଧିର ବହୁ ଦୃଷ୍ଟାନ୍ତ ଉଦାହରଣ ଓ ସୂତ୍ର ସହ ସ୍ଥାନିତ। ଏହି ଅଧ୍ୟାୟର ସମାସ ପ୍ରକରଣରେ ତତ୍‌ପୁରୁଷ, କର୍ମଧାରୟ, ଦ୍ୱିଗୁ, ଦ୍ୱନ୍ଦ୍ୱ, ବହୁବ୍ରୀହି, ଅବ୍ୟୟୀ ଭାବ, ନିତ୍ୟ ଓ ଅଲୁକ ସମାସର ବିଭିନ୍ନ ବିଭାଗ ଉଦାହରଣ ସହ ବୁଝାଇ ଦିଆଯାଇଛି। ଗ୍ରନ୍ଥଟିର ଅଷ୍ଟମ ଅଧ୍ୟାୟ ହେଉଛି ବାକ୍ୟପ୍ରକରଣ। ଏହି ଅଧ୍ୟାୟରେ ବାକ୍ୟର ସ୍ୱରୂପ, ସଂଜ୍ଞା, ଲକ୍ଷଣ, ଗଠନ ଗତ ଶ୍ରେଣୀ ବିଭାଗ, ଅର୍ଥଗତ ଶ୍ରେଣୀ ବିଭାଗ, ଉଦ୍ଦେଶ୍ୟ ଓ ବିଧେୟ, ବିଶ୍ଳେଷଣ, ବାକ୍ୟର ସଂରଚନାଗତ ବିଭାଗୀକରଣ, ବାକ୍ୟର ରୂପାନ୍ତର, ସ୍ୱତନ୍ତ୍ର ଧରଣର ବାକ୍ୟ ଓ ବିରାମ ଚିହ୍ନ ପ୍ରକରଣ ଆଦି ବହୁ ଦୃଷ୍ଟାନ୍ତ ଓ ଉଦାହରଣ ସହ ଆଲୋଚିତ। ନବମ ଅଧ୍ୟାୟ ହେଉଛି ରୁଢ଼ି ଓ ଢଗଢମାଳି ପ୍ରକରଣ। ଏହି ଅଧ୍ୟାୟରେ କ୍ରିୟାଯୁକ୍ତ ରୁଢ଼ି, ବିଶେଷ୍ୟଗତ ରୁଢ଼ି, ବିଶେଷଣ ଗତ ରୁଢ଼ି ଓ ସାଧାରଣ ରୁଢ଼ି ଉଦାହରଣ ସହ ସ୍ଥାନିତ। ଏତଦ୍ ଭିନ୍ନ ଲୋକବାଣୀ ଓ ଢଗଢମାଳି ମଧ୍ୟ ଏହି ଅଧ୍ୟାୟରେ ପରିବେଷିତ। ଗ୍ରନ୍ଥର ଶେଷ ବା ଦଶମ ଅଧ୍ୟାୟ ହେଉଛି ଅଳଙ୍କାର ଓ ଛନ୍ଦ ପ୍ରକରଣ। ଅଳଙ୍କାର ପ୍ରକରଣରେ ବିଶେଷ ପ୍ରକାର ଶବ୍ଦାଳଙ୍କାର ଓ ବିବିଧ ଅର୍ଥାଳଙ୍କାର ଲେଖକ ପରିବେଷଣ କରିବା ସହିତ ଏହି ଅଳଙ୍କାରର ବିଭିନ୍ନ ପ୍ରକରଣ ସମୂହ ଉଦାହରଣ ସହ ଆଲୋଚନା କରିଛନ୍ତି। ଛନ୍ଦ ପ୍ରକରଣରେ ଲେଖକ ବୟାଳିଶ ଗୋଟି ଓଡ଼ିଆ ରାଗରାଗିଣୀର ଉଦାହରଣ ଯତିପାତ ସହ ପ୍ରଦାନ କରିଛନ୍ତି।

ମୌଳିକ ଓଡ଼ିଆ ବ୍ୟାକରଣ ଗ୍ରନ୍ଥଟି ବ୍ୟବହାରିକ ଓଡ଼ିଆ ଭାଷାର ପ୍ରୟୋଗାତ୍ମକ ଧାରାକୁ ଆଧାର କରି ରଚିତ। ଲୋକମୁଖର ଭାଷା ବ୍ୟବହାରକୁ ବୈଜ୍ଞାନିକ ଦୃଷ୍ଟିରେ ଅନୁଧ୍ୟାନ ଓ ଅନୁଶୀଳନ କରି ସେଥିରେ ରହିଥିବା ସୂତ୍ର ସମୂହକୁ ଆଧାର କରି ପଣ୍ଡିତ ମିଶ୍ର ଏହି ବ୍ୟାକରଣ ଗ୍ରନ୍ଥଟି ଲେଖିଛନ୍ତି। ତାଙ୍କ ଅନୁସୃତ ଧାରା ହେଉଛି ବ୍ୟାକରଣ ରଚନାର ଏକ ଉଚ୍ଚାଙ୍ଗ ପରମ୍ପରା। ମହନୀୟତା ହେଉଛି, ଏହି ବ୍ୟାକରଣ ଗ୍ରନ୍ଥରେ ଓଡ଼ିଆ ଭାଷାର ମୌଳିକତା, ରକ୍ଷଣଶୀଳତା ଓ ଶାସ୍ତ୍ରୀୟତା ପ୍ରତିପାଦନ ହୋଇପାରିଛି। ଓଡ଼ିଆ ବ୍ୟାକରଣ ରଚନାର ପରମ୍ପରା ମିସନାରୀ ଯୁଗରୁ ଆରମ୍ଭ ହେବା ସହିତ ଅଦ୍ୟାବଧି ବହୁ ବିଦ୍ୱାନ ଅନେକ ଓଡ଼ିଆ ବ୍ୟାକରଣ ରଚନା କରିଥିଲେ ହେଁ ସଭାସମିତି ଓ ଆଲୋଚନାଚକ୍ର ମାନଙ୍କରେ ପ୍ରାୟ ଅଭିଯୋଗ ହୋଇଆସୁଛି ଯେ, "ଏ ପର୍ଯ୍ୟନ୍ତ ଆମ ଭାଷାର ମୌଳିକ ବ୍ୟାକରଣଟିଏ ରଚନା ହୋଇ ପାରି ନାହିଁ। ଯାହା କିଛି ଲେଖାଯାଇଛି ସେସବୁ ସଂସ୍କୃତ ବ୍ୟାକରଣ ପଦ୍ଧତିର ଅନୁକରଣ ମାତ୍ର।" ଅନ୍ୟ ଭାଷାରେ ଉଲ୍ଲେଖ କଲେ, ଏ ପର୍ଯ୍ୟନ୍ତ ଲିଖିତ ଓ ପ୍ରକାଶିତ ହୋଇ ଆସିଥିବା ଓଡ଼ିଆ ବ୍ୟାକରଣ ପୁସ୍ତକମାନ ମୌଳିକ ଓଡ଼ିଆ ବ୍ୟାକରଣ ନୁହେଁ ବରଂ ତତ୍ସମ ବ୍ୟାକରଣ ବୋଲି କହିଲେ ଠିକ ହେବ। ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ସର୍ବପ୍ରଥମେ ମୌଳିକ ଓଡ଼ିଆ ବ୍ୟାକରଣ ଗ୍ରନ୍ଥଟିଏ ରଚନା କରି ଏହି ଅଭାବକୁ ପୂରଣ କରିଛନ୍ତି। ଅବଶ୍ୟ ଗ୍ରନ୍ଥଟିର ପ୍ରଥମ ସଂସ୍କରଣରେ ପରିଲକ୍ଷିତ ହୋଇଥିବା ସ୍ୱଳ୍ପ କିଛି ମୁଦ୍ରା ପ୍ରମାଦ ଆଗାମୀ ସଂସ୍କରଣରେ ପରିମାର୍ଜିତ ହେବାର ଆଶା କରାଯାଏ।

**ଏହି ବ୍ୟାକରଣ ଗ୍ରନ୍ଥରେ ଓଡ଼ିଆ ଭାଷାର ମୌଳିକତା, ରକ୍ଷଣଶୀଳତା ଓ ଶାସ୍ତ୍ରୀୟତା ପ୍ରତିପାଦନ ହୋଇପାରିଛି।**

ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗୌରବ ଅଭିବୃଦ୍ଧିରେ ଏହି ଅନନ୍ୟ ଗ୍ରନ୍ଥଟି ସହାୟକ ହୋଇପାରିବ। ଗ୍ରନ୍ଥଟି ଓଡ଼ିଆ ଭାଷାର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗବେଷକ ଗବେଷିକା ଓ ପାଠକ ପାଠିକାଙ୍କ ନିମିତ୍ତ ଦିଗ୍‌ଦର୍ଶକ ହୋଇପାରିବ। ଏହି ବିଶାଳ ବ୍ୟାକରଣ ଗ୍ରନ୍ଥ ରଚନା ଦ୍ୱାରା ପଣ୍ଡିତ ମିଶ୍ର ପ୍ରମାଣ କରିଦେଇଛନ୍ତି ଯେ, ଓଡ଼ିଆ ଭାଷାର ବ୍ୟାକରଣ ଅନ୍ୟ କୌଣସି ଭାଷାର ବ୍ୟାକରଣ ଦ୍ୱାରା ପ୍ରଭାବିତ ହୋଇନାହିଁ, ବରଂ ଏହାର ଏକ ମୌଳିକ ବ୍ୟାକରଣ ଶୃଙ୍ଖଳା ରହିଛି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
dhirendrakar@gmail.com

ଗଳ୍ପ



# ନିରୀହ ଦୋଷ

**ଶିବାଶିଷ ପାଢ଼ୀ**

ସକାଳର ସୁନେଲି କିରଣ ଯେତେବେଳେ ସାରା ସହରଟିକୁ ନିଜ ଅକ୍ତିଆରକୁ ନେଉଥିଲା ସେତିକି ବେଳେ ଷ୍ଟେସନ ସାମ୍ନାରେ ପହଞ୍ଚିଥିଲା ଗାଡି !ଆଗ ପରି ଭିଡ଼ ନଥିଲା କିନ୍ତୁ ତଥାପି କିଛି ଗାଡି ଠିଆ ହୋଇଥିଲେ ଷ୍ଟେସନ ସାମ୍ନାରେ ! ନିଜ ଗାଡିକୁ ନେଇ ଠିକ ଗେଟ ସାମ୍ନାରେ ରଖିଦେଲା ସୁଧୀର !ଦୀର୍ଘ ଅଶୀ କିଲୋମିଟର ବାଟର ଡ୍ରାଇଭିଂ ! ସେ ପୁଣି ନିଦେ ରାତିରୁ ! ଗାଡିର ହ୍ୟାଣ୍ଡବ୍ରେକକୁ ଟାଣିଦେଇ ସାମାନ୍ୟ ଭିଡିମୋଡ଼ି ହେଉଥିଲା ସେ ! ହେଲେ ସେତିକି ବେଳକୁ ଓହ୍ଲାଇ ସାରିଥିଲେ ଅଗ୍ନିହୋତ୍ରୀ ସାହେବ ! ଖଣି କମ୍ପାନୀର ବଡ଼ ଅଫିସର ତଥା ତା'ର ନିୟମିତ ଗ୍ରାହକ ! ଅତୀତରେ ଅସ୍ଥାୟୀ ଭାବେ କମ୍ପାନୀ ଗାଡି ଚଳାଉଥିବା ବେଳୁ ତା'ର ପରିଚିତ ! କମ୍ପାନୀ ଗାଡି ଥିଲେ ବି ସେ ପରିଚୟ ଯୋଗୁଁ କୁଆଡେ ଗଲେ ଆସିଲେ ସୁଧୀରକୁ ହିଁ ଖୋଜନ୍ତି ସେ !



ଚଟାପଟ ଓହ୍ଲାଇଯାଇ ଡ଼ିକି ଖୋଲିଦେଲା ସେ ! ଦୁଇଟି ଛୋଟ ଏଆର ବ୍ୟାଗକୁ ନିଜେ ଧରିଲା !ଟ୍ରେନ ଆସିବାର ଘୋଷଣା ଆରମ୍ଭ ହୋଇ ସାରିଥିଲା ଏଣୁ ତର ତର ହୋଇ ଚାଲୁଥିଲେ ଅଗ୍ନିହୋତ୍ରୀ ବାବୁ !

'ବାର ତାରିଖ ସନ୍ଧ୍ୟା ପାଞ୍ଚଟା -ଠିକ ସମୟରେ ଆସିଯିବୁ' କହି ଟ୍ରେନକୁ ଉଠିଥିଲେ ସେ !

ଷ୍ଟେସନ ବାହାରକୁ ଆସୁ ଆସୁ ସୁଧୀରର ଗୋଡ଼ ଟାଣିନେଉଥିଲା ଚା ଦୋକାନ ପଟକୁ ! ସକାଳର ଥଣ୍ଡା ବାଧ୍ୟ କରୁଥିଲା ଗରମ ଗରମ ଚା କପେ ପାଇଁ ! ଚା କପ ଟିଏ ଅର୍ଡର କରୁ କରୁ ନାକରେ ବାଜିଲା ସିଗାରେଟର ବାସ୍ନା ! କ୍ଷଣିକ ପାଇଁ ଚହଲି ଉଠିଲା ମନ ! ଖଣ୍ଡେ ସିଗାରେଟ ପାଇଁ ଇଛା ହେଲା ପ୍ରବଳ ! ପ୍ରାୟ ଦୁଇବର୍ଷ ହେବ ସିଗାରେଟ ପୁରା ଛାଡି ଦେଇଛି ସେ ! ଯେଉଁ ଦିନୁ ଏ କୋଭିଡ କଟକଣା ସବୁ ହେଲାଣି ସେ ଦିନୁ କମିଯାଇଛି ଲୋକଙ୍କ ଯିବା ଆସିବା ! ଭଡା କମ ମିଳୁଛି ! ଗାଡିର ମାସିକ କିସ୍ତି ଦେଇ ଘର ଚଳାଇବା ଏକ ଆହ୍ୱାନ ପାଲଟି ଯାଇଛି ! ଆଉ ଏ ଦାମିକିଆ ସଉକ ପାଇଁ ଟଙ୍କା କାହିଁ ! ଦିନକୁ ପାଞ୍ଚଟା ସିଗାରେଟର ଖର୍ଚ୍ଚରେ ମିନି ପାଇଁ କ୍ଷୀର ଲିଟରଟିଏ ଆସୁଛି ! ନାକରେ ପଶୁଥିବା ସିଗାରେଟର ଧୂଆଁ ଟାଣୁଥିଲା ମନକୁ !ଏ ନିଶାସବୁ ଏମିତି ? ଛାଡିବାର ଯେତେ ବର୍ଷ ହେଲେ ବି ଆକର୍ଷି ଚାଲିଥାନ୍ତି ମଣିଷକୁ ! ସିଗାରେଟ ଧୂଆଁର ବଳୟ ବାହାରକୁ ଚାଲିଗଲା ସେ !

ଠିକ ସେତିକି ବେଳେ ଆସିଥିଲା ସେ ଲୋକଟି ! ପଚାଶ ପଂଚାବନ ବୟସର ହେବ ! ବେଶପୋଷାକ ସାଧାରଣ ଥିଲା। କିନ୍ତୁ ଲାଗୁଥିଲା ଯେମିତି କୌଣସି ନିଶା ଖାଇକି ଶୋଇଥିଲା ଅନେକ ସମୟ ! ହେଲେ ଭାରି ବ୍ୟସ୍ତ ଜଣାପଡୁଥିଲା ସେ !

ନେହୁରା ହେଉଥିଲା ! କହୁଥିଲା, ଆଜ୍ଞା ଦୟାକରି ମୋତେ ଦୁଇ ତିନିଶହ ଟଙ୍କା ସାହାଯ୍ୟ କରନ୍ତୁ !ମୋର ବ୍ୟାଗ ମୋବାଇଲ ପର୍ସ ସବୁକିଛି ଚୋରି ହୋଇଗଲା ! ଟଙ୍କା ଦୁଇଶହ

ହେଲେ ମୁଁ ରାଉରକେଲା ପହଞ୍ଚିଯିବି !ପ୍ରବଳ ଭୋକ ହେଉଛି କିଛି ଖାଇବି।

ବୋଧେ ସମାନ କଥା ବହୁତ ଲୋକଙ୍କୁ କହି ସାରିଥିଲା ସେ, ଆଉ ନିରାଶ ବି ହୋଇଥିଲା !

ଚା ଦୋକାନରେ ଚାରି ପାଞ୍ଚ ଜଣ ଥିଲେ କିନ୍ତୁ ଏମିତି ଅଭିନୟ କରୁଥିଲେ ଯେମିତି କେହି କିଛି ଶୁଣୁନାହାନ୍ତି ! ଶୀଘ୍ର ଶୀଘ୍ର ଚା' କୁ ଢ଼ୋକି ଦେଇ ଚାଲିଯିବାର ଫିରାକରେ ଥିଲେ ସେମାନେ !ଲୋକଟି ସତ କହୁଛି କି ଅଭିନୟ କରୁଛି ସେକଥାକୁ ଗଭୀର ଭାବରେ ନିରୀକ୍ଷଣ କରୁଥିଲା ସୁଧୀର ! ଜାଣିବାର ଯୁ ନଥିଲା ! ଆଜିକାଲି ଠକଙ୍କ ପ୍ରାବଲ୍ୟ ଏମିତି ଯେ ଲୋକଟି ସତ କହୁଥିଲେ ବି ଲୋକେ ବିଶ୍ୱାସ କରିବା କଷ୍ଟ ହୋଇଯାଏ !

କେହି ଶୁଣି ନଥିଲେ ସୁଧୀର ବି ବିଶ୍ୱାସ କରୁ ନଥିଲା କିନ୍ତୁ କହିଲା - 'ପ୍ରଥମେ ଚା ବିସ୍କୁଟ ଟିକିଏ ଖାଅ ତ !'

ଚା' ବାଲାକୁ ଚା ଟିଏ ପାଇଁ କହିଥିଲା ସେ !

ଯେମିତି କୂଅକୁ ଖସି ପଡୁଥିବା ବେଳେ କେଉଁ ଚେରର ଆଶ୍ରା ମିଳିଗଲା ! ଚମକି ଉଠିଲା ସେ ଲୋକର ଚେହେରା !

ବୋଧେ ଖୁବ ଭୋକ ହେଉଥିଲା କି କିଛି ନିଶାର ପ୍ରଭାବ ଥିଲା ସତରେ ! ଦୁଇ କପ ଚା ଓ ଚାରିଟି ପାଞ୍ଚ ଟଙ୍କିଆ ବିସ୍କୁଟକୁ ଖାଇଗଲା ଲୋକଟି !

ସେ ଲୋକର ହାବଭାବକୁ ଗଭୀର ଭାବେ ଅନୁଧ୍ୟାନ କରୁଥିଲା ସୁଧୀର ! କାହିଁକି କେଜାଣି ବିବେକ କହୁଥିଲା ଲୋକଟି ମିଛ କହୁନାହିଁ ! ପକେଟରେ ହାତଦେଲା ସେ ! ପକେଟରେ ଥିଲା ଏବେ ଏବେ ଅଗ୍ନିହୋତ୍ରୀ ସାହେବ ଦେଇଥିବା ଦୁଇହଜାର ଦୁଇଶହ ପଚାଶ ଟଙ୍କା। ହେଲେ ସେ ଟଙ୍କା ପାଇବା ଆଗରୁ କିନ୍ତୁ ତାର ଖର୍ଚ୍ଚ ହିସାବ ବି ରେଡି ଥିଲା !

ଏକ ହଜାରର ତେଲ, ଏମାସର କିସ୍ତି ପାଇଁ ପାଞ୍ଚଶହ !ଅନେକ ଦିନରୁ ମିନି କହୁଥିବା ହରଲିକ୍ସ ପାଇଁ ଦୁଇଶହ ପଚାଶ ଟଙ୍କା ! ଆଉ ଏସପ୍ତାହର ହାଟଖର୍ଚ୍ଚ ପାଇଁ ଆଶାକୁ ଦେବ ପାଞ୍ଚଶହ ଟଙ୍କା !

ମନ ବିବେକ ଉଭୟେ କହୁଥିଲେ ସାହାଯ୍ୟ କରିବା ପାଇଁ। ହେଲେ ଆସନ୍ତା କାଲି ଭଡା ମିଳିବ ନ ମିଳିବ ଏ ନେଇ ନିଶ୍ଚିତ ନଥିଲା ସୁଧୀର ! ହିସାବ କରୁଥିଲା କେଉଁଥିରୁ ଖର୍ଚ୍ଚକାଟ କରିବ ସେ !

ଚା ବିସ୍କୁଟ ଖାଇ ଆଶାୟୀ ଆଖିରେ ଚାହୁଁଥିଲା ଲୋକଟି, ଯେମିତି ସୁଧୀର ହିଁ ତାର ଶେଷ ଆଶ୍ରା ଥିଲା ! ଏପଟେ ନିଷ୍ପତ୍ତି ନେଇ ସାରିଥିଲା ସୁଧୀର ! ମିନି ପାଇଁ ଅଧକିଲୋ ଜାଗାରେ ଦୁଇଶହ ବାଲା ହରଲିକ୍ସ ନେଇ ସେଥିରୁ ଶହେ ଟଙ୍କା ଖର୍ଚ୍ଚକାଟ କରିବା ନିଷ୍ପତ୍ତି ନେଇକି କହିଥିଲା,

-ତୁମେ ସତ କହୁଛ କି ମିଛ କହୁଛ ମୁଁ ଜାଣିନାହିଁ, କିନ୍ତୁ ମୁଁ ଶହେ ଟଙ୍କା ଦେଇ ପାରିବି ! ଆଉ ମୁଁ ଯାହା ଜାଣିଛି ଶହେ ଟଙ୍କାରେ ତୁମେ ରାଉରକେଲା ପହଞ୍ଚି ଯିବ।'

ଆଶାର ଆଲୋକରେ ଚମକୁଥିଲା ଲୋକଟିର ଚେହେରା !

କୃତକୃତ୍ୟ ହୋଇ କହିଥିଲା -

'ଆଜ୍ଞା ମୁଁ ସେମିତି ଲୋକ ନୁହେଁ !'

ଆପଣଙ୍କ, ନାଁ ଓ ଫୋନ ନମ୍ବର ଦିଅନ୍ତୁ ଆଜ୍ଞା।'

'କାହିଁକି ?' ପଚାରିଥିଲା ସୁଧୀର

'ମୁଁ ଫେରାଇଦେବି ଆଜ୍ଞା', 'ଆହୁରି ନମ୍ର ଭାବେ କହିଥିଲା ସେ !'

ହେଲେ ଏବେ ପ୍ରାୟ ଗମ୍ଭୀର ଥିଲା ସୁଧୀର ! ଶହେ ଟଙ୍କା ବଢ଼ାଇଦେଇ କହିଥିଲା

-'ମୁଁ ମୋ ଛୋଟ ଆୟରେ ଅନେକ ଲୋକଙ୍କୁ ସାହାଯ୍ୟ କରିବାର ଚେଷ୍ଟା କରେ, କେବେ ପ୍ରତିସାହାଯ୍ୟ ଆଶା କରେ ନାହିଁ ! ଆଗରୁ କରୁଥିଲି ଆଉ ଦୁଃଖିତ ହେଉଥିଲି ଏବେ କରୁନାହିଁ ଓ ସୁଖରେ ଅଛି ! ଫେରାଇବା ଦରକାର ନାହିଁ ମୋ କଥା ଭଗବାନ ବୁଝିବେ।'

ହେଲେ ମାନୁ ନଥିଲା ଲୋକଟି !ଗାଡି ପର୍ଯ୍ୟନ୍ତ ବି ଆସିଥିଲା ହେଲେ ନିଜ ଜିଦରେ ଅଟଳ ରହି ଗାଡି ଷ୍ଟାର୍ଟ କରିଥିଲା ସୁଧୀର !

ଦୁଇଶହ ଗ୍ରାମର ହରଲିକ୍ସକୁ ଦେଖି ଖୁସିରେ ଘର କମ୍ପାଇ

**ମୁଁ ମୋ ଛୋଟ ଆୟରେ ଅନେକ ଲୋକଙ୍କୁ ସାହାଯ୍ୟ କରିବାର ଚେଷ୍ଟା କରେ, କେବେ ପ୍ରତିସାହାଯ୍ୟ ଆଶା କରେ ନାହିଁ ! ଆଗରୁ କରୁଥିଲି ଆଉ ଦୁଃଖିତ ହେଉଥିଲି ଏବେ କରୁନାହିଁ ଓ ସୁଖରେ ଅଛି !**

ଦେଉଥିଲା ମିନି! ଆଶା ହାତକୁ ହଜାରେ ବଢ଼ାଇ ଦେଇ ଖଟରେ ବସିଥିଲା ସୁଧୀର! କହିଥିଲା କିସ୍ତି ଡବାରେ ପାଞ୍ଚ ଶହ ରଖିଦେବ! ଏମାସରେ ଆଉ ଦୁଇ ତିନୋଟି ଭଡା ମିଳିଗଲେ କିସ୍ତିଟା ହୋଇଯିବ!

ଆଶା କରୁଥିଲା ଖୁସି ହେବେ ଆଶା। କିନ୍ତୁ ସୁଧୀର ଦେଖୁଥିଲା ଆଶାର ଚେହେରାରେ ଗଭୀର ନିରାଶାର ଚିହ୍ନ! କିଛି ବୁଝି ପାରୁ ନଥିଲା ସେ! ନାଲି ଚା'କପେ ପାଖରେ ଥୋଇ ଦେଇ ଆଶା ବଢ଼ାଇ ଦେଇଥିଲେ ପନ୍ଦର ଶହ ଟଙ୍କାର ବିଦ୍ୟୁତ ବିଲ !ବିଦ୍ୟୁତ ବିଲକୁ ଦେଖି ଚୁପଚାପ ହୋଇଗଲା ସୁଧୀର !ଶୁଖିଗଲା ଚେହେରା। ତଥାପି ଏକ ଶୁଷ୍କ ହସ ଖେଳାଇ କହିଲା

-'ହେଉ ଯୋଗାଡ଼ କରିବା!'

-'ମୋ ପାଖରେ କିଛି ଅଛି ଯେ'।

ପାଖରେ ବସି କହିଥିଲେ ଆଶା! ଯେମିତି ନିଜ ଦାୟିତ୍ୱକୁ ଠିକ ଭାବେ ବୁଝୁଥିଲେ ସେ !ପରସ୍ପରକୁ ଚାହୁଁଥିଲେ ସେମାନେ ଯେମିତି ପରସ୍ପରକୁ ବୁଝାଉ ଥିଲେ! ମନର ଅବସ୍ଥା ଯାହାହେଉ ଚେହେରାରେ ଥିବା ମନ୍ଦ ମନ୍ଦ ହସ କିନ୍ତୁ ସାହସ ଦେଉଥିଲା ଅନେକ !ଏସବୁର ଧାର ଧରୁ ନଥିବା ମିନି କିନ୍ତୁ ଛୋଟ ହରଲିକ୍ସକୁ ଧରି ଦୌଡ଼ି ବୁଲୁଥିଲା!



ମନ ଭଲ ନଥିଲା, କିନ୍ତୁ ପରିସ୍ଥିତିକୁ ସାମ୍ନା କରିବା ଛଡ଼ା କୌଣସି ଉପାୟ ବି ନଥିଲା !ପରବର୍ତ୍ତୀ ଦିନ ପାଇଁ କୌଣସି ଭଡା ଯୋଗାଡ଼ ପାଇଁ ସନ୍ଧ୍ୟାରେ ଟ୍ରାଭେଲ ଏଜେନ୍ସୀ କୁ ଫୋନ ଲଗାଇଥିଲା ସୁଧୀର ହେଲେ ସେ ଆଶା କରି ନଥିଲା ଏମିତି ହେବ ବୋଲି!

ଫୋନ ଉଠାଉ ଉଠାଉ ମାଲିକ ମନବାବୁ କହିଥିଲେ -

-'ଆରେ ସୁଧୀର ମୁଁ ତୋତେ ଫୋନ କରିଥାନ୍ତି ଏବେ!'

-'ଆଜ୍ଞା ଭଲ ଭଡା କିଛି ଅଛି କି?'

ଖୁସି ହୋଇଯାଇଥିଲା ସୁଧୀର, କିନ୍ତୁ ସେପଟେ ଗମ୍ଭୀର ହୋଇ ଯାଇଥିଲେ ମନବାବୁ, ଗମ୍ଭୀର ହୋଇ କହିଥିଲେ,

'ଆଉ ଭଡା କଣ ହେବ ସୁଧୀର! ତୋ ଗାଡିକୁ ଆମ କମ୍ପାନୀରୁ ବାହାର କରିଦେଇଛି ମୁଁ, 'ନିରବ ହୋଇଯାଇଥିଲେ ସେ, ଏପଟେ କିନ୍ତୁ ଯେମିତି ଆକାଶରୁ ଖସି ପଡୁଥିଲା ସୁଧୀର!

କାନ୍ଦୁଣ୍ଣ ମାନ୍ଦଣ୍ଣ ହୋଇ କହିଥିଲା - ଆଜ୍ଞା ମୋର ଦୋଷ କଣ ???

ହାହା..... ହସୁଥିଲେ ମନବାବୁ! କହିଲେ, 'ହଁ ଦୋଷ ତ ତୁମେ ଆଜି ସକାଳୁ କରିଛ! କାହାକୁ ଶହେ ଟଙ୍କା ଦେଇଥିଲ କି?'

'ହଁ ଆଜ୍ଞା? କଣ ହେଲା ସେଇଠୁ?' ପ୍ରାୟତଃ କାନ୍ଦି ପକାଉଥିଲା ସୁଧୀର!

'ଆରେ ସେ ତୁମ ଗାଡି ନମ୍ବରରୁ ଠିକଣା ବାହାର କରି ମୋ ପାଖକୁ ଫୋନ କରିଥିଲେ! ତାଙ୍କର ରାଉରକେଲାରେ ଭଲ ବ୍ୟବସାୟ ଅଛି! ରହିବା ପାଇଁ ଘର ସହ ତୁମ ଗାଡିକୁ ପୁରା ଭଡାରେ ଦେବାପାଇଁ ଅନୁରୋଧ କରିଛନ୍ତି ସେ! ମୁଁ ତ ତୁମ ତରଫରୁ ହଁ କହି ଦେଇଛି! ଆରେ ଏତେ ଭଲ ସୁଯୋଗ କିଏ ଛାଡିବ କି! ଏବେ ଏବେ ଫୋନ କରିଥିଲେ ସେ! ମୁଁ ତୁମ ନମ୍ବର ଦେଇଛି ଦେଖ ଫୋନ ଆସୁଥିବ!'

ଖୁସିସବୁ ହଠାତ ପଶି ଆସୁଥିଲେ ଘରକୁ!

ମୁଁ ଜାଣିଛି ଆଶା ସାହାଯ୍ୟ ଫେରେ, କିନ୍ତୁ ଏତେ ଜଲଦି ଫେରେ ଏକଥା ଜାଣି ନଥିଲି ---ଆଶାକୁ ସବୁ ଶୁଣାଉ ଶୁଣାଉ କାନ୍ଦି ପକାଉଥିଲା ସୁଧୀର! ସୁଧୀରର ଲୁହ ପୋଛୁଥିଲେ ଆଶା କିନ୍ତୁ ନିଜେ ବି କାନ୍ଦି ଚାଲିଥିଲେ!

ଏପଟେ ଫୋନ ରିଙ୍ଗ ହୋଇ ଚାଲିଥିଲା!

□□

ଲେଖକଙ୍କ ଇ-ମେଲ୍ ଠିକଣା:
shibashishemgir@gmail.com


**ବ୍ୟଙ୍ଗ**

# ସତୁରୀ ବର୍ଷୀୟ ଯୁବ ଲେଖକ !



ଡ. କୁଳାଙ୍ଗାର

ଦିନକୁଦିନ ବୃଦ୍ଧମାନଙ୍କଠାରେ ଯବାନୀ ବୃଦ୍ଧିପାଇବା ଖବରଟା ଆଉ ଆମକୁ ସେତେ ଚକିତ କରିପାରୁନାହିଁ । କାରଣ ଆଜିକାଲିର ସମାଜରେ ବୃଦ୍ଧମାନଙ୍କର ସଂଖ୍ୟା ବହୁତ୍ କମ୍ ? ! ଆପଣ ଭାବୁତିବେ ମୁଁ ଗାଲୁଆମୀ କରୁଛି ! କାହିଁକି ନା ଘରେଘରେ ତ ବୟସ୍କ ଲୋକମାନେ ଅଛନ୍ତି !! କିନ୍ତୁ ବୟସ୍କ ଲୋକମାନେ ଆଜିକାଲି ନିଜକୁ ବୃଦ୍ଧବୋଲି ନିଜକୁ ମାନିବାକୁ ନାରାଜ୍ । ସମସ୍ତେ ନାନା ଫନ୍ଦି ଫିକର କରି ନିଜକୁ ଯୁବକ ଭାବରେ ସଜେଇବାକୁ ତତ୍ପର ! ସେଥିରୁ ତାଙ୍କ ଘର ବି ବାଦ୍ ପଡିନି ।



ସେଦିନ ସକାଳୁସକାଳୁ ତାର ସତୁରୀ ବୟସ୍କ ବାପା ଯେବେ ଦାଢିନିଶ ସଫା କରି ମୁଣ୍ଡରେ କଳାରଙ୍ଗ ମାରି ଫିଟ୍‌ଫାଟ୍ ହୋଇ ବାହାରିଲେ । ସିଏ କହିଲା- ବାପା କାଲି ପରା ବେଡ୍‌ରୁ ଉଠିଚ, ଆଜି ପୁଣି କୁଆଡେ ବାହାରିଚ ?

ସହାସ୍ୟ ବଦନରେ ବାପା କହିଲେ- ଆଜି ଆମ ଯୁବଲେଖକ ସଂଘର ବାର୍ଷିକ ଉତ୍ସବ । ସେଥିରେ ମୋତେ କବିତା ସଂଯୋଜନା କରିବାକୁ ହେବ !

ବାପାଙ୍କର କଥା ଶୁଣି ତାର ଶରୀରରେ ଗୋଟେ ଅପୂର୍ବ ରୋମାଂଚ ଖେଳିଗଲା । ସିଏ ହିସାବ କରି ଦେଖିଲା କି ସିଏ ନିଜେ ବି ଯୁବକ ନୁହେଁ । ଏହା ଭିତରେ ତାକୁ ଛୟାଳିଶ ବର୍ଷ ପାର ହୋଇ ସାରିଛି । ତା ଝିଅ କଲେଜ ଯାଇ ପ୍ରେମ କରିବା ସହ ଆଠ ଦଶଟା କବିତା ଲେଖି ସାରିଲାଣି ।

ସିଏ ହସିହସି ପଚାରିଲା- ବାପା, ଏ ଯୁବଲେଖକ ସଂଘଟି କେବେ, କାହିଁକି ଗଠନ ହୋଇଥିଲା ?

ବାପା କହିଲେ- ତୋର ତ ଯା ତା ଶୁଙ୍କ ଖୋଜି ବକ୍ରୋକ୍ତି କରିବାରେ ବେଳଗଲା । ତୁ ଏହାର ମାହାତ୍ମ୍ୟ କାହୁଁ ଜାଣିବୁ ! ବର୍ଷବର୍ଷ ଧରି ସାହିତ୍ୟ ଦରବାରରେ ଗାଦିମାଡି ବସିଥିବା ଅବଧାନ ମାନଙ୍କୁ ଉଚିତ୍ ଜବାବ ଦେଇ ଯୁବ ଲେଖକମାନଙ୍କ ପାଇଁ ସୁଯୋଗ ସୃଷ୍ଟିକରିବା ପାଇଁ ଆମ ଭଳିଆ ଦଳେ ଦମ୍‌ଦାର ଯୁବ ଲେଖକଙ୍କ ଦ୍ୱାରା ଏହି ଅନୁଷ୍ଠାନଟି ପ୍ରାୟ ପଚାଶ ବର୍ଷ ତଳେ ଗଠନ ହୋଇଥିଲା !

ସିଏ କହିଲା- ହେଲା । ମାନୁଚି, ଏହା ଏକ ମହାନ ଅନୁଷ୍ଠାନ ! ହେଲେ, ତମେ କଣ ଆଉ ଯୁବକ ହୋଇ ଅଛ ?

ଏତିକି ବେଳେ ବାପାଙ୍କର ବାହାରିଲା ଶ୍ୱାସ । ଧଇଁ ପେଲି ଦିଟା ଲହରା କାଶ କାଶିଲା ପରେ ଔଷଧ ଟାଣି ସିଏ ସାଷ୍ଟାମ ହେଲେ ଆଉ କହିଲେ- ହଁ କଣ କ ହୁ ଥି ଲୁ ଯେ....ଯୁ ବ କ ! ହେରେ ସାହିତ୍ୟିକ କଣ କେବେ ବୃଦ୍ଧ ହୁଏ ? ସୃଜନରେ ବାରଂବାର କାମବାଣ ବିସ୍ଫୋରଣ କରୁଥିବା ବୃଦ୍ଧଲେଖକ ବି ଜଣେ ସାରସ୍ୱତ ଯୁବକ । ତେଣୁ ଖେଳକୁଦ କି ଚାକିରିରେ ସିନା ତମେମାନେ ବୟସ ହିସାବ କରି ଯୁବକ କି ବୃଦ୍ଧ ବୋଲି କହିବ । ସାହିତ୍ୟରେ କିନ୍ତୁ ସେ ସବୁ ଚଳିବନି ।

ବାପା ଏହା ସହିତ କିଛି ସଂସ୍କୃତ ଶ୍ଳୋକ ଉଚ୍ଚାରଣ କରି ଆଉ କିଛି ପୁରାତନ କବିତାର ପଂକ୍ତି ଶୁଣେଇ ତାଙ୍କ ଯୁକ୍ତିକୁ

ଶକ୍ତ କଲେ। ସେ ସବୁ ତା ମୁଣ୍ଡରେ କିଛି ପଶିଲାନି। ତେବେ ବାପାଙ୍କର କହିବାର ସାରମର୍ମ ଏୟା ଥିଲା କି- ମରଣ ପର୍ଯ୍ୟନ୍ତ ମଧ୍ୟ ଲେଖାଲେଖି କରୁଥିବା ବୟସ୍କଟିଙ୍କୁ କେବେ ବି ବୃଦ୍ଧଲେଖକ ବୋଲି କୁହାଯାଇ ପାରିବ ନାହିଁ।

ସିଏ ପଚାରିଲା- ବାପା, ତମେ ଯୁବଲେଖକ ସଂଘରେ କାର୍ଯ୍ୟକ୍ରମ ସଂଯୋଜକ ହେବ ତ ତୁମ ନାତୁଣୀ କଣ କରିବ?

ବାପା କହିଲେ- ଦେଖ, ମୋ ପରି ଜିନ୍ ଗଂଜି ପିନ୍ଧା ଫିଟ୍‌ଫାଟ୍ ବୁଢାଙ୍କ ଆଗରେ, ଧେଡିଆ ଓ ରୋଗୀଣା ଯୁବଲେଖକଟିଏର ଦମ୍ କେତେ? ଏବେ ମଧ୍ୟ ସାହିତ୍ୟସଭାରେ ବହୁ ତରୁଣୀ ମୋତେ ବୁଲିବୁଲି ଚାହାନ୍ତି। ତେଣୁ ଯୁବଲେଖକ ସଂଘର ସଦସ୍ୟ ଓ କର୍ମକର୍ତ୍ତା ହେବା ପାଇଁ ବୟସଗତ ଯୁବକ ହେବା ଜରୁରୀ ନୁହେଁ ବରଂ ଯୁବ ସୁଲଭତା ଜରୁରୀ!

ସିଏ କହିଲା- ବାପା, ତମର ଏ ବିତଣ୍ଡା ଯୁକ୍ତିକୁ ମୁଁ ଗ୍ରହଣ କରିପାରୁନି। ଆଚ୍ଛା, ନାରୀ ସୁଲଭତା ଅଛିବୋଲି ଲେଖକଟିଏ କଣ ଲେଖିକା ସଂସଦର ସଦସ୍ୟ ହୋଇଯିବ? ଏସବୁ ଶୋଭନୀୟ ହେଉନି। ତମେ ଆଉ ତମର କେତେଜଣ ବନ୍ଧୁ ଲୋଭରେ ଏସବୁ ପଦପଦବୀ ଛାଡି ନପାରି ଏମିତିଆ ଗାଲୁଆମି କରୁଚ ଯାହା।

**ଏଠି କିଏ ଯୁବକ ଅଛିକି? ଏଠି ତ ଯୁବ ପୁରସ୍କାର ପାଆନ୍ତି ବୃଦ୍ଧମାନେ, ଅନ୍ୟ ରାଜ୍ୟକୁ ସାହିତ୍ୟ ଚର୍ଚ୍ଚା ଓ ପରିଭ୍ରମଣ ପାଇଁ ଯାଆନ୍ତି ବୃଦ୍ଧମାନେ, ଆନୁଷ୍ଠାନିକ ଯୁବ କବିତା ଆସରରେ ଆସନ ଜମେଇ ବସନ୍ତି ବୃଦ୍ଧମାନେ।**

ବାପା ଏଥର ମୁଚୁକୁନ୍ଦ ମାରି କହିଲେ- ଅସଲ କଥାଟି ତୁ କେମିତି ଜାଣିଲୁ କିରେ? ସତକଥା ହେଲା ଆମେମାନେ ଏ ଅନୁଷ୍ଠାନଟିକୁ ଗଢିବା ପରେ ଏମିତି ଜୋସ୍‌ରେ ଘଣିହୋଇ ବୁଲିଲୁ ଯେ ଏଇଟା ଗୋଟେ ପରିବାରରେ ପରିଣତ ହୋଇଗଲାଣି। ତେଣୁ ତୁ କହ, ପରିବାର ଛାଡି ଯିବାକୁ କିଏ କଣ ମନ କରେ?

ସିଏ କହିଲା- ଯଦି ଏମିତି କଥା, ବୟସ ହେଲା ପରେ ଅନୁଷ୍ଠାନର ନାଆଁଟିକୁ ବଦଳେଇ ଦେଲନି?

ବାପା କହିଲେ- ନାଆଁଟି ତ ପ୍ରସିଦ୍ଧି ଅର୍ଜନ କରିଛି। ତା ଛଡା ମଦରେ ପାଣି ମିଶେଇଲା ପରି ଆମେ ମଝିରେ ମଝିରେ ତୋ ବୟସର ଦଳେ ଅର୍ଦ୍ଧବୃଦ୍ଧଙ୍କୁ ଏଥିରେ ମିଶେଇ ଅଭିଯୋଗ ଗୁଡାକୁ ପାଣି ଫଟେଇ ଦେଇଛୁ।

ସିଏ ପୁଣି ପଚାରିଲା- ବାପା, ଏଡେବଡ ସାହିତ୍ୟ ସମୃଦ୍ଧ ରାଜ୍ୟରେ ଏକଥାକୁ କେମିତି କେହି ବି ଯୁବ ଲେଖକ ପାଟି ଫିଟେଇ ବିରୋଧ କରୁନାହାନ୍ତି?

ବାପା କହିଲେ- ଏଠି କିଏ ଯୁବକ ଅଛିକି? ଏଠି ତ ଯୁବ ପୁରସ୍କାର ପାଆନ୍ତି ବୃଦ୍ଧମାନେ, ଅନ୍ୟ ରାଜ୍ୟକୁ ସାହିତ୍ୟ ଚର୍ଚ୍ଚା ଓ ପରିଭ୍ରମଣ ପାଇଁ ଯାଆନ୍ତି ବୃଦ୍ଧମାନେ, ଆନୁଷ୍ଠାନିକ ଯୁବ କବିତା ଆସରରେ ଆସନ ଜମେଇ ବସନ୍ତି ବୃଦ୍ଧମାନେ। ଆମେ କୌଶଳ କରି ଏମିତି ଜଗିଦେଇଛୁ ଯେ ଯୁବକଟିଏକୁ ମାଇକିଟେ ମିଳିବାର ସୁଯୋଗ ସୃଷ୍ଟି ହେଲେ ସିନା ସିଏ କହିବ! ତା ଛଡା ମଝିରେ ମଝିରେ ପୁରସ୍କାର ପାଇ ମିଡିଆରେ ଚର୍ଚ୍ଚିତ ହେବା ଦ୍ୱାରା ଆମେ ବୟସକୁ ଭୁଲି ଯାଉ। ଏ ସବୁ ପରେ ମଧ୍ୟ ଯିଏ ଖଣ୍ଡେପଟେ ପାଟି ଫିଟାନ୍ତି ଆମର ଗୋଡାଣିଆ ଓ ବୋକଚାବୁହା ମାନେ ତାକୁ ଗାଳିମନ୍ଦ କରି ଚପେଇ ଦିଅନ୍ତି।

ସିଏ କହିଲା- ବାପା, ଏସବୁ କିନ୍ତୁ ସୁନ୍ଦର ହେଉନି। ଆମ ଭାଷା ଓ ସାହିତ୍ୟର ପ୍ରସାର ତଥା ପ୍ରକୃତ ଯୁବଲେଖକ ମାନଙ୍କୁ ସୁଯୋଗ ଦେବାପାଇଁ ତମେ ମାନେ ଏ ପଦପଦବୀ ଛାଡିଦେଇ ସମ୍ମାନର ସହ ଏହାକୁ ଉପଦେଶ ଦେଲେ ସିନା ଶୋଭା ଦିଶନ୍ତା!

ବାପା କହିଲେ- ଆମେ ବି ସେୟା ଠିକ୍ କରିଛୁ। ଏଥର ଯୁବକ ମାନଙ୍କ ହାତରେ ଯୁବ ଲେଖକ ସଂଘକୁ ଟେକି ଦିଆଯିବ। ଆମେ ଢେର୍ ଦିନ କଲୁ, ଏଥର ନିଅନ୍ତୁ ସେମାନେ ସମ୍ଭାଳନ୍ତୁ। ସଭାପତି, ସମ୍ପାଦକ କିଏ ହେବେ ନାଆଁ ବି ଠିକ୍ ହୋଇସାରିଛି।

ସିଏ ବାପାଙ୍କର କଥାଶୁଣି ଖୁସିରେ ତାଳି ବଜେଇ କହିଲା- ବାଃବାଃ ବଢିଆ ହେବ। ସେମାନେ ତ ଯୁବକ ହୋଇଥିବେ ନିଶ୍ଚୟ! ଆଚ୍ଛା ବାପା, ଏ ନୂଆ ସଭାପତି, ସମ୍ପାଦକଙ୍କର ଆନୁମାନିକ ବୟସ କେତେ ହେବ?

ବାପା କହିଲେ- ବେଶିନାଇଁ, ଜଣକୁ ଛପନ ଆଉ ଜଣକୁ ବାଉନ ବର୍ଷ!

□□

ଲେଖକଙ୍କ ଇ-ମେଲ ଠିକଣା:
dr.kulangar@gmail.com

ପ୍ରବନ୍ଧ

# 'ଚାଟ ଇଚ୍ଛାବତୀ'ର ପ୍ରଣେତା: କବି ବନମାଳୀ ଦାସ



ଡ. ଅଶୋକ କୁମାର ପଣ୍ଡା

ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ଅନେକ କବି ଜନ୍ମଗ୍ରହଣ କରି ସ୍ୱୀୟ ସାରସ୍ୱତ କୃତି ଦ୍ୱାରା ଓଡ଼ିଆ ସାହିତ୍ୟ ବାଣୀ ଭଣ୍ଡାରର କଳେବର ପରିପୁଷ୍ଟ କରିଯାଇଛନ୍ତି। ଓଡ଼ିଆ ସାହିତ୍ୟ ଜଗତର ଷୋଡଶ, ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀ ଏହି ତିନି ଶହ ବର୍ଷକୁ ସୁବର୍ଣ୍ଣ ଯୁଗ ବୋଲି କହିଲେ ଯଥାର୍ଥ ହେବ। କାରଣ ଏହି ସମୟରେ ଅନେକ ଯଶସ୍ୱୀ ସାରସ୍ୱତ ସ୍ରଷ୍ଟା ଜନ୍ମ ଗ୍ରହଣ କରିଥିଲେ। କିନ୍ତୁ ପରିତାପର ବିଷୟ ଆଜି ଏକବିଂଶ ଶତାବ୍ଦୀର ତୃତୀୟ ଦଶକ ସମୟ ଆସି ପହଞ୍ଚିଲେ ମଧ୍ୟ ଅନେକ କବି, ବିଶିଷ୍ଟ ସାହିତ୍ୟିକ ଓ ସମାଲୋଚକଙ୍କ ଦୃଷ୍ଟି ଅନ୍ତରାଳରେ ଲୁକ୍କାୟିତ ଭାବରେ ରହିଯାଇଛନ୍ତି। ତେବେ ସମୟକ୍ରମେ ଜଣେ ଜଣେ ଆଲୋଚନାର ପରିସରଭୁକ୍ତ ହୋଇଥାନ୍ତି।




କବି ବନମାଳୀ ଦାସଙ୍କ 'ଚାଟ ଇଚ୍ଛାବତୀ' ଓଡ଼ିଆ କାବ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ। 'ଇଚ୍ଛାବତୀ' ନାମରେ ଯଥାକ୍ରମେ ତିନି ଜଣ କବିଙ୍କ କାବ୍ୟ ପାଠକ ସମ୍ମୁଖକୁ ଆସେ। ବନମାଳୀ ଦାସଙ୍କ 'ଚାଟ ଇଚ୍ଛାବତୀ', ଧନଞ୍ଜୟ ଭଞ୍ଜଙ୍କ 'ଇଚ୍ଛାବତୀ' ଓ ପଦ୍ମନାଭ ହରିଚନ୍ଦନଙ୍କ 'ଇଚ୍ଛାବତୀ'। ଧନଞ୍ଜୟ ଭଞ୍ଜଙ୍କ 'ଇଚ୍ଛାବତୀ' କାବ୍ୟ ବନମାଳୀ ଦାସଙ୍କ 'ଚାଟ ଇଚ୍ଛାବତୀ' କାବ୍ୟ, ବିହ୍ଲଣଙ୍କର ପ୍ରଖ୍ୟାତ କାବ୍ୟ 'ଚୌରପଞ୍ଚାଶିକା' ଅବଲମ୍ବନରେ ରଚିତ।

ଏହି ତିନୋଟି ଯାକ କାବ୍ୟ ଲୋକ ପ୍ରଚଳିତ କିମ୍ବଦନ୍ତୀକୁ ଭିତ୍ତିକରି ରଚିତ। ଧନଞ୍ଜୟ ଭଞ୍ଜଙ୍କ ରାଜତ୍ୱ ସମୟକୁ ବନମାଳୀ ଦାସଙ୍କ 'ଚାଟ ଇଚ୍ଛାବତୀ' ରଚିତ ହେବା ସହ ତତ୍କାଳୀନ ସମୟରେ କବି ଏବଂ ପାଠକ ତାକୁ ପାଠ କରିସାରିଲେଣି। ତେଣୁ ଅନୁମାନ କରାଯାଏ ଧନଞ୍ଜୟ ଭଞ୍ଜଙ୍କ ପ୍ରାୟ ପଚାଶ ବର୍ଷ ପୂର୍ବରୁ ଷୋଡଶ ଶତାବ୍ଦୀରେ ବନମାଳୀ ଦାସ 'ଚାଟ ଇଚ୍ଛାବତୀ' କାବ୍ୟ ରଚନା କରିଥିଲେ। 'ଜଗନ୍ନାଥ ଚରିତାମୃତ'ର କବି ଦିବାକର ଦାସ କହିଛନ୍ତି, ଜଗନ୍ନାଥ ଦାସଙ୍କର ଜଣେ ଶିଷ୍ୟ ବନମାଳୀ ଦାସ ନାମରେ ଥିଲେ। ତେଣୁ ବନମାଳୀ ଦାସଙ୍କୁ ଷୋଡଶ ଶତାବ୍ଦୀର ମଧ୍ୟ ଭାଗର କବି ବୋଲି ଗ୍ରହଣ କରାଯାଇପାରେ।

'ଚାଟ ଇଚ୍ଛାବତୀ' କାବ୍ୟ ପ୍ରଣେତା କବି ବନମାଳୀ ଦାସ ଅଷ୍ଟାଦଶ ଶତାବ୍ଦୀର ବୈଷ୍ଣବ- ପଦକର୍ତ୍ତା ଭକ୍ତକବି ବନମାଳୀଙ୍କ ଠାରୁ ସ୍ୱତନ୍ତ୍ର। ଭାଷାର ପ୍ରକୃତି ଓ ରଚନା ରୀତି ଦୃଷ୍ଟିରୁ ପ୍ରତିବାଦର କ୍ଷୀଣତମ ଆଶଙ୍କା ନ ରଖି କବି ବନମାଳୀ ଦାସଙ୍କୁ ଷୋଡଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସ୍ଥାନିତ କରାଯାଇପାରେ। ଏହି କାବ୍ୟରେ ବିଷୟବସ୍ତୁର ନୂତନତା ଲକ୍ଷ୍ୟ କରାଯାଇଥାଏ। ପ୍ରାଚୀନ କାବ୍ୟ ସାହିତ୍ୟର ବନ୍ଧନ ମଧ୍ୟରୁ ମୁକ୍ତିଲାଭ କରି ଏଗୁଡ଼ିକ ପାଠକର ଚିତ୍ତବିନୋଦନ ନିମନ୍ତେ ଏକ ନୂତନ ଖୋରାକ ଯୋଗାଇ ଦେଇପାରିଛନ୍ତି।

କବି ବନମାଳୀ ଦାସଙ୍କ 'ଚାଟ ଇଚ୍ଛାବତୀ' ଏକ କାଳ୍ପନିକ କାବ୍ୟ ରୂପରେ ଯଥାର୍ଥ କାବ୍ୟ ଗୌରବ ଲାଭ କରିଅଛି। କାବ୍ୟର କଥାବସ୍ତୁ ସମାଜରେ ପ୍ରଚଳିତ ସାଧାରଣ ପ୍ରଣୟ କାହାଣୀ ପରି ମନେ ହୁଏ। ନାୟିକା ଇଚ୍ଛାବତୀ ସହିତ ନାୟକ ଚାରୁବ୍ରହ୍ମର ପରିଚୟ ହୁଏ ଚାଟଶାଳୀରୁ। ସେହି ପରିଚୟ ଦୁହିଁଙ୍କ ହୃଦୟରେ ପରେ ଏପରି କମ୍ପନ ସୃଷ୍ଟି କରିଛି ପରସ୍ପର ଦୁହେଁ ନିବିଡ ପ୍ରେମ ପାଶରେ ଆବଦ୍ଧ ହୋଇଛନ୍ତି। ପରିଣତିରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଯାଇଛନ୍ତି। ଏଥିରେ ନିରୋଳା ପ୍ରେମ ପରିକଳ୍ପନା ପରିଲକ୍ଷିତ ହୋଇଥାଏ। ଏହି କାବ୍ୟର ରଚନା ଶୈଳୀରେ ସଂସ୍କୃତ କାବ୍ୟାଦର୍ଶ ଓ ଶୈଳୀ ସଫଳତା ଆଣି ଦେଇଛି।

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଜଗତରେ 'ଚାଟ ଇଚ୍ଛାବତୀ' କାବ୍ୟ ରଚନା ପର୍ଯ୍ୟନ୍ତ ବିଷୟବସ୍ତୁ ଦୃଷ୍ଟିରୁ ଓଡ଼ିଆ କାବ୍ୟ ବୈଚିତ୍ର୍ୟହୀନ। ସମସ୍ତ କାବ୍ୟ ସ୍ରଷ୍ଟା ପ୍ରାୟ ଏକା ପ୍ରକାର କଥାବସ୍ତୁକୁ ନେଇ କାବ୍ୟ ରଚନା କରିଛନ୍ତି। କାବ୍ୟମାନଙ୍କରେ ପ୍ରାୟ ବାସ୍ତବ ଜୀବନର ଚିତ୍ର ପ୍ରତିଫଳନ ହୋଇଥାଏ। ବିଷୟବସ୍ତୁର ବୈଚିତ୍ର୍ୟ କିମ୍ବା ଚରିତ୍ର ଚିତ୍ରଣରେ ଅଭିନବତ୍ୱ ପ୍ରତି କାବ୍ୟକାରମାନେ ସଚେତନ ନୁହନ୍ତି। କାବ୍ୟରେ ଶୃଙ୍ଗାର ରସର ପ୍ରୟୋଗ ପ୍ରବଳ ମାତ୍ରାରେ ଆଭିମୁଖ୍ୟ ହୋଇପଡିଅଛି। ଏ ପରିପ୍ରେକ୍ଷୀରେ ବିଚାର କଲେ ମଧ୍ୟଯୁଗୀୟ କାବ୍ୟରେ କିଛି ମାତ୍ରାରେ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୋଇଥାଏ। ଏହି କାବ୍ୟରେ ବର୍ଣ୍ଣିତ ଭୋଜରାଜଙ୍କ ରାଜ୍ୟରେ ସୁବର୍ଣ୍ଣରେଖା ନଦୀ ଓ ଦାଣ୍ଡେନ କଟକ ବା ଦାଣ୍ଡର ବର୍ଣ୍ଣନାରୁ ତାହା ପରୋକ୍ଷ ଭାବରେ ଅନୁମାନ କରାଯାଇଥାଏ। ମଧ୍ୟଯୁଗୀୟ ଓଡ଼ିଆ କାବ୍ୟରେ ନାୟକ ଓ ନାୟିକାମାନଙ୍କର ପ୍ରେମ, ଅନୁରାଗ, ବିଚ୍ଛେଦ, ମିଳନ ସବୁ ବିଧି ନିର୍ଦ୍ଧାରିତ ପରି ମନେ ହୋଇଥାଏ। କାବ୍ୟ ବର୍ଣ୍ଣିତ ନାୟକ ଓ ନାୟିକା ସଂଜ୍ଞାହୀନ ଭାବରେ ପ୍ରେମ କରିଛନ୍ତି। ମିଳନ ହୋଇଥାଏ ଏବଂ ସେମାନଙ୍କର ପ୍ରେମ ବିଧି ନିର୍ଦ୍ଦେଶ। ଅଭିଶପ୍ତ ଗନ୍ଧର୍ବ ଓ ଅପ୍ସରା ମର୍ତ୍ତ୍ୟ ଲୋକରେ ଯେପରିକି କେବଳ ଅଙ୍ଗ ସଙ୍ଗ କରିବା ପାଇଁ ଜନ୍ମଗ୍ରହଣ କରିଥାନ୍ତି। ସେମାନେ ଜାତିସ୍ମର ଅଟନ୍ତି। ନାୟକ ଓ ନାୟିକା ପ୍ରତ୍ୟେକ ଅନ୍ୟର ଚିତ୍ରପଟ ଦେଖିବା ମାତ୍ରେ ପରସ୍ପର ପ୍ରତି ଆକୃଷ୍ଟ ହୋଇଥାନ୍ତି। ସେମାନଙ୍କ ପ୍ରେମରେ ପ୍ରଣୟ ଓ ମିଳନରେ ମୈଥୁନର ଉଗ୍ରତା ଅଛି। ହୃଦୟରେ ଉଷ୍ମତା ନାହିଁ। ଏ ଦୃଷ୍ଟିରୁ 'ଚାଟ ଇଚ୍ଛାବତୀ' କାବ୍ୟ ଏକ ଭିନ୍ନ ସ୍ୱାଦର ପରିଚୟ ଦେଇଥାଏ।

**ସେମାନଙ୍କ ପ୍ରେମରେ ପ୍ରଣୟ ଓ ମିଳନରେ ମୈଥୁନର ଉଗ୍ରତା ଅଛି। ହୃଦୟରେ ଉଷ୍ମତା ନାହିଁ। ଏ ଦୃଷ୍ଟିରୁ 'ଚାଟ ଇଚ୍ଛାବତୀ' କାବ୍ୟ ଏକ ଭିନ୍ନ ସ୍ୱାଦର ପରିଚୟ ଦେଇଥାଏ।**

'ଚାଟ ଇଚ୍ଛାବତୀ' କାବ୍ୟରେ ନାୟକ ଚାରୁବ୍ରହ୍ମ ଦ୍ରାପକ (ଦର୍ପକ) ଦେଶର ରାଜପୁତ୍ର ହେଲେ ହେଁ ସାଧାରଣ ସମାଜର ନାୟକ ରୂପେ ଏଠାରେ ବର୍ଣ୍ଣିତ ହୋଇଛନ୍ତି। ଚାରୁବ୍ରହ୍ମଙ୍କ ପିତା ରାଜା ମଦନ ବ୍ରହ୍ମ ପୁତ୍ରର ବିବାହ ପାଇଁ ଅନେକ ଦେଶର ରାଜକୁମାରୀଙ୍କ ଚିତ୍ରପଟ ଆଣିଲେ। କୌଣସି ଚିତ୍ରପଟ ପ୍ରତି ଚାରୁବ୍ରହ୍ମ ନିଜ ପସନ୍ଦ ଯୋଗ୍ୟ ଏବଂ ଆଗ୍ରହ ପ୍ରକାଶ ନ କରିବାରୁ ରାଜା ବିରକ୍ତ ଭାବ ଦେଖାଇ ସୁପୁତ୍ର ଚାରୁବ୍ରହ୍ମଙ୍କୁ ରାଜ୍ୟରୁ ନିର୍ବାସିତ କରିଦେଲେ। ରାଜକୁମାର ଚାରୁବ୍ରହ୍ମ ନିଜ ରାଜ୍ୟରୁ ନିର୍ବାସିତ ହୋଇ କିଛି ଦୂର ଗଲା ପରେ ସୁବର୍ଣ୍ଣରେଖା ନଦୀରେ ସ୍ନାନ କରି ନିକଟସ୍ଥ ଭୋଜ ରାଜ୍ୟର ରାଜାଙ୍କ ନିକଟରେ ରାଉତ ବେଶ ଧରି ଉପସ୍ଥିତ ହେଲେ। ସେଠାରେ ରାଜ ସିଂହଦ୍ୱାରରେ କରୁଣାକର ନାମରେ ଜଣେ ବ୍ରାହ୍ମଣ ଗୋଟିଏ ଚାଟଶାଳୀ ଖୋଲି ବାଳକ ବାଳିକାମାନଙ୍କୁ ଶିକ୍ଷାଦାନ କରୁଥିଲେ। ଏହି ଚାଟଶାଳୀରେ କରୁଣାକରଙ୍କ ଆଶ୍ରିତ ଚାଟରୂପେ ଭୋଜ ରାଜକନ୍ୟା ଇଚ୍ଛାବତୀ ବିଦ୍ୟାଶିକ୍ଷା ଗ୍ରହଣ କରୁଥିଲେ। ଏହି ପ୍ରସଙ୍ଗ କବିଙ୍କ ବର୍ଣ୍ଣନାରେ ଚିତ୍ତାକର୍ଷକ ହୋଇପାରିଛି। ଯଥା-


"ସେହୁ କଟକର ରାଜା ଭୋଜ ଚକ୍ରବର୍ତ୍ତୀ
ସୁବୁଦ୍ଧି ପଣ୍ଡିତ ସେ ଧାର୍ମିକ ନରପତି ହେ।
ସାତଶ ବାଆନ କବି ଆସ୍ଥାନେ ବସନ୍ତି
ରାଜନ ପଣ୍ଡିତ ସେ ଉପାୟେ ଚକ୍ରବର୍ତ୍ତୀ ହେ
ସେ ରାଜା କଟକେ ଚାରୁବ୍ରହ୍ମ ଯେ ପ୍ରବେଶ
ନଗ୍ର ପରିମଳ ଦେଖି ମନରେ ହରଷ ହେ।
ସୁବର୍ଣ୍ଣରେଖା ଯେ ନାମେ ନଦୀ ବିଦ୍ୟମାନ
ଦେଖି ଚାରୁବ୍ରହ୍ମ ତହିଁ କଲାଳ ସ୍ନାହାନ ଯେ।
ନିତ୍ୟ କର୍ମ ସାରି ସେ ରାଉତ ବେଶ ଧରି
ଦିବାନିଶି ବୁଲାଇ କଟକେ ଫେରି ଫେରି ହେ।
କରୁଣା କର ନାମେଣ ଯେକ ଦ୍ୱିଜବର
ରାଜା ସିଂଘଦ୍ୱାରେ ତାଙ୍କ ଚାଟଶାଳୀ ଘର ହେ।
ଇଚ୍ଛାବତୀ କୁମାରୀକି ବିଦ୍ୟା ପଢ଼ାବନ୍ତି
ଶାହାସ୍ର ସଙ୍ଗୀତ ବିଦ୍ୟମାନ ଶିଖାବନ୍ତି ହେ।"

ସେହି ଚାଟଶାଳୀରେ ଗୁରୁ କରୁଣାକରଙ୍କ ନିକଟରେ ଚାରୁବ୍ରହ୍ମ ନିଜକୁ ପିତୃମାତୃହୀନ ବୋଲି ପରିଚୟ ଦେଲେ। ଗୁରୁ ତାଙ୍କୁ ଧର୍ମ ପୁତ୍ର ରୂପେ ନିଜ ଘରେ ରଖିଲେ। ଗୁରୁଙ୍କ ଚାଟଶାଳୀରେ ସେହିଦିନଠାରୁ ଚାରୁବ୍ରହ୍ମଙ୍କର ବିଦ୍ୟାଶିକ୍ଷା ଆରମ୍ଭ ହେଲା। କରୁଣାକରଙ୍କ ଆଶ୍ରିତ ଚାଟ ଇଚ୍ଛାବତୀ ଓ ଚାରୁବ୍ରହ୍ମଙ୍କର ବିଦ୍ୟାଶିକ୍ଷା ଆରମ୍ଭ ହେଲା। ସମୟକ୍ରମେ ଇଚ୍ଛାବତୀ ଓ ଚାରୁବ୍ରହ୍ମ ଦୁହେଁ ପରସ୍ପର ପ୍ରେମରେ ଆକୃଷ୍ଟ ହେଲେ। ରାଜକୁମାରୀ ଇଚ୍ଛାବତୀ ଚାରୁବ୍ରହ୍ମର ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ବିଦ୍ୟା ଶିକ୍ଷାରୁ ଅନ୍ୟମନସ୍କା ହେଲା। ଚାରୁବ୍ରହ୍ମ

ମଧ୍ୟ ଇଚ୍ଛାବତୀର ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ତାକୁ ଦେଖି ସମୟ କଟାଇଲା। ଉକ୍ତ ପ୍ରସଙ୍ଗ କବିଙ୍କ ଭାଷାରେ–

"ଦେଖିଲାକ ଭୋଜ ରାଜା ଝିଅ ଇଚ୍ଛାବତୀ
ପଡୁଅଛି କୋଟିଏ ଚନ୍ଦ୍ର ମାଜିଣି ଜ୍ୟୋତି ହେ।
ତାହା ଦେଖି ଚାରୁବ୍ରହ୍ମ ଧଇର୍ଯ୍ୟ ଉଡ଼ିଲା
ଚନ୍ଦ୍ରକୁ ଦେଖିଣ ଚନ୍ଦ୍ରମଣି ଝଟକିଲା ହେ।
ନ ଚଳଇ ନୟନ ଅଧବର ତାର କାୟେ
ଇଚ୍ଛାବତୀ ବିଦ୍ୟାସାରି କୁମରକୁ ଚାହେଁ ହେ।
ବିଚକ୍ଷଣ ଦେଖି ତାକୁ ପଚାରନ୍ତି ଗୁରୁ
କାହାର ନନନ୍ଦ ତୁ ଅଇଲୁ କେତେ ଦୂରୁ।"

କିଛି ଦିନ ପରେ କୁମାରୀ ଗୁରୁଦେବଙ୍କ ଠାରୁ ଚାରୁବ୍ରହ୍ମର ପୂର୍ଣ୍ଣ ପରିଚୟ ପାଇଲା। ତା'ପରେ ଦୁହିଁଙ୍କ ମଧ୍ୟରେ ଘନିଷ୍ଠତା ଉତ୍ତରୋତ୍ତର ବୃଦ୍ଧି ଲାଭ କଲା। ଦିନେ ଚାଟଶାଳୀରେ ଇଚ୍ଛାବତୀର ଖଡି ଗଡିଗଲା। ଇଚ୍ଛାବତୀ ଦରହାସ ବଦନରେ ଖଡି ଆଣି ଦେବା ପାଇଁ ଚାରୁବ୍ରହ୍ମକୁ ଅନୁରୋଧ କଲେ। ପ୍ରତିଦାନରେ ରାଜକୁମାରୀ ଇଚ୍ଛାବତୀକୁ ଚାରୁବ୍ରହ୍ମ ପତ୍ନୀ ରୂପେ ପାଇବା ପାଇଁ ତିନି ବାର ସତ୍ୟ କରାଇ ଖଡି ଆଣି ଦେଲା। ଇଚ୍ଛାବତୀ ସେହି ଦିନଠାରୁ କାୟମନୋବାକ୍ୟରେ ନିଜକୁ ଚାରୁବ୍ରହ୍ମଙ୍କଠାରେ ସମର୍ପଣ କରାଇଦେଲା। ଏହା କବିଙ୍କ ଲେଖନୀରେ–




"ହସ ହସ ହୋଇ ବାଳୀ ବୋଲଇ ଉତ୍ତର
ସ୍ୱରୂପ କରିଣ ଚାଟ କହ ମୋ ଆଗର।
ବୋଲନ୍ତି କୁମାରୀ ତୁମ୍ଭେ ଶୁଣସି ହୋ ଚାଟ
ଖଡ଼ି ତୋଳି ଦେଲା ବେଳେ କରାଇଲୁ ସତ୍ୟ।"

କିଛିଦିନ ଗଲାପରେ ଗଣେଶ ଚଉଠି ପଡିଲା। ଗଣେଶ ପୂଜା ପାଇଁ ଚାଟକୁ ଡାକି ଗୁରୁ ଫଳ, ଫୁଲ ତୋଳି ଆଣିବାକୁ କହିଲେ। ହାତଯୋଡି ଚାଟ ଉତ୍ତର ଦେଲେ ମୁଁ ଏକା କିପରି ଯିବି। ମୋ ସାଙ୍ଗରେ ଜଣକୁ ପଠାଅ। ଚାଟର ଏକଥା ଶୁଣି ଗୁରୁ ଉତ୍ତର ଦେଇନାହାନ୍ତି। କିନ୍ତୁ ଓଝାଙ୍କ ଛାମୁରେ ଇଚ୍ଛାବତୀ କରଯୋଡି ଉତ୍ତର ଦେଲେ ମତେ ପଠାଅ ମୁଁ ଯିବି, ଫୁଲ ଫଳ ସବୁ ତୋଳି ଆଣିଦେବି। ଓଝାଙ୍କଠାରୁ ଉତ୍ତର ପାଇ ଇଚ୍ଛାବତୀ ଆନନ୍ଦରେ ଚାଟ ଚାରୁବ୍ରହ୍ମଙ୍କ ସହିତ ଯାଇ ତୋଟା ଭିତରେ ପ୍ରବେଶ କଲେ। ଫୁଲ ତୋଳାରେ ମନ ଲାଗୁନାହିଁ। ଇଚ୍ଛାବତୀ ଚମ୍ପା ଗଛ ଉପରେ ଚଢ଼ି ଫୁଲ ତୋଳୁଛି। ତଳେ ଚାଟ ଛିଡା ହୋଇଅଛି। ଏ ସମୟେ ଦକ୍ଷିଣା ପବନ ଖରବେଗରେ ବହିବାରେ ଲାଗିଛି। ପବନର ଆଘାତରେ ନାୟିକାର ଶରୀର କମ୍ପମାନ। ପବନର ବେଗ ଯୋଗୁଁ ନାୟିକା ମନକୁ ମନ ଭୟଭୀତ ହୋଇ ଚମ୍ପା ଫୁଲ ଗଛର ଡାଳଟିଏ ଧରିବାକୁ ଲାଗିଲା। ଡାଳକୁ ଧରିଲା ବେଳେ ହୃଦୟରୁ ବସନ ଅଞ୍ଚଳ ଖସି ପଡିଲା। ଗଛ ତଳେ ଚାଟ ଚାରୁ ବ୍ରହ୍ମ ଥାଇ ଦେଖିଲା ଯୁବତୀ ଇଚ୍ଛାବତୀର ହୃଦୟରେ ବସ୍ତ୍ର ନାହିଁ। ଏଭଳି ଅତୁଳନୀୟା, ଅନିନ୍ଦ୍ୟ ସୁନ୍ଦରୀ ଯୁବତୀକୁ ଦେଖି ଭାବିଲା ତାର ସ୍ତନ ଯୁଗଳ କନ୍ଦର୍ପର ବା ମଦନର ଭଣ୍ଡାର। ପୁଣି ତାହା ଦେଖିବାକୁ ଡମ୍ବୁରୁ ଆକାର। ସ୍ତନ ଯୁଗଳକୁ ଦେଖି ଚାଟ ମନରେ ଲୋଭାସକ୍ତ ଆତୁର ଭାବନା ଜାଗ୍ରତ ହୋଇଛି ଏବଂ କନ୍ଦର୍ପର ପଞ୍ଚବାଣରେ ତାର ଶରୀର ଶିକାର ହୋଇଛି। ତାପରେ ଅଚେତ ହୋଇ ପଡିଯାଇଛି। ପବନ ରହିବା ପରେ ନାୟିକା ପିନ୍ଧିବା ବସ୍ତ୍ରକୁ ସମ୍ଭାଳିଛି। ଚାଟକୁ ପୁଣି ପଚାରିଛି କଣ କରୁଛୁ। ଇଚ୍ଛାବତୀର କଥାରେ ଚାଟ ଉତ୍ତର ଦେଇ ନାହିଁ। ଇଚ୍ଛାବତୀ ବୃକ୍ଷ ଉପରୁ ତଳକୁ ଚାହିଁଛି, ତରୁତଳେ ଚାଟ ଶୋଇଅଛି। ତର ତର ହୋଇ ରାଜକୁମାରୀ ବୃକ୍ଷ ଉପରୁ ତଳକୁ ଓହ୍ଲାଇ ଆସି ଚାଟ ଚାରୁବ୍ରହ୍ମଙ୍କ ସଂଜ୍ଞା ଫେରାଇ ଆଣିବା ପରେ ସଂଜ୍ଞାହୀନ ହେବାର କାରଣ ଜାଣି ଆଲିଙ୍ଗନ ଓ ଚୁମ୍ବନ ଦେଇ ପ୍ରତିଦାନରେ ଚାରୁ ବ୍ରହ୍ମକୁ ଶାନ୍ତ କରାଇଛି। ଏହି ପ୍ରସଙ୍ଗ କବିଙ୍କ ଲେଖନୀରେ ସୁନ୍ଦର ଭାବରେ ଆଳଙ୍କାରିକ ରୀତିରେ ବର୍ଣ୍ଣିତ ହୋଇଛି।

"ଦକ୍ଷିଣ ପବନ ଯେ ବହଇ ଖରତର
ବାତ ଗାତେ ତନୁଯେ କଂପଇ ଥରହର।
ଭୟ ପାଇ ତରୁଡାଳ ଧରେ ଶୁଭ୍ର କେଶୀ

ହୃଦରୁ ଅଞ୍ଚଳ ତାର ପଡିଲାକ ଖସି।
ତରୁତଳେ ଥାଇ ଚାଟ ଦେଲାକ ଅନାଇ
ଦେଖିଲାକ ଯୁବତୀର ହୃଦେ ବସ୍ତ୍ର ନାହିଁ।
ଯେକେଣ ସୁନ୍ଦରୀ ଯେ ନାହିଁ ପଟାନ୍ତର
ବେକ କୁଚ କିବା ତାର ମଦନ ଭଣ୍ଡାର।
ଆବର ବିଶେଷେ ମଝା ଡମ୍ବରୁ ଆକାର
ତାହା ଚାହିଁ ଚାଟମନେ ହୋଇଲା କାତର।"

ରାଜକୁମାରୀ ଇଚ୍ଛାବତୀ ଓ ଚାରୁବ୍ରହ୍ମ ଫୁଲ ଘେନି ଚାଟଶାଳୀରେ ଉପସ୍ଥିତ ହେଲେ। ଗୁରୁ ଦୁହିଁଙ୍କ ମୁଖ ମଣ୍ଡଳ ଦେଖି ମନେ ମନେ ସନ୍ଦେହ କରି ତା ପରଦିନ ଠାରୁ ଚାରୁବ୍ରହ୍ମଙ୍କୁ ଚାଟଶାଳୀ ଆସିବା ପାଇଁ ବାରଣ କରିଦେଲେ।

କିଛିଦିନ ଅତିବାହିତ ହେଲା ପରେ ଚାରୁବ୍ରହ୍ମ ସଖୀ ଅମ୍ବୁବତୀର କୌଶଳରେ ପ୍ରତିଦିନ ଭୋଜରାଜଙ୍କ ଅନ୍ତପୁରରେ ପ୍ରବେଶ କରି ରାଜକୁମାରୀ ଇଚ୍ଛାବତୀ ସହିତ ମିଳିତ ହେଉଥିଲା। ଏହା ରାଜା ଜାଣିଲା ପରେ ଦୋସାଧୁ ଦ୍ୱାରା ଚାରୁବ୍ରହ୍ମଙ୍କୁ ଧରାଇଲେ। ଏପଟେ ଭୋଜରାଜା ଚାରୁବ୍ରହ୍ମର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ନିଜ କନ୍ୟା ଇଚ୍ଛାବତୀ ପାଇଁ ଉପଯୁକ୍ତ ପାତ୍ର ବୋଲି ମନେ କରି ଚିନ୍ତା କଲେ। ପୁଣି ତୁହିଁଙ୍କ ମଧ୍ୟରେ ପ୍ରେମର ନିଷ୍ଠା ଏବଂ ସତ୍ୟତା ପରୀକ୍ଷା କରି ଜାଣିବା ପାଇଁ ଚାରୁବ୍ରହ୍ମଙ୍କୁ ଦଣ୍ଡାଦେଶ କରି ଦୋସାଧୁ ଦ୍ୱାରା ତାଙ୍କୁ ବଧ ଭୂମିକୁ ପଠାଇଦେଲେ। ଇଚ୍ଛାବତୀ ଏ ଖବର ପାଇ ବେଶ ଭୂଷାରେ ଅସମ୍ଭାଳ ହୋଇ ଉନ୍ମାଦିନୀ ପରି ବଧ ଭୂମିରେ ପହଞ୍ଚିଲା ଏବଂ ଚାରୁବ୍ରହ୍ମଙ୍କ ସହିତ ତାକୁ ମଧ୍ୟ ବଧ କରିବା ପାଇଁ ନିବେଦନ କଲା। ଠିକ୍ ଏତିକିବେଳେ ବେତାଳଟିଏ ଆସି ସେଠାରେ ପହଞ୍ଚି ଚାରୁବ୍ରହ୍ମଙ୍କର ପ୍ରକୃତ ପରିଚୟ ଦିଅନ୍ତେ ଭୋଜରାଜା ପ୍ରାଣ ଦଣ୍ଡାଦେଶ ପ୍ରତ୍ୟାହାର କରି ଚାରୁବ୍ରହ୍ମ ସହିତ ଇଚ୍ଛାବତୀର ବିବାହ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ନିଷ୍ପତ୍ତି କଲେ। ବିବାହ ପରେ ଚାରୁବ୍ରହ୍ମ ଅନେକ ଦିନ ଭୋଜରାଜ୍ୟରେ ଅତିବାହିତ କରି ନିଜ ରାଜ୍ୟକୁ ଫେରି ଆସିଲେ। ଏହା କବିଙ୍କ ବର୍ଣ୍ଣନାରେ–

"ଇଚ୍ଛାବତୀ ଦୋସାଧୁ କଥା ହୋନ୍ତେ
ଯେକ ବେତାଳ ମିଳିଲା ତୁରିତେ।
ଚାରୁବ୍ରହ୍ମଙ୍କୁ ଦେଖିଲା ବେତାଳ
ଯେତ ମଦନ ବ୍ରହ୍ମର ଦୁଲାଳ।"

କାବ୍ୟଟି ସଂକ୍ଷିପ୍ତ ହେଲେ ମଧ୍ୟ ବର୍ଣ୍ଣନାର ବାହୁଲ୍ୟ ଏବଂ ସଂସ୍କୃତ କାବ୍ୟାଦର୍ଶର ଉତ୍ସର୍ଗତା ପରିଲକ୍ଷିତ ହୋଇଥାଏ। କବି କାବ୍ୟ ରଚନା କଲା ବେଳକୁ ଓଡ଼ିଆ କାବ୍ୟର ଶୈଶବ ଅବସ୍ଥା। ତଥାପି କାବ୍ୟର ବିଷୟବସ୍ତୁ, ବର୍ଣ୍ଣନା ଶୈଳୀ, ଆଳଙ୍କାରିକ ଚାତୁର୍ଯ୍ୟ, ନାୟକ ନାୟିକାଙ୍କ ପ୍ରେମ ବର୍ଣ୍ଣନା ଚାତୁରୀ ଦେଖିବାକୁ ମିଳେ।

କାବ୍ୟଟିର କଳେବର ଛଅଗୋଟି ଛାନ୍ଦକୁ ନେଇ ପରିପୁଷ୍ଟ। ଅଳଙ୍କାର ଶାସ୍ତ୍ର କାବ୍ୟାଦର୍ଶ ଅନୁଯାୟୀ ପ୍ରଥମେ ନାୟିକାର ଅନୁରାଗ ପରେ ନାୟିକାର ଇଙ୍ଗିତରେ ନାୟକର ଅନୁରାଗ ଏହି କାବ୍ୟରେ ପରିଦୃଷ୍ଟ। ଏହି କାବ୍ୟରେ ବିଶେଷ ଭାବରେ ସଂସ୍କୃତ କାବ୍ୟର ପ୍ରଭାବ ଓ ଶୈଳୀ ଗ୍ରହଣ ହୋଇନାହିଁ। ଏହାର ବର୍ଣ୍ଣନା ବିଳାସ ସରଳ ଓ ସୁବୋଧ। ନାୟିକାର ନବ ଯୌବନ ବର୍ଣ୍ଣନା ଅତ୍ୟନ୍ତ ସଂଯତ ଭାବରେ ହୋଇଅଛି। ଓଡ଼ିଆ କାବ୍ୟ ରଚନାର ପ୍ରଥମ ପର୍ଯ୍ୟାୟରେ 'ଚାଟ ଇଚ୍ଛାବତୀ' କାବ୍ୟ ରଚିତ। ଏଥିରେ କବିତ୍ୱ ଓ କାବ୍ୟାଦର୍ଶ ବିଶେଷ ଭାବରେ ପରିଦୃଷ୍ଟ ହୁଏ ନାହିଁ। ଶୃଙ୍ଗାର ରସର ପ୍ରାବଲ୍ୟ ନଥିଲେ ମଧ୍ୟ ଅକ୍ଷୟ ପ୍ରେମର ଜୟ ଜୟ କାର ନିରାଡମ୍ବର ଭାବରେ ଭୋଜରାଜକୁମାରୀ ଇଚ୍ଛାବତୀ ନିକଟରେ ସମ୍ଭବ ହୋଇପାରିଛି। କବିଙ୍କ ରଚନାରେ–

**ଏହି କାବ୍ୟରେ ବିଶେଷ ଭାବରେ ସଂସ୍କୃତ କାବ୍ୟର ପ୍ରଭାବ ଓ ଶୈଳୀ ଗ୍ରହଣ ହୋଇନାହିଁ।**

"ତୁମେ ଯେ ବୋଇଲ ମୁଁ ହିଁ ନିର୍ଦ୍ଧନ ପୁରୁଷ
ପୀରତିରେ ଧନ ନ ଥାଇ କିସ ?
ଧନ ଯଉବନ ଚାଟ ସର୍ବଦା ନ ଥାଇ
ପୀରତି କୀରତି ଏକା ଯୁଗେ ଯୁଗ ଥାଇ।"

"ଚାଟ ଇଚ୍ଛାବତୀ" କାବ୍ୟରେ ବିଭିନ୍ନ ରାଗରାଗିଣୀ ବ୍ୟବହୃତ ହୋଇଅଛି। ଯଥା– ମଙ୍ଗଳ ଗୁଜୂରୀ, ବିରାଡି, ଆଷାଢ଼ଶୁକ୍ଳ ବାଣୀ, କେଦାର ଚକ୍ରକେଳୀ ବାଣୀ, ମଙ୍ଗଳ ଗୁଜୂରୀ ଓ ଚିନ୍ତା ଦେଶା'। କାବ୍ୟଟି କାଳ୍ପନିକ କଥାବସ୍ତୁ ଭିତ୍ତିରେ ରଚିତ। ଭାଷା ସରଳ ଓ ହୃଦ୍‌ବୋଧ। କବି ବନମାଳୀ ଦାସ ପ୍ରତି କ୍ଷେତ୍ରରେ ଅପୂର୍ବ ରଚନା କୌଶଳ ସୃଷ୍ଟି କରି କାବ୍ୟଟିକୁ ସରଳ ଓ ଭାବଗର୍ଭକ ଭାଷାରେ ରଚନା କରିଛନ୍ତି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
akpanda382@gmail.com

ସାକ୍ଷାତକାର

# ବିଶିଷ୍ଟ କବି ହୃଷୀକେଶ ମଲ୍ଲିକଙ୍କ ସହ ଏକ ବିଶେଷ ବାର୍ତ୍ତାଳାପ

*କବି ଡ. ହୃଷୀକେଶ ମଲ୍ଲିକ ଓଡ଼ିଆ ସାହିତ୍ୟ ଜଗତରେ ଏକ ସୁପରିଚିତ ନାମ। ୧୯୫୪ ମସିହାରେ ଜନ୍ମିତ ଏହି ବିଶିଷ୍ଟ କବି କବିତା ବ୍ୟତୀତ ଗଳ୍ପ, ସମାଲୋଚନା ଓ ପ୍ରବନ୍ଧ ଆଦି ବିଭାଗରେ ମଧ୍ୟ ନିଜର ଲେଖନୀ ଚାଳନା କରିଛନ୍ତି। ସେ ବର୍ତ୍ତମାନ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ସଭାପତି ଅଛନ୍ତି ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ଓ ଶାରଳା ପୁରସ୍କାର ଭଳି ବହୁ ମର୍ଯ୍ୟାଦାଜନକ ପୁରସ୍କାରରେ ମଧ ଭୂଷିତ ହୋଇଛନ୍ତି। ତାଙ୍କ ସହିତ ବିବିଧ ପ୍ରସଙ୍ଗରେ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ।*

**ସାହିତ୍ୟ ଚର୍ଚ୍ଚା** - ଆପଣ ତ ଏକାଧାରରେ ଜଣେ କବି, ଗାଳ୍ପିକ, ପ୍ରାବନ୍ଧିକ, ସମାଲୋଚକ ତଥା ଅନୁବାଦକ। ତେବେ ସାମଗ୍ରିକ ଦୃଷ୍ଟିରୁ ଦେଖିଲେ କବିତା ସହିତ ଆପଣଙ୍କ ସଂପୃକ୍ତି ଅଧିକ। କବିତା ବିଭାଗ ପ୍ରତି ଏ ବିଶେଷ ଭଲ ପାଇବାର ହେତୁ କ'ଣ ହୋଇପାରେ ?



**ହୃଷୀକେଶ ମଲ୍ଲିକ** - ଜଣେ ଯେତେବେଳେ ପ୍ରାଥମିକ ସ୍ତରରେ ଲେଖିବା ଆରମ୍ଭ କରେ ସେ ବିଭିନ୍ନ ବିଭାଗରେ କଲମ ଚଳାଏ। ଏମିତି ଲେଖୁଲେଖୁ ଯେଉଁ ବିଭାଗରେ ମୋତେ ଅଧିକ ଉତ୍ସାହ ବା ପ୍ରଶଂସା ମିଳିଛି ସେହି ଦିଗରେ ମୁଁ ଅଧିକ କଲମ ଚାଳନା କରିଛି। ବିଶେଷ କରି ଗଳ୍ପ ଏବଂ କବିତା ଉଭୟ ଲେଖୁଥିଲି। ଘଟଣା କ୍ରମେ ଯେତେବେଳେ କବିତା ଲେଖୁଥିଲି ସେତେବେଳେ ମନକୁ ଆସିଲା ଯେ ଏବେ କବିତା ହିଁ ଲେଖିଚାଲିବା ଏବଂ ଗଳ୍ପ ଲେଖିବା କଥା ପରବର୍ତ୍ତୀ ଅବସ୍ଥାରେ ଦେଖିବା। ଏଣୁ କବିତାକୁ ଟିକିଏ ପ୍ରାଧାନ୍ୟ ଦେଲି।

**ସାହିତ୍ୟ ଚର୍ଚ୍ଚା** -ଆପଣଙ୍କ କଲମରୁ ପ୍ରଥମ ଲେଖାଟି କ'ଣ ଏକ କବିତା ଥିଲା ?

**ହୃଷୀକେଶ ମଲ୍ଲିକ** - ହାଇସ୍କୁଲରେ ପଢୁଥିବା ବେଳେ ମୁଁ ଯେତେବେଳେ ଲେଖାଲେଖି ଆରମ୍ଭ କଲି ଛୋଟଛୋଟ ଗଳ୍ପ ଓ କବିତା ସବୁ ଲେଖୁଥିଲି। ତା'ପରେ ସନ୍ଥକବି ତୁଳସୀ ଦାସଙ୍କ ସଂକ୍ଷିପ୍ତ ଜୀବନୀଟିଏ ଲେଖିଲି। ସେ ପାଣ୍ଡୁଲିପିଟି ଅବଶ୍ୟ କୁଆଡ଼େ ହଜିଗଲା, ପାଉନାହିଁ ଏବେ। ପରେ କଲେଜ ଓ ବାଣୀବିହାର ଜୀବନରେ ମଧ୍ୟ କିଛି ପ୍ରବନ୍ଧ ଲେଖିଲି।

**ସାହିତ୍ୟ ଚର୍ଚ୍ଚା** - ତଥାପି ଆପଣଙ୍କ ପ୍ରକାଶିତ ରଚନାବଳୀ ମଧ୍ୟରେ କବିତାର ଦଖଲ ଅଧିକ।

**ହୃଷୀକେଶ ମଲ୍ଲିକ** - ଏମିତି ଧୀରେ ଧୀରେ ଲେଖୁଲେଖୁ ଦେଖାଗଲା ଯେ କବିତାର ସଂଖ୍ୟା ଅଧିକ ହୋଇଯାଇଛି। କବିତା ପୁସ୍ତକଟିଏ ପ୍ରକାଶ ପାଇବା ପରେ ସ୍ୱୀକୃତି ମଧ୍ୟ

ମିଳିଲା ।

**ସାହିତ୍ୟ ଚର୍ଚ୍ଚା** - ଏହା ଆପଣଙ୍କୁ ଉତ୍ସାହିତ କରିଥିବ ।

**ହୃଷୀକେଶ ମଲ୍ଲିକ** - ହଁ, ମୋ ବିଚାରରେ କବିତା ହେଉଛି ସାହିତ୍ୟର ସର୍ବୋତ୍ତମ ବିଭାଗ । ଜଣେ ଯଦି କବିତାରେ ନିଜର ପରିଚୟ ସୃଷ୍ଟି କରିଦେଇପାରିଲା, ତା'ପରେ ସେ ଯେକୌଣସି ବିଭାଗରେ ଲେଖିଲେ ବି କିଛି ଅସୁବିଧା ନାହିଁ । ପ୍ରବନ୍ଧ ବା ଗଳ୍ପରୁ ଆସି ଜଣେ କବି ହୋଇପାରିବନାହିଁ । ଆପଣ ଦେଖନ୍ତୁ ବିଶ୍ୱ ସାହିତ୍ୟରେ ଯେଉଁମାନେ ପ୍ରଥମେ ଗଦ୍ୟ ଲେଖିଛନ୍ତି, ଏବଂ ପରେ କବିତା ଲେଖିଛନ୍ତି ସେମାନେ ବିଶେଷ ସଫଳ ହୋଇପାରିନାହାନ୍ତି । କିନ୍ତୁ ଯେଉଁମାନେ କବିତାରୁ ଗଳ୍ପକୁ ଆସିଛନ୍ତି, ସେମାନେ ବେଶ୍ ଉଧେଇଛନ୍ତି । କବିତା ହେଉଛି ଏକ କଷଟି ପଥର, ଯେଉଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଆପଣ ଅନ୍ୟ ସମସ୍ତ ବିଭାଗରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇପାରିବେ ।

**ସାହିତ୍ୟ ଚର୍ଚ୍ଚା** - ଆପଣଙ୍କ ମତରେ ତେବେ କବିତା ହେଉଛି ସାହିତ୍ୟରେ ଭାବ ପ୍ରକାଶର ଆଦ୍ୟସ୍ୱର ।

**ହୃଷୀକେଶ ମଲ୍ଲିକ** - ଆଦ୍ୟସ୍ୱର କେବଳ ନୁହେଁ, ଏଥିରେ ଗୋଟିଏ ବିରାଟ କଥାକୁ ଆପଣ ସଂକ୍ଷେପରେ କହିପାରିବେ, ଏବଂ ସଂକ୍ଷେପରେ ପ୍ରକାଶ କରିବା ସହିତ ଆପଣଙ୍କ ଶୈଳୀ ଓ ପରିବେଷଣ ଭଙ୍ଗୀଟି ମଧ୍ୟ ମପାଚୁପା ହୋଇପାରିବ । ଏଣୁ ଏଥିରେ ଗୋଟିଏ କ୍ଷୁଦ୍ର ଅବୟବ ଭିତରେ ଆପଣ ବିରାଟ କଥା କହିପାରିବେ । ଗଳ୍ପରେ କାନଭାସ୍ ଅଧିକ । ଏଥିରେ କିଛି ଆଜେବାଜେ କଥା ରହିଲେ ମଧ୍ୟ ମ୍ୟାନେଜ୍ ହୋଇଯିବ । କିନ୍ତୁ କବିତାରେ ଗୋଟିଏ ବି ଶବ୍ଦ ଅଧିକା ରହିଲେ ଆପଣ ଧରା ପଡ଼ିଯିବେ ।

**ସାହିତ୍ୟ ଚର୍ଚ୍ଚା** - ଏବେ ଅନ୍ୟ ପ୍ରସଙ୍ଗକୁ ଆସିବା । ମନେହୁଏ, ଉତ୍ତର ଆଧୁନିକ ଓଡ଼ିଆ କବିତାରେ ଏକ ନିଆରା କାବ୍ୟସ୍ୱର ଜାହିର କରିବାପାଇଁ ଆପଣ ପ୍ରୟାସରତ ଥିଲେ । ଏହି ନିଆରାପଣକୁ ଆପଣ ନିଜ ଦୃଷ୍ଟିରେ କେମିତି ପରିଭାଷିତ କରନ୍ତି ?

**ହୃଷୀକେଶ ମଲ୍ଲିକ** - ଏଇଟା ମୋ' ଜ୍ଞାତସାରରେ ହୋଇନାହିଁ । ସେତେବେଳେ ଆମେ ଦେଖିଲୁ ଯେ ପାଶ୍ଚାତ୍ୟ କବିମାନଙ୍କ ଦ୍ୱାରା ଆମ ଏଠାର କବିମାନେ ବେଶୀ ପ୍ରଭାବିତ ହେଉଛନ୍ତି ଏବଂ ସେ କବିତାର ସ୍ୱର ବୋଧଗମ୍ୟ ହେଉନାହିଁ ତଥା ତାହା ପାଠକ ପାଖରେ ପହଂଚିବାରେ ଅସମର୍ଥ ହେଉଛି । ତେଣୁ ମୁଁ ଦେଖିଲି ଯେ ପାଶ୍ଚାତ୍ୟ ଦେଶର କବିମାନଙ୍କୁ ବା ବୁଝିହେଉନଥିବା କବିଙ୍କୁ ଅନୁସରଣ କରି କବିତା ଲେଖିବା ଅପେକ୍ଷା ନିଜର ଅନୁଭୂତି, ନିଜର ଅନୁଭବ ଓ ନିଜର ଭାଷାରେ ମଧ୍ୟ କବିତା ଲେଖାଯାଇପାରେ । ମୁଁ ସେହି ନିଜସ୍ୱ ଭାଷାକୁ ହିଁ ପ୍ରୟୋଗ କରିଛି ମୋର ପ୍ରଥମ କବିତାମାନଙ୍କରେ । କିନ୍ତୁ ଏହା କରିବା ପରେ ଦେଖାଯାଇଛି ଯେ ହଠାତ୍ ମୋତେ ସ୍ୱୀକୃତି ମିଳିନାହିଁ, ଏବଂ ଅନେକେ ଏହାକୁ ନାପସନ୍ଦ କରିଛନ୍ତି । କାରଣ କବିତା ଯେଉଁ ଧାରାରେ ଚାଲିଥିବ, ସେଥିରୁ ବ୍ୟତିକ୍ରମୀ ହୋଇଯିବା ପରେ ଆପଣଙ୍କୁ ସ୍ୱୀକୃତି ମିଳିବା କଷ୍ଟକର । ଏହାର ଗ୍ରହଣଶୀଳତା ଟିକିଏ ବିଳମ୍ବରେ ଆସେ । ଏଣୁ ମୁଁ ଦେଖିଛି ଯେ ବିଳମ୍ବରେ ହେଲେ ମଧ୍ୟ, ମୋ କବିତାକୁ ଏକ ଭିନ୍ନ ସ୍ୱର ଭାବରେ ସମାଲୋଚକମାନେ ନେଇଛନ୍ତି ।

> **ମୁଁ ଦେଖିଲି ଯେ ପାଶ୍ଚାତ୍ୟ ଦେଶର କବିମାନଙ୍କୁ ବା ବୁଝିହେଉନଥିବା କବିଙ୍କୁ ଅନୁସରଣ କରି କବିତା ଲେଖିବା ଅପେକ୍ଷା ନିଜର ଅନୁଭୂତି, ନିଜର ଅନୁଭବ ଓ ନିଜର ଭାଷାରେ ମଧ୍ୟ କବିତା ଲେଖାଯାଇପାରେ ।**

**ସାହିତ୍ୟ ଚର୍ଚ୍ଚା** - ଏବେ କିଛିଦିନ ତଳେ ଦେଖିଲୁ ଯେ ମନୁ ଦାଶଙ୍କ ଦ୍ୱାରା ସଂପାଦିତ ଅନାମ କବିତା ସଂପର୍କୀୟ ଏକ ଗ୍ରନ୍ଥରେ ଆପଣ ଏହି ଅନାମ ଆନ୍ଦୋଳନ ବିଷୟରେ ଏକ ତାତ୍ତ୍ୱିକ ପ୍ରବନ୍ଧ ଲେଖିଛନ୍ତି । ତେବେ ଓଡ଼ିଆ କବିତାରେ ଏହି ଅନାମ ଆନ୍ଦୋଳନ ଯେବେ ଚାଲିଥିଲା, ସେତେବେଳେ ଆପଣଙ୍କୁ ବୟସ କେତେ ?

**ହୃଷୀକେଶ ମଲ୍ଲିକ** - ସେତେବେଳକୁ ତ ଆମେ ଛାତ୍ର । ଆମେ ୧୯୭୪-୭୫ ବେଳକୁ ଲେଖାଲେଖି ଆରମ୍ଭ କଲୁ ।


**ସାହିତ୍ୟ ଚର୍ଚ୍ଚା** - ଆପଣଙ୍କ କବିତା ବି ସେହି ଅନାମ ଧାରାରେ ସାମିଲ ଥିଲା କି ?

**ହୃଷୀକେଶ ମଲ୍ଲିକ** - ନା, ମୁଁ ସେ ଧାରାରେ ସାମିଲ ନଥିଲି । ଅନାମମାନଙ୍କ ଦ୍ୱାରା ଗୋଟିଏ ନୂଆ ସ୍ୱର ଓ ନୂଆ ଶୈଳୀରେ କବିତା ଲେଖାଯାଉଥିଲା । ସେମାନଙ୍କ ମଧ୍ୟରେ କୁମାର ମହାନ୍ତିଙ୍କ କବିତା ସ୍ୱତନ୍ତ୍ର ଭାବରେ ଏକ ଆବେଦନ ଆଣିଥିଲା ପାଠକଙ୍କ ଭିତରେ ।

**ସାହିତ୍ୟ ଚର୍ଚ୍ଚା** - କିନ୍ତୁ କବିତାରେ ଏତେ ଶକ୍ତିଶାଳୀ

ଆନ୍ଦୋଳନଟିଏ ପରବର୍ତ୍ତୀ ସମୟରେ ମଳିନ କାହିଁକି ପଡ଼ିଗଲା ?

**ହୃଷୀକେଶ ମଲ୍ଲିକ** - ଏହାର ମୁଖ୍ୟ କାରଣ ହେଲା କୁମାର ମହାନ୍ତି ଓ ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ଅନ୍ୟ କବିମାନେ ସେତେ ବିଚକ୍ଷଣ ବା ପ୍ରତିଭାଶାଳୀ ନଥିଲେ । ସେମାନେ ଯାହା ଲେଖୁଥିଲେ, ତାହା କୁମାର ମହାନ୍ତିଙ୍କ ପ୍ରେରଣା ଯୋଗୁଁ । ଦ୍ୱିତୀୟରେ ସେମାନଙ୍କ ପ୍ରକାଶ ଶୈଳୀରେ ବିଶେଷ ପରିବର୍ତ୍ତନ ଆଉ ହେଲାନାହିଁ - ସମସ୍ତେ ସବୁବେଳେ ସେହି ଗୋଟିଏ ପ୍ରକାର କବିତା ହିଁ ଲେଖିଲେ । ବିଷୟବସ୍ତୁରେ ମଧ୍ୟ ବିଶେଷ ବୈଚିତ୍ର୍ୟ ଆସିଲାନାହିଁ । ତୃତୀୟ କଥା ହେଉଛି ସରକାରୀ ଚାକିରି କରିଥିବା କବିମାନେ ଡରିଲେ ପ୍ରତିବାଦର କବିତା ଲେଖିବା ପାଇଁ । ଚତୁର୍ଥରେ, ସେମାନଙ୍କ ମଧ୍ୟରୁ ଅନେକେ ପୁରସ୍କାର ପାଇଁ ଆଶାୟୀ ହୋଇ ଧାରା ବଦଳାଇ ଅନ୍ୟ ଧାରାକୁ ଚାଲିଆସିଲେ । ତେଣୁ କୁମାର ମହାନ୍ତି ଚାଲିଯିବା ପରେ ଗୋଷ୍ଠୀଟି ଭାଙ୍ଗିଗଲା ।




**ସାହିତ୍ୟ ଚର୍ଚ୍ଚା** - ବର୍ତ୍ତମାନ ଏହାର ପୁନରାବର୍ତ୍ତନ ହୋଇପାରିବ କି ?

**ହୃଷୀକେଶ ମଲ୍ଲିକ** - ଏହାର ପୁନରାବର୍ତ୍ତନ ଆଉ ହୋଇପାରିବ ନାହିଁ । କାହିଁକି ନା, ଯେଉଁ ସମୟରେ ଯେଉଁ କଥାର ଆବଶ୍ୟକତା ଥିବ, ସେ ସମୟ ଚାଲିଯିବା ପରେ ତାହା ଆଉ ହୋଇପାରିବ ନାହିଁ । ବର୍ତ୍ତମାନ ଯଦି ଆପଣ ଦାଣ୍ଡି ବୃତ୍ତ ବା ଚୋଖୀ ରାଗରେ କବିତା ଲେଖିବେ ତାହା କ'ଣ ଗ୍ରହଣଯୋଗ୍ୟ ହେବ ?

**ସାହିତ୍ୟ ଚର୍ଚ୍ଚା** - ଆପଣଙ୍କ ପ୍ରଥମ କବିତା ସଂକଳନ 'ଧାନ ସାଉଁଟା ଝିଅ'ର ଏ ଯାବତ ଚାରିଗୋଟି ସଂସ୍କରଣ ପ୍ରକାଶିତ ହୋଇସାରିଲାଣି । ଏଇଟି ବିଶେଷ ଆଦୃତ ହେବାର କାରଣ କ'ଣ ?

**ହୃଷୀକେଶ ମଲ୍ଲିକ** - କେବଳ 'ଧାନ ସାଉଁଟା ଝିଅ' ନୁହେଁ, ଅନ୍ୟଗୁଡ଼ିକର ମଧ୍ୟ ଦୁଇ, ଚାରିଟି ସଂସ୍କରଣ ହୁଅନ୍ତାଣି । ଯେତେବେଳେ ସେଗୁଡ଼ିକର ପ୍ରଥମ ସଂସ୍କରଣ ସରିଗଲା ସେତେବେଳେ ଯଦି ଦ୍ୱିତୀୟ ସଂସ୍କରଣ କରାହୋଇଥା'ନ୍ତା ତେବେ ହେଇପାରିଥା'ନ୍ତା । ମୁଁ ଏଥିପ୍ରତି ଧ୍ୟାନ ନଦେବା ଫଳରେ ସେଗୁଡ଼ିକର ଅଧିକ ସଂସ୍କରଣ ବାହାରି ପାରିଲା ନାହିଁ । ଆଗକୁ ବାହାରିବ ।

**ସାହିତ୍ୟ ଚର୍ଚ୍ଚା** - ୨୦୧୩ରେ ପ୍ରକାଶିତ ହୋଇଛି ଆପଣଙ୍କ ପୁସ୍ତକ 'ଓଡ଼ିଆ କବିତାର ଅନ୍ଧକାର ଯୁଗ ଓ ତାପରେ' । ଏଥିରେ ଆପଣ ଯେଉଁ ଯୁଗଟିକୁ ଅନ୍ଧକାର ଯୁଗ ବୋଲି କହିଛନ୍ତି, ତାହା କେତେ ଦୂର ଯଥାର୍ଥ ?

**ହୃଷୀକେଶ ମଲ୍ଲିକ** - ଅନ୍ଧକାର ଯୁଗ ବୋଇଲେ ଯେତେବେଳେ ଓଡ଼ିଆ କବିତା ନିଜର ସଂସ୍କୃତି ଓ ଭାଷାକୁ ଛାଡ଼ି ଅଯଥାରେ ପର ଗୋଡ଼ାଣିଆ ହେଲା, କିଛି କବି ବିଲକୁଲ୍ ଅନୁଭୂତି ନଥାଇ କବିତା ଲେଖିବାରେ ମନ ଦେଲେ, ଅହଙ୍କାର ବେଶୀ ମାତ୍ରାରେ ପ୍ରକାଶ ପାଇଲା, ସେତେବେଳେ କବିତା ଗୋଟିଏ ରୁଦ୍ଧ ପୋଖରୀ ଭଳି ହୋଇଗଲା ।

**ସାହିତ୍ୟ ଚର୍ଚ୍ଚା** - ତେବେ ଆପଣ ଓଡ଼ିଆ କବିତାର କେଉଁ କାଳଖଣ୍ଡକୁ ଅନ୍ଧକାରର ଯୁଗ ବୋଲି କହନ୍ତି ?

**ହୃଷୀକେଶ ମଲ୍ଲିକ** - ଷାଠିଏ ମସିହା ପରେ ପଂଚସ୍ତରୀ ପର୍ଯ୍ୟନ୍ତ, ସଚ୍ଚି ରାଉତରାଙ୍କ ପରବର୍ତ୍ତୀ ସମୟରେ ଯେଉଁ କବିମାନେ ଆସିଲେ ସେମାନଙ୍କର ଗୋଟିଏ ଯୋଡିଏ କବିତା ବହି ଆପଣ ଦେଖନ୍ତୁ, ସବୁଥିରେ ଆପଣ ପାଇବେ ଯେ ସେମାନେ ଜାଣିଜାଣି ଏକ ଦୁର୍ଭେଦ୍ୟ, ଦୁର୍ବୋଧ ବାତାବରଣ ତିଆରି କରିଛନ୍ତି । କାରଣ ସେମାନେ ଓଡ଼ିଆ ସାହିତ୍ୟକୁ ଭଲ ଭାବେ ନ ପଢି, ଇଂରାଜୀ କବିମାନଙ୍କ ଅନୁସରଣରେ କବିତା ଲେଖି ଚାଲିଛନ୍ତି

**ସାହିତ୍ୟ ଚର୍ଚ୍ଚା** - ତେବେ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିବା !

**ହୃଷୀକେଶ ମଲ୍ଲିକ** - ମୋର କହିବା କଥା, ଆପଣ ନିଜ ପତ୍ରିକା ତରଫରୁ ଗୋଟିଏ ସମ୍ମିଳନୀ କରନ୍ତୁ । ସେହି ସମୟର ଏହି କବିମାନେ ଯେଉଁ କବିତା ଲେଖିଛନ୍ତି, ସେଥିରୁ ମୁଁ ଦଶଗୋଟି ବାଛିଦେବି । ସେହି କବିମାନଙ୍କୁ ଡାକି କୁହାଯାଉ ନିଜର କବିତା ବୁଝାଇବାକୁ । ଯଦି ସେମାନେ ପ୍ରକୃତରେ

ବୁଝାଇଦେବେ, ତା'ହେଲେ ମୁଁ କବିତା ଲେଖିବା ଛାଡ଼ିଦେବି।

**ସାହିତ୍ୟ ଚର୍ଚ୍ଚା** – ଆପଣ କିଛିମାସ ତଳେ ନିଜର ଏକ କବିତା ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ପୁରସ୍କାରଟି ଘୋଷିତ ହେବାପରେ ଆପଣ କହିଥିଲେ ଯେ, ଓଡ଼ିଆ ଭାଷାର କବିତା ବିଭାଗ ପାଇଁ ପୁରସ୍କାରଟି ଘୋଷିତ ହେବାଦ୍ୱାରା ଏହି ପୁରସ୍କାର ଚୟନରେ ଗତ କିଛି ବର୍ଷ ଧରି ଆମ କବିତା ବିଭାଗକୁ ଯେଉଭଳି ଅଣଦେଖା କରାଯାଇଥିଲା ତାହା ସୁଧୁରାଗଲା, ଏବଂ ଏହା ବାସ୍ତବରେ ଆପଣଙ୍କ ପାଇଁ ନୁହେଁ, ବରଂ ଓଡ଼ିଆ ଭାଷାର କବିତା ପାଇଁ ଏକ ସ୍ୱୀକୃତି। ଏମିତି କାହିଁକି ଭାବନ୍ତି ଆପଣ ?

**ହୃଷୀକେଶ ମଲ୍ଲିକ** – ଆପଣ ଦେଖୁନାହାନ୍ତି, ୨୦୧୦ରୁ ୨୦୨୧ – ଦୀର୍ଘ ଏଗାର ବର୍ଷ ଭିତରେ ମାତ୍ର ଗୋଟିଏ ଓଡ଼ିଆ କବିତା ବହି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛି। ସେଇଟି ହେଉଛି ଗୋପାଳକୃଷ୍ଣ ରଥଙ୍କର ଏକ କବିତା ସଙ୍କଳନ। ଏହା ଭିତରେ ଆଉ କୌଣସି କବିତା ବହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇନାହିଁ। ଭାରତବର୍ଷରେ ଏବର ଓଡ଼ିଆ କବିତା ଯେ ଯଥେଷ୍ଟ ଆଗରେ ଅଛି, ଏଥିରେ ସନ୍ଦେହ କରିବାର ନାହିଁ। ତଥାପି ଏହାକୁ ଅଣଦେଖା କରାଯାଇଛି। ଏଗାର ବର୍ଷ ଭିତରେ ଆମର କ'ଣ ଭଲ କବି ନଥିଲେ, ନା ଭଲ କବିତା ନଥିଲା ? ତଥାପି କାହିଁକି ଏହା ପୁରସ୍କାର ପାଇଁ ବିବେଚିତ ହେଲାନାହିଁ ?

**ସାହିତ୍ୟ ଚର୍ଚ୍ଚା** – ଆଉ ଗୋଟିଏ କଥା। ଯେତେବେଳେ ଆପଣଙ୍କ ପାଇଁ ଏହି ପୁରସ୍କାରଟି ଘୋଷିତ ହେଲା, ସେତେବେଳେ ଓଡ଼ିଆ ସାହିତ୍ୟିକଙ୍କର ଗୋଟିଏ ମହଲରେ ମୃଦୁ ଗୁଂଜରଣ ସୃଷ୍ଟି ହେଲା ଯେ ଆପଣ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଣ୍ଡନ କରିଥିବା ଦୃଷ୍ଟିରୁ ଆପଣଙ୍କର ଏହି ପଦଟି କାଳେ ପୁରସ୍କାର ହାସଲ ପାଇଁ ଗୋଟିଏ ଘଟକ ଭାବରେ କାର୍ଯ୍ୟ କଲା। ଏ ବିଷୟରେ କ'ଣ କହିବେ ଆପଣ ?

**ହୃଷୀକେଶ ମଲ୍ଲିକ** – ସବୁଲୋକ ନୁହନ୍ତି, କିଛି ଲୋକ ଅଛନ୍ତି ଯେଉଁମାନଙ୍କର ଈର୍ଷା ହିଁ ତାଙ୍କ ବକ୍ତବ୍ୟର ଆଧାର। ସେଭଳି ଅଳ୍ପ କିଛି ଲୋକ ହିଁ କହିଥିବେ ଏଭଳି କଥା। କଥା ହେଉଛି, ଓଡ଼ିଶା ସାହିତ୍ୟ ଏକାଡେମୀର ମୁଁ ସିନା ଏବେ ସଭାପତି ହେଲି, ଯେତେବେଳେ ମୋର 'ଧାନ ସାଉଁଟା ଝିଅ' ପୁରସ୍କାର ପାଇଲା ସେତେବେଳେ ତ ମୁଁ କେଉଁଠି ନଥିଲି, ମୋ'ର ତ ପରିଚୟ ବି ନଥିଲା। ତଥାପି ସେଇଟି କେମିତି ପୁରସ୍କାର ପାଇଲା ? ଏହାପରେ ଯେତେବେଳେ ଶାରଳା ପୁରସ୍କାର ପାଇଲି, ସେତେବେଳେ ତ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ନଥିଲି। ଯଦି ଏହି ସଭାପତି ପଦରେ ରହିବା ହିଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାର ଅନ୍ୟତମ କାରଣ ହୁଏ, ତେବେ ମୋ ପୂର୍ବରୁ ଯେଉଁମାନେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ରହିଆସିଛନ୍ତି, ସେମାନେ ତ କାହିଁ ପାଇନାହାନ୍ତି ଏହି ପୁରସ୍କାର ! (କେବଳ ଜଣେ, ଦୀପକ ମିଶ୍ରଙ୍କୁ ଛାଡ଼ି)

**ସାହିତ୍ୟ ଚର୍ଚ୍ଚା** – ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାର ଚୟନ ପ୍ରକ୍ରିୟା ଗତ କିଛିବର୍ଷ ଧରି ବିଳମ୍ବିତ ହେଉଥିବାର କାରଣ କ'ଣ ?

**ହୃଷୀକେଶ ମଲ୍ଲିକ** – କାରଣ ହେଉଛି, ଯେଉଁମାନେ ଏବେ ସାହିତ୍ୟ ସୃଷ୍ଟି କରୁଛନ୍ତି ସେ ସମସ୍ତେ ହିଁ ଭାବୁଛନ୍ତି ଯେ ସେମାନେ ପୁରସ୍କୃତ ହେବାକୁ ଯୋଗ୍ୟ। ଯେତେବେଳେ ବହୁ ସଂଖ୍ୟକ ଆଶାୟୀ ପୁରସ୍କୃତ ହେବାପାଇଁ ବାହାରନ୍ତି ସେତେବେଳେ ନାନା ବିଭ୍ରାଟ ସୃଷ୍ଟି ହୁଏ। ଏପରିକି ଯେଉଁମାନେ ଏକାଡେମୀର ସଭ୍ୟ ଅଛନ୍ତି ସେମାନେ ମଧ୍ୟ କିପରି ପୁରସ୍କାର ପାଇବେ, ମୁଁ ବୁଝିପାରୁନାହିଁ। ଲେଖକମାନଙ୍କର ଗୋଟିଏ ମୁଖଲଜ୍ଜା ରହିବା ଦରକାର। ଯଦି ମୁଁ ଗୋଟିଏ ସଂସ୍ଥାରେ ସଭ୍ୟ ଅଛି, ସେହି ସଂସ୍ଥା ଯେଉଁ ପୁରସ୍କାର ଦେଉଛି ତାହା ମୁଁ ପାଇବା ଉଚିତ ନୁହେଁ ବୋଲି ନିଜେ ସଭ୍ୟମାନେ ହିଁ କହିବା କଥା।

**ଯେଉଁମାନେ ଏବେ ସାହିତ୍ୟ ସୃଷ୍ଟି କରୁଛନ୍ତି ସେ ସମସ୍ତେ ହିଁ ଭାବୁଛନ୍ତି ଯେ ସେମାନେ ପୁରସ୍କୃତ ହେବାକୁ ଯୋଗ୍ୟ।**

**ସାହିତ୍ୟ ଚର୍ଚ୍ଚା** – ପରିଶେଷରେ, ଆପଣଙ୍କ ମତରେ ଏବେ ଆଗକୁ ଓଡ଼ିଆ କବିତାର ଗତି କୁଆଡ଼କୁ ?

**ହୃଷୀକେଶ ମଲ୍ଲିକ** – ଓଡ଼ିଆ କବିତାର ଗତି ବହୁତ ଭଲ। ପ୍ରକୃତ କଥା ହେଲା ସବୁ ସମୟରେ ଅଳ୍ପ ସଂଖ୍ୟକ କବିଙ୍କ ଦ୍ୱାରା ହିଁ କବିତା ତା'ର ଠିକ୍ ବାଟରେ ଯାଏ।

**ସାହିତ୍ୟ ଚର୍ଚ୍ଚା** – ଆଜିର ଏହି ସାର୍ଥକ ଆଳାପ ଆଲୋଚନାଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।


□□

କବିତା



# କେଇପଦ ସମ୍ବଲପୁରୀ

ପ୍ରଫୁଲ୍ଲ କୁମାର ତ୍ରିପାଠୀ



**ସମ୍ବଲପୁରୀ:**

## ଗୋଡ଼୍ ଆରୁ ମୁଡ଼୍


ମାଏଟ୍ ଉପ୍‌ରେଁ ପାଦ୍ ଥିସି ବଲି
ମୁଡ଼୍ ପାର୍‌ସୁଁ ଟେକି
ପାଦ୍ ସଁଭ୍‌ଲାଲେଁ କେତେ କାଣା ହେସି
ସଭେ ପାର୍‌ସନ୍ ଦେଖି

ପାଦ୍‌କେ ଢାପି ଲୁକେଇ ରଖ୍‌ସୁଁ
ଦେଖଉଥିସୁଁ ମୁହୁଁ
ଇଥିର୍ ଲାଗି ତ ନୁହେଶୁଖେ କେଭେଁ
ମୁନୁଷ୍ ଆଖି’ନୁ ଲୁହୁ

ଯେନ୍ ଦୁଇ ଗୋଡ଼୍ ଗୁଟା ଦିହିକେ
ହର୍‌ଘଡ଼ି ଥିସନ୍ ବୁହି
ସବୁ ଅପମାନ୍ ସହିକରି ଭିଲ୍
ସାଂଗେ ଥିସନ୍ ରହି

ଗୋଡ଼୍ ଦୁଇଟାକେ ଚଂଚଲ୍ କରି
ମୁଡ଼୍‌କେ ରଖ୍‌ଲେଁ ଥିର୍
ହାତ୍ ଲଗେଇ ବୁତା କରୁଥିଲେଁ
ବନ୍‌ମା କର୍ମବୀର୍

ମୁଡ଼୍‌କେ ଏତ୍‌କେଁ ଆଏତେଁ ରଖ୍‌ଲେଁ
ଟୁଁଡ଼୍ ନାଇଁକହେ କଥା
ସାରା ପୁର୍‌ଥୀ ବୁଲି ଆଏଲେଁ ଭିଲ୍
ଗୋଡ଼୍ ନାଇଁହୁଏ ଅଥା



**ଓଡ଼ିଆ ଭାଷାନ୍ତର:**

## ଗୋଡ଼ ଓ ମୁଂଡ

ମାଟି ଉପରେ ପାଦ ଥାଏ ବୋଲି
ପାରୁଛୁଁ ମୁଂଡ ଟେକି
ପାଦ୍ ସଂଭାଳିଲେ କେତେ କ’ଣ ହୁଏ
ସଭିଏଁ ପାରଂତି ଦେଖି।

ପାଦକୁ ଘୋଡ଼ାଇ, ଲୁଚାଇ ରଖୁଁ
ଦେଖାଉଥାଉଁ ମୁହଁ
ସେଇଥି ପାଇଁ ତ ଶୁଖେନି କେବେ
ମଣିଷ ଆଖିର ଲୁହ।

ଯେଉଁ ଦୁଇ ଗୋଡ଼ ଗୋଟା ଦେହକୁ
ସର୍ବଦା ଥାଆଂତି ବୋହି
ସବୁ ଅପମାନ ସହି ନେଇ ସୁଦ୍ଧା
ସାଂଗରେ ଥାଆଂତି ରହି।

ଗୋଡ଼ ଦୁଇଟିକୁ ଚଂଚଳ କରି
ମୁଂଡକୁ ରଖିଲେ ସ୍ଥିର
ହାତ ଲଗାଇ କାମ କରୁଥିଲେ
ବନିବା କର୍ମବୀର।

ମୁଂଡକୁ ଏଣିକି ଆୟତ୍ତ କଲେ
ତୁଂଡ କହିବନି କଥା
ସାରା ପୃଥିବୀ ବୁଲି ଆସିଲେ ବି
ଗୋଡ଼ ପାଇବନି ବଥା।

□□

(କବିଙ୍କ କଲମରୁ ଏହି ସ୍ତମ୍ଭରେ ପ୍ରତି ମାସରେ ପଢ଼ିବା
କେଇପଦ ସମ୍ବଲପୁରୀ କବିତା)

ପ୍ରବନ୍ଧ

# ପଞ୍ଚସଖା ଓ ଶିଶୁ ଅନନ୍ତ ଦାସ



ସୁଷମା ପରିଜା

ପଞ୍ଚଦଶ ଶତାବ୍ଦୀରେ ଓଡିଶାରୁ ଧୂମିଳ ହୋଇ ଆସୁଥିବା ଜଗନ୍ନାଥ ସଂସ୍କୃତି ଏବଂ ଧର୍ମଧାରଣା କୁ ସୁଦୃଢ କରିବା ପାଇଁ, ତତ୍କାଳୀନ ସମାଜରେ ପ୍ରଭାବ ବିସ୍ତାର କରିଥିବା କୁସଂସ୍କାର, ଜାତିପ୍ରଥା, ଲିଙ୍ଗଗତ ବୈଷମ୍ୟ କୁ ଦୂର କରିବା ପାଇଁ, ସର୍ବୋପରି ସନାତନ ଧର୍ମ ର ପୁନଃ ପ୍ରତିଷ୍ଠା କରିବା ନିମନ୍ତେ ଓଡିଶା ରେ ଉଦୟ ହୋଇଥିଲେ ପାଞ୍ଚୋଟି ଉଜ୍ଜ୍ୱଳ ନକ୍ଷତ୍ର। ସେମାନେ ହେଲେ ପଞ୍ଚସଖା, ଶ୍ରୀ ଅଚ୍ୟୁତ ଦାସ, ଶ୍ରୀ ଯଶୋବନ୍ତ ଦାସ, ଶ୍ରୀ ବଳରାମ ଦାସ, ଶ୍ରୀ ଜଗନ୍ନାଥ ଦାସ ଏବଂ ଶ୍ରୀ ଅନନ୍ତ ଦାସ ( ଶିଶୁ ଅନନ୍ତ ଦାସ) । ଏମାନେ ସମସ୍ତେ ଓଡିଶା ର ବିଭିନ୍ନ ସ୍ଥାନରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ କୌଣସି ନା କୌଣସି ଘଟଣାକ୍ରମରେ ଗୃହତ୍ୟାଗ କରି ଶ୍ରୀକ୍ଷେତ୍ର ରେ ମିଳିତ ହୋଇଥିଲେ। ଶ୍ରୀଜଗନ୍ନାଥଙ୍କ ଉପାସନା କରିବା ସହିତ ଅନେକ ଅଲୌକିକ ଚମତ୍କାର କରି ନିଜର ଭକ୍ତି ର ପରାକାଷ୍ଠା ପ୍ରଦର୍ଶନ କରିବା ମଧ୍ୟରେ ବଙ୍ଗୀୟ ସନ୍ଥ ଶ୍ରୀଚୈତନ୍ୟଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ବଙ୍ଗୀୟ ବୈଷ୍ଣବ ଧର୍ମ ସହିତ ଉତ୍କଳୀୟ ଗୌଡୀୟ ବୈଷ୍ଣବ ଧର୍ମର ସ୍ଥାପନା କରି ଭାରତର କୋଣ ଅନୁକୋଣରେ ସନାତନ ଧର୍ମର ପ୍ରଚାର ପ୍ରସାର କରିଥିଲେ।



ସେମାନେ ସମସ୍ତେ ଥିଲେ ମୂର୍ଦ୍ଧନ୍ୟ ପ୍ରତିଭା। ଜଗନ୍ନାଥ ଙ୍କ ପଞ୍ଚସଖା ନାମରେ ନାମିତ ଏହି ସନ୍ଥ ମାନେ ଓଡିଶାର ପୁରପଲ୍ଲୀ ରେ ଅନେକ ମଠରେ, ଟୁଙ୍ଗୀ ଇତ୍ୟାଦି ସ୍ଥାପନ କରି ସେଠାରେ ଈଶ୍ୱର ଙ୍କୁ ଧ୍ୟାନ କରିବା ସହିତ ସମାଜର ହିତ ସାଧନ ପାଇଁ, ସମାଜ କୁ ଦିଗଦର୍ଶନ ଦେବାପାଇଁ ଅନେକ ଅନେକ ଗ୍ରନ୍ଥ ସବୁ ରଚନା କରି ଯାଇଛନ୍ତି। "ମଣିଷ ଶରୀରରେ ଈଶ୍ୱର ଅଛନ୍ତି", "ଈଶ୍ୱର ଙ୍କୁ ପାଇବାପାଇଁ ହେଲେ ପ୍ରଥମେ ଆତ୍ମା ଶୁଦ୍ଧି ହେବା ଲୋଡା।" "ଯୋଗ ସାଧନ ରେ ବିଭୁପ୍ରାପ୍ତି" ଏହା ପ୍ରତିପାଦିତ କରିଛନ୍ତି। ସେମାନଙ୍କ ସାଧନା ବଳରେ ସେମାନେ "ଭବିଷ୍ୟ ଦ୍ରଷ୍ଟା " ହୋଇ ପାରିଛନ୍ତି। ମଣିଷ ମାନଙ୍କୁ ଦିବ୍ୟ ଜ୍ଞାନ ଦେଇଥିବା ସେହି ମହାପୁରୁଷ ମାନଙ୍କୁ ଆଜି ଆମେ ବିଜ୍ଞାନ ଯୁଗରେ ପାଶୋରି ଯାଇଛେ। ଭୁଲି ଯାଇଛେ କି ଆମ ପୂର୍ବସୂରୀ ମାନେ ଆମ ପାଇଁ ଛାଡି ଯାଇଛନ୍ତି ଅସୀମ ଏବଂ ଅନନ୍ତ ଜ୍ଞାନର ଭଣ୍ଡାର ସେଇ ସବୁ ତାଳ ପତ୍ର ପୋଥି ଆକାରରେ। ବଙ୍ଗଳାର ଶ୍ରୀଚୈତନ୍ୟଙ୍କୁ ଇତିହାସ ମନେ ରଖିଛି ହେଲେ ଆମ ଓଡିଶା ର ପଞ୍ଚସଖା ଆଜି ଅଜ୍ଞାତ ଅଧ୍ୟାୟ ହୋଇ ଲୁଚି ଯାଉଛନ୍ତି ଇତିହାସରେ। ସେଥିପାଇଁ ଲୋଡା ଆତ୍ମମନ୍ଥନ, ଆତ୍ମ ମନନ, ଆତ୍ମ ଚିନ୍ତନ ଏବଂ ଆତ୍ମ ଅନୁଶୀଳନ।

ସେଇ ପଞ୍ଚସଖା ଙ୍କ ମଧ୍ୟରୁ ଜଣେ ଶ୍ରୀ ଅନନ୍ତ ଦାସ। ଅବିଭକ୍ତ କଟକ ଜିଲ୍ଲାର ବାଲିପାଟଣା ନିକଟସ୍ଥ କୁଶଭଦ୍ରା ନଦୀତଟରେ ବାଇପଡା ଗ୍ରାମ। ସେଇଠି ପିତା କପିଳ ଏବଂ ମାତା ଗୌରୀଙ୍କ ଔରସରୁ ଜନ୍ମ ନେଇଥିଲେ ଅନନ୍ତ। ତାଙ୍କର ଜନ୍ମ ସମୟ ଯଦିଓ ସଠିକ ଭାବରେ ନିରୂପଣ କରାଯାଇ ପାରିନାହିଁ ତଥାପି ସମସାମୟିକ ଘଟଣାବଳୀରୁ ଅନୁଧ୍ୟାନ କରାଯାଏ ଯେ ସେ ଗଜପତି ମହାରାଜା ପୁରୁଷୋତ୍ତମ ଦେବଙ୍କ ପଚିଶି ଅଙ୍କରେ ଅର୍ଥାତ୍ ଚଉଦଶହ ଛୟାଅଶି ମସିହାରେ ଜନ୍ମ ନେଇଥିଲେ। ଜନଶ୍ରୁତି ରୁ ଜଣାଯାଏ ଯେ ବାଲ୍ୟ କାଳରୁ ପିତାମାତାଙ୍କୁ ହରାଇ ଅନାଥ ହୋଇ ଗାଆଁରେ ଥିବା ଏକ ବିଷ୍ଣୁ ମନ୍ଦିରରେ ଆଶ୍ରୟ ନେଇଥିଲେ। ସେଇ ମନ୍ଦିରରେ ଥିବାବେଳେ ଶଙ୍କର ଦାସ ନାମକ ଜଣେ ସନ୍ୟାସୀ ଶିଶୁଟି ଅନାଥ ବୋଲି ଜାଣି ଦୟା ପରବଶ ହୋଇ ନିଜ ସାଥିରେ ନେଇ ଯାଇଥିଲେ। ସନ୍ୟାସୀ ଜଣକ ଏକାମ୍ର କ୍ଷେତ୍ରର ବିନ୍ଦୁସାଗର ପାଖରେ ଗୋଟିଏ କୁଡିଆ

କରି ରହି ସେଠାରେ ଅନନ୍ତ ବାସୁଦେବଙ୍କୁ ଆରାଧନା କରୁଥିଲେ। ଅନାଥ ବାଳକଟି ମଧ୍ୟ ତାଙ୍କ ସହିତ ସେଇଠି ରହି ମନ୍ଦିର ରୁ ମାଗଣାରେ ଦୁଇ ଓଳି ଅନ୍ନପ୍ରସାଦ ପାଉଥିଲା। ସେଠାରେ ମାଆ ଲକ୍ଷ୍ମୀ ଙ୍କୁ ନିଜର ମାଆ ଏବଂ ଅନନ୍ତ ନାରାୟଣଙ୍କୁ ନିଜର ପିତା ବୋଲି ମନେକରି ତାଙ୍କର ସେବା କରୁଥିଲା। କଥିତ ଅଛି ଯେ ଶିଶୁ ଅନନ୍ତ ମା'ଲକ୍ଷ୍ମୀଙ୍କର ସ୍ତନ୍ୟ ପାନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ। ତେଣୁ ସେହି ସନ୍ୟାସୀ ବାଳକର ନାମ କରଣ କରିଥିଲେ "ଶିଶୁ ଅନନ୍ତ"। ତାଙ୍କରି ପାଖରେ ରହି, ତାଙ୍କ ସେବା କରି ବିଭୁଚିନ୍ତନ କରିବା ସହ ଶାସ୍ତ୍ର ପୁରାଣ ମଧ୍ୟ ଶୁଣୁଥିଲା। ଶିଶୁଟି ଦଶ ବର୍ଷ ର ହୋଇଥିବା ବେଳେ ସନ୍ୟାସୀ ଜଣକ ଏକାମ୍ର ତ୍ୟାଗ କରି ଖଣ୍ଡଗିରି ଯାତ୍ରା କଲେ। ଅନାଥ ବାଳକ ଅନନ୍ତଙ୍କୁ ମଧ୍ୟ ସାଥିରେ ନେଇଗଲେ। ସେଠାରେ ଖଣ୍ଡଗିରି ଗୁମ୍ଫା ରେ ଦୁଇବର୍ଷ ସାଧନା କରିବା ପରେ ସେ ଅନନ୍ତ ଙ୍କୁ ନେଇ ଶ୍ରୀକ୍ଷେତ୍ର ଅଭିମୁଖେ ଗମନ କଲେ। ଅନନ୍ତ ଶ୍ରୀକ୍ଷେତ୍ର ରେ ବାସ କରି ସେଠାରେ ଚତୁର୍ଦ୍ଧାମୂରତିଙ୍କ ଦର୍ଶନ କରି, ତାଙ୍କର ଗୁଣ କୀର୍ତ୍ତନ କରି ଦିନ କାଟିଲେ। କିଛି ଦିନ ଅନ୍ତେ ସନ୍ୟାସୀ ଶଙ୍କର ଦାସ ତପସ୍ୟା କରିବାକୁ ହିମାଳୟ ବାହାରିଗଲେ, କିନ୍ତୁ ଅନନ୍ତଙ୍କୁ ଆଦେଶ ଦେଇଗଲେ ଶ୍ରୀକ୍ଷେତ୍ର ରେ ରହିବା ପାଇଁ। ଶିଶୁ ଅନନ୍ତ ସେଇଠି ରହିଗଲେ। ସେଠାରେ ତାଙ୍କର ଭେଟ ହୋଇଥିଲା ସନ୍ଥ ବଳରାମ ଦାସ ଙ୍କ ସହିତ।

ଜାତସ୍ମର ହୋଇଥିବା ହେତୁ ବଳରାମ ଦାସ ତାଙ୍କ ସଖାଙ୍କୁ ଚିହ୍ନି ପାରିଲେ। ଜାଣିଲେ ଯୁଗଯୁଗ ଧରି ସେମାନେ ପ୍ରଭୁଙ୍କ ସଖା ଭାବରେ ଅବତୀର୍ଣ୍ଣ ହୋଇଛନ୍ତି।ପୂର୍ବଜନ୍ମ ରୁ ଅନନ୍ତ ସତ୍ୟ ଯୁଗରେ ଶ୍ରୀବତ୍ସ, ତ୍ରେତୟା ରେ ଜାମ୍ବବ, ଦ୍ୱାପରରେ ସୁବାହୁ ନାମ ଧାରଣ କରି ପ୍ରଭୁଙ୍କ ସେବା କରିଛନ୍ତି ଏବଂ କଳିଯୁଗରେ ଅନନ୍ତ ନାମ ଧରି ଶ୍ରୀକ୍ଷେତ୍ର ରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା କରିବା ତାଙ୍କ ବିଧିନିର୍ଦ୍ଦିଷ୍ଟ ବୋଲି ଜାଣିଲେ ବଳରାମ ଦାସ।

ତାଙ୍କର ଶିଶୁ ସୁଲଭ ସରଳତା ହେତୁ ଅନନ୍ତ ଦାସ ପୂର୍ଣ୍ଣ ବୟସ୍କ ହେଲାପରେ ମଧ୍ୟ 'ଶିଶୁ ଅନନ୍ତ' ନାମରେ ପରିଚିତ ହେଉଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଶିଷ୍ୟମାନେ ମଧ୍ୟ "ଶିଶୁ ସଂପ୍ରଦାୟ" ନାମରେ ପରିଚିତ ହେଲେ। ବାଲ୍ୟ କାଳରୁ ଶିଶୁ ଅନନ୍ତ ସୂର୍ଯ୍ୟ ଉପାସନା କରି ସୂର୍ଯ୍ୟଦେବଙ୍କର କୃପାରୁ ସୂର୍ଯ୍ୟ ନାରାୟଣ ମନ୍ତ୍ର ପ୍ରାପ୍ତ ହୋଇଥିଲେ। ଅଷ୍ଟାଙ୍ଗ ଯୋଗସାଧାନାରେ ପ୍ରବୀଣ ହୋଇ ସେ ମଧ୍ୟ ବ୍ରହ୍ମ ଦର୍ଶନ କରିଥିଲେ। ଶ୍ରୀକ୍ଷେତ୍ରରେ ରହଣୀ କାଳରେ ତାଙ୍କର ଭେଟ ହୋଇଥିଲା ବୈଷ୍ଣବ ଗୁରୁ ଶ୍ରୀଚୈତନ୍ୟଙ୍କ ସହିତ।ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ ଏବଂ ତାଙ୍କ ସହିତ ବୁଲି ବୁଲି ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ। କିଛିଦିନ ଅନ୍ତେ ସେ ଓଡିଶା କୁ ଫେରିଆସି ନିଜ ଜନ୍ମ ମାଟି କଟକ ଜିଲ୍ଲା ର ବନମାଳୀ ପୁର ଠାରେ ଧନୁଆଁ, କୁଶଭଦ୍ରା, ପ୍ରାଚୀ ନଦୀ ର ସଙ୍ଗମ ସ୍ଥଳ (ଯାହା ତ୍ରିବେଣୀ ଘାଟ ନାମରେ ଜଣାଯାଏ ) ସେଇଠି ଆଶ୍ରମ କରି ଶିଷ୍ୟ ମାନଙ୍କ ସହ ରହି ସାରସ୍ୱତ ସାଧନା ରେ ଚିତ୍ତନିବେଶ କରିଥିଲେ। ତାଙ୍କର ରଚିତ ଗ୍ରନ୍ଥ ମାନଙ୍କ ମଧ୍ୟରେ " ହେତୁ ଉଦୟ ଭାଗବତ" "ଶିଶୁ ସଂହିତା" "ବ୍ରହ୍ମ ଶାଙ୍କୁଳି" "ଶ୍ରୀ ସୁ ପ୍ରକାଶ" "ଗୁରୁଭକ୍ତି ଗୀତା" "ଚକା ମଡାଣ" ଇତ୍ୟାଦି ଜନମାନସରେ ଆନ୍ଦୋଳନ ସୃଷ୍ଟି କରେ। ଶରୀରତତ୍ତ୍ୱ ସହିତ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଭବିଷ୍ୟତ ମାଳିକା ସହ ବ୍ରହ୍ମ ଏକାକ୍ଷରମନ୍ତ୍ର, ବ୍ରହ୍ମଚାରୀ ମନୁଷ୍ୟ ର କରଣୀୟ ମଧ୍ୟ ବଖାଣିଛନ୍ତି ଶିଶୁ ଅନନ୍ତ ଦାସ। ସମଗ୍ର ଶ୍ରୀଭଗବତ ଗୀତାର ସାରାଂଶ କୁ ପାଞ୍ଚୋଟି ଅଧ୍ୟାୟ ରେ ବୁଝାଇଛନ୍ତି ତାଙ୍କ ରଚିତ "ଗୀତାସାର" ରେ। ଅର୍ଦ୍ଧନାରୀଶ୍ୱର ତତ୍ତ୍ୱ ତାଙ୍କ ରଚନାରେ ମୁଖ୍ୟ ସ୍ଥାନ ଗ୍ରହଣ କରିଛି। ଶାସ୍ତ୍ର ପୁରାଣରୁ ସହିତ ଅନେକ ସୁନ୍ଦର ଭଜନ ମଧ୍ୟ ରଚନା କରିଛନ୍ତି ଶିଶୁ ଅନନ୍ତ। ସେହି ଭଜନ ଗୁଡିକ ସରଳ ସାବଲୀଳ ଭାଷାରେ ରଚିତ ହୋଇଥିଲେ ମଧ୍ୟ ଅନେକ ଗୂଢ ତତ୍ତ୍ୱ ରହିଛି ତହିଁରେ। ଜଣେ ଗଭୀର ଭାବରେ ଅନୁଧ୍ୟାନ କଲେ ତାହାର ମର୍ମ ବୁଝିହେବ। ସଂସାର ଭିତରେ ରହି ବ୍ରହ୍ମ ଦର୍ଶନ କରିବାର ସୂତ୍ର ଶିଖାଇଛନ୍ତି ଶିଶୁ ଅନନ୍ତ।

**ଶ୍ରୀକ୍ଷେତ୍ରରେ ରହଣୀ କାଳରେ ତାଙ୍କର ଭେଟ ହୋଇଥିଲା ବୈଷ୍ଣବ ଗୁରୁ ଶ୍ରୀଚୈତନ୍ୟଙ୍କ ସହିତ। ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ।**

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଭାଷାରେ "ଗାର କଟା ଜାଣେ ଅନନ୍ତ" ଅର୍ଥାତ୍ ଶିଶୁ ଅନନ୍ତ ଜ୍ୟୋତିଷ ଶାସ୍ତ୍ର ରେ ପ୍ରବୀଣ ଥିଲେ। ସେ ଠାର, ଗାର ଏବଂ ଯନ୍ତ୍ର ମାଧ୍ୟମ ରେ ପତିତ ଜନ ମାନଙ୍କୁ ଈଶ୍ୱର ପ୍ରାପ୍ତି ର ମାର୍ଗ ପ୍ରଦର୍ଶନ କରାଇଛନ୍ତି। ସେ ମଧ୍ୟ ଭବିଷ୍ୟତ ଗଣନା କରିବାରେ ସିଦ୍ଧହସ୍ତ ଥିଲେ।

ଅନେକ ଅଲୌକିକ ଚମତ୍କାର କରି ଶିଶୁ ଅନନ୍ତ ଦାସ ନିଜର ଭଗବତ୍ ସତ୍ତା ପ୍ରତିପାଦିତ କରିଛନ୍ତି। ଲୋକକଥା ରୁ ଜଣାଯାଏ ଯେ ଥରେ ସେ ତ୍ରିବେଣୀ ଆଶ୍ରମରେ ଥିବାବେଳେ 'ପୀର ଖାଁ' ନାମକ ଜନୈକ ଯବନ ର ଛେଳି ଜଣେ ସାହୁକାରର ବିଲ ରେ ପଶି ମୁଗ ଫସଲ ନଷ୍ଟ କରିଦେଇଛି ବୋଲି, ସାହୁକାର ଜଣକ ପୀର ଖାଁ ନାମରେ ତତ୍କାଳୀନ ନିମାପଡା ରାଜାଙ୍କୁ ଫେରାଦ ହୋଇଥିଲେ। ପୀର ଖାଁ ଦୋଷୀ ସାବ୍ୟସ୍ତ ହୋଇ ବନ୍ଧା ହେଲେ। ମକଦ୍ଦମା ଚାଲିଥିଲା ବେଳେ ପୀର ଖାଁ ଉକ୍ତ ଛେଳି ଟି ତାଙ୍କର ନୁହେଁ ବୋଲି ଯେତେ କହିଲେ ମଧ୍ୟ ରାଜା ବିଶ୍ୱାସ କଲେ ନାହିଁ। ଓଲଟି ତୋ'ର ସାକ୍ଷୀ କିଏ, ତା'କୁ ଏଠିକି ଆଣ ବୋଲି କହିଲେ। ସାହୁକାରଙ୍କର ବିଲ ଟି ଶିଶୁ ଅନନ୍ତ ଙ୍କର ଆଶ୍ରମ ପାଖରେ ହୋଇଥିବା ହେତୁ ସେ ହୁଏତ ସାକ୍ଷୀ ଦେଇ ପାରନ୍ତି ବୋଲି ମନେକରି ପୀର ଖାଁ ଶିଶୁ ଅନନ୍ତ ଦାସଙ୍କର ଶରଣ ପଶିଲେ। ଦୟାକରି ତା' ପାଇଁ ରାଜାଙ୍କ ପାଖରେ ସାକ୍ଷୀ ହେବାକୁ ପ୍ରାର୍ଥନା କଲେ। ସେତେବେଳେ ଶିଶୁ ଅନନ୍ତ ଗୋଟିଏ ଭଙ୍ଗା ମାଟି କାନ୍ଥ ଉପରେ ବସିଥିଲେ। ଧ୍ୟାନସ୍ଥ ହୋଇ ସେ ତୁରନ୍ତ ଉପସ୍ଥିତ ହେଲେ ସୁଦୂର ନିମାପଡାସ୍ଥିତ ରାଜାଙ୍କ ଦରବାରରେ ଏବଂ ପୀର ଖାଁ ସପକ୍ଷରେ ସାକ୍ଷୀ ଦେଲେ। ପୀର ଖାଁ ମୁକ୍ତି ପାଇଲେ। ଶିଶୁ ଅନନ୍ତଙ୍କ ଠାରେ ସେ ଚିରକୃତଜ୍ଞ ହୋଇ ସେଠାରୁ ଫେରିବା ପରେ ତାଙ୍କୁ ବନମାଳୀପୁର ପାଖରେ ଗୋଟିଏ ପାଟଣା ଦାନ କରିଦେଇଥିଲେ। ସେଇ ପାଟଣା ଟି ଆଜି ମଧ୍ୟ ସେଠାରେ ରହିଛି "ପୀର ଖାଁ ପାଟଣା" ନାମରେ। ଏହିପରି ଜଣେ ଧର୍ମ ପ୍ରଚାରକ ସହିତ ଜଣେ ସମାଜ ସଂସ୍କାରକ ମଧ୍ୟ ଥିଲେ ଶିଶୁ ଅନନ୍ତ ଦାସ।

ଶାରଳା ମଣ୍ଡଳ ରେ ନିତ୍ୟରାସ କରୁଥିବା ଶିଶୁ ଅନନ୍ତ ଙ୍କର ଶିଷ୍ୟ ସଂଖ୍ୟା ତ ଅନେକ ମାତ୍ର ତାଙ୍କର ପ୍ରିୟ ଶିଷ୍ୟ ଥିଲେ ବାରଙ୍ଗ ଯିଏ ନିଜର ସାଧନା ଓ ସିଦ୍ଧି ବଳରେ "ସିଦ୍ଧ ବାରଙ୍ଗ" ନାମରେ ପରିଚିତ ହୋଇଛନ୍ତି। ତାଙ୍କର ଆଶ୍ରମ ଅଳକା ନଦୀତଟ ପୁନଙ୍ଗ ରେ ଏବେ ମଧ୍ୟ ରହିଛି। ଶିଶୁ ଅନନ୍ତ ଙ୍କର ରଚିତ ଅନେକ ପୋଥି ସେଠାରେ ସାଇତା ହୋଇ ରହିଛି। କୁଜଙ୍ଗ ର ପାଟଳୀପଙ୍କରେ ମଧ୍ୟ ଅନନ୍ତ କୁଦ ନାମରେ ଶିଶୁ ଅନନ୍ତ ଙ୍କର ଏକ ଗାଦି ରହିଛି। ହଂସ ନାମରେ ଆଉ ଜଣେ ପ୍ରିୟ ଶିଷ୍ୟ ଥିଲେ ତାଙ୍କର। ସନ୍ଥ ଶିଶୁ ଅନନ୍ତଙ୍କର ଅନେକ ଗୁଡିଏ ଆଶ୍ରମ ଓଡିଶାରେ ରହିଥିଲେ ମଧ୍ୟ ତାଙ୍କର ଶେଷ ଜୀବନ କଟିଥିଲା ଅବିଭକ୍ତ କଟକ ଜିଲ୍ଲାରେ ଥିବା ତାଙ୍କ ଆଶ୍ରମ "ବାଲିପାଟଣା" ଠାରେ। ଏହି ସ୍ଥାନରେ ସେ ସାଧନାରେ ହୋଇ ବ୍ରହ୍ମଲୀନ ହୋଇଥିଲେ। କୁହାଯାଏ ନିଜସ୍ୱ ସମସ୍ତ ଐଶ୍ୱରୀୟ ଶକ୍ତି କୁ ସେ ଭୂଗତ କରାଇଛନ୍ତି ସେଠାରେ। ଆଜି ମଧ୍ୟ ତାଙ୍କର ସମାଧି ପୀଠଟି ସାତଟି ସର୍ପାକୃତି ସାହାଡା ଗଛ ମଧ୍ୟଭାଗରେ ଅନନ୍ତମୂର୍ତ୍ତି ସହିତ ରହିଛି ଏବଂ ପୂଜା ପାଉଛି ଅନନ୍ତ ନାମରେ। ଆଜି ମଧ୍ୟ ଲୋକମାନେ ବିଶ୍ୱାସ କରନ୍ତି ଯେ ଏହି ସମାଧିପୀଠ ଦର୍ଶନ କରି, ସେହି ସ୍ଥାନର ବାଲିରୁ ମୁଠାଏ ଆଣି ଦେହରେ ବୋଳି ଦେଲେ ଅସାଧ୍ୟ ରୋଗ ଭଲହୁଏ, ସେଇ ବାଲିରୁ ମୁଠାଏ ସଂଗ୍ରହ କରି ଘରେ ଆଣି ରଖିଲେ ଘରେ ରୋଗବ୍ୟାଧି ପ୍ରବେଶ କରେନାହିଁ, ପରିବାରରେ ସୁଖଶାନ୍ତି ବିରାଜମାନ କରେ। ତାଙ୍କରି ରଚିତ ମହାମନ୍ତ୍ର :

**ତାଙ୍କର ସମାଧି ପୀଠଟି ସାତଟି ସର୍ପାକୃତି ସାହାଡା ଗଛ ମଧ୍ୟଭାଗରେ ଅନନ୍ତମୂର୍ତ୍ତି ସହିତ ରହିଛି ଏବଂ ପୂଜା ପାଉଛି ଅନନ୍ତ ନାମରେ।**


"ହରେ କଳକି, ହରେ କଳକି, ହରେ କଳକି, ହରେ ହରେ

ହରେ ଅନନ୍ତ, ହରେ ଅନନ୍ତ, ହରେ ଅନନ୍ତ, ହରେ ହରେ"।

ଏହି ମନ୍ତ୍ର କୁ ଶୁଦ୍ଧ ଚିତ୍ତରେ ତ୍ରିକୁଟରେ ଧ୍ୟାନ ରଖି ଗାୟନ କଲେ ସକଳ ପାପରୁ ମୋକ୍ଷ ମିଳିଥାଏ ବୋଲି ଜନଶ୍ରୁତି ରହିଛି।

□□

ଲେଖିକାଙ୍କ ଇ-ମେଲ ଠିକଣା:
sparija57@gmail.com



ଅନୁବାଦ ଗଳ୍ପ

# ଦୀପକ




ମୂଳ ଲେଖା: ନରେନ୍ଦ୍ର ମୋଦୀ ଅନୁବାଦ: ଡ. ଭବାନୀ ଶଙ୍କର ମିଶ୍ର ବିରଞ୍ଚି

ସଭିଏଁ ମିଶି ରାଧାର ଚୁଡି ସବୁକୁ ଭାଙ୍ଗି ଦେଲେ। ନୂଆ କଳା ଶାଢ଼ି ରାଧାର ଦେହ ଉପରେ ପକାଇ ଦେଲେ। ଏପରି ଜଣାପଡୁଥିଲା ଯେ ସେ ଠିଆ ହୋଇ ଚାଲିବାକୁ ବାହାରିବା ବେଳେ ତଳେ ପଡୁ ପଡୁ ରହିଗଲା।

ରାଧାର ଜୀବନରେ ମଧ୍ୟ ସେ ପିନ୍ଧିଥିବା କଳା ଲୁଗା ପରି ଅନ୍ଧକାର ମାଡିଗଲା। ବର୍ତ୍ତମାନ ତ ଜୀବନଟା ଆରମ୍ଭ ହିଁ ହୋଇଥିଲା ମାତ୍ର। ଆଉ....

ତା'ର କାନଜୀ ଉହଲୀଳା ସମାପ୍ତ କରିନେଲେ। ଦୀର୍ଘ ଅସୁସ୍ଥତା କାନଜୀକୁ ମୃତ୍ୟୁର ଶରଣ ନେବାକୁ ବାଧ୍ୟ କରିଥିଲା, କିନ୍ତୁ...



ରାଧା ପାଇଁ ତ ଏହା କେବଳ କାନଜୀର ମୃତ୍ୟୁ ନ ଥିଲା। ତା'ର ତ ଜୀବନ ଦୀପଟି ହିଁ ଲିଭି ଯାଇଥିଲା।

ମୃତ୍ୟୁ ସହ ଲଢ଼ିବାରେ କାନଜୀ ପାଇଁ ରାଧା ବ୍ୟତୀତ ଆଉ କେହି ଉଷ୍ମା-ସନ୍ତାନଟିକେ ଦେବାକୁ ନ ଥିଲା।

କାନଜୀ କିଛି ରୋଜଗାର କରୁ ନ ଥିଲା। ତେଣୁ ସେ ସମସ୍ତଙ୍କ ପାଇଁ ଅଲୋଡା ଥିଲା। ରାଧା ଜାଣିଥିଲା ଯେ ଘର ଲୋକଙ୍କ ପାଇଁ ମୃତ୍ୟୁର ଅନ୍ୟ ନାମ ହିଁ ଥିଲା କାନଜୀ। ଏଣୁ ମୃତ୍ୟୁର ଦେଖାରଖା ଯେମିତିକି କରାଯାଇଥାଏ, ସେତିକି ହିଁ ଦେଖାରଖା କାନଜୀର କରାଯାଇଥିଲା। ତା'ଠାରୁ ଅଧିକ ନୁହେଁ।

ରାଧା ପାଇଁ ଏହାସବୁ ଦେଖିବା ବ୍ୟତୀତ ଆଉ କୌଣସି ରାସ୍ତା ନ ଥିଲା। ଧୀରେ ଧୀରେ ଯାଇ କାନଜୀର ଶବ ପାଖରେ ପହଁଚୁ ପହଁଚୁ ତା' ମନରେ ଅନେକ ବିଚାର ଆସିଲା।

ରାଧାର ହୃଦୟ ବାରମ୍ବାର ଚିତ୍କାର କରୁଥିଲା- "କାନଜୀ ମରିଗଲା କିନ୍ତୁ ତାର ମରିବାର ନ ଥିଲା.... ତାକୁ ମରିବାକୁ ପଡ଼ିଲା... ବଞ୍ଚିବାକୁ ଇଚ୍ଛା ହେଉଥିଲେ ମଧ୍ୟ ତାକୁ ମରିବାକୁ ପଡ଼ିଲା।

ରାଧାର ଆଖି କାନଜୀର ଶରୀର ଉପରେ ପଡ଼ିଲା। ରାଧାକୁ ମନେ ହେଉଥିଲା, ତା ଚେହେରାଟି ସବୁଦିନ ପରି ଏବେ ମଧ୍ୟ ବଞ୍ଚିବା ପାଇଁ ଚାହୁଁଥିଲା। କିନ୍ତୁ ଘର ଲୋକେ ତ ତା' ଶେଷ ଯାତ୍ରାର ସଜବାଜରେ ଲାଗି ପଡ଼ିଥିଲେ।

କାନଜୀର ମାଆ ତା ପାଦ ପାଖରେ ଦୀପଟିଏ ଜଳାଇ ରଖି ଦେଇଥିଲେ। ପରମ୍ପରା ଅନୁଯାୟୀ ଯେତେବେଳ ଯାଏଁ କାନଜୀର ଅନ୍ତିମ ସଂସ୍କାର ଶେଷ ନ ହୋଇଯାଇଛି ସେତେବେଳ ଯାଏଁ ସେଇଟିକୁ ଜଳାଇ ରଖିବାକୁ ହୋଇଥାଏ।

ରାଧାର ମନ ବ୍ୟାକୁଳ ହୋଇ ଉଠିଲା- କେହି ମଧ୍ୟ କାନଜୀର ଔଷଧ ପାଇଁ ଚାମୁଚାଏ ଘିଅ ମଧ୍ୟ ଦେଉନଥିଲେ, ଆଉ ଆଜି ଦୀପ ଜଳାଇବା ପାଇଁ ଘିଅ ଭରି ରଖିଛନ୍ତି।

ରାଧାର ମନ କାନଜୀର ମୃତ୍ୟୁ ସମ୍ବନ୍ଧୀୟ ଘଟଣା ଭିତରେ ପଡ଼ି ରହିଥିଲା। ତାକୁ କାନ୍ଦି ପକାଇବାକୁ ମନ ହେଉଥିଲା କିନ୍ତୁ କାନ୍ଦ ଆସୁନଥିଲା। ହେଲେ ଯେମିତି ହିଁ କାନଜୀକୁ ଶ୍ମଶାନ ନେବାକୁ ଉଠାଗଲା ସେ ଜୋର-ଜୋରରେ କାନ୍ଦିବାକୁ ଲାଗିଲା। ତା'ର କାନ୍ଦିବାଟା ଲାଗି ରହିଥିଲା କିନ୍ତୁ ହଠାତ୍ ମୁଣ୍ଡ ବୁଲାଇବାରୁ ସେ ତଳେ ପଡ଼ିଗଲା।

ସେ ପଡ଼ିଯିବା ଫଳରେ କାନଜୀର ମାଆ ଯେଉଁ ଦୀପଟି ଜଳାଇ ରଖିଥିଲେ, ଗଡି ପଡ଼ିଲା। ଆଉ ସବୁତକ ଘିଅ ଢ଼ାଳି ଯିବାରୁ ଦୀପଟି ମଧ୍ୟ ଲିଭି ଗଲା।

ଏହା ଦେଖି କାନଜୀର ମାଆ ଜୋର ଜୋର କାନ୍ଦି କାନ୍ଦି କହିଲା- "ରାଣ୍ଡ! ଡାହାଣୀ! ମରିଯା ତୁ, ତୋର ସର୍ବନାଶ ହେଉ। ରାଣ୍ଡ କାହାର ଭଲ ଚାହୁଁନି। ଦୀପଟି ଲିଭାଇ ଦେଲା।"

କାନଜୀର ମାଆ ରାଧାକୁ ଗାଳି ଆଉ ଅଭିଶାପ ଦେବାର କୌଣସି ସୁଯୋଗ ଛାଡି ନ ଥିଲା। ହେଲେ ତା'ର ଏସବୁ ଶୁଣିବା ପାଇଁ ରାଧାର ସଂଜ୍ଞା ନ ଥିଲା।

□□

ଅନୁବାଦକଙ୍କ ଇ-ମେଲ ଠିକଣା:
bhawanishankar_viranchi@yahoo.com

କବିତା



# ଇତିହାସ ନ ହେଉ

ଡ. ପ୍ରତିଭା ଶତପଥୀ

ତୁମେ ଇତିହାସରେ ରହିବ ଚାହିଁଲ
ଇତିହାସରେ ହିଁ ରହିଗଲ
ଜାଣିଥିଲ କି ନା କେଜାଣି
ଇତିହାସରୁ ତୁମେ ମୁକୁଳି ପାରିବ ନାହିଁ
ଉଠି ଆସି ପାରିବ ନାହିଁ ମୋର ସନ୍ନିଧିକୁ
ମୋର କୋଳକୁ
ମୁଁ କିନ୍ତୁ ଚାହିଁଥିଲି
ତୁମେ ଇତିହାସ ନ ହୁଅ
ତୁମେ ମୋର ପାଖେ ପାଖେ ଥାଅ
ତୁମର ଆଖି ଦିଓଟି ତାରାପରି
ମୋର ସାଙ୍ଗେ ସାଙ୍ଗେ ଚାଲିଥାଉ,
ତୁମର ସ୍ୱର
ରାତି ଅଧରେ
ଆଶ୍ୱାସନାର ଲହରଟିଏ ହେଇ ଆଉଁସି ଦେଉ,
ବିସ୍ତାରିତ ମୟୂର ପୁଚ୍ଛପରି ମୋର ଏ କୋଳରେ
ତୁମ ସ୍ନେହର ସମୀରଣ ଦୋହଲୁଥାଉ,
ମୋର ଏକାନ୍ତ ବ୍ୟକ୍ତିଗତତା
କଦାପି ଇତିହାସ ନ ହେଉ

ଇତିହାସର ପ୍ରସ୍ତରୀଭୂତ ନୀରବତାକୁ
ମୁଁ ଯେତିକି ଜାଣେ
ସମୟର ଉଦାସୀନ ଚାହାଣିରୁ ମୁଁ
ଯେତିକି ବୁଝେ
ବୁଝେ ଯେ, ଇତିହାସର ପୃଷ୍ଠାରୁ
ତୁମେ ମୁକୁଳି ପାରିବ ନାହିଁ
ସମୟର ପ୍ରସ୍ତପ୍ରସ୍ତ ଗଭୀରତାରୁ
ଉଠି ପାରିବ ନାହିଁ।



ରାସ୍ତା ଏମିତି ନିଶୂନ ଥିବ
ଥଣ୍ଡା ପବନ ବୋହୁଥିବ ତୁହାକୁ ତୁହା
ଅନ୍ଧାର ଥିବ ଚାରିଆଡ
କଳ୍ପନାର ଇନ୍ଦ୍ରଜାଲ
ଗଢୁଥିବ, ଭାଙ୍ଗୁଥିବ ତୁମକୁ
କେଜାଣି କେତେବାର,
ଇତିହାସ ଯେ ଚିହ୍ନେନା ମତେ
ଚିହ୍ନେନା ତୁମକୁ
ଇତିହାସ ରାଜାଧିରାଜ
ଚିହ୍ନେନା ସାମାନ୍ୟ ମଣିଷକୁ
ଚିରଂଜୀବନର ଆସ୍ଫାଳନରେ
ସେ ଦଳିମକ୍ଚି ଦିଏ
ହୃଦୟର ନିବେଦନକୁ।

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
satpratia_bla@yahoo.co.in

ଜୀବନୀ

# ଜ୍ଞାନତପସ୍ୱୀ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ



ଡ. ବାସୁଦେବ ଦାସ

ଯୋଗସିଦ୍ଧ ପୁରୁଷଙ୍କୁ ଯୋଗୀ ଆଖ୍ୟା ଦିଆଯାଇଥାଏ। ଶ୍ରୀମଦ୍ ଭଗବଦ୍ ଗୀତାରେ ଉଲ୍ଲେଖ ଅଛି -

ତପସ୍ୱୀଭ୍ୟୋଽଧିକୋ ଯୋଗୀ, ଜ୍ଞାନିଭ୍ୟୋଽପି ମତୋଧିକଃ

କର୍ମିଭ୍ୟଶ୍ଚାଧିକୋ ଯୋଗୀ, ତସ୍ମାଦ ଯୋଗୀ ଭବାର୍ଜୁନ ॥ (୬।୪୬)

"ତପସ୍ୱୀମାନଙ୍କ ଠାରୁ ଯୋଗୀ ଶ୍ରେଷ୍ଠ। ଶାସ୍ତ୍ରଜ୍ଞାନୀମାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ଏବଂ ସକାମ କର୍ମ କରୁଥିବା ଲୋକଙ୍କଠାରୁ ମଧ୍ୟ ଯୋଗୀ ଶ୍ରେଷ୍ଠ; ତେଣୁ ହେ ଅର୍ଜୁନ! ତୁମେ ଯୋଗୀ ହୋଇଯାଅ।"


**ଭାବାବେଗ ଓ ଅନୁମାନକୁ ଜାବୋଡ଼ି ଧରିବା ଅନୁଚିତ୍। କାରଣ ଏହା ଆଧ୍ୟାତ୍ମିକ ନୁହେଁ। ଏହି କଥା ବୁଝାଇଦେବା ପାଇଁ ଭଗବାନ ଭିନ୍ନ ଭିନ୍ନ ପ୍ରକାରର ଯୋଗୀମାନଙ୍କ ପାଇଁ ଯୋଗୀର ବର୍ଗୀକରଣ ବର୍ଣ୍ଣନା କରିଛନ୍ତି।**

କେବଳ ଶାସ୍ତ୍ର ପାଠକରି କୌଶଳ ଅଭ୍ୟାସ କଲେ ଚଳିବ ନାହିଁ। ସାଧକ ଜଣେ ଆତ୍ମଦ୍ରଷ୍ଟା ଗୁରୁ ନିର୍ବାଚନ କରିବା ଉଚିତ୍। ଆତ୍ମଦ୍ରଷ୍ଟା ଗୁରୁ ମେରୁଦଣ୍ଡ ଓ ପଞ୍ଚେନ୍ଦ୍ରିୟ ଶୋଧନ କରି ମନଃ, ବୁଦ୍ଧି, ଅହଂକାର ଓ ଶରୀରବୋଧକୁ ଅତିଶୀଘ୍ର ଜ୍ଞାନ, ବିଜ୍ଞାନ ଓ ପ୍ରଜ୍ଞାନରେ ରୂପାନ୍ତରିତ କରିଦେବେ। ତେବେ ଯାଇ ସାଧକ ଶୀଘ୍ର ଶାନ୍ତ ଅବସ୍ଥା ଲାଭ କରିବ। ଆହୁରି ମଧ୍ୟ ସାଧକମାନଙ୍କ ମଧ୍ୟରେ ଥିବା ମତାନ୍ଧତା ଓ ଧର୍ମାନ୍ଧତା ପରିହାର ଅପରିହାର୍ଯ୍ୟ। ସେମାନେ ଭାବାବେଗ ଓ ଅନୁମାନକୁ ଜାବୋଡ଼ି ଧରିବା ଅନୁଚିତ୍। କାରଣ ଏହା ଆଧ୍ୟାତ୍ମିକ ନୁହେଁ। ଏହି କଥା ବୁଝାଇଦେବା ପାଇଁ ଭଗବାନ ଭିନ୍ନ ଭିନ୍ନ ପ୍ରକାରର ଯୋଗୀମାନଙ୍କ ପାଇଁ ଯୋଗୀର ବର୍ଗୀକରଣ ବର୍ଣ୍ଣନା କରିଛନ୍ତି। ଭଗବାନ କୁହନ୍ତି - ବୁଦ୍ଧିଦ୍ୱାରା ତୁମେ ନିରାକାର ଅବସ୍ଥାରେ ପହଞ୍ଚି ପାରିବ ନାହିଁ। ଆତ୍ମୋପଲବ୍ଧି ପାଇଁ ତୁମର ଜନ୍ମ। ଆତ୍ମସାଧନ ଦ୍ୱାରା ଆତ୍ମୋପଲବ୍‌ଧି ସମ୍ଭବ। ତୁମକୁ ଭଗବାନଙ୍କର ସ୍ୱଧାମ ଓ ଜୀବନର ବାସସ୍ଥାନ ରୂପୀ ମସ୍ତିଷ୍କରେ ଆତ୍ମାକୁ ଖୋଜିବାକୁ ପଡ଼ିବ। ତେବେ ଯାଇ ନିରାକାର ଅବସ୍ଥା ଓ ଭଗବଦ୍ ଉପଲବ୍ଧି ପ୍ରାପ୍ତ ହେବ। ଯୋଗୀ ଜଣେ ବିରାଟ ବୁଦ୍ଧିଜୀବୀ (ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ) ଅପେକ୍ଷା ଶ୍ରେଷ୍ଠ। ଡଃ ଦୋଳଗୋବିନ୍ଦ ଶାସ୍ତ୍ରୀ ଏହି ପରିପ୍ରେକ୍ଷୀରେ ଥିଲେ ଆତ୍ମୋପଲବ୍ଧିର ଯୋଗସାଧକ ଏବଂ ସୁଷୁମ୍ନା ନାଡ଼ିରେ ବାୟୁଚାଳନାରେ କାର୍ଯ୍ୟରତ। ତେଣୁ ଆତ୍ମା ଓ ଶରୀର ସାମ୍ୟ ଭାବରେ, ସଂଯତ, ପରିଚାଳିତ। ସୁତରାଂ ସେ ପ୍ରକୃତ ଅର୍ଥରେ ଆଧ୍ୟାତ୍ମିକ ଗୁରୁ, ଯୋଗୀ ଓ ସାରସ୍ୱତ ସାଧକ ଥିଲେ।

୧୯୬୦ ମସିହା ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟରେ ପ୍ରଣୟ ସମ୍ବଳୀ ସାହିତ୍ୟ ସୃଷ୍ଟିର ଝଡ଼ ବହୁଥିବା ବେଳେ ଡଃ ଦୋଳଗୋବିନ୍ଦ ଶାସ୍ତ୍ରୀ ପ୍ରବାସ ବଙ୍ଗଦେଶରେ ପ୍ରାୟ ୨୪ ବର୍ଷ ଅଧ୍ୟାତ୍ମ ସାଧନା କରି ନିଜ ମାତୃଭୂମିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ସମୟରେ ପ୍ରାକ୍ତନ ମନ୍ତ୍ରୀ ତଥା ବରିଷ୍ଠ ଆଡ଼ଭୋକେଟ ଦୀନବନ୍ଧୁ ସାହୁଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ାରେ ଶୈକ୍ଷିକ ବିକାଶ ନିମନ୍ତେ ପ୍ରତିଷ୍ଠିତ ହୋଇଥିଲା କେନ୍ଦ୍ରାପଡ଼ା ମହାବିଦ୍ୟାଳୟ, ଯାହା ଅଧୁନା ସ୍ୱୟଂଶାସିତ କଲେଜରେ ଦଣ୍ଡାୟମାନ ହୋଇଅଛି। ଦୀନବନ୍ଧୁ ସାହୁଙ୍କ ଆହ୍ୱାନ କ୍ରମେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ ଦୋଳଗୋବିନ୍ଦ ଶାସ୍ତ୍ରୀ ଏବଂ ଏଠାରେ ଅବସ୍ଥାନ କାଳରେ ଓଡ଼ିଆ ବିଷୟରେ ସ୍ନାତକୋତ୍ତର ଉପାଧି ସମାପ୍ତି କରି ସଂସ୍କୃତ ଓ ଓଡ଼ିଆ ଦୁଇଟି ବିଷୟରେ ଅଧ୍ୟାପନା କରୁଥିଲେ। ତତ୍‌କାଳର କେନ୍ଦ୍ରାପଡ଼ା ସଦ୍ୟ ସ୍ୱାଧୀନତାର ଆଲୋକରେ ସଜେଇ ହେବାର ଯେଉଁ ଦୁର୍ବାର ଅଭିଳାଷ ପୋଷଣ କରିଥଲା; ତାହାକୁ ଚରିତାର୍ଥ କରିବାକୁ ଯେଉଁ କେତେଜଣ ବୁଦ୍ଧିଜୀବୀ ପଣ କରିଥିଲେ - ସେମାନଙ୍କ ମଧ୍ୟରେ ଡାକ୍ତର ସରୋଜକାନ୍ତ କାନୁନ୍‌ଗୋ, ଭାଗବତ ପ୍ରସାଦ ମହାନ୍ତି, ସଚ୍ଚିଦାନନ୍ଦ ମହାନ୍ତି, ପ୍ରତାପ ମହାନ୍ତି, ଅନନ୍ତ ଚାଟାର୍ଜୀ,

ସ୍ୱାଧୀନତା ସଂଗ୍ରାମୀ ପୁରୁଷୋତ୍ତମ ନାୟକ ପ୍ରମୁଖ ଅଗ୍ରଗଣ୍ୟ। ଏମାନଙ୍କ ସହିତ ଯୋଗଦାନ କରିଥିଲେ ତତ୍‌କାଳୀନ କେନ୍ଦ୍ରାପଡ଼ାର ବି.ଡ଼ି.ଓ. ପରଶୁରାମ ଦ୍ୱିବେଦୀ, ପ୍ରଶାନ୍ତ ପଟ୍ଟନାୟକ, ଏସ୍.ଡ଼ି.ଓ. ପ୍ରାଣକୃଷ୍ଣ ମିଶ୍ର, ଆଦି ସରକାରୀ ଅଧିକାରୀ ବୃନ୍ଦ। ଗୋକୁଳଚନ୍ଦ୍ର ସଂଗୀତ ସଦନ, ଫ୍ରେଜର ବାଳିକା ବିଦ୍ୟାଳୟ, କେନ୍ଦ୍ରାପଡ଼ା ବାଳିକା ସ୍କୁଲ ଆଦି ପ୍ରତିଷ୍ଠା କ୍ଷେତ୍ରରେ ଡଃ ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କର ଅବଦାନ ନିହିତ।

ଭାଷା ସାହିତ୍ୟର ବିକାଶାର୍ଥେ ପ୍ରାଣକୃଷ୍ଣ ମିଶ୍ର, ଆଡ଼ଭୋକେଟ ଅନନ୍ତ ଚାଟାର୍ଜୀ, ଡାକ୍ତର ଭକ୍ତିଲତା ରାୟଙ୍କ ସ୍ୱାମୀ ସୁସାହିତ୍ୟିକ ଅନ୍ନଦା ପ୍ରସାଦ ରାୟ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍, ସାହିତ୍ୟିକ ବାମାଚରଣ ମିତ୍ର, ଅନ୍ୟତମ ଅଫିସର ଅନନ୍ତ ପ୍ରସାଦ ପଣ୍ଡା ମିଶି ପ୍ରତିଷ୍ଠା କରିଥିଲେ ମଙ୍ଗଳବାରିଆ ସାହିତ୍ୟ ସଂସଦ; ତିନିବର୍ଷ ଧରି ଏହି ସଂସଦ ଡାଇମଣ୍ଡ ଜୁବୁଲି ପାଠାଗାରରେ ବସୁଥିଲା। ୧୯୬୩ ମସିହା ଶେଷରେ ଓଡ଼ିଶା ସର୍ଭିସ କମିଶନଙ୍କ ଦ୍ୱାରା ମନୋନୀତ ହେବା ପରେ ଶାସ୍ତ୍ରୀ ମହାଶୟ ରେଭେନ୍‌ସା କଲେଜରେ ଓଡ଼ିଆ ବଙ୍ଗଳା ଅଧ୍ୟାପକ ଭାବେ ଯୋଗଦାନ କଲେ। ରେଭେନ୍‌ସା ସାନ୍ଧ୍ୟ ମହାବିଦ୍ୟାଳୟ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପୁରୀ, ବିଜେବି ମହାବିଦ୍ୟାଳୟ ଭୁବନେଶ୍ୱର, ପୁନଶ୍ଚ ରେଭେନ୍‌ସା ମହାବିଦ୍ୟାଳୟରୁ ୧୯୮୦ ମସିହାରେ ଅବସର ଗ୍ରହଣ କରିଥିଲେ। ଡଃ ଶାସ୍ତ୍ରୀଙ୍କର ଠିକ୍ ଅବସର ପୂର୍ବରୁ ଏହି ଲେଖକ ତାଙ୍କ ଦିଗ୍‌ଦର୍ଶନରେ ଗବେଷଣା ନିମନ୍ତେ ପ୍ରାର୍ଥୀହୋଇ ନାମ ପଞ୍ଜୀକରଣ କରିଥିଲା ଏବଂ ୧୯୮୩ ମସିହା ଡିସେମ୍ବର ୧୪ ତାରିଖରେ ଡକ୍ଟରାଲ (ପିଏଚ୍.ଡ଼ି) ଡିଗ୍ରୀ ପାଇଁ ଯୋଗ୍ୟ ବିବେଚିତ ବୋଲି ଗେଜେଟେ ନୋଟିଫିକେସନ୍ ହୋଇଥିଲା। ଡକ୍ଟର ଶାସ୍ତ୍ରୀ ଛ'ଟି ଭାଷାରେ ବ୍ୟୁତ୍‌ପତ୍ତି ଲାଭ କରିଥିଲେ। ସେ ସ୍ନେହୀ, ଛାତ୍ରବତ୍ସଳ, ନୀତିନିଷ୍ଠ, ସମୟାନୁବର୍ତ୍ତୀ ଓ ନିରାଡ଼ମ୍ବର ଜୀବନର ଅଧିକାରୀ ଥିଲେ। ସାରସ୍ୱତ ସୃଷ୍ଟି କ୍ଷେତ୍ରରେ ତାଙ୍କର ବିପୁଳ ଅବଦାନ ରହିଛି। ୧୯୬୦ ମସିହାରୁ




୧୯୯୫ ପର୍ଯ୍ୟନ୍ତ ଶାସ୍ତ୍ରୀ ମହାଶୟଙ୍କର ନିରବଚ୍ଛିନ୍ନ ସାହିତ୍ୟ ସାଧନା ଓ ଶିକ୍ଷାବିକାଶ କ୍ଷେତ୍ରରେ ଯେଉଁ ଅପୂର୍ବ ସମନ୍ୱୟ ପରିଲକ୍ଷିତ ତାହା ତାଙ୍କ ଜୀବନଚର୍ଯ୍ୟାର ମହତ୍ତ୍ୱ ପ୍ରତିପାଦନ କରିଥାଏ। ଉତ୍କଳ ମାତାର ଜଣେ ସୁଯୋଗ୍ୟ ସେବକ ଭାବରେ ଅମ୍ଳାନ କୀର୍ତ୍ତି ଚିର ଭାସ୍ୱର ହୋଇ ରହିଅଛି। ଏହି ମହାନ୍ ପ୍ରଜ୍ଞା ପୁରୁଷ, ଅଧ୍ୟାତ୍ମ ଦାର୍ଶନିକ, ଶିକ୍ଷାବିତ୍, ସାମ୍ବାଦିକ ଓ ସଂଗଠକଙ୍କର ଜୀବନ କାଳକୁ ତିନିଗୋଟି ଅଧ୍ୟାୟ ବା ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ।

(୧) ଦୁର୍ଗାପ୍ରସାଦ ନାଥଶର୍ମା, (୨) ଦୋଳଗୋବିନ୍ଦ ଶାସ୍ତ୍ରୀ, (୩) ପ୍ରିୟାଜୀ ପ୍ରସାଦ ମହାରାଜ। ଏ ଜଣେ ବ୍ୟକ୍ତିବିଶେଷ ହେଲେ ମଧ୍ୟ ମଧ୍ୟ ତାଙ୍କର ଜୀବନ ପୁଷ୍ପ ତିନୋଟି ସ୍ତରରେ ଭିନ୍ନ ଭିନ୍ନ ରୀତି ଓ ସୁବାସରେ ଶିହରିତ ହୋଇ ଆସିଛି। ତାଙ୍କର ଆତ୍ମଚରିତ 'ନଚିକେତାର ଚୈତ୍ୟ'ରେ ଜୀବନ ଦର୍ଶନକୁ ଗୋଟିଏ ବାକ୍ୟରେ ପ୍ରକାଶ କରିଛନ୍ତି। ଜନମାନସର ମଙ୍ଗଳ ତଥା ମୋର ଆତ୍ମୀୟ ବନ୍ଧୁମାନଙ୍କର ସର୍ବାଙ୍ଗୀନ ସୁଖ ପାଇଁ ଏହି ପୁସ୍ତକଟିକୁ ରଚନା କରିଅଛି।" ଗୋଟିଏ ପୁସ୍ତକ ନୁହେଁ, ତାଙ୍କର ସମଗ୍ର କୃତି ବା ସୃଷ୍ଟି ମୂଲ୍ୟବୋଧ ଓ ନୈତିକମାନର ହୋଇଥିବାରୁ ସମାଜକୁ ଦିଗଦର୍ଶନ ଦେବାକୁ ସମର୍ଥ ହୋଇଛନ୍ତି।

(୧) ଦୁର୍ଗା ପ୍ରସାଦ ନାଥଶର୍ମାଙ୍କର ଜୀବନ ପରିଧିକୁ ୧୯୪୦ ମସିହା ପର୍ଯ୍ୟନ୍ତ ଗ୍ରହଣ କରାଯାଇପାରେ। ଏହି ମହାନ୍ ସାଧକଙ୍କର ଜନ୍ମ ୧୯୨୦ ମସିହା ଦୁର୍ଗା ପୂଜା ଅବସରରେ ଅର୍ଥାତ୍ ସେପ୍ଟେମ୍ବର ୨୮ ତାରିଖ। ଦୁର୍ଗାପୂଜା ଦିନ ଜାତ ହୋଇଥିବାରୁ ନାମ ରଖାଗଲା ଦୁର୍ଗାପ୍ରସାଦ। କଟକ ତଥା ଆଧୁନିକ କେନ୍ଦ୍ରାପଡ଼ା ଜିଲ୍ଲା ଚାନ୍ଦୋଳ ନିକଟବର୍ତ୍ତୀ ଗହଗା ନରସିଂହପୁର ଅଖ୍ୟାତ ପଲ୍ଲୀରେ ନିଶାମଣି ନାଥଶର୍ମା ମାତା ପଦ୍ମାବତୀଙ୍କର କୋଳମଣ୍ଡନ କରିଥିଲେ ଏହି ଅମର୍ତ୍ତ୍ୟଦୁର୍ଲ୍ଲଭ ଶିଶୁ। ନିଶାମଣି ନାଥ ସମ୍ପ୍ରଦାୟର ଏକ ଆର୍ଥିକ ଅସ୍ୱଚ୍ଛଳ ପରିବାର ହେଲେ ମଧ୍ୟ ଧର୍ମୀୟ ସଂସ୍କାର ଉଭୟ ଦମ୍ପତ୍ତିଙ୍କୁ ସାଂସ୍କୃତିକ ସ୍ୱଚ୍ଛଳତା ପ୍ରଦାନ କରିଥିଲା। ଗହଗା ନରସିଂହପୁର

ସନ୍ନିକଟ ପବିତ୍ରପଡ଼ାର 'ରସିକରା' ବୈଷ୍ଣବ ପୀଠର ମହାପୁରୁଷ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କର ଗାଦି, ଯାହା ଆଜି ସୁଦ୍ଧା କବିଙ୍କର ଭାବାଦର୍ଶ ରକ୍ଷାକରି ଆସିଅଛି। ବିଳମ୍ବ ହେଲେ ହେଁ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିଛନ୍ତି। ବାଲ୍ୟରୁ ବୈଷ୍ଣବ ସନ୍ନ୍ୟାସୀଙ୍କ ଗଳ୍ପ ଦୁର୍ଗାପ୍ରସାଦ ଶ୍ରବଣ କରି ପୁଲକିତ ହେଉଥିଲେ। ବାଲ୍ୟକାଳରେ ତାଙ୍କ ଜନନୀଙ୍କର କ୍ଷୀର ହେଉ ନଥିଲା। ତେଣୁ ଅନ୍ୟ ଜଣେ ମା'ଙ୍କର ସଞ୍ଚିତ କ୍ଷୀର ପାନକରି ପୁଷ୍ଟ ହୋଇଥିଲେ। ବାଲ୍ୟକାଳରୁ ସେ ଶିଖିଲେ ଏ ଜୀବନ ଅନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ। ସମର୍ପଣ ଭାବ ଜାଗ୍ରତ ହୋଇଥିଲା। ଜହ୍ନରାତିରେ ଚଉଁରା ପାଖରେ ନଡ଼ିଆ ଚାଞ୍ଚରାରେ ବସି ବାପାଙ୍କଠାରୁ ଶିଶୁ ଦୁର୍ଗା ପ୍ରସାଦ ଶ୍ଳୋକ ଆବୃତ୍ତି ଶିଖେ। ଯଦିଚ ବୁଝିବାର କ୍ଷମତା ନଥିଲା, ତଥାପି ଶବ୍ଦ ତରଙ୍ଗରେ ତାଙ୍କର ମନ ଭାସି ଉଠୁଥାଏ ପ୍ରେମରେ। ଗ୍ରାମର ପ୍ରାଥମିକ ବିଦ୍ୟାଳୟକୁ ଖଣ୍ଡିଏ ଖବରକାଗଜ ଆସେ। ହେଡ଼ପଣ୍ଡିତ ଗ୍ରାମଲୋକଙ୍କୁ ପଢ଼ି ଶୁଣାନ୍ତି। ମହାତ୍ମାଗାନ୍ଧୀ ଆସିବାର ଖବର ପ୍ରକାଶ ପାଇବା ସହିତ ଦେଶର ଘଟଣାବଳୀ ମଧ୍ୟ ଜାଣିବାକୁ ଲୋକେ ଉତ୍କଣ୍ଠାର ସହିତ ଚାହିଁ ରହୁଥିଲେ। ଦିନେ ଦୁର୍ଗାପ୍ରସାଦ ତାଙ୍କ ମା'ଙ୍କୁ ପଚାରିଲେ ବୋଉ, ମହାତ୍ମାଗାନ୍ଧୀ କିଏ କହିଲୁ ?

ମା' ବା କ'ଣ ବୁଝନ୍ତି ? ସେ କହିଦେଲେ 'ଭଗବାନ'। ମନ କଥା ମନରେ ଥିଲା। ମହାତ୍ମାଗାନ୍ଧୀ ୧୯୩୪ ମସିହାରେ ହରିଜନ ପଦଯାତ୍ରା ଉଦ୍ଦେଶ୍ୟରେ ଓଡ଼ିଶା ଆସିଥିଲେ। ପୁରୀ ଶ୍ରୀକ୍ଷେତ୍ରରୁ ଆସି କଟକରେ ପହଞ୍ଚି ସଭା କରିଥିଲେ। ମିଶନ ସ୍କୁଲର ଛାତ୍ର ଦୁର୍ଗାପ୍ରସାଦ ଆସି ତାଙ୍କର ଦର୍ଶନ କରିଲେ। ଏଇ ବାଳକ ଜଣକ ବସି ଦେଖୁଥିଲେ ଗାନ୍ଧିଜୀଙ୍କ ଆଗେ ଆଗେ ଚାଦର ମେଲେଇ ସଂଗ୍ରାମ ପାଣ୍ଠିକୁ ସ୍ତ୍ରୀଲୋକମାନେ ନିଜ ବେକର ହାରମାଳ-ସୁନାରୂପା ଦେଉଥାନ୍ତି। ଦୁର୍ଗାପ୍ରସାଦଙ୍କ ପାଖରେ ପହଞ୍ଚିଲା ବେଳକୁ ସେ ପକେଟରୁ ସପ୍ତମ ଏଡ଼ୱାର୍ଡ଼ଙ୍କ ଚନ୍ଦା ମୁଣ୍ଡିଆ ତମ୍ବା ପଇସାଟେ ଦେଇଦେବାରୁ ପୂର୍ବରୁ ମା'ଙ୍କ ଠାରୁ ଶୁଣିଥିବା ଭଗବାନ (ଗାନ୍ଧିଜୀ) ହାତରେ ହାତକୁ ଚାପି ଦେଇଥିଲେ। ଦୁର୍ଗା ପ୍ରସାଦ ସେଇ ଭଗବାନଙ୍କ ଭଳି ସରଳ ଜୀବନ ଓ ଦେଶଚିନ୍ତାରେ ନିଜ ଜୀବନ ଗଢ଼ିବାକୁ ସଂକଳ୍ପ କରିଥିଲେ।

ବହୁଗ୍ରାମ ମାଇନର ସ୍କୁଲରୁ ସପ୍ତମଶ୍ରେଣୀ ପରୀକ୍ଷାରେ ଜିଲ୍ଲା ସ୍ତରରେ ସର୍ବୋଚ୍ଚ ନମ୍ବର ରଖି ସେ ମିଶନ ସ୍କୁଲରେ ନାମଲେଖାଇ ପଢ଼ିଲେ। ମାଟ୍ରିକ୍ (ପ୍ରବେଶିକା ୧୧ଶ ଶ୍ରେଣୀ) ଶେଷ ପର୍ଯ୍ୟନ୍ତ ତାଙ୍କୁ ଅର୍ଥ ଚିନ୍ତା କରିବାକୁ ପଡ଼ିନାହିଁ। ଏହି ସମୟରେ ସଚ୍ଚିଦାନନ୍ଦ ମଠ, ବୈଷ୍ଣବ ଶିରୋମଣି ନିଶିକାନ୍ତ ସାନ୍ୟାଲଙ୍କ ସମ୍ପର୍କରେ ଆସି ଆଧ୍ୟାତ୍ମିକ ଚିନ୍ତନରେ ନିମଜ୍ଜିତ ହୋଇଗଲେ ଏବଂ ୧୯୩୯ରେ ସମସ୍ତଙ୍କ ଅଜ୍ଞାତରେ କଲିକତା ଯାତ୍ରା କରିଥିଲେ। ତାହା ତାଙ୍କ ପାଇଁ ଅନ୍ୟ ଏକ ଜୀବନ ଭାବେ ବିଚାର୍ଯ୍ୟ।

ଜୀବନର ଦ୍ୱିତୀୟ ସ୍ତର ହେଉଛି ଉଚ୍ଚଶିକ୍ଷା ଓ ଦୀକ୍ଷାଗ୍ରହଣ ସହିତ ମଠ ପରିଚାଳନା, ସାମ୍ବାଦିକତା, ପତ୍ରିକା ସମ୍ପାଦନା, ଧର୍ମ ପ୍ରବଚନ ଓ ଆଲୋଚନା, ଅନୁସୃଜନ ଓ ସାରସ୍ୱତ ସାଧନ ସହିତ ଶିକ୍ଷାଦାନରେ ବ୍ରତୀ ହେବା।


**ପୂର୍ବେ କନ୍ୟାବିଦାୟ ବେଳେ କାନ୍ଦିବାର ପରମ୍ପରା ରହିଥିଲା। ତାହାଛଡ଼ା ପରିବାର ବନ୍ଧନରୁ ମୁକୁଳି ଝିଅଟେ ଯିବାର ବ୍ୟାକୁଳତା କାହା ଆଖିରେ ଅଶ୍ରୁ ନ ଆଣେ ?**

ପଞ୍ଚମ ଶ୍ରେଣୀ ପଢ଼ିବା ବେଳକୁ ଧର୍ମଭାବନା ପୋଷଣ କରିସାରିଥିଲେ ଦୁର୍ଗା ପ୍ରସାଦ। ଏପରିକି ବଙ୍ଗଳା ପଢ଼ିବା ଓ ଲେଖିବା ଦୋରସ୍ତ ହୋଇଯାଇଥିଲା। ବୈଷ୍ଣବ ସୁଲଭ ଗୁଣରେ ଭାବବିହ୍ୱଳ ହୋଇଯିବା ଥିଲା ଏକ ସାଧାରଣ ଘଟଣା। ଯେତେବେଳେ ସପ୍ତମ ଶ୍ରେଣୀ ଛାତ୍ର, ତାଙ୍କୁ କବି ନନ୍ଦକିଶୋର ବଳଙ୍କ ପୁତ୍ର ବସନ୍ତ କିଶୋର ବଳଙ୍କର ନାୟିକା ଭାବରେ ଡ୍ରାମା କରିବାକୁ ପଡ଼ିଥିଲା। ଭକ୍ତକବି ମଧୁସୂଦନ ରାଓଙ୍କ ପୁତ୍ର ସୁକାନ୍ତ ରାଓ କଟକ ଜିଲ୍ଲା ସ୍କୁଲ ସମୂହର ଇନ୍‌ସପେକ୍ଟର। ତାଙ୍କ ଆଗମନ ତଥା ସ୍କୁଲର ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାର ବିଧି ରହିଅଛି। ସେହି ଝିଅଟି ଶାଶୁଘର ଯାତ୍ରା କାଳରେ ପରିବାର ଛାଡ଼ି ଯାଉଥିବାରୁ ତାକୁ କାନ୍ଦିବାକୁ ପଡ଼ିଛି। ପୂର୍ବେ କନ୍ୟାବିଦାୟ ବେଳେ କାନ୍ଦିବାର ପରମ୍ପରା ରହିଥିଲା। ତାହାଛଡ଼ା ପରିବାର ବନ୍ଧନରୁ ମୁକୁଳି ଝିଅଟେ ଯିବାର ବ୍ୟାକୁଳତା କାହା ଆଖିରେ ଅଶ୍ରୁ ନ ଆଣେ ? ଦୁର୍ଗାପ୍ରସାଦ ସେହି ଭୂମିକାରେ କାନ୍ଦି କାନ୍ଦି ଚେତାଶୂନ୍ୟ ହୋଇ ଯାଇଥିଲେ।

ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ,

"ନଚିକେତା ଓଡ଼ିଶା ଛାଡ଼ିବା ପରେ ଦୀର୍ଘ୨୪ ବର୍ଷ ବଙ୍ଗ ଦେଶର କଲିକତା, ନବଦ୍ୱୀପ, ଢାକା, ମେଦିନୀପୁର, ନାରାୟଣଗଞ୍ଜ, ବର୍ଦ୍ଧମାନ, ବୀରଭୂମି ପ୍ରଭୃତି ସହରମାନଙ୍କୁ ବିଭିନ୍ନ ସମୟରେ ଯାଇଥିଲେ ମଧ୍ୟ ମନ ଶ୍ରୀଧାମ ମାୟାପୁରରେ ହିଁ ରହିଥିଲା।"

ଶ୍ରୀଧାମ ମାୟାପୁରରେ ମଠବାସୀ ସନ୍ନ୍ୟାସୀ, ବ୍ରହ୍ମଚାରୀ ଓ ଘରସଂସାର ତ୍ୟାଗୀ ମିଳି ପ୍ରାୟ ୧୫୦। ମୂଳମଠ ଶ୍ରୀ ଚୈତନ୍ୟ ମଠ ହିଁ ସେବା ଚାଲୁଥାଏ। ଚୈତନ୍ୟ ମଠର ସୁପରିଟେଣ୍ଡେଣ୍ଟ ସେ ସମସ୍ତ ମଠର ଯାବତୀୟ ବ୍ୟୟଭାର, ପରିଚାଳନା ଆଦି ଦାୟିତ୍ୱ ତୁଲାଉଥା'ନ୍ତି। ଶାସ୍ତ୍ରୀଙ୍କ ବୟସ ସେତେବେଳେ କୋଡ଼ିଏ/ଏକୋଇଶି। ସେହି ବୟସରେ ମଠର ମୁଖ୍ୟ ପରିଚାଳକ ଔଡୁଲୋମୀ ମହାରାଜଙ୍କର ସହକାରୀ ରୂପେ କାର୍ଯ୍ୟଭାର ଗ୍ରହଣ କରିଥିଲେ ଏବଂ ସୁପରିଚାଳନା କରି ପ୍ରଶଂସିତ ହୋଇପାରିଥିଲେ।



**ଜ୍ଞାନପିପାସା ଓ ଜୀବନ ଜିଜ୍ଞାସା -**

ନଦୀୟା ନବଦ୍ୱୀପରେ ବ୍ରହ୍ମଚାରୀ ଜୀବନଯାପନ କରିବା ଅବସରରେ ତାଙ୍କ ଭିତରେ ଉଦ୍ରେକ ହୋଇଛି ପ୍ରଚଣ୍ଡଜ୍ଞାନ ପିପାସା। ସେଠାରେ ଭାରତୀୟ ପରମାର୍ଥ କାବ୍ୟ, ବୌଦ୍ଧିକ-ସଂସ୍କୃତି କାବ୍ୟ, ପୁରାଣ ବେଦ, ବେଦାନ୍ତ, ଉପନିଷଦ, ଜୈନଦର୍ଶନ, ଶୈବ ଦର୍ଶନ, ପ୍ରାଚୀନ ଭାରତୀୟ ସଂସ୍କୃତିର ଇତିହାସ ସମ୍ପର୍କରେ ଅଧ୍ୟୟନ ପୂର୍ବକ ଗଭୀର ଜ୍ଞାନର ଅଧିକାରୀ ହୋଇଛନ୍ତି। ତରୁଣ ଦୋଳଗୋବିନ୍ଦ ଯୌବନର ଉତ୍ତାଳ ତରଙ୍ଗରେ ମଧ୍ୟ ସ୍ଥିର ରହି ବସ୍ତୁବାଦଠାରୁ ନିରାପଦ ଦୂରତା ରକ୍ଷା ପୂର୍ବକ ଉଚ୍ଚ ଶିକ୍ଷାରେ ମନୋନିବେଶ କରିଛନ୍ତି। ଅକ୍ଳାନ୍ତ ଅଧ୍ୟବସାୟ ବଳରେ ସଂସ୍କୃତ ସମ୍ମାନ (ଅନର୍ସ)ରେ ବି.ଏ. ଓ ଏମ୍.ଏ. (ସଂସ୍କୃତ)ରେ କୃତିବିଦ୍ୟ ହୋଇ ଟୋଲରେ ଓ ହାଇସ୍କୁଲରେ ସଂସ୍କୃତ ଶିକ୍ଷାଦାନ ଆରମ୍ଭ କରି କଲିକତା କଲେଜରେ ବଙ୍ଗଳା ଓ ସଂସ୍କୃତ ସାହିତ୍ୟର ଅଧ୍ୟାପକ ଭାବେ କାର୍ଯ୍ୟନିର୍ବାହ କରିଥିଲେ।

୧୯୫୫ ମସିହାରେ ସଂସାର ନୀଡ଼ରଚନା, ମାତାପିତାଙ୍କର ବାଧ୍ୟବାଧକତା, ସର୍ବୋପରି ମାତୃଭୂମିର ଅମୋଘ ଆମନ୍ତ୍ରଣ ଦୋଳଗୋବିନ୍ଦଙ୍କୁ ଅଥୟ ଓ ଅଧୀର କରିଥିଲା। ସେ ଶ୍ରୀରାମ ଚରିତର ଜଣେ ବିଜ୍ଞ ପ୍ରବଚକ। ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କୁ ସ୍ୱର୍ଣ୍ଣମୟୀ ଲଙ୍କା ଆକୃଷ୍ଟ କରିପାରିଲା ନାହିଁ। "ଲକ୍ଷ୍ମଣ ଅପି ସ୍ୱର୍ଣ୍ଣମୟୀ ଲଙ୍କା ମେ ନ ରୁଚ୍ୟତେ, ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ।" ଏହି ଆପ୍ତବାକ୍ୟର ମହତ୍ତ୍ୱ ଏକନିଷ୍ଠ ଓଡ଼ିଆ ତାପସ ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କୁ ଆଣି ପହଞ୍ଚାଇଥିଲା କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ, ଯାହାର ଶୁଭସ୍ତମ୍ଭ ସ୍ଥାପନ କରିଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ଏବଂ ମନ୍ତ୍ରୀ ତଥା ଆଡ଼ଭୋକେଟ ଜେନେରାଲ ସ୍ୱର୍ଗତ ଦୀନବନ୍ଧୁ ସାହୁ। ଡକ୍ଟର ସନ୍ତୋଷ ତ୍ରିପାଠୀଙ୍କ ଭାଷାରେ- "୧୯୬୧ ମସିହାରୁ ୧୯୮୦ ମସିହା ମଧ୍ୟରେ ଜଣେ ଆଦର୍ଶ ନୀତିବାନ, ମୂଲ୍ୟବୋଧ, ସର୍ଜନଶୀଳ ଶିକ୍ଷାବିଦ୍ ଭାବରେ ଭାଷା ସାହିତ୍ୟ ଅଧ୍ୟୟନ ପରମ୍ପରାରେ ତାଙ୍କର ଦୃଶ୍ୟବାନ ଅବଦାନ ସ୍ୱତନ୍ତ୍ର ସ୍ୱାଦ ଓ ସ୍ମୃତି ବିଦ୍ୟାର୍ଥୀ-ଶିକ୍ଷକ-ଶିକ୍ଷାନୁରାଗୀ ଭାଷା ସାହିତ୍ୟ ପ୍ରାଣ ବୁଦ୍ଧିଜୀବୀଙ୍କ ନିକଟରେ ଶତମୁଖରେ ସମର୍ଥିତ ଓ ପ୍ରଶଂସିତ ହୋଇଛି।" ଏ ହେଉଛନ୍ତି ସେହି ପ୍ରଜ୍ଞାପୁରୁଷ ଡଃ ଦୋଳଗୋବିନ୍ଦ ଶାସ୍ତ୍ରୀ।

**ସର୍ଜନଶୀଳ ପ୍ରତିଭା -**

ସାରସ୍ୱତ ସାଧନା କ୍ଷେତ୍ରରେ ଡଃ ଶାସ୍ତ୍ରୀ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ। ଏକାଧାରରେ ପ୍ରାବନ୍ଧିକ, ସ୍ତମ୍ଭକାର, କଥାକାର, ଗବେଷକ, ଅନୁବାଦକ ଓ ସାମ୍ବାଦିକ ଭାବେ ତାଙ୍କର କୀର୍ତ୍ତି ଭାସ୍ୱର। ଅପସଂସ୍କୃତି, ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ତାଙ୍କର ଲେଖନୀ ଥିଲା ଏକାନ୍ତ ପ୍ରତିବଦ୍ଧ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପତ୍ରପତ୍ରିକା ଓ ଖବର କାଗଜରେ ପ୍ରାୟ ପାଞ୍ଚଶହ ପ୍ରବନ୍ଧ ଏ ଜାତିକୁ ଉତ୍ସର୍ଗ କରିଛନ୍ତି। ରଚନାର ମୂଳପୁଞ୍ଜି ଭାରତୀୟ ଦର୍ଶନ, ଆଶାବାଦ, ବିକାଶବାଦ ଓ ଆଧ୍ୟାତ୍ମିକ ଉତ୍ତରଣ। ବୈଦିକ ବିଚାର, ବୈଷ୍ଣବ ଦର୍ଶନ, ବ୍ରାତ୍ୟ ସଂସ୍କୃତି, ନାଥଧର୍ମ, ଯୋଗତତ୍ତ୍ୱ ଆଦି ଓଡ଼ିଆ ସାହିତ୍ୟର ଅନେକ ଅଭାବକୁ ଡକ୍ଟର ଶାସ୍ତ୍ରୀ ଅନୁଭବ କରି ତାହାର ସମାଧାନ ଦିଗରେ ନିଷ୍ଠାପର ଉଦ୍ୟମ କରିଛନ୍ତି। ଭାରତୀୟ ସଂସ୍କୃତି, ପୁରାଣର ଶୈକ୍ଷିକ

ମୂଲ୍ୟବୋଧ ଓ ତାହାର ଆବେଦନ, ଜୀବନ ଓ ଜଗତର ସତ୍ୟଶିବ ସୁନ୍ଦରର ଉତ୍‌ଥାନ ନିମନ୍ତେ ତାଙ୍କ ପ୍ରବନ୍ଧଗୁଡ଼ିକ ଜୀବନାନନ୍ଦର ଉତ୍ସ। ୧୯୫୫ ମସିହାରୁ ୧୯୯୦ ମସିହା ପର୍ଯ୍ୟନ୍ତ ତାଙ୍କ ସାରସ୍ୱତ ସାଧନାର ସିଦ୍ଧି ତାଙ୍କୁ ଜଣେ ଦିଗ୍‌ଗଜ ପୁରୁଷ ଭାବେ ପ୍ରମାଣ କରେ।

ବ୍ରାତ୍ୟ ସଂସ୍କୃତିର ବୈଶିଷ୍ଟ୍ୟ, ଦର୍ଶନ ଏକ ମାନସିକ କସରତ, ପରମାର୍ଥିକ ଜୀବନର ଲକ୍ଷ୍ୟ, କାଳୀଶକ୍ତିର ଅନୁରୂପ, କାଳାତୀତର କାଳ ନିର୍ଣ୍ଣୟ, ବୈଷ୍ଣବ ସାହିତ୍ୟର ନାୟକ ନାୟିକା, ତନ୍ତ୍ର ଓ ଜୀବନ, ସଂହତିର ପ୍ରୟୋଜନ, ଶ୍ରୀମଦ୍ ଭାଗବତ, ଆଦିଶଙ୍କରାଚାର୍ଯ୍ୟ, ଶାରଦୀୟ ଦୁର୍ଗାପୂଜାର ଐତିହ୍ୟ, ମତ ଓ ପଥ, ପ୍ରାପ୍ତିର ସମୀକ୍ଷା, ହରିନାମ ସତ୍ୟହେ, ଜଗନ୍ନାଥ ଓ କୃଷ୍ଣ, ନାଥ ସାହିତ୍ୟର ଦାର୍ଶନିକ ଦିଗ, ଅରୂପ-ପ୍ରତୀକ-ପ୍ରମୂର୍ତ୍ତ, ନିଗ୍ରୋ ଔପନ୍ୟାସିକାର ଜୀବନବୋଧ, ଗୋରେଖନାଥଙ୍କ ଆଦିଶିଷ୍ୟ ସତ୍ୟନାଥ, ତତ୍ତ୍ୱାତୀତର ତତ୍ତ୍ୱ ନିର୍ଣ୍ଣୟ ପ୍ରବନ୍ଧଗୁଡ଼ିକ ଆଧୁନିକ ଗଦ୍ୟ ସାହିତ୍ୟର ଅମୂଲ୍ୟ ସମ୍ପଦ।

**ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ଭାଷା ସାହିତ୍ୟର ସମସ୍ତ ବିଭାଗ ଓ ବିଭାବରେ ସାଧନ କରି ୧୨ଟି ପୁସ୍ତକ ଦେଇଯାଇଛନ୍ତି।**

ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ଥିଲେ ଛ' ଗୋଟି ଭାଷାରେ ପଣ୍ଡିତ। ହିନ୍ଦୀ, ଓଡ଼ିଆ, ସଂସ୍କୃତ, ବଙ୍ଗଳା, ଇଂରାଜୀ, ପାଲି ଓ ପ୍ରାକୃତ ଭାଷାରେ ଜଣେ ଅଧ୍ୟାପକ ଓ ପଥୀକୃତ ଗବେଷକ। ବଙ୍ଗଭାଷାରେ ପ୍ରଥମେ ସେ 'ଶ୍ରୀକ୍ଷେତ୍ର' ପୁସ୍ତକ ରଚନା କରି ଲୋକଲୋଚନକୁ ଆସିଥିଲେ। ଜର୍ଣ୍ଣାଲିଜମରେ ଉପାଧ୍ୟୁତ୍ତର ସୋପାନ ଅତିକ୍ରମ କରିବା ସହିତ ପତ୍ରିକା ସମ୍ପାଦନ ଓ ସାମ୍ବାଦିକତା କରିଥିଲେ; ଯାହାର ଫଳଶ୍ରୁତି ସ୍ୱରୂପ 'ସାମ୍ବାଦିକତା-ପ୍ରବେଶିକା' ଓଡ଼ିଆ ସାମ୍ବାଦିକ ପାଠର ଏକ ଦିଗବାରେଣୀ ସ୍ୱରୂପ ଦିଗଟି ତାଙ୍କର ଖୁବ୍ ପାଣ୍ଡିତ୍ୟପୂର୍ଣ୍ଣ। ଅନେକ ଦୁର୍ଲ୍ଲଭ ରଚନା ତଥା କୃତିକୁ ଓଡ଼ିଆ ଓ ବଙ୍ଗ ଭାଷାରେ ରୂପାନ୍ତର କରି ଆସିଛନ୍ତି। ବୌଦ୍ଧଜାତକ ଅନୁବାଦ କରି ପାଠକ ମହଲରେ ପ୍ରଶଂସିତ ଓ ସ୍ମରଣୀୟ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ପାଲିଭାଷାରେ ଲିଖିତ ବୌଦ୍ଧଦର୍ଶନ ଓ ଗୌତମ ବୁଦ୍ଧଙ୍କ ଜୀବନ ସମ୍ପର୍କିତ ରହସ୍ୟମୟ କାହାଣୀକୁ ବିଦ୍ୱାନମାନେ ସହଜରେ ଗ୍ରହଣ କରିପାରିଲେ। 'ସିଦ୍ଧ ସିଦ୍ଧାନ୍ତ ପଦ୍ଧତି'ର ଇଂରାଜୀ ଓଡ଼ିଆ ଓ ବଙ୍ଗଳା ଭାଷାରେ ଅନୁବାଦ ଏବଂ 'ଗୋରକ୍ଷ ସଂହିତା'ର ଅନୁବାଦ ନାଥଧର୍ମର ଐତିହ୍ୟ ଓ ଅନ୍ତଃ ସୌନ୍ଦର୍ଯ୍ୟକୁ ପ୍ରକଟିତ କରିପାରିଛି।

ଗଳ୍ପରଚନା ଦିଗରେ ଡକ୍ଟର ଶାସ୍ତ୍ରୀ ବେଶ୍ ସ୍ମରଣୀୟ ଓ ବରଣୀୟ। ବହୁ ପତ୍ରପତ୍ରିକା ତଥା ପୌରୁଷରେ ନିୟମିତ ଗଳ୍ପ ପ୍ରକାଶନ ସ୍ମୃତିପଟକୁ ଆସିଥାଏ। ବୌଦ୍ଧଯୁଗୀୟ ଚରିତ୍ରଗୁଡ଼ିକୁ ନେଇ ସୁରେନ୍ଦ୍ର ମହାନ୍ତି ଲେଖୁଥିବା ଗଳ୍ପର ପ୍ରତିକ୍ରିୟାରେ ଶାସ୍ତ୍ରୀ ମହାଶୟ ପ୍ରେମବୋଧ ଯେ ସାଂସାରିକ ଜୀବନ ଓ ପରମାର୍ଥିକ ଦିଗକୁ କ୍ଷୁଣ୍ଣ କରିପାରେନା, ତାହା ଅତ୍ୟନ୍ତ ସରଳ ବୋଧଗମ୍ୟ ଭାଷାରେ ପ୍ରକାଶ କରୁଥିଲେ। ପ୍ରାୟ ଶତାଧିକ ଗଳ୍ପ ତାଙ୍କ ସାଧନାର ଫଳଶ୍ରୁତି।

ଓଡ଼ିଆ ଭାଷାର ଶୁଦ୍ଧଲିଖନ ପଦ୍ଧତି ବିଷୟରେ ତାଙ୍କ ଭଳି କ୍ୱଚିତ୍ ବ୍ୟକ୍ତି ଥିଲେ। ଶିକ୍ଷାକ୍ଷେତ୍ରରେ ମାତୃଭାଷା ଓଡ଼ିଆକୁ ଲୋକପ୍ରିୟ କରିବା ତାଙ୍କର ଥିଲା ମହନୀୟ ଉଦ୍ଦେଶ୍ୟ। ମାଧ୍ୟମିକ ଶିକ୍ଷା ପରିଷଦ ସିଲାବସ କମିଟି ସଦସ୍ୟ, ଓଡ଼ିଆ ବ୍ୟାକରଣ ସମ୍ପାଦନ, ଉଚ୍ଚ ମାଧ୍ୟମିକ ବିଦ୍ୟାର୍ଥୀଙ୍କ ପାଇଁ ବ୍ୟାକରଣ ସମ୍ପାଦନ, ସଂସ୍କୃତ ସୂତ୍ରରୁ ଓଡ଼ିଆ ବ୍ୟାକରଣ ସରଳ କରିବାରେ ତାଙ୍କ ଅବଦାନ ରହିଛି। ଐର ଖାରବେଳଙ୍କ ଶାସନର ସପ୍ତମ ବର୍ଷ ଖୋଦିତ ଶିଳାଲେଖ ପାପୋଦ୍ଧାର ଓ ଲିପି ନିର୍ଣ୍ଣୟ, ଓଡ଼ିଆ ଅର୍ଥ ପ୍ରକାଶନ କରି ୧୯୮୦ ମସିହାରେ ପୁସ୍ତକ ଲେଖିଥିଲେ, ଯାହା ଉପାଧ୍ୟୁତ୍ତର ସୋପାନ ପାଇଁ ଉଦ୍ଦିଷ୍ଟ ଥିଲା। କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ସ୍ଥିତ ଉମାକାନ୍ତେଶ୍ୱର ମହାଦେବ ଶିଳାଲେଖ (ପାଲି ଓଡ଼ିଆ ମିଶ୍ରିତ) ପାଠକରି ଏହି ଲେଖକକୁ ଉଦ୍‌ବୁଦ୍ଧ କରିଥିଲେ। ଏହା ତାଙ୍କର ଥିଲା ସ୍ୱକୀୟ ପାଣ୍ଡିତ୍ୟ ଓ ସ୍ୱର୍ଦ୍ଧାର ନିଦର୍ଶନ।

ପରିଶେଷରେ କୁହାଯାଇପାରେ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ଭାଷା ସାହିତ୍ୟର ସମସ୍ତ ବିଭାଗ ଓ ବିଭାବରେ ସାଧନ କରି ୧୨ଟି ପୁସ୍ତକ ଦେଇଯାଇଛନ୍ତି। ତାଙ୍କ ଦିଗ୍‌ଦର୍ଶନରେ ଆଠଜଣ ସ୍କଲାର ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡ଼ି. ଉପାଧି ଗ୍ରହଣ କରିବା ତାଙ୍କ ବିଦ୍‌ବତ୍ତାର ସାର୍ଥକ ପରିଚୟ। ଏକନିଷ୍ଠ ସାଧନ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀରୁ ସମ୍ବର୍ଦ୍ଧିତ ଓ ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ ଲାଭ କରିଛନ୍ତି।

ପ୍ରିୟାଜୀ ପ୍ରସାଦ ଦାସ ମହାରାଜ ତାଙ୍କ ସନ୍ନ୍ୟାସ ଜୀବନର

ପରିଚୟ। ଆଜୀବନ ନିରାମିଶାହାରୀ। ସରଳ ନିରାଡ଼ମ୍ବର ଜୀବନ ବୋଧରେ ସେ ଥିଲେ କୌପିନୀଧାରୀ। 'କୌପିନୀ ବନ୍ତଂ ଖଲୁଭାଗ୍ୟବନ୍ତ' ଯେ କୌପୀନ ଧାରଣ କରିପାରେ ସେ ନିର୍ବିକାର, ନିରାସକ୍ତ ଓ ନିରାକାର ପ୍ରିୟ ହୋଇଥାଏ। ଈଶ୍ୱରଙ୍କୁ ଉପାସନା କଲେ ମଣିଷ ଈଶ୍ୱର ପାଲଟି ଯାଆନ୍ତି। ଭଗବାନଙ୍କୁ ଧ୍ୟାନ କଲେ ଭାଗବତ ହୋଇଯାଏ ସାଧକ। ଏଣୁ ସେ ସଂସାରରେ ଥାଇ ଅସଂସାରୀ ଥିଲେ। ତାଙ୍କର ସ୍ୱତନ୍ତ୍ର ପ୍ରକୋଷ୍ଠ, ସ୍ୱତନ୍ତ୍ର ଭୋଜନ ବ୍ୟବସ୍ଥା ଇତ୍ୟାଦି ଗ୍ରହଣ କରିସାରିଥିଲେ। ୧୯୮୦ରୁ ୨୦୧୨ ପର୍ଯ୍ୟନ୍ତ ଶାସ୍ତ୍ରୀ ମହାଶୟ ଶାସ୍ତ୍ର, ମାଳାଜପ ଓ ସଂକୀର୍ତ୍ତନ ପ୍ରେମରେ ମଜ୍ଜି ଥିଲେ। ଜୀବନ ସନ୍ଧ୍ୟାର ଶେଷ ଉପହାର ଦୁଇଗୋଟି ମହନୀୟ ଗ୍ରନ୍ଥ – 'ପରମଆଶ୍ରୟ' ଓ ତାଙ୍କର ଆତ୍ମଜୀବନ ଚରିତ 'ନଚିକେତାର ଚୈତ୍ୟ'। 'ପରମା ଆଶ୍ରୟ' ଭକ୍ତର ସମ୍ପୂର୍ଣ୍ଣ ସମର୍ପଣ ଭାବ ଏବଂ ଈଶ୍ୱରୋପଲବ୍ଧିର ଭାବଗମ୍ଭୀର ଭାଷ୍ୟ। ଭକ୍ତି ରାଜ୍ୟର ଦୃଷ୍ଟାନ୍ତପୂର୍ଣ୍ଣ ପରମାର୍ଥିକ ଦର୍ପଣ। ଉପନିଷଦୀୟ ଚରିତ୍ର ନଚିକେତାକୁ ତାଙ୍କର ଜୀବନର ମାନଦଣ୍ଡ ସ୍ୱରୂପ ଗ୍ରହଣ କରି, ବୈଷ୍ଣବ ସୁଲଭ ଭାବରେ 'ମୁଁ' ଠାରୁ ନିରାପଦ ଦୂରତାରେ ରକ୍ଷାକରି ପାଲଟିଛନ୍ତି ତୃତୀୟ ପୁରୁଷ। ଅହଂ ସର୍ବସ୍ୱ ମଣିଷ ଓ ଲେଖକ ପ୍ରତି ଭକ୍ତିଗ୍ରନ୍ଥଟି ଆଧ୍ୟାତ୍ମିକ ଆହ୍ୱାନ ଓ ଇସ୍ତାହାର। ବିଶ୍ୱକବି ରବୀନ୍ଦ୍ରଙ୍କ ଦର୍ଶନରେ ଉଦ୍‌ବୁଦ୍ଧ ହୋଇ ଆରମ୍ଭ କରିଥିବା ଅମୃତ ପଦଟି ପ୍ରିୟାଜୀ ମହାରାଜଙ୍କ ଜୀବନର ପ୍ରସ୍ଫୁଟିତ ଶତଦଳ।

"ଆମାର ମଥା ନତକରେ ଦାଓ ହେ
ତୋମାର ଚରଣ ଧୂଳାର ତଳେ
ସକଲ ଅହଂକାର ହେ ଆମାର
ଡୁବାଓ କେଖେର ଜଲେ।" ଇତ୍ୟାଦି।

**ସରଳ ନିରାଡ଼ମ୍ବର ଜୀବନ ବୋଧରେ ସେ ଥିଲେ କୌପିନୀଧାରୀ। ସେ ସଂସାରରେ ଥାଇ ଅସଂସାରୀ ଥିଲେ।**

ଏଇଠି ଦୁର୍ଗାପ୍ରସାଦ, ଦୋଳଗୋବିନ୍ଦ ଓ ପ୍ରିୟାଜୀ ପ୍ରସାଦ ସମନ୍ୱିତ ଅନାହତ ଧ୍ୱନି ଭିତରେ ତଲ୍ଲୀନ ହୋଇଯିବା, ଈଶ୍ୱରୋପଲବ୍ଧିର ଚରମ ପାଦରେ ଉପନୀତ ହେବା ଜୀବନର ପରମ ସାର୍ଥକତା ରହିଛି। ସୁତରାଂ ଡକ୍ଟର ଶାସ୍ତ୍ରୀ ଆଜୀବନ ଜ୍ଞାନତପସ୍ୱୀ ଓ ଈଶ୍ୱର ଉପାସକ ଭାବେ ନିଜକୁ ପରିଚିତ କରାଇଛନ୍ତି। ନାଥ ଧର୍ମାବଲମ୍ବୀ ହୋଇଥିଲେ ମଧ୍ୟ ସେ ପ୍ରେମ ମିଶ୍ରା ଭକ୍ତିବାଦର ବୈଷ୍ଣବ ସନ୍ନ୍ୟାସୀ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
basudevdaskabi@gmail.com

ଆମର ଏକ ନୂଆ ପ୍ରୟାସ...
AMESABU
WE ALL. FOR ALL.
ଆମେସବୁ
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ **ଆମେସବୁ** ପ୍ଲାଟଫର୍ମରେ
ANDROID APP ON Google Play
@ amesabu


ଗଳ୍ପ

# ପ୍ରେମ



ସୁଶୀଳ କୁମାର ନନ୍ଦ

ବୁଝି ପାରିନଥିଲି ସେ ଭଦ୍ର ବ୍ୟକ୍ତିଙ୍କୁ । ଆଉ ବୁଝିଲା ବେଳକୁ ସେ ମୋ ମୁଣ୍ଡ ଉପରେ । ବହୁ ଉପରେ । କିଏ ବା କେମିତି ବୁଝିବ ତାଙ୍କୁ । କାହିଁକି ବା ବୁଝିବ ? ସେ ଥିଲେ ଜଣେ ପୁରାପୁରି ଗୋଠଛଡା ବ୍ୟକ୍ତି । ଯେଉଁଠି କେହି ନବସନ୍ତି ସେ ସେଇଠି ବସିବେ । ଯେଉଁଠି କେହି ନଥାନ୍ତି ସେଇଠି ଭାଷିବେ । ମାନେ ଖାଲି ନିଜ ସହ ଗୁଣୁଗୁଣଉ ଥିବେ । ବେଶ ପୋଷାକ କଥା ନକହିବା ଭଲ । ମାସରେ ଥରେ ଦାଢି କାଟନ୍ତିନି । ବର୍ଷରେ ଥରେ ଚୂଳ କାଟୁଥିବେ କି ନାହିଁ ସନ୍ଦେହ । ପତଳା, ହାଡୁଆ, ଛଅ ଫୁଟିଆ ଶରୀର । କିରାଣୀ ଚାକିରି ଖଣ୍ଡିଏ ଅଫିସ୍ ରେ । ଆଠ ଘଣ୍ଟାରେ ଯାହା କାମ, ତାକୁ ଦୁଇ ଘଂଟାରେ ସାରିଦେଇ ଏଣେ ତେଣେ ବୁଲୁଥିବେ । ଅବଶ୍ୟ ଅଫିସ୍ ଏରିଆ ଭିତରେ । ସେତିକି ରକ୍ଷା । କାହା ସହ ବିଶେଷ କଥାବାର୍ତ୍ତା ନାହିଁ । କେହି କିଛି ପଚାରିଲେ ଖୁବ୍ ସଂକ୍ଷିପ୍ତ ଉତ୍ତର । ଏଥିରେ କାହାର କଣ ଗରଜ ପଡିଛି ଉପରେ ପଡି ତାଙ୍କ ସହ କଥା ହେବାକୁ । ତେବେ ଲାଗେ, ତାଙ୍କର ବି ଏ ସବୁ ପ୍ରତି ଭ୍ରୁକ୍ଷେପ ନାହିଁ । ତାଙ୍କ ନିଜସ୍ୱ ଦୁନିଆ ଭିତରେ, ତାଙ୍କ ଚିନ୍ତା ରାଜ୍ୟ ଭିତରେ ସେ ସର୍ବଦା ଆବଦ୍ଧ । ସେ ଦୁଃଖରେ ଅଛନ୍ତି କି ସୁଖରେ ଅଛନ୍ତି, ଜାଣିବା ମୁସ୍କିଲ ।



ଆମର ସେ ଛୋଟ ଖଣି ସହରଟିରେ ସେ ଭଦ୍ରବ୍ୟକ୍ତିଙ୍କୁ ମୁଁ ଯାଉଣୁ ଆସୁଣୁ ଦେଖୁଥିଲେ ବି ତାଙ୍କ ସହ କେବେ ମିଶିବାକୁ ଆଗ୍ରହ ପ୍ରକାଶ କରୁନଥିଲି । ତାଙ୍କ କ୍ୱାର୍ଟର୍ସଟା ବି ଥିଲା ଗୋଟେ ଏକପ୍ରକାର ନିଷିଦ୍ଧାଞ୍ଚଳ ଯଦିଓ ସେ ସେମିତି କୌଣସି ସତର୍କ ଫଳକ ଆଗରେ ଟାଙ୍ଗି ନଥିଲେ । କିନ୍ତୁ ଥରେ ଘଟଣାଚକ୍ରରେ ଆମର ସେ ସହରର ଦୁର୍ଗାପୂଜା କମିଟିର କୋଷାଧ୍ୟକ୍ଷ ହିସାବରେ ଅନ୍ୟ ଦୁଇ ଚାରିଜଣ ସାଥୀଙ୍କୁ ସାଙ୍ଗରେ ଧରି ଦ୍ୱାର ଦ୍ୱାର ବୁଲି ଚାନ୍ଦା ଆଦାୟ କରିବାକୁ ଗଲାବେଳେ ତାଙ୍କ କ୍ୱାର୍ଟର୍ସରେ ପ୍ରବେଶ କଲି । ଜାଣିନଥିଲି ସେଇଟା ତାଙ୍କ କ୍ୱାର୍ଟର୍ସ ବୋଲି । ଦ୍ୱାରରେ କରାଘାତ କଲାପରେ ସେ ନିଜେ ଦ୍ୱାର ଖୋଲିଲେ । ଆସିବାର ଅଭିପ୍ରାୟ ଜଣାନ୍ତେ, ସେ ନିଜର ପକେଟ ଭିତରେ ହାତ ପୁରାଇ ଯାହା ପାଇଲେ ତାକୁ ଆମ ହାତକୁ ବଢାଇଦେଲେ ଏବଂ କହିଲେ, ଏତିକି ହିଁ ଅଛି । ଗଣିବାରେ ତାହା ହେଲା ସତେଇଶ ଟଙ୍କା । ଆମର ସେତେବେଳେ ଘର ପିଛା ଚାନ୍ଦା ପରିମାଣ ସ୍ଥିର କରା ହୋଇଥିଲା କୋଡିଏ ଟଙ୍କା । ଅବଶିଷ୍ଟ ସାତ ଟଙ୍କା ତାଙ୍କୁ ଫେରାଇ ଦେଲୁ । ସେଇ ଅବସରରେ ମୋର ଦୃଷ୍ଟି ତାଙ୍କର ଟେବୁଲ୍ ଉପରେ ପଡିଥିଲା । ତାହା ଥିଲା ଘୋର ବିଶୃଙ୍ଖଳିତ । କିନ୍ତୁ ସେଠି ମୋ ନଜରରେ ପଡିଲା ପ୍ରାୟ ଚାଳିଶ ପଚାଶ ପତ୍ରପତ୍ରିକା । ସେଇଥିରୁ ମୋର ଧାରଣା ହେଲା ଯେ ଭଦ୍ରବ୍ୟକ୍ତି ନିଶ୍ଚୟ ଜଣେ ସାହିତ୍ୟପ୍ରେମୀ । ହୁଏତ ଲେଖାଲେଖି ବି କରୁଥାଇ ପାରନ୍ତି । ନିଜେ ଟିକେ ସାହିତ୍ୟାନୁରାଗୀ ହୋଇଥିବାରୁ ମୋତେ ବହୁତ ଆନନ୍ଦ ଲାଗିଲା ଯେ ସେ ଖଣି ସହରରେ ମୋ ପାଇଁ ଜଣେ ଦୁଷ୍ପ୍ରାପ୍ୟ ସମଧର୍ମୀ ସାହିତ୍ୟିକ ଭଗବାନ ଖଞ୍ଜି ଦେଇଛନ୍ତି ଯାହାଙ୍କ ସହ ମୁଁ ସାହିତ୍ୟ ସମ୍ପର୍କରେ କିଛି ଭାବ ଆଦାନ ପ୍ରଦାନ କରିପାରିବି । ହଉ, ଆଗ ତାଙ୍କ ସହ ଟିକେ ବିଶେଷ ପରିଚୟ ହେଉ ।

ଇଚ୍ଛାର ଗଭୀରତା ଥିଲେ କୁଆଡେ ଈଶ୍ୱର ତାହା ପୂରଣ କରିବାକୁ ମନୁଷ୍ୟକୁ ବାଟ ଦେଖାଇ ଦିଅନ୍ତି । ଥରେ ଗୋଟାଏ ପାନ ଦୋକାନରେ ଚାରିଟା ପାନ ପାଇଁ ଅର୍ଡର ଦେଇ ଅପେକ୍ଷା କରିଛି, ସେ ଭଦ୍ରବ୍ୟକ୍ତି ହଠାତ୍ ସେଠାରେ ପହଞ୍ଚି ଦୁଇଟା ସଫଲ୍ ମାଗିଲେ । ଦୋକାନୀଟି ସେତେବେଳକୁ ମୋ ପାନରେ ଚୁନ ବୋଳୁଥାଏ । ଏହି ଅବସରରେ ମୁଁ ତାଙ୍କୁ ଗୋଟେ ଭଲ ରକମ ନମସ୍କାର ପକାଇଲି । ଶବ୍ଦ ଏବଂ ମୁଦ୍ରା ଉଭୟରେ । ସେ ଯେମିତି ଚମକି ପଡିଲେ ଏବଂ ବିଳିବିଳେଇଲା ଭଳି କହି ଉଠିଲେ, "ଏଁ, ହଁ, ନମସ୍କାର ।" ମୋତେ ଲାଗିଲା ସେ ଯେମିତି

ଅନେକ ଦିନଠୁ କାହାଠୁ ନମସ୍କାରଟେ ପାଇନାହାନ୍ତି କି କାହାକୁ ପ୍ରତିନମସ୍କାର କରିନାହାନ୍ତି। ହସି ହସି ତାଙ୍କୁ କହିଲି, ଆପଣଙ୍କ ଘରେ ସେଦିନ ବହୁତ ପତ୍ରପତ୍ରିକା ଦେଖିବାକୁ ପାଇଲି। ଲେଖାଲେଖି କରୁଥିବେ ବୋଧେ। ସେ ଉତ୍ତର ଦେଲେ, ନାଇଁମ, ମୋ ଭଳି ଗୋଟାଏ ଅକାଳ କୁଷ୍ମାଣ୍ଡ ଲେଖାଲେଖି କରୁଥିବ ବୋଲି ଆପଣ ବିଶ୍ୱାସ କରୁଛନ୍ତି ? ପାନ ଦୋକାନୀଟି ଠିକ୍ ସେଇ ସମୟରେ ତାଙ୍କ ଆଡକୁ ସଫଲ୍ ବଢାଇ ଦେଲା। ସେ ଭଦ୍ରବ୍ୟକ୍ତି ସଫଲ୍ ଧରି, ମୋ ଆଡକୁ ଶୁଖିଲା ହସଟେ ଫୋପାଡି ଦେଇ ଚାଲିଗଲେ। ମୁଁ ଆଉ ତାଙ୍କ ସହ କଥା ଜମାଇ ପାରିଲି ନାହିଁ। ହଉ, ପୁଣି କେତେବେଳେ ଦେଖା ହୋଇ ଯିବନିକି।

କିଛି ଦିନ ପରେ ସୌଭାଗ୍ୟକୁ ଗାଳ୍ପିକଟିଏ ହିସାବରେ ମୋର ଆତ୍ମପ୍ରକାଶ ଘଟିଲା। ଗୋଟିଏ ପ୍ରମୁଖ ପତ୍ରିକାରେ ପ୍ରଥମ କରି ମୋର ଗପଟିଏ ପ୍ରକାଶିତ ହେଲା। ଆଃ, କି ଖୁସି। ଅବର୍ଣ୍ଣନୀୟ। କେବଳ ଅନୁଭବ କରିହେବ। କାହା ସହିତ ସେ ଖୁସି ବାଣ୍ଟିବି ? କିଏ ଅଛି ସେମିତି ମୋର ଅନ୍ତରଙ୍ଗ ସାହିତ୍ୟପ୍ରେମୀଟିଏ ? ମନେ ପଡିଗଲା ସେଇ ଭଦ୍ରବ୍ୟକ୍ତିଙ୍କ କଥା। ନହୁଅନ୍ତୁ ପଛେ ଅନ୍ତରଙ୍ଗ, ସାହିତ୍ୟପ୍ରେମୀ ତ। ପହଞ୍ଚିଗଲି ତାଙ୍କ ଘରେ। ସେ ତଳେ ଗୋଟାଏ ସଢପ ଉପରେ ବସି ଆଖି ବୁଜି କ'ଣ କିଛି ଚିନ୍ତା କରୁଥିଲେ। କି ଘୁମାଉ ଥିଲେ ଠିକ୍ କହି ପାରିବିନି। ମୋର ସେଠି ହଠାତ୍ ଉପସ୍ଥିତି ତାଙ୍କୁ ଅପ୍ରସ୍ତୁତ କରିଦେଲା। ନିଜକୁ ଟିକିଏ ସଜାଡି ନେଇ ସେ ମୋତେ ଖଟଟି ଉପରେ ବସିବାକୁ କହିଲେ। ପଚାରିଲେ, "କୁହନ୍ତୁ, କେମିତି ଆସିଗଲେ।" ମୁଁ ତାଙ୍କ ହାତକୁ ପତ୍ରିକାଟି ବଢାଇଦେଇ କହିଲି, ମୋର ପ୍ରଥମ ପ୍ରକାଶିତ ଗପଟି ଏଥିରେ ଅଛି। ପଢିକରି ଦୟାକରି ମତାମତ ଦିଅନ୍ତୁ।


"ଆପଣଙ୍କ ପ୍ରଥମ ଗପ ? ଅଭିନନ୍ଦନ। ଗଭୀର ଅଭିନନ୍ଦନ।" ସେ ପତ୍ରିକାଟି ନିଜେ ଆଡେଇ ମୋର ଗପଟିକୁ ଆବିଷ୍କାର କଲେ ଏବଂ ଏକ ଲୟରେ ତାକୁ ପଢିବାକୁ ଲାଗିଲେ। ଛୋଟ ଗଳ୍ପଟି। ପନ୍ଦର ମିନିଟ୍ ତାଙ୍କୁ ଲାଗିଲା ପଢିବାକୁ। ପଢିସାରି ସେ କ୍ଷଣେ ମୋ ମୁହଁକୁ ଚାହିଁ କହିଲେ, "ସୁନ୍ଦର ହୋଇଚି ତ । ବିଷୟବସ୍ତୁ, ଅଗ୍ରଗତି, ବର୍ଣ୍ଣନା ଶୈଳୀ, ଶେଷାଂଶ, ଖୁବ୍ ଚମତ୍କାର। କେବେଠୁ ଲେଖୁଛନ୍ତି ?" ମୁଁ କହିଲି, "ବେଶୀ ଆଗରୁ ନୁହେଁ, ଏଇ ମାତ୍ର ବର୍ଷେ ହେବ। ମାତ୍ର ଚାରି ପାଞ୍ଚଟା ଲେଖିଛି। ସେ କହିଲେ, ଲେଖି ଚାଲନ୍ତୁ। ଆପଣ ନିକଟ ଭବିଷ୍ୟତରେ ଜଣେ ଭଲ ଗାଳ୍ପିକ ଭାବେ ଉଭା ହେବେ ବୋଲି ମୁଁ ଭବିଷ୍ୟବାଣୀ କରୁଛି। କିନ୍ତୁ ଆପଣଙ୍କୁ ଏଥିପାଇଁ ସମୟ ଦେବାକୁ ପଡିବ। ସାଧନା କରିବାକୁ ପଡିବ। ତେଣୁ କାଜୁଆଲ୍ ହେବେନି। ସିରିଅସ୍ ହେବେ।"

ସେ ଭିତରେ ମୋର ଦୃଷ୍ଟି ପଡିଯାଇଥାଏ ତାଙ୍କ ରୁମ୍ ରେ ଥିବା ଗୋଟାଏ ଚାରିଥାକିଆ କାଠ ସେଲ୍ଫ ଉପରେ, ଯେଉଁଠି ଦୁଇଶହ ସରିକି ବିଭିନ୍ନ ପତ୍ରପତ୍ରିକା ଆଶ୍ରୟ ନେଇଥାଆନ୍ତି। ମୁଁ ତାଙ୍କୁ ନମ୍ରତାର ସହ ନିବେଦନ କଲି, "ଆଜ୍ଞା ! ମୁଁ କିଛି ପତ୍ରିକା ପଢିବାକୁ ନେଇ ପାରିବି ?" ସେ ତୁରନ୍ତ କହିଲେ, "ନିଶ୍ଚୟ, ଆପଣଙ୍କ ଇଚ୍ଛା ମୁତାବକ ଆପଣ ଏଥିରୁ କିଛି ବି ନେଇପାରନ୍ତି। ମୁଁ ତ ଏମିତି ଗୋଟେ ଅପଦାର୍ଥ ଯେ, ଏ ସବୁକୁ ପଢିବା ତ ଦୂରର କଥା, ଟିକେ ଯତ୍ନରେ ବି ରଖିପାରୁନାହିଁ। ପଢିବାକୁ ନେଇଆସେ, କିନ୍ତୁ ଗୋଟାଏ ପୃଷ୍ଠା ପଢିଥିବି କି ନାହିଁ, କ୍ଲାନ୍ତ ହୋଇଯାଏ।"

**"ଆପଣ ନିକଟ ଭବିଷ୍ୟତରେ ଜଣେ ଭଲ ଗାଳ୍ପିକ ଭାବେ ଉଭା ହେବେ ବୋଲି ମୁଁ ଭବିଷ୍ୟବାଣୀ କରୁଛି।"**

ଏହାପରେ ଧୀରେ ଧୀରେ ସେ ଭଦ୍ରବ୍ୟକ୍ତିଙ୍କ ଘର ମୋ ପାଇଁ ଏକ ସାହିତ୍ୟିକ ତୀର୍ଥକ୍ଷେତ୍ର ପାଲଟିଗଲା, ଯେଉଁଠି ମୋର ଅବାଧ ପ୍ରବେଶ। ଯେ କୌଣସି ସମୟରେ। ସେଠାକୁ ଯିବା ଅବସରରେ ମୁଁ ଅନେକ ସମୟରେ ଦେଖେ, ସେ ଘରେ ନଥାନ୍ତି। ଅଥଚ ଦ୍ୱାର ମୁକୁଳା ଥାଏ କିମ୍ବା ଦରଆଉଜା ଥାଏ। ଭିତରକୁ ପ୍ରବେଶ କରି ଅନେକ ସମୟ ମୁଁ ପତ୍ରପତ୍ରିକା ଗୁଡାକ ଖେଳାଏ। ସେ କେବେ ଅଧ ଘଣ୍ଟାଏ ପରେ ତ କେବେ ଘଣ୍ଟାଏ ପରେ ଫେରନ୍ତି। ମୋତେ ଦେଖି କହି ପକାନ୍ତି, "ଆରେ, ଆପଣ କେତେବେଳୁ ଆସିଲେଣି ? ମୁଁ ଟିକେ ବଜାରକୁ ପଳେଇ ଯାଇଥିଲି। ଭଲ ହୋଇଚି, ଦ୍ୱାର ମେଲା କରି ଯାଇଥିଲି। ନହେଲେ ଆପଣ ଫେରି ଯାଇଥାନ୍ତେ।" ମୁଁ କହେ, "ଆପଣ ଭଲ ଚୋରଙ୍କୁ ନିମନ୍ତ୍ରଣ କରୁଛନ୍ତି।" ସେ ବଡ ଜୋର୍‌ରେ ହସି ଉତ୍ତର ଦିଅନ୍ତି, "ଛାଡ ହୋ, ମୋ ଭଳି ଲଙ୍ଗଳା ଫକୀର ଘରକୁ କେଉଁ ଚୋର ଆସିବ ? କ'ଣ ଏଇ ପୁରୁଣା ପତ୍ରପତ୍ରିକା ନେବାକୁ ?"

ଦିନେ ସେ ଏମିତି ନଥିଲା ବେଳେ ମୁଁ ତାଙ୍କ ଘରେ ପହଂଚି ଦେଖିଲି ତାଙ୍କ ଟେବୁଲ୍ ଉପରେ ଏକ ମୋଟା ରାଇଟିଂ ପ୍ୟାଡ୍ ଥୁଆ ହୋଇଛି। କୌତୁହଳ ବଶତଃ ମୁଁ ତା'ର ଉନ୍ମୁକ୍ତ ପୃଷ୍ଠାଟି ଉପରେ ନଜର ପକାଇଲି। ଗୋଟିଏ ଅସମ୍ପୂର୍ଣ୍ଣ କବିତାର ଆଠ ଦଶଟି ଧାଡି ସେଥିରେ ଲେଖା ହୋଇଥିଲା। ଭଦ୍ରବ୍ୟକ୍ତି କବିତା ଫବିତା ଲେଖନ୍ତି ନା କ'ଣ। ମୁଁ ପ୍ୟାଡ୍ ଟିର ପ୍ରାରମ୍ଭରୁ ପୃଷ୍ଠା ପରେ ପୃଷ୍ଠା ଓଲଟାଇଲି। ସବୁ ପୃଷ୍ଠା କବିତାମୟ। ଅନେକ ସମ୍ପୂର୍ଣ୍ଣ, କିଛି ଅସମ୍ପୂର୍ଣ୍ଣ। ମୋର ହଠାତ୍ ସ୍ମରଣ ହେଲା ଏହି କବିତା ଗୁଡିକ ମଧ୍ୟରୁ କିଛି ମୁଁ ବିଭିନ୍ନ ଖବରକାଗଜ,ପତ୍ରିକା ପୃଷ୍ଠାରେ ପଢିଛି। ଆଉ ଟିକିଏ ଭଲ କରି ମନେ ପକେଇବାରୁ ଜାଣିଲି, ସେ ସବୁର ଲେଖକଙ୍କ ନାମ ସୁରଯ୍। ଯଦିଓ ମୁଁ କବିତା ରସିକ ନଥିଲି, କିନ୍ତୁ ତାଙ୍କ କବିତାର କିଛି ନିଆରା ପଣ ଯୋଗୁ ତାହା ମୋତେ ବିମୋହିତ କରୁଥିଲା। ସେ ସବୁ କବିତା ଏ ଭଦ୍ରବ୍ୟକ୍ତିଙ୍କ ରାଇଟିଂ ପ୍ୟାଡ୍ ରେ କେମିତି ? ଇଏ ତ ରବୀନ୍ଦ୍ର ସେନାପତି। ସମ୍ଭବତଃ ସୂରଯ୍ ଛଦ୍ମନାମରେ ଇଏ ହିଁ କବିତା ଲେଖୁଛନ୍ତି। ସମ୍ଭବତଃ କ'ଣ, ପୁରାପୁରି ସତ ତ।



ଏଇ ସମୟରେ ସେ ଘରକୁ ପ୍ରବେଶ କଲେ ଏବଂ ମୋତେ ଅନ୍ୟମନସ୍କ ଭାବେ ଠିଆ ହୋଇଥିବାର ଦେଖି ମୋର ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରଶ୍ନ କଲେ, "ଆରେ, ଆପଣ କେତେବେଳୁ ?" ମୁଁ ଟିକିଏ ଚମକି ପଡି ତାଙ୍କ ଆଡକୁ ବଲ ବଲ ହୋଇ ଚାହିଁ ରହିଲି। ସେ କିଛି ବୁଝିନପାରି ପ୍ରଶ୍ନ କଲେ, "ସମଥିଂ ରଂଗ୍ ଇନ୍ ମି ? ଏମିତି ମୋ ଆଡେ ଅନେଇ ରହିଛନ୍ତି ଯେ ? ମୋତେ ନୂଆ ଦେଖୁଛନ୍ତି କି ?" ମୁଁ ଉତ୍ତର ଦେଲି, "ହଁ, ନୂଆ ନୁହେଁ ତ ଆଉ କ'ଣ ? ଏବେ ତ ଆପଣ ମୋ ଆଖିରେ ରବୀନ୍ଦ୍ର ସେନାପତି ନୁହଁନ୍ତି। ଆପଣ ତ ସେଇ ବିରହୀ କବି ସୁରଯ୍। ଏଇଠାରେ ତାହେଲେ ଆପଣ ଅଜ୍ଞାତବାସ କରୁଛନ୍ତି ?" ସେ ଟିକେ ଝାଉଁଳି ଗଲେ। ତେବେ ମୁହୂର୍ତ୍ତକ ମଧ୍ୟରେ ନିଜକୁ ସ୍ୱାଭାବିକ କରିନେଇ ମୋତେ ପାଲଟା ପ୍ରଶ୍ନ କଲେ, "ଆପଣ ତାହେଲେ ମୋର ଦ୍ୱିତୀୟ ପରିଚୟଟା ପାଇଗଲେ ? ହଉ, ଆପଣ ଜାଣନ୍ତୁ, କିଛି କଥା ନାହିଁ। କିନ୍ତୁ ଦୟାକରି ଆଉ କାହାକୁ କିଛି କହିବେ ନାହିଁ। ସାହିତ୍ୟ ଜଗତରେ ଛଦ୍ମ ନାମରେ ଲେଖିବା କିଛି ନୂଆ କଥା ନୁହେଁ। ମନେ କରି ନିଅନ୍ତୁ ଏଇଟା ମୋର ଗୋଟେ ଖିଆଲ।"

ମୁଁ କହିଲି, "କିଛି ଲୋକଙ୍କର ଖିଆଲ ଅନ୍ୟମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରେ। କବି ସୂରଯ୍ଙ୍କର ମୁଁ ଜଣେ ଶ୍ରଦ୍ଧାଳୁ ପାଠକ। ସେ ଅଲଗା। ତାଙ୍କ କବିତା ଗୋଟେ ସ୍ୱତନ୍ତ୍ର ଶ୍ରେଣୀର। ପ୍ରତ୍ୟେକ ଥର ତାଙ୍କ କବିତା ପଢିବା ପରେ ମୁଁ ଗଭୀର ଭାବେ ଚାହିଁଚି ତାଙ୍କ ସହ ଟିକିଏ ଭାବ ବିନିମୟ କରିବାକୁ। ଚିଠି ଖଣ୍ଡେ ଦେବାକୁ। କିନ୍ତୁ ସମ୍ଭବ ହୁଏନି। ବିନା ପୁରା ନାମ, ଠିକଣାରେ କେମିତି ଚିଠି ଦେଇ ହେବ। ମନ ଖରାପ ହୁଏ ବହୁତ୍। ତାଙ୍କ ମୋ ମଧ୍ୟରେ ଯେ ଗୋଟେ ଆତ୍ମିକ ସମ୍ପର୍କ ଗଢି ଉଠିଥିଲା। କହିବା ବାହୁଲ୍ୟ, ଏ ଘଟଣାର ସମୟକାଳ ଟିଭି, ମୋବାଇଲ୍, ଫୋନ୍ର ପୂର୍ବବର୍ତ୍ତୀ ଥିଲା। ସେ ଦୁଃଖ ପ୍ରକାଶ କଲେ ଏବଂ ମୋତେ ଟିକେ ତୋଷାମୋଦ କରି କହିଲେ, ଦେଖିଲ, ଆତ୍ମିକ ସମ୍ପର୍କଟା କେତେ ଶକ୍ତିଶାଳୀ। ଆପଣଙ୍କ ଅଜାଣତରେ ସେ କେମିତି ଆପଣଙ୍କୁ ମୋ ପାଖକୁ ଟାଣି ଆଣିଲା । କବି, କବିତା ଆଉ ତାର ବିଦଗ୍ଧ ପାଠକ ମାନଙ୍କ ମଧ୍ୟରେ ଆତ୍ମିକ ସମ୍ପର୍କଟା ହିଁ ସବୁଠୁ ବଡ ସତ୍ୟ ଓ ଗୁରୁତ୍ୱପୂର୍ଣ୍ଣ। ହଁ ନା ନାହିଁ ?"

ପଚାରିଲି, "ନିଜ ନାମ, ଠିକଣା ଦେଇ କବିତା ଲେଖିଲେ ଆପଣଙ୍କର କ'ଣ କ୍ଷତି ହେବ ?" ସେ ଗୋଟେ ବିଚିତ୍ର ଉତ୍ତର ଦେଲେ। କହିଲେ, "କ୍ଷତି କଥା ପଚାରୁଛନ୍ତି ? ବିରାଟ କ୍ଷତି ହେବ। ମୋ ହାତରୁ କବିତା ହିଁ ଉତୁରିବନି। ଯଦି ବା ଉତୁରେ, ତାହା ଅତ୍ୟନ୍ତ ରୁକ୍ଷ, କର୍କଶ ହୋଇଯିବ। ସେ କବିତାରୁ ପ୍ରେମର ନିର୍ଝରିଣୀ ବହିବ ନାହିଁ। ମିଳନର ସାହାନାଇ ବାଜିବ ନାହିଁ। ମାନେ ଆପଣଙ୍କ ମନକୁ ମୋଟେ ଛୁଇଁବ ନାହିଁ।" ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, "ଏମିତି କାହିଁକି ହେବ ? ଯିଏ ସୂରଯ୍ ସେଇ ତ ରବୀନ୍ଦ୍ର ସେନାପତି।" ସେ କହିଲେ, "ମୋଟେ ନୁହେଁ ବନ୍ଧୁ। ସେ ଭୁଲ୍ ଧାରଣା ମନରେ କେବେ ପୋଷଣ କରିବନି। ସୂରଯ୍ ରବୀନ୍ଦ୍ର ସେନାପତିର ଗୋଟେ ଭିନ୍ନ ଆତ୍ମସତ୍ତା। ଯେଉଁ ଆତ୍ମସତା ଭିତରେ ପ୍ରବେଶ କଲେ ଯାଇଁ ସେ କବିତା ଲେଖିପାରେ। ସେ ଆତ୍ମସତ୍ତା ମଧ୍ୟ ଆଉ ଗୋଟିଏ ଆତ୍ମସତ୍ତତାକୁ ଆବାହନ କରେ। ତା ସହ ମିଶିଲେ ଯାଇଁ ଜନ୍ମ ନିଏ କବିତା।"

ମୋତେ ଲାଗିଲା ମୁଁ ଯେମିତି ତାଙ୍କ ଆଗେ ଗୋଟେ ଶିଶୁ ପାଲଟି ଯାଉଛି । କିଛି ବୁଝିପାରୁନି ସେ କ'ଣ କହୁଛନ୍ତି । ମନ୍ତବ୍ୟ କଲି, ଆପଣ ମୋ ପାଇଁ ଧୀରେ ଧୀରେ ଅବୋଧ୍ୟ ହୋଇ ଉଠୁଛନ୍ତି ଯେ । ଗଭୀର ଭାବେ ଭାବପ୍ରବଣ ଆଉ ଦାର୍ଶନିକ ସୁଲଭ । ମୋ ଠାରୁ ବହୁ ଦୂରକୁ ଆପଣ ଚାଲି ଯାଉଛନ୍ତି । ଧୀରେ ଧୀରେ ଅସ୍ପଷ୍ଟ ଏବଂ ଅଦୃଶ୍ୟ ହୋଇ ଯାଉଛନ୍ତି । ସେ କହିଲେ, "ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣ ମୋର ପ୍ରିୟ ବନ୍ଧୁ । ଆପଣଙ୍କ ଠାରୁ ମୁଁ ପୁଣି ଦୂରେଇ ଯିବି ? ଏଇ ଦେଖନ୍ତୁ ଫେରିଲି ଆପଣଙ୍କ ପାଖକୁ । ପ୍ରକୃତରେ ବନ୍ଧୁ ! କବିଗୁଡାକ ଗୋଟେ ଗୋଟେ ମାୟାବୀ । ତୁମେ ଦେଖୁଥିବ ସେମାନେ ସେଇଠି ଠିଆ ହୋଇଥିବେ, କିନ୍ତୁ ପ୍ରକୃତରେ ସେମାନେ ସେଇଠି ନଥିବେ । ହଉ ଛାଡ ସେ କଥା । ଏବେ ମୁଁ ତୁମକୁ ସେଇ ଶେଷ ଆତ୍ମସତ୍ତାଟି କଥା କହିବି । ଆଜିକୁ କୋଡିଏ ବର୍ଷ ତଳେ ସେଇ ଆତ୍ମସତ୍ତାଟି ତୁମ ମୋ ଭଳି ସଶରୀରି ଥିଲା । ମାତ୍ର ଅଠେଇଶ ବର୍ଷ ଧରା ଭୋଗ କରି ସେ କେଉଁ ଅଜଣା ଲୋକକୁ ଚାଲିଗଲା । କିନ୍ତୁ ପ୍ରକୃତରେ ଉତ୍କଳମଣି ଗୋପବନ୍ଧୁ ଯାହା ଲେଖିଛନ୍ତି, 'ମାନବ ଜୀବନ ନୁହଁଇ କେବଳ ବର୍ଷ, ମାସ, ଦିନ, ଦଣ୍ଡ, କର୍ମେ ଜିଏ ନର, କର୍ମ ଏକା ତାର ଜୀବନର ମାନଦଣ୍ଡ ।' ମାତ୍ର ଦଶଟି ବର୍ଷ ଲେଖନୀ ଚାଳନା କରି ସେ ଲେଖି ପକାଇଥିଲେ ଅଜସ୍ର କବିତା । ସବୁ ଗୁଡିକ ଜୀବନ ଧର୍ମୀ । ସବୁଥିରେ ଜୀବନର ପ୍ରେମମୟ ଦିଗ ଗୁଡିକର ମଧୁର ସ୍ପର୍ଶ । ସେ କବିଙ୍କର ମୁଁ ଥିଲି ଜଣେ ବିମୁଗ୍ଧ ପାଠକ । ତାଙ୍କର ପ୍ରତ୍ୟେକ କବିତା ମୁଁ ଖୋଜି ଖୋଜି ପଢୁଥିଲି ବିଭିନ୍ନ ପତ୍ରପତ୍ରିକାରୁ । ଅନେକ ଚିଠି ମୁଁ ତାଙ୍କୁ ଦେଇଛି ତାଙ୍କ କବିତା ପଢି । କିଛି ଉତର ବି ପାଇଛି । ସେ ସବୁକୁ ମୁଁ ସାଇତି ରଖିଛି ଯତ୍ନରେ ଯେପରି ଦରିଦ୍ରଟିଏ ରତ୍ନଟିଏ ପାଇଲେ ସାଇତି ରଖେ । ଅକାଳ ମୃତ୍ୟୁ ଯୋଗୁ ସେ ନିଜର କୌଣସି ବହି ଛପାଇ ପାରିନଥିଲେ । ମୋର ବି.ଏ. ଫାଇନାଲ ବର୍ଷ ତାଙ୍କର ମୃତ୍ୟୁ ହେଲା, ଦୁରାରୋଗ୍ୟ କ୍ୟାନସରରେ । ଅଜ୍ଞାତ ମୃତ୍ୟୁ, ଜାଣେନା କେତେ ବଡ ମୂଲ୍ୟବାନ ଜୀବନଟିଏକୁ ସେ କାଳ ଗର୍ଭକୁ ପଠାଇଦେଲା ।"

"କିଏ ସେ ମହନୀୟା କବି", ପ୍ରଶ୍ନ କଲି ମୁଁ ।

ସେ କହିଲେ, "କବି ପଦ୍ମା ମିଶ୍ରଙ୍କ ନାମ ଶୁଣିଛ ?"

କହିଲି, ଶୁଣିଛି ମାତ୍ର । ତାଙ୍କର କବିତା କିଛି ବି ପଢିନି । ସେ କହିଲେ, ପଢିବ । ଦେବି ତୁମକୁ ପଢିବାକୁ । ଯଦି ମୃତ୍ୟୁ ମୋତେ ସୁଯୋଗ ଦେଇଥାଆନ୍ତା, ତେବେ ମୋ ଜୀବନ ବିନିମୟରେ ମୁଁ ତାଙ୍କ ଜୀବନ ରକ୍ଷା କରିବାକୁ ପଛେଇ ନଥାନ୍ତି । କିଛି ବର୍ଷ ତଳେ ତାଙ୍କ କଥା ଭାବୁ ଭାବୁ ମୋ ମୁଣ୍ଡରେ ଗୋଟେ ଭାବନା ପଶିଲା । ତାଙ୍କ ଜୀବନ ରକ୍ଷା କରିବା ସିନା ମୋର କ୍ଷମତା ବାହାରେ ଥିଲା, କିନ୍ତୁ ତାଙ୍କ କବିତାର ଧାରାକୁ ଚେଷ୍ଟା କଲେ ମୁଁ ହୁଏତ ବଞ୍ଚାଇ ରଖିପାରିବି । ଭାବନାର ସେ ଅମୃତ ମୁହୂର୍ତ୍ତଟି ମୋ ହାତରେ କଲମ ଧରାଇ ଦେଇ କହିଲା, ପାରିବୁରେ ତୁ ପାରିବୁ । ଆଗେଇ ଯା, ମୁଁ ତୋ ପଛରେ ଅଛି । ବିଶ୍ୱାସ କରନ୍ତୁ, ଏ ରବୀନ୍ଦ୍ର ସେନାପତି ଯେତେବେଳେ କଲମ ଧରେ, ସେ ଆଉ ସେ ହୋଇ ନରହି ପଦ୍ମା ମିଶ୍ର ପାଲଟିଯାଏ । ପଦ୍ମା ମିଶ୍ରଙ୍କ ଆତ୍ମା ମୋ ଦେହରେ ସବାର ହୋଇଯାଏ । ଲାଗେ ସେ ଲେଖୁଛନ୍ତି ମୋ ହାତକୁ ଆୟୁଧ କରି । ତେଣୁ ମୋ କବିତାର ରଚୟିତା ସ୍ଥାନରେ ମୋ ନାମ ଲେଖିବାର ଦୁଃସାହସ ମୁଁ କରିପାରେନି । ତେବେ କାହା ନାମ ଲେଖିବି ? ଭାବି ଭାବି ଏହି ନାମଟିକୁ ବାଛିଲି । ସୂରଜ୍ । ପଦ୍ମର ପ୍ରେମିକ ସୂର୍ଯ୍ୟଙ୍କ ଛଡା ଆଉ କିଏ ହୋଇପାରେ ? କିଏ ଆଉ ଚିହ୍ନି ପାରିବ ପଦ୍ମର ଅନ୍ତରକୁ । କିଏ ଆଉ ଆପଣେଇ ପାରିବ ପଦ୍ମର ଭାଷାକୁ ?"

**ଭାବନାର ସେ ଅମୃତ ମୁହୂର୍ତ୍ତଟି ମୋ ହାତରେ କଲମ ଧରାଇ ଦେଇ କହିଲା, ପାରିବୁରେ ତୁ ପାରିବୁ । ଆଗେଇ ଯା, ମୁଁ ତୋ ପଛରେ ଅଛି ।**

ରାତି ଅଧିକ ହୋଇଯାଇଥିଲା । ବିଦାୟ ନେବାକୁ ଉଠି ଠିଆ ହେଲି । ସେ ମୋତେ ଅଟକାଇ ଦେଇ କହିଲେ, ଆଉ ଦୁଇ ମିନିଟ୍ ମାତ୍ର । ସେ ଭିତରକୁ ଯାଇ ବେଡ୍ ରୁମ୍ ରୁ ଗୋଟେ ଫାଇଲ୍ ଆଣିଲେ । ଆଉ ଗୋଟେ ଫାଇଲ୍ ସେ କାଠ ସେଲ୍ଫରୁ ବାହାର କଲେ । ଦୁଇଟି ଯାକ ଫାଇଲ୍ ମୋ ହାତରେ ଧରାଇଦେଇ କହିଲେ, ଗୋଟିକରେ ପଦ୍ମା ମିଶ୍ରଙ୍କର ପ୍ରାୟ ସବୁ କବିତା ଏକତ୍ର କରି ରଖିଛି । ସେ ସବୁ ଆଗେ ପଢିବ ଖୁବ୍ ମନ ଦେଇ । ତା ପରେ ଆର ଫାଇଲ୍ ଖୋଲି ମୋ, ଅର୍ଥାତ୍ ସୂରଜଙ୍କ କବିତା ସବୁ ପଢିବ । ଆଉ ମୋତେ କହିବ, ମୋ ମିସନ୍ ରେ ମୁଁ କେତେଦୂର ସଫଳ ହୋଇଛି ।

□□

ଲେଖକଙ୍କ ଇ-ମେଲ ଠିକଣା:
sushilnanda06@gmail.com

ପ୍ରବନ୍ଧ

# ଓଡ଼ିଆ ସାହିତ୍ୟର ଅନନ୍ୟ ପ୍ରତିଭା - କୁନ୍ତଳା କୁମାରୀ



ଡ. ଆରତି କର

ଓଡ଼ିଆ ସାହିତ୍ୟ ଜଗତରେ କୁନ୍ତଳା କୁମାରୀଙ୍କ ଆବିର୍ଭାବ, ଯଥାର୍ଥରେ ମେଘ ଦେହରେ ବିଜୁଳିର ଚମକ ପରି । ସୀମିତ ସମୟ ପାଇଁ ଉତ୍କଳର ସାରସ୍ୱତ ଗଗନରେ ଉଦୟ ହୋଇ ମଧ୍ୟ ଆଜି ପର୍ଯ୍ୟନ୍ତ ସେ ଶୋଭା ପାଉଛନ୍ତି ଏକ ଉଜ୍ଜ୍ୱଳ ନକ୍ଷତ୍ର କରି । ଏ ମାଟିର ସ୍ୱର୍ଣ୍ଣାଭ ପ୍ରତିଭା କୁନ୍ତଳା କୁମାରୀ ଯଥାର୍ଥରେ ଏ ମାଟିର ଗର୍ବ ଓ ଗୌରବ ତଥା ଜଣେ ସୁଯୋଗ୍ୟ ଦାୟାଦ ।



ବୀର ମାଟି ଖୋର୍ଦ୍ଧାରେ ଜନ୍ମଗ୍ରହଣ କରିଥବଲେ ମଧ୍ୟ ବାଲ୍ୟକାଳ ତାଙ୍କର କଟିଥିଲା ସୁଦୂର ବର୍ମାରେ । ପିଲାଟି ଦିନରୁ ପାଠ ପ୍ରତି ଥିଲା ତାଙ୍କର ପ୍ରବଳ ଆଗ୍ରହ । କେବଳ ଯେ ଭଲ ପାଠ ପଢୁଥବଲେ ତାହା ନୁହେଁ, ସତ୍ ସାହସ ଓ ନିର୍ଭୀକତା ମଧ୍ୟ ଥିଲା ତାଙ୍କର ଆଉ ଏକ ଏକ ଭଲ ଗୁଣ । ବର୍ମାରୁ ଓଡ଼ିଶା ଆସି ପାଲଟି ଯାଆନ୍ତି ରେଭେନ୍ସା ବାଳିକା ବିଦ୍ୟାଳୟର ଜଣେ ମେଧାବୀ ଛାତ୍ରୀ । ୧୯୧୮ ରେ ତତ୍କାଳୀନ ମେଡିକାଲ ସ୍କୁଲରେ ଯୋଗଦାନ କରି ୧୯୨୧ରେ ସେଠାରୁ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ସାଧାରଣ ଜୀବନକୁ ପ୍ରବେଶ କରିଛନ୍ତି । ଡାକ୍ତର ହୋଇ ବାହାରିବା ପରେ ପାଦ ତଳେ ଅନ୍ତତଃ ତାଙ୍କୁ ମାଟିର ସନ୍ଧାନ ମିଳିଥିଲା । ଜୀବନରେ କିଛି କରିପାରିବାର ଆଶା ଓ ବିଶ୍ୱାସ ଧୀରେ ଧୀରେ ତାଙ୍କ ମଧ୍ୟରେ ମୁଣ୍ଡ ଟେକି ଉଠୁଥିଲା । ଅସହାୟ ଏକ କନ୍ଦୁକ ସାଜି ଗୋଟିଏ ବିନ୍ଦୁରୁ ଆଉ ଏକ ବିନ୍ଦୁକୁ ଉଡିଯାଇଛନ୍ତି ଟିକିଏ ସୁଖର ସଂଧାନରେ । ମରୀଚିକାକୁ ଜଳ ଭାବି ଜାବୁଡି ଧରିବାର ବୃଥା ପ୍ରୟାସ କରି ବିଫଳ ହୋଇଛନ୍ତି । ତଥାପି ପ୍ରତିକ୍ରିୟାଶୀଳ ହୋଇ ନାହାନ୍ତି କୁନ୍ତଳା କୁମାରୀ । ଈଶ୍ୱର ତାଙ୍କରି ଠାରେ ଅଜାଡି ଦେଇଥିଲେ ସଂସାରର ଅସୀମ କୋମଳତା, ବୃକ୍ଷ ପରି ସହିବାକୁ, ନଦୀ ପାରି ବହିଯିବାକୁ, ପଦ୍ମ ପରି ସୁଗନ୍ଧ ବିତରଣ କରିବାକୁ, ଆଉ ଦୀପ ପରି ନିଜେ ଜଳି ସଂସାରକୁ ଆଲୋକିତ କରିବା ଭଳି ଅନେକ ମହନୀୟ ଗୁଣାବଳୀ ।

କୁନ୍ତଳା କୁମାରୀ ଯଶ ଗଉରବ, ମାନସମ୍ମାନ, ଧନସଂପଦ, ଜୀବନରେ ଏସବୁ କିଛି ଚାହିଁ ନ ଥିଲେ, ବିଶାଳ ବିଶ୍ୱରେ ନିଜ ପାଇଁ ଏକ ଛୋଟିଆ ଆଶ୍ରୟର ସ୍ୱପ୍ନ ଦେଖୁ ଦେଖୁ ଜୀବନ ନାଟକରେ ତାଙ୍କର ଯବନିକା ପଡ଼ିଗଲା । ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଗଲା, ତେଣୁ ତାଙ୍କ ଜୀବନକୁ ସଂଗ୍ରାମ ଓ ସଂଘର୍ଷର ଜୀବନ କହିଲେ କିଛି ଭୁଲ ହେବ ନାହିଁ । ଜୀବନରେ ପରାଜୟ ବରଣ କରିଛନ୍ତି ସତ, ମାତ୍ର ଶେଷ ପର୍ଯ୍ୟନ୍ତ ଆଶା ହାରି ନାହାନ୍ତି । କବି ନାହାନ୍ତି ମାତ୍ର ଯୁଗ ଯୁଗ ପାଇଁ ଦୁଃଖ ଜର୍ଜରିତ ମାନବ ସମାଜକୁ ଶୁଣାଇ, ଯାଇଛନ୍ତି ଆଶା, ଭରସା ଓ ସାନ୍ତ୍ୱନାର ବାଣୀ ତାଙ୍କର 'ଶେଫାଳି ପ୍ରତି' କବିତାରେ-

ତୋହପରି କ୍ଷୁଦ୍ର ମୁହିଁ ତୋହ ପରି କ୍ଷଣିକ<br>
ହସେ ବାସେ ରସେ ମାତ୍ର ଫୁଟି ଅଛି ଘଡିକ<br>
ମାଟିରେ ମିଶିବୁ ତୁହି<br>
ମାଟିରେ ମିଶିବି ମୁହିଁ<br>
ତଥାପି ମୋ ଆତ୍ମା ଫୁଲ ନ ଯିବରେ ମଉଳି<br>
ତେଣୁ ଆଶ ବହି ଦିନ କାଟେ ଗଙ୍ଗ ଶିଉଳି

ସେବା ତାଙ୍କର ବୃତ୍ତି ଥିଲେ ମଧ୍ୟ ସାହିତ୍ୟ ଥିଲା ତାଙ୍କର ବ୍ରତ । ବୃତ୍ତିରେ ଡାକ୍ତର ହେଲେ ମଧ୍ୟ ଓଡ଼ିଆ ସାହିତ୍ୟ ଜଗତକୁ ଅବଦାନ ତାଙ୍କର ଅନେକ । ବ୍ୟାସକବି ଫକୀର ମୋହନଙ୍କର ଯଥାର୍ଥ ଉତ୍ତର ଦାୟାଦ ଭାବେ ଭ୍ରାନ୍ତି, ନଅତୁଣ୍ଡୀ, କାଳିବୋହୂ, ପରଶମଣି ଓ ରଘୁଅରକ୍ଷିତ ପ୍ରଭୃତି ଉପନ୍ୟାସ ଓ ଅଞ୍ଜଳି, ଉଚ୍ଛ୍ୱାସ,

ଅର୍ଚ୍ଚନା, ସ୍ଫୁଲିଙ୍ଗ ପ୍ରଭୃତି କବିତା ଗୁଚ୍ଛ ରଚନା କରି ଓଡ଼ିଆ ସାହିତ୍ୟ ଦରବାରକୁ ବେଶ୍ ସମୃଦ୍ଧ କରି ଦେଇ ଯାଇଛନ୍ତି। ଓଡ଼ିଶାର ଶିଶୁକୁ ନିଜ ଜନ୍ମମାଟିର ଐତିହ୍ୟ ସଂପର୍କରେ ସୂଚନା ଦେବାକୁ ଯାଇ ଲେଖନୀରୁ ତାଙ୍କର ଝରି ପଡିଥିଲା–

ଓଡ଼ିଆ ବୋଲିତୁ ମନେ ଗର୍ବ ବହି
ଚାଲରେ ଟେକି ତୋ ମଥା
ନିତି ମନେ ମନେ ଗୁଣୀ ହେଉଥାଅ
ପୂର୍ବ ପୁରୁଷଙ୍କ କଥା।

ତାଙ୍କର କବିତା ଗୁଡିକ ମଧ୍ୟରେ 'ତାରାପ୍ରତି' କବିତାଟି ଥିଲା ପ୍ରଥମ ପ୍ରକାଶିତ କବିତା, ଯାହାକି ବାଗ୍ମୀ ବିଶ୍ୱନାଥ କରଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ଉତ୍କଳ ସାହିତ୍ୟ' ପତ୍ରିକାରେ ୧୯୨୨ରେ ପ୍ରକାଶ ପାଇଥିଲା।

**ଜୀବନ ବିଦ୍ୟାଳୟ ତାଙ୍କୁ ବାଲ୍ୟ କାଳରୁ ସଂଗ୍ରାମର ଦୀକ୍ଷା ଦେଇଥିଲା, ବୀର ଭାବରେ ଲଢ଼ଇ ଯିବାର ଶିକ୍ଷା ଦେଇଥିଲା। କର୍ମମୟ ଜୀବନ ମଧ୍ୟରେ ପ୍ରତି ମୁହୂର୍ତ୍ତରେ ସେ କର୍ମର ହିଁ ଜୟଗାନ କରିଛନ୍ତି।**

ପିଲାଟି ଦିନରୁ କୁନ୍ତଳା କୁମାରୀ ନିଜକୁ ଅବହେଳିତ ମନେ କରି ବହୁ ବ୍ୟଥା ଓ ବେଦନା ମଧ୍ୟରେ ଈଶ୍ୱରୀୟ ପ୍ରାଣ ହୋଇଯାଇ ଥିଲେ। ଜାତି ପାଇଁ, ଭାଷା ପାଇଁ କିନ୍ତୁ ବିପ୍ଳବୀ ସାଜିବାରେ ସେ ଆଦୌ ପଛଘୁଞ୍ଚା ଦେଇନଥିଲେ। ଜୀବନ ବିଦ୍ୟାଳୟ ତାଙ୍କୁ ବାଲ୍ୟ କାଳରୁ ସଂଗ୍ରାମର ଦୀକ୍ଷା ଦେଇଥିଲା, ବୀର ଭାବରେ ଲଢ଼ଇ ଯିବାର ଶିକ୍ଷା ଦେଇଥିଲା। କର୍ମମୟ ଜୀବନ ମଧ୍ୟରେ ପ୍ରତି ମୁହୂର୍ତ୍ତରେ ସେ କର୍ମର ହିଁ ଜୟଗାନ କରିଛନ୍ତି–

ଜୀବନ ନୁହେଁ ମୋ ସପନ ଛଳନା
ଜୀବନ କରମମୟହେ
କରମ ଲାଗି ମୁଁ ଜନମ ଲଭିଛି
କରମେ ଲଭିବି କ୍ଷୟହେ

ଗୋଟିଏ ପଟେ ଲେଖିକା ସାଜିଥିବା ବେଳେ ଅନ୍ୟ ପଟରେ ଜଣେ ଉତ୍ତମ ଚିକିତ୍ସିକା ଭାବରେ ମଧ୍ୟ ବେଶ୍ ସୁନାମ ଅର୍ଜନ କରିଥାନ୍ତି। ଦର୍ପଣୀର ରାଣୀଙ୍କୁ ଏକ ଦୁରାରୋଗ୍ୟରୁ ଭଲ କରିଥିଲେ ଡାକ୍ତରାଣୀ କୁନ୍ତଳା କୁମାରୀ, ତେଣୁ ରାଜା ସାହେବ ଅତ୍ୟନ୍ତ ପ୍ରୀତ ହୋଇ କୁନ୍ତଳାଙ୍କର 'ଅଞ୍ଜଳି' ନାମକ ଏକ ପୁସ୍ତକର ପ୍ରକାଶନ ନିମନ୍ତେ ତିନିଶହ ଟଙ୍କା ଦେଇଥିଲେ। କୁନ୍ତଳା କୁମାରୀଙ୍କ ସାହିତ୍ୟିକ ପ୍ରତିଭାରେ ମୁଗ୍ଧ ହୋଇ ଗୋପାଳଚନ୍ଦ୍ର ପ୍ରହରାଜ ତାଙ୍କୁ ଧର୍ମ ଝିଅ କରିଥିଲେ। ପୁରୀର ମହିଳା ବନ୍ଧୁ ଅନୁଷ୍ଠାନ ୧୯୨୫ରେ ତାଙ୍କୁ 'ଉତ୍କଳ ଭାରତୀ' ଉପାଧିରେ ଭୂଷିତ କରିଥିଲେ। ପୁରୀର ମୁକ୍ତିମଣ୍ଡପ ସଭା ମଧ୍ୟ ତାଙ୍କୁ ପ୍ରଶଂସା ପତ୍ର ଦେଇ ସମ୍ମାନିତ କରିଥିଲେ।

କୁନ୍ତଳା କୁମାରୀଙ୍କର 'ପୂଜା ପଦ୍ଧତି' କବିତା ପଢ଼ି ପଣ୍ଡିତ ନୀଳକଣ୍ଠ ଦାସ ଲେଖିଥବଲେ– "କବିତାଟିର ମୁଗ୍ଧ ସୁନ୍ଦର ମୂର୍ତ୍ତି ଏବେ ମଧ୍ୟ ମନରୁ ଯାଉ ନାହିଁ। ମୋର ମନେ ହୁଏ ଓଡ଼ିଆ ସାହିତ୍ୟରେ ଏପରି ସାର୍ବଜନୀନ ପ୍ରାଣସ୍ପର୍ଶୀ 'ପୂଜାପଦ୍ଧତି' କେହି କେବେ ଲେଖି ନାହାନ୍ତି। ଏହି କବିତାଟି ସତ୍ୟବାଦୀ ବନ ବିଦ୍ୟାଳୟରେ ଦୈନିକ ପ୍ରାର୍ଥନା ରୂପେ ଗାନ କରାଯାଉଥିଲା–

"ହରିହରି କେହି ଡାକୁଛି ସତତ
ପ୍ରଭୁ ପ୍ରଭୁ କେହି କହେ।"

୧୯୦୦ ରୁ ୧୯୩୮ ତାଙ୍କର ଜୀବନକାଳ, ଆୟୁଷର ସୀମାରେଖା ଅତ୍ୟନ୍ତ କ୍ଷୁଦ୍ର ହେଲେ ମଧ୍ୟ ତାଙ୍କର କାବ୍ୟକୃତି ଓ ଲେଖା ଜନମାନସରେ ଚିରସ୍ମରଣୀୟ ହୋଇ ରହିଛି। ଜଣେ ମାନବବାଦୀ କବି ଭାବରେ ସେ ଲାଞ୍ଛିତ, ନିର୍ଯାତିତ ଜନତାର ପାଖରେ ପହଞ୍ଚି ପାରୁଥିଲେ। ପ୍ରତି ମୁହୂର୍ତ୍ତରେ ସେ ଦେଖିଥିଲେ ଏକ ଶ୍ରେଣୀହୀନ – ଶୋଷଣମୁକ୍ତ ସମାଜର ସ୍ୱପ୍ନ। ତେଣୁ ଅତ୍ୟାଚାରିତ, ଦଳିତ, ନିଷ୍ପେସିତ ଜନତାଙ୍କୁ ଉଦ୍‌ବୋଧନ ଦେଇ ସେ ଶୁଣାଇଥିଲେ–

"ଶୁଣରେ ମଣିଷ ଭାଇ
ଝୁରି ମରିବାକୁ ବୁଡି ମରିବାକୁ
ମଣିଷ ଜନମି ନାହିଁ।"

ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ମଧ୍ୟ ସେ ବେଶ୍ ଜଣାଶୁଣା, ତାଙ୍କ କବିତା ପରାଧୀନ ଓଡ଼ିଶାରେ ବେଶ୍ ଜାଗରଣ ସୃଷ୍ଟି କରିଥିଲା। ଫଳରେ ତତ୍କାଳୀନ ଇଂରେଜ ସରକାର ତାଙ୍କର କେତେକ କବିତା ପୁସ୍ତକୁ ବାଜ୍ୟାପ୍ତ କରିଦେଇଥିଲେ। ସମସ୍ତ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ମଣିଷକୁ ମଣିଷ ପରି ବଞ୍ଚିବା ପାଇଁ କବି ତାଙ୍କର କବିତାରେ ଶୁଣାଇଛନ୍ତି ଆଶା ଓ ଆହ୍ୱାନର ବାଣୀ–

"ବିଧାତାର ବରପୁତ୍ର
ଯୁଗାନ୍ ମୃତ୍ୟୁ ରଜ୍ଜୁ ଛିଣ୍ଡାଇ
ଧର ହେ ଜୀବନ ସୂତ୍ର।"

ଭଗବତ୍ ବିଶ୍ୱାସ ଓ କର୍ତ୍ତବ୍ୟ ପରାୟଣତା ହିଁ ତାଙ୍କ ସାହିତ୍ୟର ମୂଳଲକ୍ଷ୍ୟ ଥିଲା। ଲଢୁ ଲଢୁ ଟଳି ପଡୁଥିବା ସୈନିକକୁ ହିଁ ବୀର ବା ଶହୀଦର ଆଖ୍ୟା ଦିଆଯାଏ, କୁନ୍ତଳା କୁମାରୀ ଥିଲେ ସେହିଭଳି ଜଣେ ବ୍ୟକ୍ତିତ୍ୱ, କବି ଓଡ଼ିଆ ଭାଷାର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖି ଶୁଣାଇଥିଲେ-

"କ୍ଷୁଦ୍ର ସମ ମାତୃଭାଷା ଫୁଲ ଅଞ୍ଜଳିରେ
କ୍ଷୁଦ୍ର ନୁହେଁ ସେହି ଆହା ପବିତ୍ର, ମହତ
ମୋର ଭାଷା ବଡ ସିନା ମୋହରି ପାଖରେ
କେ ଭାବୁ ତାହାକୁ ନୀଚ, ସେ ମୋର ଅମୃତ।"

**ମାତ୍ର ୩୮ ବର୍ଷ ଜୀବନକାଳ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସେ ଯେପରି ସମୃଦ୍ଧ କରି ଯାଇଛନ୍ତି ବାସ୍ତବିକ୍ ତାହା ଅନନ୍ୟ।**

ମାତ୍ର ୩୮ ବର୍ଷ ଜୀବନକାଳ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସେ ଯେପରି ସମୃଦ୍ଧ କରି ଯାଇଛନ୍ତି ବାସ୍ତବିକ୍ ତାହା ଅନନ୍ୟ। ଗୁଣଗ୍ରାହୀ କବି ନନ୍ଦ କିଶୋର ବଳ କୁନ୍ତଳା କୁମାରୀଙ୍କ ସାହିତ୍ୟିକ ଦକ୍ଷତାରେ ମୁଗ୍ଧ ହୋଇ ଲେଖିଥିଲେ-

'ସ୍ୱଦେଶର ପୂର୍ବ ଗଉରବେ ଗରବିତା
ନିଃସର୍ଗ ଲାବଣ୍ୟ ମୁଗ୍ଧା ଅୟି ପ୍ରେମମୟୀ,
କି ଅପୂର୍ବ ପ୍ରତିଭାରେ ହୋଇ ସନ୍ଦୀପିତା,
ଏ ଦୀନ ଉତ୍କଳେ ଅବତୀର୍ଣ୍ଣା ଶାନ୍ତିମୟୀ।'

ବାସ୍ତବିକ କୁନ୍ତଳା କୁମାରୀ ଏ ଜାତିର ଚିରନମସ୍ୟ।

□□

ଲେଖିକାଙ୍କ ଇ-ମେଲ ଠିକଣା:
akaratikar@gmail.com

PROZOSYS
TECHNOLOGIES PVT. LTD.
+91 9777060101
Call us now!

DESIGN / DEVELOPMENT / MARKETING SERVICES

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com



ଅନୁଭୂତି

# ଏକ ଅନନ୍ୟ ସାହସିକତାର ଗାଥା

**ସନ୍ତୋଷ କୁମାର ପଟ୍ଟନାୟକ**

ଏହି କ୍ଷୁଦ୍ର ଗଳ୍ପଟି ସମ୍ପୂର୍ଣ୍ଣ ସତ୍ୟଘଟଣା ଉପରେ ପର୍ଯ୍ୟବେସିତ। ପୁଲିସ ବିଭାଗରେ କାର୍ଯ୍ୟରତ ଥିଲାବେଳେ କେତେଗୁଡିଏ ସତ୍ୟ ଘଟଣାକୁ ନେଇ ଛୋଟ ମୋଟ ଗଳ୍ପ ଲେଖିବାକୁ ପ୍ରୟାସ କରିଛି। ଯେଉଁ ଘଟଣା ଗୁଡିକ ନିରାଟ ସତ୍ୟ ତାହା ମୋ ମନରେ ବାରମ୍ବାର ଆଲୋଡନ ସୃଷ୍ଟି କରିଛି। ଆମ ସମାଜରେ ସମୟକ୍ରମେ ଘଟିଥିବା ସାଧାରଣ ଲୋକଟିର ଉତ୍ସର୍ଗୀକୃତ କାର୍ଯ୍ୟକୁ ଲୋକଲୋଚନକୁ ଆଣିବା ମୋର ଉଦ୍ଦେଶ୍ୟ। 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ସମ୍ପାଦକ ମହୋଦୟ ମୋତେ ଟେଲିଫୋନରେ କହିଥିଲେ କିଛି ସତ୍ୟ ଘଟଣା ଉପରେ ପର୍ଯ୍ୟବେସିତ ଗଳ୍ପଟିଏ ଲେଖି ପଠାଇବାକୁ। ଏଣୁ ଏହି ଗଳ୍ପ ହେଉଛି ମୋର ଏକ ନମ୍ର ଉଦ୍ୟମ।



ଜଣେ ଭାରତୀୟ ସେନାର ଯୱାନ ଶ୍ରୀ ବିଷ୍ଣୁଶ୍ରେଷ୍ଠଙ୍କ ଜୀବନରେ ହୋଇଥିବା ଏକ ବିଶେଷ ଘଟଣା ସମ୍ବନ୍ଧରେ ଲେଖିବାକୁ ଯାଉଛି। ଅପରାଧୀଙ୍କ ସହିତ ସଂଘର୍ଷରେ ସେ ଦେଖାଇଥିବା ବୀରତ୍ୱ, ସାହସିକତା ଓ ମହାନତାର ପଟାନ୍ତର ନାହିଁ। ଏହି ଘଟଣା ଜାଣିବା ପରେ ସମଗ୍ର ଭାରତ ଏପରିକି ସମଗ୍ର ବିଶ୍ୱର ସମ୍ବାଦପତ୍ର ତାଙ୍କର ଯଶ ଗାନରେ ଶତମୁଖ ହୋଇପଡିଥିଲେ।

ସେଦିନ ଥିଲା, ୨ ସେପ୍ଟେମ୍ବର ୨୦୧୦ ମସିହା। ଭାରତୀୟ ସେନାର ଅଷ୍ଟମ ଗୁର୍ଖା ଇନଫାଣ୍ଟ୍ରି ଡିଭିଜନ ଅଧିନସ୍ଥ ସପ୍ତମ ଗୁର୍ଖା ବାଟାଲିୟନର କର୍ପୋରାଲ ଶ୍ରୀ ବିଷ୍ଣୁଶ୍ରେଷ୍ଠ ଭାରତୀୟ ସେନାରୁ ସେବା ନିବୃତ୍ତ ହୋଇ ନିଜର ଘରକୁ ଫେରୁଥିଲେ। ହଟିଆ (ରାଞ୍ଚି)ରୁ ଗୋରଖପୁର ଯାଉଥିବା ମୌର୍ଯ୍ୟ ଏକ୍ସପ୍ରେସ ଟ୍ରେନ୍‌ରେ ଏସି-୩ ଟାୟାର କମ୍ପାଟମେଣ୍ଟର ସତଚାଳିଶ ନମ୍ବର ତାଙ୍କ ପାଇଁ ସଂରକ୍ଷିତ ଥିଲା। ସମୟ ଅର୍ଦ୍ଧରାତ୍ରରୁ କିଛି ଅଧିକ ହେବ। ନିଜ ନିଜ ବର୍ଥରେ ଯାତ୍ରୀମାନେ ନିଶ୍ଚିନ୍ତରେ ନିଦ୍ରାଶ୍ରିତ ଥିଲେ। ନିଜର ସତଚାଳିଶ ନମ୍ବର ବର୍ଥରେ ଶୋଇବା ଅବସ୍ଥାରେ ଥାଇ ବିଷ୍ଣୁ ନିଜ ଭାବନାରେ ମଗ୍ନ ଥିଲେ। ନିଜ ଚାକିରିର ଦୀର୍ଘ ପନ୍ଦରବର୍ଷ ଧରି କାର୍ଯ୍ୟ କରି ସେ ଜଣେ କର୍ତ୍ତବ୍ୟନିଷ୍ଠ ଅନୁଗତ ଓ ସଚ୍ଚୋଟ ଜୱାନ ଭାବରେ ନିଜର ଉପରିସ୍ଥ କର୍ମଚାରୀଙ୍କର ଆସ୍ଥା ଭାଜନ ଥିଲେ। ତାଙ୍କର ସହକର୍ମୀମାନେ ମଧ୍ୟ ତାଙ୍କୁ ଅତିଶୟ ଭଲ ପାଉଥିଲେ। ବିଷ୍ଣୁଙ୍କର ଜନ୍ମ ୧୯୭୫ ମସିହାରେ ଗୋଲାପର୍ବତ ଜିଲ୍ଲା ଦେଓରାରେ ହୋଇଥିଲା। ତାଙ୍କ ପିତାଙ୍କର ନାମ ଗୋପାଳବାବୁ ଓ ମାତାଙ୍କର ନାମ ସୀତା କୁମାରୀ। ଭାରତୀୟ ସେନାର ଆହ୍ୱାନପୂର୍ଣ୍ଣ କର୍ତ୍ତବ୍ୟକୁ ସେ ସନ୍ତୋଷଜନକ ଭାବରେ ସମ୍ପୂର୍ଣ୍ଣ କରିଥିବାରୁ ମନେ ମନେ ଆଶ୍ୱସ୍ତ ଥିଲେ। ନିଜ ଗ୍ରାମକୁ ଫେରି ସେଠାରେ ନିଜର ପିତାମାତା, ପ୍ରିୟବନ୍ଧୁ ତଥା ଅନ୍ୟାନ୍ୟ ପରିଜନଙ୍କୁ ଦେଖା କରିବାକୁ ଅତ୍ୟନ୍ତ ବ୍ୟଗ୍ରଥିଲେ। ଅବଶ୍ୟ ଏକ ଭାରତୀୟ ସେନାର ଜୱାନ ପାଇଁ ତାହା ସ୍ୱାଭାବିକ ଥିଲା। ସେ ସମୟରେ ମୌର୍ଯ୍ୟ ଏକ୍ସପ୍ରେସ ପଶ୍ଚିମବଙ୍ଗ ଅନ୍ତର୍ଗତ ଚିତ୍ତରଞ୍ଜନ ନିକଟସ୍ଥ ଏକ ଘନ ଜଙ୍ଗଲ ମଧ୍ୟ ଦେଇ ଦ୍ରୁତ ଗତିରେ ଗତି କରୁଥିଲା। ବିଷ୍ଣୁଙ୍କର ଭାବନାରେ ବାଧା ଦେଇ ହଠାତ୍ ମୌର୍ଯ୍ୟ ଏକ୍ସପ୍ରେସର ଗତି ମନ୍ଥରହୋଇ ଆସି ଟ୍ରେନ୍‌ଟି ଠିଆ ହୋଇଗଲା।

ପରମୂହୂର୍ତ୍ତରେ ଟ୍ରେନ ଝରକାରେ କାଚଭଙ୍ଗା ଶବ୍ଦ, ପାଟିତୁଣ୍ଡ ଓ ହୋ ହାଲ୍ଲାରେ ଶୋଇଥିବା ଯାତ୍ରୀମାନେ ଆଶ୍ଚର୍ଯ୍ୟ ଚକିତ ଓ ଭୟଭୀତ ହୋଇ ନିଦରୁ ଉଠି ନିଜ ନିଜର ସିଟ୍‌ରେ ବସି ପଡିଥିଲେ। ବିଷ୍ଣୁଙ୍କର ବର୍ଥ ସବା ଉପରେ ଥିଲା। ସେ ମଧ୍ୟ ଏପରି ପାଟିତୁଣ୍ଡ ଓ ଗଣ୍ଡଗୋଳର ଶବ୍ଦ ଶୁଣି ନିଜର ବର୍ଥ ଉପରେ ବସି ଘଟଣା ବିଷୟରେ ଜାଣିବାକୁ ବ୍ୟଗ୍ର ଥିଲେ।

ପ୍ରକୃତ ଘଟଣା ଥିଲା ପ୍ରାୟ ଚାଳିଶ ଜଣ ଡକାୟତ ବନ୍ଧୁକ,

ଛୁରୀ, ଖଣ୍ଡା ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଧରି ସମଗ୍ର ମୌର୍ଯ୍ୟ ଏକ୍ସପ୍ରେସ୍ ଟ୍ରେନ୍‌ଟିକୁ ଘେରି ଯାଇଥିଲେ। କେତେଜଣ ଡକାୟତ ଟ୍ରେନ୍ ଦୁଇ ପାଖରେ ରେଲ ଲାଇନ କଡରେ ରହି ଯାତ୍ରୀମାନଙ୍କୁ ଟ୍ରେନରୁ ନ ଓହ୍ଲାଇବାକୁ କହି ଖଣ୍ଡା ଓ ବନ୍ଧୁକ ଦେଖାଇ ଧମକାଉଥିଲେ। ଅନ୍ୟ ପ୍ରାୟ ତିରିଶ ଜଣ ଡକାୟତ କ୍ରମାନ୍ୱୟରେ ଟ୍ରେନର ଗୋଟିଏ ପରେ ଗୋଟିଏ ଡବାରେ ପଶି ବର୍ଥ ପରେ ବର୍ଥ, ସମସ୍ତ ଯାତ୍ରୀ ପୁରୁଷ, ସ୍ତ୍ରୀ ଏପରିକି ଛୋଟ ପିଲାମାନଙ୍କୁ ମାଡ ମାରି ଛୁରୀ ଓ ବନ୍ଧୁକ ମୁନରେ ଟଙ୍କା ପଇସା, ସୁନା ଗହଣା ଓ ମୋବାଇଲ ଫୋନ ଲୁଟି ନେଉଥିଲେ। ପୁରୁଷ ଯାତ୍ରୀମାନଙ୍କୁ ଠିଆ କରାଯାଇ ସେମାନଙ୍କ ତଲାସୀ ନିଆଯାଉଥିଲା। ସ୍ତ୍ରୀଲୋକମାନଙ୍କର ବେକ, କାନ ଓ ହାତରୁ ସୁନା ଗହଣା ଓ ଝୁମୁକା ଇତ୍ୟାଦି ନେଲା ପରେ ବି ବିବସ୍ତ୍ର କରି ଅଧିକ ତଲାସୀ ନେଉଥିଲେ। ଡକାୟତ ମାନଙ୍କର ସଂଖ୍ୟା ଓ ଅସ୍ତ୍ରଶସ୍ତ୍ରର ବିପୁଳତା ଦେଖି କେହି ହେଲେ ସାମାନ୍ୟତମ ପ୍ରତିରୋଧ ବା ପ୍ରତିବାଦର ସ୍ୱର ଉଠାଇବାକୁ ସାହସ କରିପାରୁନଥିଲେ। ସ୍ତ୍ରୀ, ପିଲାମାନଙ୍କର କ୍ରନ୍ଦନ ଓ ପୁରୁଷମାନଙ୍କର ଆର୍ତ୍ତ ଚିତ୍କାରରେ ସମସ୍ତ ଟ୍ରେନ୍ ଥରି ଉଠୁଥିଲା। ଡକାୟତମାନେ ଗୋଟିକ ପରେ ଗୋଟିଏ ବର୍ଥରେ ଥିବା ଯାତ୍ରୀମାନଙ୍କୁ ଲୁଟପାଟ କରି କରି ବିଷ୍ଣୁଙ୍କର ବର୍ଥ ନିକଟରେ ପହଞ୍ଚି ସାରିଥିଲେ। ବିଷ୍ଣୁଙ୍କର ସଂଲଗ୍ନ ତଳ ଓ ଉପର ବର୍ଥର ସମସ୍ତ ଯାତ୍ରୀ ଭୟଭୀତ ହୋଇ ଟଙ୍କା, ସୁନା ଓ ମୋବାଇଲ ଫୋନ ସବୁ ଡକାୟତ ମାନଙ୍କୁ ସମର୍ପଣ କରିଦେଲେ।

ବିଷ୍ଣୁଶ୍ରେଷ୍ଠ ମଧ୍ୟ ତାଙ୍କଠାରେ ଥିବା ପର୍ସ, ହାତଘଡି ଓ ମୋବାଇଲ ଫୋନ ବାହାର କରୁ କରୁ ଡକାୟତମାନେ ସେସବୁ ତାଙ୍କ ହାତରୁ ଝାମ୍ପି ନେଇଥିଲେ। ଏଇଠି ଡକାୟତମାନେ ଗୋଟିଏ ମସ୍ତବଡ ଭୁଲ କରିଥିଲେ। ବିଷ୍ଣୁଙ୍କଠାରୁ ସମସ୍ତ ପଦାର୍ଥ ଲୁଟି ନେଇଥିଲେ କିନ୍ତୁ ସେ ଶୋଇଥିବା ଶେଜ ଉପରେ ପଡିଥିବା ନେପାଳୀ ଖୁକ୍ରୀ (ଭୁଜାଲି)ଟିକୁ ନେଇନଥିଲେ। ଚମଡା ଖୋଳ ମଧ୍ୟରେ ଥିବା ଗୁର୍ଖାମାନଙ୍କର ସାମରିକ ପୋଷାକର ଅଭିନ୍ନ ଅଙ୍ଗ ଖୁକ୍ରୀ (ଭୁଜାଲି)ଟି ସତେ ଯେପରି ନିଜର ମାଲିକଙ୍କର ନିର୍ଦ୍ଦେଶ ପାଳନ କରିବା ପାଇଁ ଅପେକ୍ଷାରତ ଥିଲା।

ଡକାୟତମାନେ ଲୁଟ ଜିନିଷକୁ ଧରି ପରବର୍ତ୍ତୀ ବର୍ଥ ପାଖକୁ ଗଲାବେଳେ ତାଙ୍କ ଭିତରେ ସବୁଠାରୁ ଦୁର୍ଦ୍ଦାନ୍ତ ଦେଖାଯାଉଥିବା ଲୋକଟିର ନଜର ଝରକା ପାଖ ସିଟ୍‌ରେ ବସି ଭୟରେ ଥରୁଥିବା ଗୋଟିଏ ପନ୍ଦର, ଷୋହଳ ବର୍ଷର ଝିଅ ଉପରେ ପଡିଥିଲା। ସେ ପିସ୍ତଲ ଧରି କିଛି ସମୟ ସେ ଝିଅକୁ ଚାହିଁବା ପରେ ହଠାତ୍ ତାର ହାତକୁ ଧରି ସାଙ୍ଗରେ ନେବା ପାଇଁ ଚେଷ୍ଟା କଲା। ପୂର୍ବରୁ ଯଥେଷ୍ଟ ଆତଙ୍କିତ ହୋଇ ପଡିଥିବା ଝିଅଟି ଦୁର୍ଦ୍ଦାନ୍ତ ଡକାୟତମାନଙ୍କୁ ଦେଖି କେବଳ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା। ଡକାୟତର ଟଣାଟଣିର ପ୍ରତିରୋଧ କରିବା ସମୟରେ ସଂଘର୍ଷରେ ସେ ଡବାର ଚଟାଣରେ ପଡିଯାଇଥିଲା। ଏଥର ଡକାୟତଟି ତାର ଚୁଟି ଧରି ଟାଣିବାକୁ ଉଦ୍ୟମ କଲାବେଳେ ଝିଅଟି ଡବାରେ ଥିବା ସମସ୍ତଙ୍କୁ ନେହୁରା ହୋଇ ରକ୍ଷା କରିବାକୁ ଅନୁରୋଧ କରୁଥିଲା। ଉକ୍ତ ନର ରାକ୍ଷସ ମାନେ ତାକୁ ବଳପୂର୍ବକ ନେଇ କଣ ପରିପାରନ୍ତି ଏ ବିଷୟରେ ସେ ସ୍ପଷ୍ଟ ଅନୁମାନ କରିପାରୁଥିଲା। ତାର ବୃଦ୍ଧ ପିତାମାତା ମଧ୍ୟ ହାତଯୋଡି ଡକାୟତମାନଙ୍କୁ ତାଙ୍କର ଝିଅକୁ ଛାଡିଦେବାକୁ ଅନୁରୋଧ କରୁଥିଲେ। "ଆମଠାରୁ ଟଙ୍କା, ପଇସା, ଘଡି, ଚେନ ସବୁ ନେଲ, ଆମ ଝିଅକୁ ଦୟାକରି ଛାଡିଦିଅ। ଆମେ ତମର ଗୋଡତଳେ ପଡୁଛୁ।" ସେ ଝିଅଟି ଯାହାର ନାଁ ଶ୍ରେୟା, ଡବାର ଚଟାଣ ଉପରେ ପଡି ଗଡୁଥିବା ବେଳେ, ତାର ଆଖି ବିଷ୍ଣୁଙ୍କର ଉପରେ ପଡିଗଲା। ସେ ବିକଳ ହୋଇ ତାଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। "ତମେ ମୋର ଭାଇ, ମତେ ଦୟା କରି ରକ୍ଷା କର। ଏମାନେ ଏଠାରୁ ମତେ ଉଠାଇ ନେଲେ ମୁଁ ମରିଯିବି। ମତେ ତମର ନିଜର ସାନ ଭଉଣୀ ଭାବି ଏ ରାକ୍ଷସଙ୍କ କବଳରୁ ମତେ ବଞ୍ଚାଅ ଭାଇ।" ଭାରତୀୟ ସେନାର ଅନୁଶାସନରେ ପ୍ରଶିକ୍ଷିତ ଓ ପ୍ରତିପାଳିତ ବିଷ୍ଣୁଙ୍କର ସମଗ୍ର ଶରୀରରେ ରକ୍ତ ପ୍ରବାହ କ୍ରମେ ଦ୍ରୁତ ହୋଇ ଆସୁଥିଲା। ତାଙ୍କର ମନ ଭିତରେ ଗୁର୍ଖା ରେଜିମେଣ୍ଟର ସଂଗ୍ରାମର ପୂର୍ବ ଚିତ୍କାର, 'ଆୟୋ ଗୋରଖାଲି, ଜୟ ମହାକାଳୀ' ବାରମ୍ବାର ସ୍ପନ୍ଦିତ ହେବାକୁ ଲାଗିଲା। ମହାଭାରତରେ ଦ୍ରୌପଦୀଙ୍କର ମାନ

> **ଡକାୟତଟି ତାର ଚୁଟି ଧରି ଟାଣିବାକୁ ଉଦ୍ୟମ କଲାବେଳେ ଝିଅଟି ଡବାରେ ଥିବା ସମସ୍ତଙ୍କୁ ନେହୁରା ହୋଇ ରକ୍ଷା କରିବାକୁ ଅନୁରୋଧ କରୁଥିଲା।**

ରକ୍ଷା ପାଇଁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଅନ୍ତରାଳରେ ରହି କୋଟିବସ୍ତ୍ର ଦାନ କରିଥିଲେ। ହେଲେ ବର୍ତ୍ତମାନ ପରିସ୍ଥିତିରେ ବିଷ୍ଣୁଙ୍କ ପାଇଁ ସେ ଅସହାୟ ଝିଅଟିକୁ ରକ୍ଷା କରିବା ପାଇଁ ସେତେ ସମୟ ବା ସୁଯୋଗ ନ ଥିଲା। ଡକାୟତମାନେ ସେ ଝିଅଟିକୁ ଟ୍ରେନ ଡବାର କବାଟ ପର୍ଯ୍ୟନ୍ତ ଟାଣି ନେଇଯାଉଥିଲେ। ବିଷ୍ଣୁଙ୍କର ଡାହାଣ ହାତ ଯାଇ ଚମଡା ଖୋଳରେ ସୁରକ୍ଷିତ ଥିବା ଖୁକ୍ରୀର ଲୁହାବେଣ୍ଟ ଉପରେ ଦୃଢ଼ ଭାବରେ ରହିଗଲା। ଗୋଟିଏ ଝଟକାରେ ଖୁକ୍ରୀଟିକୁ ଖୋଳ ମଧ୍ୟରୁ ବାହାର କରି ବିଷ୍ଣୁ ତାଙ୍କ ବର୍ଥ ଉପରୁ ସିଧା ସଳକୁ ଡେଇଁ ପଡିଥିଲେ।

ଯା'ପରେ ଯେଉଁ ଘଟଣା ହେଲା, ବିଷ୍ଣୁଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଚିତ୍ତରଞ୍ଜନ ତଥା ପଶ୍ଚିମବଙ୍ଗର ରେଲୱେ ପୁଲିସର ଅପରାଧର ଇତିହାସରେ ଏପରି ଘଟଣା ଆଗରୁ କେବେ ଘଟିନଥିଲା। ସେ ଲମ୍ଫ ପ୍ରଦାନ କରି ଟ୍ରେନ ଡବାର ଚଟାଣ ଉପରେ ଠିଆ ହେବା ସଙ୍ଗେ ସଙ୍ଗେ ତାଙ୍କର ଖୁକ୍ରୀ ଶ୍ରେୟାର କେଶକୁ ଆକର୍ଷଣ କରି ଧରିଥିବା ଡକାୟତର କହୁଣୀ ଉପରେ ପ୍ରଚଣ୍ଡ ଆଘାତ କରିଥିଲା। ହାତଟି କହୁଣୀ ପାଖରୁ କଟି ଦୁଇଖଣ୍ଡ ହୋଇଯାଇଥିଲା। ବିଷ୍ଣୁ ଆହତ ଡକାୟତର ପିସ୍ତଲ ଧରିଥିବା ହାତକୁ ମୋଡି ତାର ବେକ ପାଖରେ ରଖି ନିଜ ସାମନାରେ ଢ଼ାଲ ସଦୃଶ ଠିଆ କରାଇଥିଲେ। ଆହତ ଡକାୟତକୁ ସାହାଯ୍ୟ କରିବାକୁ ଅନ୍ୟ ଡକାୟତ ମାନେ ମାଡି ଆସିବା ସମୟରେ ପ୍ରତି ଆକ୍ରମଣ ପାଇଁ ତାଙ୍କର ଖୁକ୍ରୀ ବିଜୁଳି ବେଗରେ ଘୁରିବାକୁ ଲାଗିଲା। ଜଣେ ଦୁଇଜଣ, ତିନିଜଣ ସଶସ୍ତ୍ର ଡକାୟତ ଖୁକ୍ରୀର ପ୍ରଚଣ୍ଡ ଆଘାତରେ ତଳେ ପଡି ସେହିଠାରେ ପ୍ରାଣ ହରାଇଥିଲେ। ସେମାନଙ୍କ ପଛକୁ ପଛ ସାହାଯ୍ୟ ଦେବା ପାଇଁ ଦୌଡି ଆସୁଥିବା ଆଠ ଜଣ ଡତାୟତ ବିଷ୍ଣୁଙ୍କର ଅସ୍ତ୍ରଘାତରେ ଗୁରୁତର ଆହତ ହୋଇ ତଳେ ପଡି ଛଟ ପଟ ହେବାକୁ ଲାଗିଲେ। ବିଷ୍ଣୁଙ୍କର ରୁଦ୍ର ମୂର୍ତ୍ତି ଦେଖି ଯାତ୍ରୀମାନେ ସ୍ତବ୍ଧ, ଚକିତ ହୋଇଯାଇଥିଲେ। ଅଳ୍ପ ସମୟ ଆଗରୁ ଟ୍ରେନ୍ ଯାତ୍ରୀମାନଙ୍କର କରୁଣ ଚିତ୍କାରରେ ଫାଟି ପଡୁଥିବା ଟ୍ରେଡ ଡବା ବର୍ତ୍ତମାନ ଆହତ ଡକାୟତମାନଙ୍କର ଆର୍ତ୍ତଚିତ୍କାର ଓ ମୃତ ଡକାୟତମାନଙ୍କର ଜୀବନାନ୍ତ କାଳୀନ ଆର୍ତ୍ତନାଦରେ ପରିପୂର୍ଣ୍ଣ ହୋଇଥିଲା। ଆହତ ଓ ମୃତ ଡକାୟତମାନଙ୍କର ରକ୍ତରେ ରେଳଡବାର ବର୍ଥ ମଝିରେ ଥିବା ଅଣ ଓସାରିଆ ରାସ୍ତା ପିଚ୍ଛିଳ ହୋଇଯାଇଥିଲା। ସେଥିରେ ଭାରସାମ୍ୟ ହରାଇ ବିଷ୍ଣୁ ତଳେ ପଡିଯାଇଥିଲେ ଓ ଅନ୍ୟ ଡକାୟତମାନଙ୍କର ପ୍ରତି ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ମୌର୍ଯ୍ୟ ଏକ୍ସପ୍ରେସ ସାମାନ୍ୟ ଗତିଶୀଳ ହୋଇ ପୁନର୍ବାର ସ୍ଥିର ହୋଇଯାଇଥିଲା। ରେଲୱେ ପୋଲିସ ଓ ରେଲୱେ ସୁରକ୍ଷାବଳର ଏକ ବିରାଟ ଦଳ ଟ୍ରେନ ଭିତରେ ପହଞ୍ଚି ସାରିଥିଲେ। ସେମାନେ ଆହତ ଓ ଭୟାତୁର ରେଳଯାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ଓ ଆଶ୍ୱାସନା ଦେବାକୁ ଲାଗିଲେ। ତିନିଜଣ ମୃତ ଡକାୟତଙ୍କୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା ଓ ଆହତ ଆଠଜଣଙ୍କୁ ଗିରଫ କରାଯାଇଥିଲା। ପାଖ ଜଙ୍ଗଲ ମଧ୍ୟରେ ଫେରାର ହୋଇଯାଇଥିବା ଅନ୍ୟାନ୍ୟ ସମସ୍ତ ଡକାୟତମାନଙ୍କୁ ପର୍ଯ୍ୟାୟକ୍ରମେ ଗିରଫ କରାଯାଇ ଥିଲା। ଆହତ ବିଷ୍ଣୁ ପ୍ରାୟ ମାସାଧିକ କାଳ ଚିକିତ୍ସାରେ ରହି ସୁସ୍ଥ ହୋଇ ଫେରିଥିଲେ।



ତଦନ୍ତକାରୀ ଅଫିସର ଡକାୟତିର ଶିକାର ହୋଇଥିବା ସମସ୍ତ ଯାତ୍ରୀ ତଥା ଶ୍ରେୟାର ବୟାନକୁ ଲିପିବଦ୍ଧ କରିଥିଲେ। ସାମାନ୍ୟ ଗୋଟିଏ ଖୁକ୍ରୀ ଧରି ଚାଳିଶଜଣ ସଶସ୍ତ୍ର ଡକାୟତଙ୍କ ସାଙ୍ଗେ ମୁକାବିଲା କରିଥିବା ବିଷ୍ଣୁଙ୍କର ଭୂମିକା ଜାଣି ସେ ସ୍ତମ୍ଭୀଭୂତ ହୋଇଯାଇଥିଲେ। ଶ୍ରେୟାର ପରିବାର ବର୍ଗ ବିଷ୍ଣୁଙ୍କୁ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଏକ ଲକ୍ଷ ଟଙ୍କା ପୁରସ୍କାର ସ୍ୱରୂପ ଯାଚିଥିଲେ। କିନ୍ତୁ ସେ ତାହା ନମ୍ରତାର ସହିତ ପ୍ରତ୍ୟାଖ୍ୟାନ କରିଥିଲେ।

ବିଷ୍ଣୁଙ୍କର ଏହି ଅସାଧାରଣ ବୀରତ୍ୱର ଗାଥା ଜାତୀୟ ତଥା

ଆନ୍ତର୍ଜାତୀୟ ସ୍ତରକୁ ବ୍ୟାପି ଯାଇଥିଲା। ଭାରତୀୟ ସେନା କର୍ତ୍ତୃପକ୍ଷ ତାଙ୍କୁ ଦିଲ୍ଲୀ ମୁଖ୍ୟାଳୟକୁ ନିମନ୍ତ୍ରଣ କରି ବିଶିଷ୍ଟ ସେନା ମେଡାଲ ଓ ଜୀବନରକ୍ଷାକାରୀ ମେଡାଲରେ ସମ୍ମାନିତ କରିଥିଲେ। ଭାରତୀୟ ସେନା ତରଫରୁ ତାଙ୍କୁ ନଗଦ ପଚାଶହଜାର ଟଙ୍କା ଓ ଗୋଟିଏ ରୌପ୍ୟ ଖଚିତ ଖୁକରୀ ଉପହାର ସଦୃଶ ପ୍ରଦାନ କରାଯାଇଥିଲା।

**ସୌଭାଗ୍ୟବଶତଃ ମୁଁ ଏହି ଟ୍ରେନ ଡକାୟତିର ଅନ୍ୟତମ ତଦନ୍ତକାରୀ ଅଫିସର ଶ୍ରୀ ମଣ୍ଡଳଙ୍କ ସମ୍ପର୍କରେ ଆସିଥିଲି।**

ଏହି ଘଟଣାପରେ, ସୌଭାଗ୍ୟବଶତଃ ମୁଁ ଏହି ଟ୍ରେନ ଡକାୟତିର ଅନ୍ୟତମ ତଦନ୍ତକାରୀ ଅଫିସର ଶ୍ରୀ ମଣ୍ଡଳଙ୍କ ସମ୍ପର୍କରେ ଆସିଥିଲି। ସେ ଏହି ଘଟଣା ସମ୍ବନ୍ଧରେ ବିଷ୍ଣୁଙ୍କର ବୟାନକୁ ଲିପିବଦ୍ଧ କରିଥିଲେ। ମୋର ତାଙ୍କ ସହିତ ବାର୍ତ୍ତାଳାପ ସମୟରେ ସେ କହିଲେ, "ମୁଁ ବିଷ୍ଣୁଙ୍କୁ ପଚାରିଥିଲି ଆପଣ ତ ବିନା ବାଧାରେ ନିଜର ସମସ୍ତ ମୂଲ୍ୟବାନ ପଦାର୍ଥ ଡକାୟତମାନଙ୍କୁ ଦେଇଦେଇଥିଲେ। ସେ ଝିଅଟି ଯିଏ କି ଆପଣଙ୍କର ସମ୍ପୂର୍ଣ୍ଣ ଅଜଣା ତାର ସାହାଯ୍ୟ ପାଇଁ ଚିତ୍କାରରେ କେହି ବି ସାହାଯ୍ୟ ପାଇଁ ଆଗେଇ ଆସିଲେ ନାହିଁ। ଅର୍ଥାତ୍ ସେ ଅପରିଚିତ ଝିଅଟି ପାଇଁ ଆପଣ ଏକୁଟିଆ ସାମାନ୍ୟ ଖୁକ୍ରିଟିଏ ଧର ଚାଳିଶଜଣ ସଶସ୍ତ୍ର ଡକାୟତଙ୍କ ସହିତ ଲଢ଼ି ଚାଲିଲେ। ଏଥିରେ ନିଜ ଜୀବନ ଚାଲିଯିବାର ଅନେକ ସମ୍ଭାବନା ଥିଲା।" ଉତ୍ତରରେ ବିଷ୍ଣୁ କହିଥିଲେ "ଆପଣ ଠିକ କହୁଛନ୍ତି, କିନ୍ତୁ ଆମମାନଙ୍କଠାରୁ ସମସ୍ତ ମୂଲ୍ୟବାନ ପଦାର୍ଥ ଲୁଟି ସାରିବା ପରେ ସେ ଅସହାୟ ଝିଅଟିକୁ ଟାଣି ସାଙ୍ଗରେ ନେବା ପାଇଁ ସେମାନଙ୍କ ଉଦ୍ୟମ ଅନ୍ୟାୟ ଓ ଅତ୍ୟାଚାରର ସମସ୍ତ ସୀମାରେଖା ଅତିକ୍ରମ କରିସାରିଥିଲା। ବରଂ ଏହି ସଂଘର୍ଷରେ ମୋର ଜୀବନ ଚାଲିଯାଇଥାନ୍ତା କିନ୍ତୁ ସେ ଝିଅଟି ସମସ୍ତ ଯାତ୍ରୀ ତଥା ମତେ ଯେପରି କରୁଣ ସ୍ୱରରେ ସାହାଯ୍ୟ ଭିକ୍ଷା କରୁଥିଲା, ମୁଁ ତାକୁ ସାହାଯ୍ୟ ପାଇଁ ନ ବାହାରିଥିଲେ ସାରାଜୀବନ ନିଜକୁ କେବେ କ୍ଷମା କରିପାରିନଥାନ୍ତି।"

□□

ଲେଖକଙ୍କ ଇ-ମେଲ୍ ଠିକଣା:
santoshpatnaikcb@gmail.com



**ଶିଶୁ ଗଳ୍ପ**

# ସୁନା ହେବନି ହୀରା ହେବନି



ରବୀନ୍ଦ୍ରନାଥ ମାଝୀ

ବୁଲୁ ଟୁଲୁ ଦି ସାଙ୍ଗ। ଗୋଟିଏ ସ୍କୁଲରେ ଗୋଟିଏ ଶ୍ରେଣୀରେ ପଢ଼ନ୍ତି। ସ୍କୁଲ ଯାଆନ୍ତି ସାଇକେଲରେ। ସ୍କୁଲରେ ପ୍ରାର୍ଥନା ହେବା ଆଗରୁ ଦୁହେଁ ପହଞ୍ଚି ଯାଆନ୍ତି। ସବୁଦିନ ପରି ଦୟାମୟ ବିଶ୍ୱବିହାରୀଙ୍କୁ ମାଗନ୍ତି :

ତୁମେ ଶୁଭ ବୁଦ୍ଧି ପରା ଶିଖାଅ
ତୁମେ ଭଲବାଟ ପରା ଦେଖାଅ।

ଟୁଲୁ ଏକେଲା ଥିବା ବେଳେ ବୁଲୁକୁ ପଚାରେ ଶୁଭବୁଦ୍ଧି କ'ଣ? ବୁଲୁ ଉତ୍ତର ଦିଏ, "ଏତିକି ଜାଣି ନାହଁ? ଭଲ ବୁଦ୍ଧି ତ ଶୁଭ ବୁଦ୍ଧି।"

ବୁଲୁକୁ ଆଉ ପ୍ରଶ୍ନ ନ ପଚାରି ମନକୁ ମନ ଭାବେ, "ବୁଦ୍ଧି ତ ଶିଖାଏ। ଯାହା ଶିଖାଏ ସିଏ କ'ଣ ଭଲ ନୁହେଁ। କେହି କ'ଣ ଖରାପ ବୁଦ୍ଧି ଶିଖେ?"

ବୁଲୁ ବୁଝିଯାଇଥାଏ ଭଲବାଟଟି କ'ଣ। ଯେଉଁ ବାଟରେ ଖାଲ ଢ଼ିପ ନାହିଁ, କଣ୍ଟାଝଣ୍ଟା ପଡି ନାହିଁ। ବାଟକଡରେ ଗଛ ଛାଇ ଦିଏ। ବାଟଟି ସ୍କୁଲକୁ ଯାଇଥିବ ନ ହେଲେ ଘରକୁ।



ଟୁଲୁ ଦୁଷ୍ଟାମୀ କ'ଣ ଜାଣି ନ ଥାଏ। ମାଆ ଯାହା ଖାଇବାକୁ ଦିଏ ଖାଏ। ସ୍କୁଲରେ ଆଇସ୍କ୍ରିମ୍ ବାଲାକୁ ଦେଖି ଆଇସ୍କ୍ରିମ୍ ଖାଇବାକୁ ଇଚ୍ଛା ହେଲେ ବି ଚୁପ୍‌ଚାପ୍ ରହିଯାଏ। ବୋଉ ପ୍ରତିଦିନ ତାକୁ ଦୁଇ ଟଙ୍କା ଦେଇଥାନ୍ତି। ସେ ଇଚ୍ଛା କଲେ ଆଇସ୍‌କ୍ରିମ୍ ଖାଇ ପାରନ୍ତା। ମାତ୍ର ପାଠ ବହିରେ ସେ ପଢ଼ିଛି ଯେ ଲୋଭ କରିବ ନାହିଁ। ଲୋଭୀ ମାଙ୍କଡଟି ପାଚିଲା ଆମ୍ବ ପାଇଁ ଏମିତି ଡାଳ ଡେଇଁଲା ଯେ ଆମ୍ବ ବଗିଚାର ମାଲିକ କୁକୁର ଧରି ପହଞ୍ଚିଲା ଓ କୁକୁର ମାଙ୍କଡକୁ କି ହଟହଟା କରିଥିଲା, ସେ କଥା ଟୁଲୁ ସବୁବେଳେ ମନେ ପକାଏ।

ଦିନେ ଖେଳଛୁଟିରେ ଗୋଟିଏ କୁନି ଝିଅଟିଏକୁ ସେ ଦେଖିଲା। ଛିଣ୍ଡା ଶାର୍ଟ ପିନ୍ଧିଥାଏ। ମୁହଁ ଶୁଖିଯାଇଥାଏ। ସତେ ଯେମିତି ସେ କିଛି ଖାଇ ନାହିଁ। ହାତ ପାତି ଟୁଲୁର ସାଙ୍ଗକୁ ଖାଇବାକୁ ମାଗିଲା। ଟୁଲୁର ସାଙ୍ଗ ବିରଞ୍ଚି ତା ଆଗରେ ଦହିବରା କିଣି ଖାଇଲା। ପତର ଠୋଲାରେ ଖଟା ଦହି ତାକୁ ଯାଚିଲା। ଏକଥା ଦେଖି ଟୁଲୁକୁ ଭଲ ଲାଗିଲା ନାହିଁ। ବୋଉ ଦେଇଥିବା ଦି ଟଙ୍କାରୁ ଟଙ୍କାଟିଏ ଦେଇ ତାକୁ ଦହିବରା କିଣି ଖାଇବାକୁ ଦେଲା, ସେ ଯେଉଁ ଖୁସିରେ ଦହିବରା ଖାଇଲା ସେ କଥାକୁ ଘରେ ଆସି ବୋଉକୁ ଯେମିତି କହିଛି, ବୋଉ ତା' ମୁଣ୍ଡ ଆଉଁସି ଦେଇ କହିଲେ, "ମୋ ସୁନା ପୁଅଟିର ଠାକୁରେ ଏମିତି ଭଲ ବୁଦ୍ଧି ଦେଇଥାନ୍ତୁ।"

ସଞ୍ଜବେଳକୁ ଟୁଲୁର ସାନ ଭଉଣୀ ଆସି ଆଲୁଅ ଲଗେଇ ଦେଲା। ବଜାରରୁ ବାପା ଆଣିଥିବା ଗପ ବହି ଆଣି ତା' ଟେବୁଲ ଉପରେ ଥୋଇ ଦେଇ କହିଲା, "ପଢ଼ିବୁ... ମୋତେ ସେ ଗପ କହିବୁ।" ଟୁଲୁ କିନ୍ତୁ ପ୍ରଥମେ ତା' ସ୍କୁଲ ପାଠତକ ସାରିଲା ଓ ତାପରେ ଖଣ୍ଡେ ଗପ ବହି ପଢୁ ପଢୁ ଶୋଇ ପଡିଲା।

ନିଦେଇ ପଡିଥିବା ଟୁଲୁ ସପନରେ ଦେଖିଲା ପରୀଟିଏ ଆସି କହୁଛି "ସୁନା ଭାଇ ମୋର, ମୋ ସାଥେ ଖେଳିବୁନି?"

ତା' ପରଦିନ ସେ ପଚାରିଲା ବୁଲୁକୁ, "ମୋତେ ବୋଉ କାହିଁକି ସୁନା କହିଲା? ସପନରେ ପରୀ ବି ସେଇ କଥାଟି କହିଲା। ସୁନା କ'ଣ ସବୁଠୁ ଭଲ?"

ବୁଲୁ ବୁଝେଇ ଦେଲା, "ସୁନା ସବୁଠୁ ମୂଲ୍ୟବାନ। ସୁନାରେ ହାତମୁଦି ହୁଏ। ବୋଉ ତା ବେକରେ ସୁନାର ହାର ପିନ୍ଧେ।"

ସେଦିନ ଖେଳଛୁଟିରେ ଖେଳୁ ଖେଳୁ ଟୁଲୁ ସୁନା ହାରଟିଏ ପଡିଥିବାର ଦେଖିଲା। ହାରଟି ମୂଲ୍ୟବାନ। ଏକଥା ସେ ଜାଣିଥିଲେ ବି ତାକୁ ନିଜ ବ୍ୟାଗ୍‌ରେ ନ ପୁରେଇ

ପ୍ରଧାନଶିକ୍ଷକଙ୍କ ପାଖକୁ ଯାଇ ଦେଲା। କହିଲା, "ସାର୍ ଏଇ ହାରଟି ପଡିଥିଲା।"

ପ୍ରଧାନଶିକ୍ଷକ ସେ ହାରଟିକୁ ଆଲ୍‌ମାରିରେ ରଖିଦେଲେ। ତା' ପରଦିନ କନକର ବାପା ବୋଉ ସ୍କୁଲକୁ ଆସି ପ୍ରଧାନଶିକ୍ଷକଙ୍କୁ କହିଲେ ତାଙ୍କ ଝିଅଟିର ସୁନାହାର ଖେଳୁ ଖେଳୁ କେଉଁଠି ପଡିଯାଇଛି। ପ୍ରଧାନଶିକ୍ଷକ ଆଲମିରା ଖୋଲି କହିଲେ, "ଦେଖିଲେ ଏଇଟି ନୁହେଁ ତ ?"

କନକ ପାଟି କରି କହିଲା, ସାର୍, ଏଇଟା ମୋର ହାର। ପ୍ରଧାନ ଶିକ୍ଷକ କନକ ବାପାମାଆଙ୍କୁ ସୁନାହାରଟିକୁ ଦେଇ କହିଲେ "ସୁନା ହାର ପିନ୍ଧେଇ କନକକୁ ଆଉ ସ୍କୁଲ ପଠାଇବେ ନାହିଁ।" କନକ ତା ପର ଦିନଠୁ ସୁନାହାର ପିନ୍ଧି ଆଉ ସ୍କୁଲକୁ ଆସିଲା ନାହିଁ। ପରଦିନ ପ୍ରାର୍ଥନା ସଭାରେ ପ୍ରଧାନଶିକ୍ଷକ ଟୁଲୁର ଭଲଗୁଣ ଉପରେ କହିଲେ, ଟୁଲୁ ଯାହା କଲା ତା ତ ସୁନା ପିଲାଟିର କାମ। ମୁଁ କିନ୍ତୁ, କହିବାକୁ ଚାହେଁ ସେ ଆମ ସ୍କୁଲର ହୀରାଖଣ୍ଡେ।"

ସେବର୍ଷ ସେମାନଙ୍କ ଶ୍ରେଣୀରେ ବୁଲୁ ପ୍ରଥମ ଓ ଟୁଲୁ ଦ୍ୱିତୀୟ ହେଲେ। ଦି ସାଙ୍ଗ କଥା ହେଲେ। ଟୁଲୁ କହିଲା, ମୋତେ ହେଡସାର କହିଥିଲେ ହୀରାଖଣ୍ଡ। ହୀରା ଯଦି ସୁନାଠୁ ମୂଲ୍ୟବାନ, ମୁଁ ଦ୍ୱିତୀୟ ହୋଇ ସୁନା ହୀରାଠୁ ବଡ ବୋଲି ପ୍ରମାଣିତ ହେଲା।

ଦୁଇ ସାଙ୍ଗଙ୍କ କଥା ଶ୍ରେଣୀ ଶିକ୍ଷକ ପଛରୁ ଶୁଣି ପାରିଲେ। ସେ କ୍ଲାସ୍‌ରେ କହିଲେ ହୀରା କୁହ ସୁନା କୁହ ଦୁଇଟି ଯାକ ପଦାର୍ଥ ମୂଲ୍ୟବାନ। ବଜାରରେ ସିନା ସେମାନଙ୍କ ମୂଲ୍ୟ ଜଣାପଡେ। ହେଲେ ପ୍ରତ୍ୟେକ ପିଲା ଭିତରେ ସୁନା ଠାରୁ ଅଧିକ, ହୀରାଠାରୁ ବେଶି ମୂଲ୍ୟବାନ ଚରିତ୍ର ଲୁଚି ରହିଛି। ସେ ଗୁଣ ଜଣାପଡେ ଆଚରଣରେ।

ସବୁପିଲା ଶ୍ରେଣୀ ଶିକ୍ଷକଙ୍କ କଥା ଶୁଣିଲେ ସିନା ସେଦିନ ସ୍କୁଲ ଛୁଟି ହେବା ପୂର୍ବରୁ ବିରଞ୍ଚି କାନ୍ଦିବାର ସମସ୍ତେ ଦେଖିଲେ। ତା ସାହିତ୍ୟ ବହିଟିକୁ କିଏ ନେଇ ଯାଇଛି। ଘରେ ଗାଳି ତ ଖାଇବ। ସ୍କୁଲ ପାଠ କିପରି ପ୍ରସ୍ତୁତ ହେବ। ସ୍କୁଲ ପଶି ବାହାରିବାରୁ ସବୁ ପିଲା ଘରମୁହାଁ ଚାଲିଲେ। ବିରଞ୍ଚି ମନଦୁଃଖରେ ଯାଉଥିବା ବେଳେ ବୁଲୁ ତା' ପାଖକୁ ଯାଇ କହିଲା, କାନ୍ଦୁଛୁ କାହିଁକି ? ମୋ ପାଠ କରିସାରି ତୋତେ ବହି ଦେଇ ଆସିବି।

ପରଦିନ ସ୍କୁଲରେ ଶ୍ରେଣୀ ଶିକ୍ଷକ ଜଣ ଜଣ କରି ସମସ୍ତଙ୍କୁ ପଚାରିଲେ କେହି ସାହିତ୍ୟ ବହି ନେଇଥିବା ମାନିଲେ ନାହିଁ।

ବନମାଳୀର ବାପା ଚାରିଦିନ ପରେ ସ୍କୁଲକୁ ଆସି ପ୍ରଧାନଶିକ୍ଷକଙ୍କୁ ଖଣ୍ଡେ ସାହିତ୍ୟ ବହି ଦେଇ କହିଲେ ମୋ ପୁଅ ବ୍ୟାଗରେ ଦୁଇଖଣ୍ଡ ବହି ଥିଲା। ସେ କାହାର ଆଣିଛି ବୋଲି ମାନିଲା ନାହିଁ। ତେଣୁ ବହି ଖଣ୍ଡିକ ଫେରାଇ ଦେବାକୁ ଆସିଲି।

ଶ୍ରେଣୀ ଶିକ୍ଷକ ସାହିତ୍ୟ ବହିଟିକୁ ଶ୍ରେଣୀକୁ ନେଇ ବିରଞ୍ଚିକୁ ଦେଲେ, ବିରଞ୍ଚି ପାଖରେ ବନମାଳୀ ବସୁଥିଲା। ବନମାଳୀକୁ ଯେତେ ପଚାରିଲେ ବି କିଛି ନ କହି ଚୁପ୍ ରହିଲା। ମିଛରେ କହିଲା ମୋ ବ୍ୟାଗ୍‌ରେ କନକ ଏ ବହିକୁ ପୁରେଇ ଦେଇଛି।

ମିଛ ଲୁଚି ରହେ ନାହିଁ। କଟୁ-କପଟ ଯାହାର ସ୍ୱଭାବ, ତାକୁ ସହଜେ କେହି ସିନା ପାରନ୍ତି ନାହିଁ। ଶେଷକୁ କିନ୍ତୁ ସବୁ ଜଣାପଡେ। ବନମାଳୀର କଥା ତେଣୁ ସମସ୍ତେ ଜାଣିଲେ।

**ମିଛ ଲୁଚି ରହେ ନାହିଁ। କଟୁ-କପଟ ଯାହାର ସ୍ୱଭାବ, ତାକୁ ସହଜେ କେହି ସିନା ପାରନ୍ତି ନାହିଁ। ଶେଷକୁ କିନ୍ତୁ ସବୁ ଜଣାପଡେ।**

ସେଦିନ ବୁଲୁକୁ ଟୁଲୁ କହିଲା "ବହିକୁ ବନମାଳୀ ସିନା ଚୋରି କଲା, ସୁନା କି ହୀରାକୁ ବି ଚୋର ଚୋରିକରି ନିଅନ୍ତି। ମୂଲ୍ୟବାନ ବୋଲିତ ?"

ଟୁଲୁ କହିଲା, ଚୋରି ହୋଇ ଯାଉଥିବା ପଦାର୍ଥ ମୂଲ୍ୟବାନ ତ ନୁହେଁ, କିନ୍ତୁ ଚରିତ୍ର ହେଉଛି ଅସଲ ଚିଜ। ତେବେ ମୂଲ୍ୟବାନ ଚରିତ୍ରର କଥା ନ କହି ବାପା ମାଆ, ଶିକ୍ଷକ ଶିକ୍ଷୟିତ୍ରୀ ଆମକୁ କାହିଁକି ସୁନା ବୋଲି କି ହୀରା ବୋଲି କହନ୍ତି ?


ବୁଲୁ କହିଲା ନା, "ମୁଁ ଆଉ ସୁନା ହେବିନି।"

ଟୁଲୁ କହିଲା ହଁ, ମୁଁ ବି ହୀରା ହେବିନି। ପଦାର୍ଥ ଯେତେ ମୂଲ୍ୟବାନ ହେଲେ ବି ଗୁଣ, ଚରିତ୍ର ଓ ଆଚରଣ ସବୁଠୁ ମୂଲ୍ୟବାନ ! ଦୁହେଁ ସେଦିନ ବୁଝିଗଲେ ଭଲବାଟ ଓ ଶୁଭବୁଦ୍ଧି କ'ଣ ? ଭଲ ପଢ଼ିଲେ, ଭଲ ମଣିଷ ହେଲେ, ସୁନା ଜକଜକ ହୀରା ଜକଜକ ସବୁ ମୂଲ୍ୟହୀନ।

□□

ଲେଖକଙ୍କ ଇ-ମେଲ ଠିକଣା:
rabindranathmajhee@gmail.com

**ପୁସ୍ତକ ସମୀକ୍ଷା**




# ଯାହା କଲି - ଯାହା ପାଇଲି

**ଲେଖକ: ଡ଼. ଗଗନ ବିହାରୀ ପାଣିଗ୍ରାହୀ**
**ପ୍ରକାଶକ: ବ୍ଲାକ୍ ଈଗଲ ବୁକ୍ସ, ଡ଼ବଲିନ୍, ୟୁ.ଏସ୍.ଏ**
**ପୃଷ୍ଠା: ୩୮୦ ମୂଲ୍ୟ: ଟ.୪୫୦/-**

ପୁସ୍ତକଟିର ପ୍ରଚ୍ଛଦପଟରେ ଏହି ଆତ୍ମଚରିତଟିର ପରିଚୟ ଦିଆଯାଇଛି ଏକ 'ବାସ୍ତବଧର୍ମୀ ଜୀବନାବୃତ୍ତ' ଭାବରେ। ପୃଷ୍ଠା ପରେ ପୃଷ୍ଠା ଓଲଟାଇ ପାଠକଟିଏ ଯେତେବେଳେ ଲେଖକଙ୍କର ପ୍ରତିବେଦନ ସହ ମୁହାଁମୁହିଁ ହୁଏ ସେତେବେଳେ ତା'କୁ ଏଥି ସହିତ ଏକମତ ହେବାକୁ ହୁଏ।

ଡ଼. ଗଗନ ବିହାରୀ ପାଣିଗ୍ରାହୀ କାନାଡ଼ା ଦେଶରେ ଅବସ୍ଥାନ କରୁଥିବା ଜଣେ ବରିଷ୍ଠ ବୈଜ୍ଞାନିକ ତଥା ଓଡ଼ିଆ କାବ୍ୟକବିତାର ଜଣେ ପ୍ରବୀଣ ସ୍ରଷ୍ଟା ମଧ୍ୟ। ସୁଦୂର ବିଦେଶରେ ରହୁଥିଲେ ହେଁ ଓଡ଼ିଶାର ମାଟି, ପାଣି ଓ ପବନ ସହ ସେ ନିଜକୁ ଅତି ନିବିଡ଼ ଭାବରେ ବାନ୍ଧିରଖିଛନ୍ତି। ଏ ଦୃଷ୍ଟିରୁ ତାଙ୍କ ମାନସ ସମ୍ଭୂତ ଆତ୍ମଜୀବନୀଟି ଏକାନ୍ତ ମନୋଜ୍ଞ ଏବଂ ଜୀବନ୍ତ ହେବା ସ୍ୱାଭାବିକ।

ସଂପୂର୍ଣ୍ଣ ପୁସ୍ତକଟିକୁ ଲେଖକ ନିଜର ଶୈଶବରୁ ଛାତ୍ର ଜୀବନ ଏବଂ ତାହାପରେ ବୈବାହିକରୁ ବୃତ୍ତିଗତ ଜୀବନ, ଏଭଳି ଦୁଇ ଭାଗରେ ବିଭକ୍ତ କରିଛନ୍ତି। ମୁଗ୍ଧ ପାଠକଟିଏ ଏଥିରେ ଏକ ବାସ୍ତବ ଜୀବନର ଉପନ୍ୟାସ ପ୍ରତିମ ଅନୁଭବ ପ୍ରାପ୍ତ କରିପାରେ। କିନ୍ତୁ ଉପନ୍ୟାସ ଭଳି ଏହା ଆରୋହଣ, କ୍ଲାଇମାକ୍ସ ଏବଂ ଅବତରଣ ପର୍ଯ୍ୟାୟ ମଧ୍ୟ ଦେଇ ଗତି କରିନାହିଁ। ବରଂ ଏଥିରେ ଜୀବନ-ପ୍ରକରଣର ଉପସ୍ଥାପନ ଏକ ସରଳ ରୈଖିକ ଭାବରେ ଗତି କରିଛି।

ଜୀବନର ବଡ଼ ଓ ସାନ ନିର୍ବିଶେଷରେ ସମସ୍ତ ଘଟଣାକ୍ରମକୁ ରୂପାୟିତ କରିବାରେ ଲେଖକଙ୍କ ଏକ ଅନ୍ତରଙ୍ଗ ଓ ନିଃସଙ୍କୋଚ ଅନ୍ତଃସ୍ୱର ଏଥିରେ ସ୍ୱତଃ ଦୃଷ୍ଟିରେ ପଡିଯାଏ। ଆବେଗମାନଙ୍କୁ ଶବ୍ଦର ଛାଂଚରେ ଢାଳିବାବେଳେ ସେଥିରେ କୃତ୍ରିମତା ଯେମିତି ଅନୁପ୍ରବେଶ ନ କରିଯାଏ ଏଥିପ୍ରତି ଲେଖକ ବେଶ୍ ସତର୍କ ଥିବା ପରିଲକ୍ଷିତ ହୁଏ। ଉଦାହରଣ ସ୍ୱରୂପ 'ସବିତା କାନାଡା ଯିବା ଆସ' ଶୀର୍ଷକ ଅଧ୍ୟାୟଟିରୁ କିଛି ଧାଡ଼ି ନିଆଯାଇପାରେ :

"ମାଆକୁ ଭିସା ମିଳିଯିବାର ଖୁସି ଖବର ଜଣେଇବାକୁ ଯାଇ କହିଲି, 'ହେଇ ଦେଖ୍ ତୋ ନୂଆ ବୋହୂର ଭିସା ବି ମିଳିଗଲା, ତୁ ଚାହୁଁଥିଲୁ ନା, ସେ ମୋ ସହିତ ଯାଉ ବୋଲି, ସବୁ କାମ ହୋଇଗଲା, ଏବେ ସେ ଯାଇ ପାରିବେ, ବୁଝିଲୁ, ତୋର ଆଉ କିଛି ଚିନ୍ତା କରିବା ଦରକାର ନାହିଁ।' ମୋ କଥା ଶୁଣି ସେ କେବଳ 'ହଉ' କହିଲା। ମୁଁ ତା ମୁହଁକୁ ଚାହିଁଲା ବେଳକୁ ତା' ଦୁଇ ଆଖିରେ ଲୁହ। ବୁଝି ନପାରି ତା' ପାଖକୁ ଦୌଡ଼ିଯାଇ କହିଲି, 'ତୁ ପରା କହୁଥିଲୁ ମୋ ସାଙ୍ଗରେ ସେ କାନାଡ଼ା ଯାଉ ବୋଲି, ଏବେ ପୁଣି କାନ୍ଦୁଛୁ କାହିଁକି ?' ଆଖିରୁ ଲୁହ ପୋଛୁ ପୋଛୁ ସେ କହିଲା, 'ହଉରେ ବାପା, ନିଜର ପିଲାପିଲି ହେଲେ ବୁଝିବୁ ...।" (ପୃ ୨୪୨)

ଲେଖକଟିଏ ପାଇଁ ଅନ୍ୟ କାହାଙ୍କର ଜୀବନୀଟିଏ ଲେଖିବା ସେତେ ସଙ୍କଟପ୍ରଦ ନୁହେଁ, ଯେତିକି ସେ ସାମନା କରିଥାଏ ସ୍ୱୟଂ ନିଜର ଜୀବନୀଟିକୁ କଲମରେ ରୂପ ଦେବାବେଳେ। କାରଣ ଏଥିରେ ତା'କୁ ସାମନାରେ ଥିବା ନିଜ ଜୀବନ ସହିତ ସଂଶ୍ଳିଷ୍ଟ ଜୀବନ୍ତ ମଣିଷ ଓ ବାସ୍ତବ ସ୍ଥିତିମାନଙ୍କର ଏକ ସତ୍ୟନିଷ୍ଠ ଚିତ୍ରଣ କରିବାର ଆହ୍ୱାନକୁ ମୁକାବିଲା କରିବାକୁ ପଡେ। ଏହାକୁ ଲେଖକ ପାଇଁ ଏକ ଖଣ୍ଡାଧାରରେ ଚାଲିବାର ଅନୁଭୂତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଆଲୋଚିତ ପୁସ୍ତକଟିରେ ଲେଖକ କୌଣସି ନାଟକୀୟ ମୋଡ଼ ବା ଘଟଣାଗତ ଚମତ୍କାରିତାର ଆଶ୍ରୟ ନ ନେଇ ରଚନାଟିକୁ ଏକ ସ୍ୱଚ୍ଛ, ସରଳ ଓ ପ୍ରାକୃତିକ ରୂପ ଦେବାରେ ସଫଳ ହୋଇଛନ୍ତି। ଏ ଦୃଷ୍ଟିରୁ ଏହାକୁ ଓଡ଼ିଆ ଆତ୍ମଜୀବନୀ ସାହିତ୍ୟରେ ଏକ ଉଲ୍ଲେଖନୀୟ ଯୋଗଦାନ ବୋଲି ନିଃସନ୍ଦେହରେ କୁହାଯାଇପାରେ।

*ନିହାର ଶତପଥୀ*

# ସାହିତ୍ୟ ସମାଚାର

## ଅନୁଷ୍ଠିତ ହେଲା ଷଷ୍ଠ ଓଡ଼ିଶା କଳା ଓ ସାହିତ୍ୟ ଉତ୍ସବ




ଭୁବନେଶ୍ୱରଠାରେ ମାର୍ଚ୍ଚ ୧୬ ତାରିଖ ଦିନ ତିନି ଦିନ ବ୍ୟାପୀ ଷଷ୍ଠ ଓଡିଶା କଳା ଓ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଓଡିଶୀ ଗବେଷଣା କେନ୍ଦ୍ରର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଲେଖକ ଓ କଳାକାର ଯୋଗ ଦେଇଥିଲେ।

ପ୍ରଥମ ଦିବସରେ ଉତ୍ସବଟିର ଉଦ୍ଘାଟନ ଅବସରରେ ଅତିଥି ଭାବରେ ଉପସ୍ଥିତ ଥିଲେ ବିଶିଷ୍ଟ ବଂଗୀୟ ତଥା ଇଂରାଜୀ ଲେଖକ କୁନାଲ ବସୁ, ପ୍ରବୀଣ ଗାଳ୍ପିକା ଯଶୋଧାରା ମିଶ୍ର, ବିଶିଷ୍ଟ କବି ତଥା ଓଡିଶା ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ, ସ୍ୱନାମଧନ୍ୟ ଲେଖକ ସତ୍ୟ ମହାନ୍ତି ଏବଂ କାର୍ଯ୍ୟକ୍ରମଟିର ଉଦ୍ୟୋକ୍ତା ତଥା ବିଶିଷ୍ଟ ପ୍ରକାଶକ ମନୁ ଦାଶ। ଏହି ଉପଲକ୍ଷେ ସମ୍ବର୍ଦ୍ଧିତ ହୋଇଥିବା ପ୍ରମୁଖ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ଥିଲେ ଅଚ୍ୟୁତାନନ୍ଦ ପତି, ଅରୁଣ କୁମାର ରଥ ଏବଂ ଲୋକନାଥ ବେହେରା। ସମ୍ବର୍ଦ୍ଧିତ ହେବାପରେ ବର୍ଷୀୟାନ ଲେଖକ ଅଚ୍ୟୁତାନନ୍ଦ ପତି ଦେଇଥିବା ମନଛୁଆଁ ବକ୍ତବ୍ୟଟି ସଭାକୁ ଭାବବିହ୍ୱଳ କରିଦେଇଥିଲା।

ଦ୍ୱିତୀୟ ଅଧିବେଶନରେ ଯୋଗ ଦେଇଥିଲେ କିଛି ଦଶକ ତଳେ ଓଡ଼ିଆ କବିତାରେସୂତ୍ରପାତ ହୋଇଥିବା 'ଅନାମ ଆନ୍ଦୋଳନ' ସହିତ ଜଡ଼ିତଥିବା ସ୍ୱନାମଧନ୍ୟ କବିମାନେ। ଏହି ଆନ୍ଦୋଳନର ପ୍ରବର୍ତ୍ତକ ସ୍ୱର୍ଗତ କୁମାର ମହାନ୍ତିଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଉପଲକ୍ଷେ ବିଭିନ୍ନ କବିଙ୍କ କଣ୍ଠରେ ପରିବେଷିତ ଅନାମ କବିତାର ଆବୃତ୍ତି ଏକ ମନୋଜ୍ଞ ପରିବେଶ ସୃଷ୍ଟି କରିଥିଲା।

## ଟାଟା ଷ୍ଟିଲ୍ ଆୟୋଜନ କଲା 'ଭୁବନେଶ୍ୱର ସାହିତ୍ୟ ସମାରୋହ'




ଟାଟା ଷ୍ଟିଲ୍ ପକ୍ଷରୁ 'ସମ୍ବାଦ' ଗୋଷ୍ଠୀର ସହଯୋଗ କ୍ରମେ ଭୁବନେଶ୍ୱରଠାରେ ଏକ ଭବ୍ୟ ସାହିତ୍ୟ ସମାରୋହ ଆୟୋଜିତ ହୋଇଯାଇଛି। ଦେଶର ଅନେକ ବିଶିଷ୍ଟ ସାରସ୍ୱତ ପ୍ରତିଭା ଏଥିରେ ସାମିଲ ହୋଇଥିଲେ।

ମାର୍ଚ୍ଚ ୧୧ ତାରିଖ ଦିନ ଭୁବନେଶ୍ୱର କ୍ଲବଠାରେ ଅନୁଷ୍ଠିତ ହୋଇଥିବା ଏହି ସମାରୋହର ଉଦ୍ଘାଟନୀ ଉତ୍ସବରେ ଅତିଥି ଭାବରେ ଉପସ୍ଥିତ ଥିଲେ ବିଶିଷ୍ଟ ଓଡ଼ିଆ କବି ରମାକାନ୍ତ ରଥ ଏବଂ 'ସମ୍ବାଦ'ର ସଂପାଦକ ସୌମ୍ୟରଂଜନ ପଟ୍ଟନାୟକ। ଶ୍ରୀ ରଥ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଯେଉଁ ସାହିତ୍ୟମାନ ଇତିହାସରେ କାଳଜୟୀ ହୋଇପାରିଛି ସେମାନଙ୍କ ମଧ୍ୟରୁ କୌଣସିଟି ଦୁର୍ବୋଧ ନଥିଲେ। ଆମ ଆଧୁନିକ ସାହିତ୍ୟକୁ ଏବେ ଏହି ଦୁର୍ବୋଧତାରୁ ରକ୍ଷା କରିବା ହିଁ ପ୍ରମୁଖ ଆହ୍ୱାନ ବୋଲି ସେ ମତ ଦେଇଥିଲେ। କାର୍ଯ୍ୟକ୍ରମଟିର ପରିଚାଳନା କରିଥିଲେ ଭୁବନେଶ୍ୱର ସାହିତ୍ୟ ଉତ୍ସବର ନିର୍ଦ୍ଦେଶିକା ମାଳବିକା ବାନାର୍ଜୀ।

ଦ୍ୱିତୀୟ ଅଧିବେଶନରେ ଆଲୋଚନାର ବିଷୟବସ୍ତୁ ଥିଲା 'ପୋଡ଼କାଷ୍ଟ, ରେଡ଼ିଓ ଏବଂ ଅଡିଓ ବୁକ୍ ର ସାହିତ୍ୟ ଉପରେ ପ୍ରଭାବ'। ସୁଦୂର ମସୁରୀ ସହରରୁ ସ୍ୱନାମଧନ୍ୟ ଲେଖକ ରସ୍କିନ୍ ବଣ୍ଡ୍ ଏହି ଆଲୋଚନାରେ ଅନଲାଇନ୍ ରେ ଭାଗ ନେଇଥିଲେ। ଅନ୍ୟ ଆଲୋଚକମାନଙ୍କ ମଧ୍ୟରେ ଥିଲେ ତନୟା ପଟ୍ଟନାୟକ ଏବଂ ସଂଦୀପ ରାୟ। କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ସଂପଦ ପଟ୍ଟନାୟକ। ପରବର୍ତ୍ତୀ ଅଧିବେଶନରେ ରାକେଶ ଖାନ୍ନା ନିଜର ନୂତନ ପୁସ୍ତକ 'ଘୋଷ୍ଟସ୍, ମନଷ୍ଟର୍ସ, ଏଣ୍ଡ ଡିମୋନ୍ସ ଅଫ୍ ଇଣ୍ଡିଆ' ଉପରେ ଆଲୋକପାତ କରିଥିଲେ।

## ଶେଷ ପୃଷ୍ଠା



# ଅଘମର୍ଷଣ *

"ହୃଦୟର ଜ୍ୟୋତ୍ସ୍ନା ମୋର, ପ୍ରାଣର ଲକ୍ଷ୍ମୀ ମୋର, ସାନ ଭଉଣୀଟି ମୋର,"

ଚିଠାଉର ଆରମ୍ଭ ଏମିତି ହୋଇଥିଲା ୧୯୩୩ ମସିହାରେ; ୨୮ବର୍ଷର ଏକ ଓଡ଼ିଆପ୍ରାଣ ଯୁବକ ତା'ର ସହଧର୍ମିଣୀକୁ ପ୍ରଣୟର ସମ୍ବୋଧନ ଲେଖିଥିଲା ନିଜର ମାତୃଭୂମି ପାଇଁ କିଛି କରିବାର ଆବେଗ।

ସୁଧୀ ସାହିତ୍ୟପ୍ରେମୀ ସୁହୃଦ ସମଗ୍ର;

ଚିଠିର ମଧ୍ୟଭାଗରେ ଥିଲା ସେଇ କେତେ ଧାଡ଼ି, ଯାହା ଆଜିର ଶେଷପୃଷ୍ଠାର ପ୍ରାରମ୍ଭିକ ସ୍ୱାକ୍ଷର। ତାହା ହେଲା,

"ପ୍ରଥମ ଓ ପ୍ରଧାନ କାରଣ ହେଉଛି ସଂସାରର ଏ ଜଞ୍ଜାଳ। ଏତେ ଲୋକ ମତେ ଚାହିଁ ରହିଛନ୍ତି- ସେମାନଙ୍କର ଦୁଃଖ ମୁଁ ଆଖିରେ ଦେଖୁଛି-ଅଥଚ କାହିଁ? ସାହାଯ୍ୟ କରି ପାରିଛି କାହିଁ?...

...'ହେମଶସ୍ୟ'ର ବିକ୍ରୟଲବ୍ଧ ଧନ ଆମ ଗାଁକୁ ଦେବି ବୋଲି ସ୍ଥିର କରି ବିକୁଛି। କିଛି ହେବାର ଆଶା ଅଛି। ତମେ ସେଠି କିଛି ବିକେଇ ପାରିବ କି?"

ଆଜିର କେତେଜଣ ସାହିତ୍ୟିକ ଏହି ଭଳି ଭାବି ପାରିବେ; କୁହନ୍ତୁ ତ! କଥା ପଦକ ସାମାନ୍ୟ ଲାଗିପାରେ ହେଲେ ସେଇ ଭିତର ଆବେଗାଞ୍ଜଳି ହିଁ କହେ ମାତୃଭୂମି ପ୍ରତି ମାୟାଧର ମାନସିଂହଙ୍କ ପ୍ରେମ ଭାବର କଥା।

ଏଇ ମାସ 'ଅପ୍ରିଲ୍ ପହିଲା' ନାମରେ ଓଡ଼ିଶାର ଜନତାଙ୍କ କୋଟିକୋଟି ଟଙ୍କା ବ୍ୟୟରେ ସହର ସବୁକୁ ବର୍ଣ୍ଣବିବର୍ଣ୍ଣ କରାଯିବ। ଓଡ଼ିଶା ଦିବସ ନାଁରେ ସାରା ରାତି ସହରକୁ ରଙ୍ଗୀନ୍ କରାଯିବ। ହେଲେ ଓଡ଼ିଆ ଜାତିର ସମସ୍ୟା ଗୋଟିଗୋଟି କରି ସେହି ମତେ ରହିଥିବ। ସ୍ୱତନ୍ତ୍ର ପ୍ରଦେଶ ହେବାର ୮୫ ବର୍ଷ ପରେ ମଧ୍ୟ ଏହି ସମସ୍ୟା ସବୁ ବଳବତ୍ତର ହୋଇ ରହିଛି। ସମୃଦ୍ଧ ଓଡ଼ିଆ ଭାଷାକୁ ସରଳ ଓଡ଼ିଆ ଜାତିର ହୃଦକନ୍ଦରରେ ରଖିବାର ପ୍ରୟାସ ଅତି କ୍ଷୀଣ। ଗାଁ ଗହଳି ଧିରେଧିରେ ହଜି ଯାଉଛି। ସହର ସବୁ ଆହୁରି ସମସ୍ୟାମୟ ହୋଇ ଉଠୁଛି। ଜନତା ଓ ଶାସନକଳ ମଧ୍ୟରେ ଭାଷା, ସାହିତ୍ୟ ଓ ଜାତିପ୍ରେମର ଦୂରତା ବଢ଼ିବାରେ ଲାଗିଛି।

ଏଇ ଜାତିର ଗୋଟିଏ ପୁଅକୁ, ତା ମାଆ କହିଥିଲେ,

"ସଂସ୍କୃତ ଶ୍ରୁତିଗମ୍ୟ ହୋଇପାରୁନାହିଁ ପୁଅ; ଓଡ଼ିଆରେ ଯଦି ତୁ ଭାଗବତଙ୍କୁ ଲେଖି ଦ୍ୟନ୍ତୁ ତେବେ ସମସ୍ତ ଆଗ୍ରହୀ ନାରୀଗଣ ତାଙ୍କୁ ପଢ଼ିପାରନ୍ତେ।"

ଜନନୀର ଏଇ ପଦକ ଗୋଟିଏ ସାଧାରଣ ଗାଁ'ର ଏକ ସରଳ ନିରୀହ ପ୍ରାଣକୁ 'ଅତିବଡ଼ି' କରି ଦେଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ ସଂସାରକୁ ସିଏ ଯେଉଁ ଅମୂଲ୍ୟନିଧି ଦେଇ ଯାଇଥିଲା; ତାହା ଏହି ଜାତିର ଅମର ଆଲେଖ୍ୟ ହୋଇ ରହିଅଛି। ଏବେ ଖୋଜୁଛି ମୁଁ ସେହି ମା - ପୁଅଙ୍କୁ।

ଏଇ ଜାତିରେ ଗୋଟିଏ ରାଜା, ନିଜ ଜାତି ଓ ସଂସ୍କୃତିର ଶ୍ରୀମନ୍ଦିରକୁ ସୁରକ୍ଷିତ ରଖିବା ପାଇଁ ନିଜେ ବିଧର୍ମୀ ହୋଇଯାଇଥିଲା। ଏଣୁତ ଏଇ ଜାତିର ମଉଡ଼ମଣି ନିଜେ ରତ୍ନ ସିଂହାସନରୁ ଓହ୍ଲାଇ ଚାଲି ଆସୁଥିଲେ ଦ୍ୱାରଦେଶକୁ ତାହାକୁ ଦର୍ଶନ ଦେବା ପାଇଁ। ଅପୂର୍ବ ଥିଲା ଏଇ ଦେଶପ୍ରେମ।

ଏଇ ଜାତିର ଗୋଟିଏ ପୁଅ ଓଡ଼ିଶାର କଳା, କାରିଗରୀ, ଶିଳ୍ପକୁ ଦେଶ ବିଦେଶରେ ପହଞ୍ଚାଇବାକୁ ଓ ମାତୃଭୂମିକୁ ଶାସନକଳର ଉତ୍ତମ ଦୃଷ୍ଟିକୁ ଆଣିବା ପାଇଁ ନିଜର ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିୟାନ ହେବାକୁ ପଛାଇ ନଥିଲା। ହେଲେ ଏଇ ଅନେଡ଼ମୂକ ଜାତିର ନିଶ୍ଚେଷ୍ଟ ଅତଡ଼ା କାନରେ ତା'ର ଡାକ ପଡ଼ି ପାରିନି ଭାଇ ଓ ଭଉଣୀମାନେ; ଆଜି ଯାଏଁ।

ଅଘମର୍ଷଣ ମାତୃଭୂମିର ପ୍ରେମ ଓ ଜାତିପ୍ରାଣ ସହୃଦୟ ସମଗ୍ରଙ୍କର ଆବଶ୍ୟକ ରହିଛି ଓଡ଼ିଆ ଭାଷା ଓ ସାହିତ୍ୟ ନିମନ୍ତେ। ଏଣୁ ଆସନ୍ତୁ, ଆମ ଭାଷା ଓ ସାହିତ୍ୟର ସମୃଦ୍ଧି ଓ ପ୍ରଶସ୍ତି ନିମନ୍ତେ ସତରେ କିଛି କରିବା; ବାତ୍‌ଫୁରସି ନୁହେଁ।

ବନ୍ଦେ ଉତ୍କଳ ଜନନୀ

-ପ୍ରଭୂ

* ଅଘମର୍ଷଣ - ଯେଉଁ କର୍ମ ଦ୍ୱାରା ପାପ ଖଣ୍ଡିତ ହୁଏ।


Jugaad Corner deals with
supplies of raw bases for
art and craft purposes
for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner











We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers
deals with art and craft
finished products and
orders even accepted on
çustomizations.

www.blessedfingers.com
www.facebook.com/theblessedfingers
www.instagram.com/theblessedfingers

Blessed Fingers










Printed & Published by Nihar Ranjan Satpathy on behalf of Nihar Ranjan Satpathy and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019. Editor : Nihar Ranjan Satpathy